
# ଧରିତ୍ରୀ
DHARITRI

ଧରିତ୍ରୀ 51 Years

ଭୁବନେଶ୍ୱର, ରବିବାର, ଜୁଲାଇ ୨୦/୨୦୨୫ (୧୪ ପୃଷ୍ଠା+ଛୁଟିଦିନ) | Bhubaneswar, Sunday, July 20/2025 | Page 14 | ₹ 7.00 | BALASORE

୫୧ଶ ଭାଗ ୨୩୫ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 51 ISSUE 235 | ମୂଲ୍ୟ ₹୭/-

## 'କିଙ୍ଗ୍' ଶୁଟିଂ ବେଳେ ଶାହରୁଖ ଖାନ୍ ଆହତ

ମୁମ୍ବାଇରେ ଚଳଚ୍ଚିତ୍ର 'କିଙ୍ଗ୍'ର ଶୁଟିଂ ବେଳେ ବଲିଉଡ୍ ସୁପରଷ୍ଟାର ଶାହରୁଖ୍ ଖାନ୍ ଆହତ ହୋଇଛନ୍ତି। ସେ ବ୍ରିଟେନରେ ଚିକିତ୍ସିତ ହେଉଛନ୍ତି।

୦୨

୧୪

## ଲକ୍ଷ୍ମୀପ୍ରିୟାଙ୍କୁ ସ୍ୱର୍ଣ୍ଣ ପଦକ

ବିହାରରେ ଶନିବାର ଅନୁଷ୍ଠିତ ଇଣ୍ଡିଆନ ଓପନ ଆଥଲେଟିକ୍ସ ମିଟ୍‌ରେ ଓଡ଼ିଶାର ଲକ୍ଷ୍ମୀପ୍ରିୟା କିଷାନଙ୍କ ସହ ୩ ଆଥଲେଟ୍ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି।



# ବଳଙ୍ଗାରେ ଛାତ୍ରୀଙ୍କୁ ଜାଳିଦେଲେ ଦୁର୍ବୃତ୍ତ

ବାଲେଶ୍ୱର ଏଫ୍ଏମ୍ କଲେଜରେ ଛାତ୍ରୀ ଆତ୍ମାହୁତି ସାରା ରାଜ୍ୟରେ ଚର୍ଚ୍ଚାର ବିଷୟ ପାଲଟିଥିବାବେଳେ ଏହାର ୮ ଦିନ ପରେ ପୁରୀ ଜିଲା ବଳଙ୍ଗା ଥାନା ଅଞ୍ଚଳରେ ଶନିବାର ସକାଳେ ଆଉ ଏକ ଅଭାବନୀୟ ଘଟଣା ଘଟିଛି। ଜଣେ ୧୫ବର୍ଷୀୟା ଛାତ୍ରୀ ସାଙ୍ଗ ଘରକୁ ଯାଇ ଫେରିବା ବାଟରେ ୩ ଦୁର୍ବୃତ୍ତ ତାଙ୍କ ଉପରେ କିରୋସିନ ଢାଳି ନିଆଁ ଲଗାଇ ଫେରାର ହୋଇଯାଇଛନ୍ତି। ନାବାଳିକା ଜଣକ ନିଆଁରେ ଛଟପଟ ହୋଇ ଚିତ୍କାର କରିବା ସହ ନିକଟସ୍ଥ ଜଣେ ବ୍ୟକ୍ତିଙ୍କ ଘର ନିକଟକୁ ପ୍ରାଣ ବିକଳରେ ଦୌଡ଼ି ପଳାଇଥିଲେ। ସେଠାରେ ତୁରନ୍ତ ତାଙ୍କର ପୋଷାକ ବଦଳାଇ ଆମ୍ବୁଲାନ୍ସରେ ପ୍ରଥମେ ପିପିଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ଛାତ୍ରୀଙ୍କ ଶରୀରର ୭୦ ରୁ ୭୫% ପୋଡ଼ି ଯାଇଥିବାରୁ ତାଙ୍କୁ ଏମ୍ସରେ ଭର୍ତ୍ତି କରାଯାଇଛି। ପୀଡ଼ିତାଙ୍କ ଚିକିତ୍ସା ପାଇଁ ସ୍ୱତନ୍ତ୍ର ଡାକ୍ତରୀ ଟିମ୍ ଗଠନ କରାଯାଇଥିବାବେଳେ ତାଙ୍କୁ ସମସ୍ତ ପ୍ରକାର ଚିକିତ୍ସା ସେବା ଯୋଗାଇ ଦିଆଯିବ ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ସୂଚନା ଦେଇଛନ୍ତି। ଘଟଣାରେ ସରକାରଙ୍କୁ ବିରୋଧୀ ଦଳଗୁଡ଼ିକ ଟାର୍ଗେଟ କରିଛନ୍ତି। ରାଜ୍ୟରେ ମହିଳାଙ୍କୁ ସୁରକ୍ଷା ଦେବାରେ ସରକାର ସମ୍ପୂର୍ଣ୍ଣ ବିଫଳ ହୋଇଥିବାରୁ ଗୋଟେ ପରେ ଗୋଟେ ଘଟଣା ଘଟୁଛି ଏବଂ ଅପରାଧୀମାନେ ନିର୍ଭୟରେ ଅପରାଧ କରିଚାଲିଛନ୍ତି ବୋଲି କଂଗ୍ରେସ ଅଭିଯୋଗ କରିଛି। ଏଥିସହିତ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀଙ୍କ ଇସ୍ତଫା ଦାବି କରିଛି।



ପୀଡ଼ିତାଙ୍କୁ ଚିକିତ୍ସା ପାଇଁ ଆମ୍ବୁଲାନ୍ସରେ ଡାକ୍ତରଖାନା ନିଆଯାଉଛି।

**ବଳଙ୍ଗା, ୧୯।୭ (କେଦାରେଶ୍ୱର ନନ୍ଦ)**

ପୁରୀ ଜିଲା ନିମାପଡ଼ା ବ୍ଲକ ଅନ୍ତର୍ଗତ ବଳଙ୍ଗା ଥାନା ବାୟାବର(ନୂଆ ଗୋପାଳପୁର) ଗ୍ରାମର ଜଣେ ୧୫ ବର୍ଷୀୟା ନାବାଳିକାଙ୍କ ଉପରେ ୩ଜଣ ଦୁର୍ବୃତ୍ତ କିରୋସିନ ଢାଳି ନିଆଁ ଲଗାଇ ଦେଇଛନ୍ତି। ଗୁରୁତର ଅବସ୍ଥାରେ ପୀଡ଼ିତାଙ୍କୁ ପ୍ରଥମେ ପିପିଲି ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ର ପରେ ଏମ୍ସ ସ୍ଥାନାନ୍ତର କରାଯାଇଛି। ଗୁରୁତର ଅବସ୍ଥାରେ ଏମ୍ସ ବର୍ନ ୟୁନିଟର ଆଇସିୟୁରେ ଚିକିତ୍ସିତ ହେଉଛନ୍ତି। ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ପୀଡ଼ିତାଙ୍କ ବୟାନ ରେକର୍ଡ କରାଯାଇଥିବାବେଳେ ତାଙ୍କ ମା'ଙ୍କ ଅଭିଯୋଗକୁ ଭିତ୍ତି କରି ବଳଙ୍ଗା ପୋଲିସ ଏକ ମାମଲା(ନ.୧୬୨/୨୦୨୫) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ପୁରୀ କେନ୍ଦ୍ରାଞ୍ଚଳ ଆଇଜି ପ୍ରବୀଣ କୁମାର ଏବଂ ଏସ୍‌ପି ପିନାକ ମିଶ୍ର ଘଟଣାସ୍ଥଳରେ ସ୍ଥିତି ଅନୁଧ୍ୟାନ କରିବା ସହ ପୀଡ଼ିତାଙ୍କ ଘରକୁ ଯାଇ ପଚରାଉଚରା କରିଛନ୍ତି। ଘଟଣାସ୍ଥଳରୁ ପୋଲିସ ୨ଟି କିରୋସିନି ବାସ୍ନା ଆସୁଥିବା ଖାଲି ବୋତଲ, ଚପଲ ଏବଂ ପୋଡ଼ା କପଡ଼ା ଜବତ କରିଛି। ଅପରପକ୍ଷରେ ନିମାପଡ଼ା ତହସିଲଦାର ମନୋଜ କୁମାର ପ୍ରଧାନ, ବିଡିଓ ଅଭିଜିତ ଷଡ଼ଙ୍ଗୀ, ଅତିରିକ୍ତ ଜିଲାପାଳ, ଅତିରିକ୍ତ ଏସ୍‌ପି, ପିପିଲି ଡିଏସ୍‌ପି ଦେବାଶିଷ ମିଶ୍ର ଘଟଣାସ୍ଥଳରେ ପହଞ୍ଚି ବିଭିନ୍ନ ଲୋକଙ୍କୁ ପଚରାଉଚରା କରିଛନ୍ତି।

ପୀଡ଼ିତା ନାବାଳିକାଙ୍କ ମା'ଙ୍କ ଅଭିଯୋଗ ଅନୁସାରେ, ଝିଅ ଚଳିତ ବର୍ଷ ଦଶମ ଶ୍ରେଣୀ ପାସ୍ କରିଥିଲେ। ଶନିବାର ସକାଳେ ☞ପୃଷ୍ଠା-୪

# ଛାତ୍ରୀଙ୍କ ସୁରକ୍ଷା ପାଇଁ 'ଶକ୍ତିଶ୍ରୀ' : ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ୧୯।୭ (ସୁନିତ୍ ମିଶ୍ର)**

ବାଲେଶ୍ୱର ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ଆତ୍ମାହୁତି ପରେ କଲେଜ, ବିଶ୍ୱବିଦ୍ୟାଳୟରେ ଛାତ୍ରୀମାନଙ୍କ ସୁରକ୍ଷା ନେଇ ସରକାରଙ୍କ ଚିନ୍ତା ବଢ଼ିଯାଇଛି। ମହିଳାଙ୍କ ସୁରକ୍ଷା ଓ ସମ୍ମାନ ପାଇଁ ରାଜ୍ୟ ସରକାର ଏକ ନନ୍-ନେଗୋସିଏବୁଲ୍ ପଲିସି ଗ୍ରହଣ କରିଥିବା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୂଚନା ଦେଇଛନ୍ତି। ଉଚ୍ଚଶିକ୍ଷା ଅନୁଷ୍ଠାନରେ ଛାତ୍ରୀମାନଙ୍କ ପ୍ରତି ବଢୁଥିବା ଆପରାଧିକ ଘଟଣାକୁ ରୋକିବା ପାଇଁ ଓ ଛାତ୍ରୀମାନଙ୍କୁ ସୁରକ୍ଷିତ ରଖିବା ଲାଗି ରାଜ୍ୟ ସରକାର 'ଶକ୍ତିଶ୍ରୀ' କାର୍ଯ୍ୟକ୍ରମ ଗ୍ରହଣ କରିଥିବା ମୁଖ୍ୟମନ୍ତ୍ରୀ



ମୋହନ ଚରଣ ମାଝୀ

କହିଛନ୍ତି। ଶନିବାର ଲୋକସେବା ଭବନଠାରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ରାଜ୍ୟ ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ଅଧୀନରେ ରହିଥିବା ୧୬ଟି ବିଶ୍ୱବିଦ୍ୟାଳୟ ଏବଂ ୭୩୦ଟି ସରକାରୀ ଓ ଅନୁଦାନପ୍ରାପ୍ତ ମହାବିଦ୍ୟାଳୟରେ ଶକ୍ତିଶ୍ରୀ କାର୍ଯ୍ୟକ୍ରମ କାର୍ଯ୍ୟକାରୀ ହେବ। ଏହି ଉଚ୍ଚ ଶିକ୍ଷାନୁଷ୍ଠାନରେ ଏକ ସୁରକ୍ଷିତ ଶୈକ୍ଷିକ ବାତାବରଣକୁ ସୁନିଶ୍ଚିତ କରାଇବା ସହ ଅଧ୍ୟୟନରତ ସ୍ନାତକ ଓ ସ୍ନାତକୋତ୍ତର ଛାତ୍ରୀମାନଙ୍କୁ ଆତ୍ମରକ୍ଷା ପ୍ରଶିକ୍ଷଣ ଦିଆଯିବ। ପ୍ରତ୍ୟେକ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟରେ ସ୍ଥାୟୀ 'ଶକ୍ତିଶ୍ରୀ ସଶକ୍ତୀକରଣ କେନ୍ଦ୍ର' ସ୍ଥାପନ କରାଯିବ। ଏହା ଛାତ୍ରୀମାନଙ୍କ ଦ୍ୱାରା ପରିଚାଳିତ ହେବ। ଏହି କେନ୍ଦ୍ରକୁ ଜଣେ ଛାତ୍ରୀ 'ଶକ୍ତିଶ୍ରୀ ସାଥୀ' ଓ ଜଣେ ଅଧ୍ୟାପିକା 'ଶକ୍ତିଶ୍ରୀ ସଂଯୋଜିକା' ଭାବେ ପରିଚାଳନା କରିବେ। ଏହାସହ ଜିଲାପାଳଙ୍କ ଦ୍ୱାରା ମନୋନୀତ ୫ ଜଣ ବିଶିଷ୍ଟ କାର୍ଯ୍ୟରତ ମହିଳା ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

## ଦୃଷ୍ଟିକୋଣ ବଦଳିଗଲା

**ଆଜିର ମନ୍ତବ୍ୟ**

" ଧର୍ମନିରପେକ୍ଷ ଶକ୍ତିଗୁଡ଼ିକ ମଧ୍ୟରେ ଦ୍ୱନ୍ଦ୍ୱ ଓ ବିଭାଜନ ସୃଷ୍ଟି ନ କରି ସେମାନଙ୍କୁ ଏକାଠି କରିବା ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କ ଏକମାତ୍ର ଉଦ୍ଦେଶ୍ୟ ହେବା ଉଚିତ।

-ଜନ୍ ବ୍ରିଟ୍ଟାସ୍, ସିପିଆଇ(ଏମ୍) ନେତା







## ସଂକ୍ଷେପରେ

### ଭିଡ଼ରେ ଗାଡ଼ି ମାଡ଼ିଯିବାରୁ ୨୦ ଆହତ

ୱାଶିଂଟନ, ୧୯।୭

ଲସ୍ ଏଞ୍ଜେଲସ୍‌ର ଇଷ୍ଟ ହଲିଉଡ୍‌ରେ ଥିବା ସାନ୍ତା ମୋନିକା ବୌଲେଭାର୍ଡଠାରେ ଏକ ଗାଡ଼ି ଗହଳି ମଧ୍ୟକୁ ମାଡ଼ିଯିବାରୁ ୨୦ରୁ ଊର୍ଦ୍ଧ୍ୱ ଲୋକ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୫ ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାବେଳେ ଅନ୍ୟ ୮ରୁ ୧୦ ଜଣ ଗୁରୁତର ଥିବା କୁହାଯାଉଛି। ଏହି ଘଟଣା ପରେ ଉକ୍ତ ଅଞ୍ଚଳରେ ଆତଙ୍କ ଖେଳିଯାଇଛି। ତେବେ ଦୁର୍ଘଟଣାର କାରଣ ଓ ଡ୍ରାଇଭର ଧରା ପଡ଼ିଛନ୍ତି କି ନାହିଁ, ତାହା କର୍ତ୍ତୃପକ୍ଷ ସ୍ପଷ୍ଟ କରିନାହାନ୍ତି। ଜରୁରୀ ସେବା କର୍ମଚାରୀମାନେ ଆହତଙ୍କୁ ହସ୍ପିଟାଲ ନେଇଥିଲେ।

### କାର୍ଯ୍ୟଚାପରୁ ବ୍ୟାଙ୍କ ମ୍ୟାନେଜରଙ୍କ ଆତ୍ମହତ୍ୟା

ପୁଣେ, ୧୯।୭

ମହାରାଷ୍ଟ୍ରର ପୁଣେ ଜିଲା ଅନ୍ତର୍ଗତ ବାରାମତିରେ ଜଣେ ବ୍ୟାଙ୍କ ମ୍ୟାନେଜର ଆତ୍ମହତ୍ୟା କରିଛନ୍ତି। ଆତ୍ମହତ୍ୟାର କାରଣ ସମ୍ପର୍କରେ ପୋଲିସ ତଦନ୍ତ ଚଳାଇଛି। ମିଳିଥିବା ଏକ ନୋଟ୍ ଅନୁଯାୟୀ, କାର୍ଯ୍ୟଚାପରୁ ମ୍ୟାନେଜର ଶିବଶଙ୍କର ମିତ୍ର ଆତ୍ମହତ୍ୟା କରିଥିବା ଜଣାଯାଇଛି। ଗୁରୁବାର ବିଳମ୍ବିତ ରାତିରେ ବ୍ୟାଙ୍କ ପରିସରରେ ଶିବଶଙ୍କର ରଶି ଲଗାଇ ଆତ୍ମହତ୍ୟା କରିଥିଲେ ବୋଲି ବାରାମତି ଥାନା ଅଧିକାରୀ କହିଛନ୍ତି। ସ୍ୱାସ୍ଥ୍ୟ ସମସ୍ୟା ଏବଂ କାର୍ଯ୍ୟଚାପରୁ ବ୍ୟାଙ୍କ ମୁଖ୍ୟ ପରିଚାଳକ ପଦବୀରୁ ଶିବଶଙ୍କର ଗତ ୧୧ ତାରିଖରେ ଇସ୍ତଫା ଦେବା ପରେ ନୋଟିସ୍ ପିରିଅଡ୍‌ରେ କାର୍ଯ୍ୟ କରୁଥିଲେ। ଗୁରୁବାର ବ୍ୟାଙ୍କ ବନ୍ଦ ହେବା ପରେ ସେ ସବୁ କର୍ମଚାରୀଙ୍କୁ ଘରକୁ ଯିବା ପାଇଁ କହି ନିଜେ ପରେ ଯିବେ ବୋଲି କହିଥିଲେ। ରାତି ୯ଟା ୩୦ରେ ୱାଚ୍‌ମ୍ୟାନ୍ ଘରକୁ ଯାଇଥିଲେ। ପୂର୍ବରୁ ଶିବଶଙ୍କର ଜଣେ କର୍ମଚାରୀଙ୍କ ଜରିଆରେ ଆଣିଥିବା ଦଉଡ଼ି ସହାୟତାରେ ରାତି ୧୦ଟାରେ ଆତମ୍ହତ୍ୟା କରିଥିଲେ। ବ୍ୟାଙ୍କ ସିସିଟିଭି କ୍ୟାମେରାରେ ତାଙ୍କ ଆତ୍ମହତ୍ୟା ସମୟର ଦୃଶ୍ୟ କଏଦ ହୋଇଛି। ସେ ଘରକୁ ନ ଫେରିବା ଏବଂ ଫୋନ୍ କଲ୍‌ର ଜବାବ ନ ଦେବାରୁ ମଧ୍ୟରାତ୍ରରେ ତାଙ୍କ ସ୍ତ୍ରୀ ବ୍ୟାଙ୍କରେ ପହଞ୍ଚି କର୍ମଚାରୀମାନଙ୍କୁ ଖବର ଦେଇଥିଲେ। ସେମାନେ ପହଞ୍ଚି ଶାଖା ଖୋଲିଲା ପରେ ମ୍ୟାନେଜର ସିଲିଂରୁ ଝୁଲିପଡ଼ିଥିବା ଦେଖିବାକୁ ପାଇଥିଲେ।

### ଆପ୍ ବିଧାୟକ ଅନମୋଲ ଗଗନ ମାନ୍‌ଙ୍କ ଇସ୍ତଫା

ଚଣ୍ଡିଗଡ଼, ୧୯।୭ (ପି.ଟି.)

ପଞ୍ଜାବର ଆପ୍ ନେତା ଅନମୋଲ ଗଗନ ମାନ୍ ଶନିବାର ବିଧାନସଭା ସଭ୍ୟ ପଦରୁ ଇସ୍ତଫା ଦେଇଛନ୍ତି। ସେ ରାଜନୀତି ଛାଡ଼ିବାକୁ ନିଷ୍ପତ୍ତି ନେଇଥିବା Xରେ ଘୋଷଣା କରିଛନ୍ତି। ୩୫ ବର୍ଷୀୟା ମାନ୍ ଖରାର ଆସନରୁ ବିଧାନସଭାକୁ ନିର୍ବାଚିତ ହୋଇଥିଲେ। ତାଙ୍କ ଇସ୍ତଫାପତ୍ର ଗ୍ରହଣ କରିବା ପାଇଁ ସେ ବାଚସ୍ପତିଙ୍କୁ ନିବେଦନ କରିଛନ୍ତି। ସେ ଦଳକୁ ଶୁଭେଚ୍ଛା ଜଣାଇବା ସହ ପଞ୍ଜାବର ଆପ୍ ସରକାର ଲୋକଙ୍କ ଆଶା ଆକାଂକ୍ଷା ପୂରଣ କରିବ ବୋଲି ସେ ଆଶାବାଦୀ ରହିଛନ୍ତି। ଗାୟିକାରୁ ରାଜନେତା ହୋଇଥିବା ମାନ୍ କ'ଣ ପାଇଁ ରାଜନୀତି ଛାଡ଼ିବାକୁ ନିଷ୍ପତ୍ତି ନେଲେ ସେ ସମ୍ପର୍କରେ କିଛି କହିନାହାନ୍ତି।

### ବିବାହ ଅବୈଧ ଘୋଷିତ ହେଲେ ଭରଣପୋଷଣ ଦେବା ସ୍ୱାମୀଙ୍କ ଦାୟିତ୍ୱ ନୁହେଁ: ହାଇକୋର୍ଟ

ଲକ୍ଷ୍ନୌ, ୧୯।୭

ବିବାହକୁ ଅବୈଧ ଘୋଷଣା ପରେ ବିବାହ ଦିନଠାରୁ ଏହାକୁ ଅବୈଧ ବିବେଚନା କରାଯାଏ। ଏପରି ସ୍ଥଳେ ସ୍ତ୍ରୀଙ୍କୁ ଭରଣପୋଷଣ ପ୍ରଦାନ କରିବା ପାଇଁ ବ୍ୟକ୍ତି ଜଣକ ଆଇନତଃ ବାଧ୍ୟ ନୁହନ୍ତି ବୋଲି ଆଲ୍ଲାହାବାଦ ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। ୨୦୨୫ ଫେବୃଆରୀରେ ବିବାହ କରିଥିବା ଏକ ଦମ୍ପତିଙ୍କ ମଧ୍ୟରେ ସମ୍ପର୍କ ଖରାପ ହେବାରୁ ମହିଳା ଜଣଙ୍କ ସ୍ୱାମୀଙ୍କ ବିରୋଧରେ ଅତ୍ୟାଚାର, ଆକ୍ରମଣ ନେଇ ଏତଲା ଦାଏର କରିଥିଲେ। ମହିଳା ଜଣକ ପୂର୍ବରୁ ବିବାହିତ ଏବଂ ଏହାକୁ ସେ ଲୁଚାଇ ରଖିଥିବା ତଦନ୍ତରୁ ଜଣାପଡ଼ିବା ପରେ ସେମାନଙ୍କ ବିବାହ କୋର୍ଟଙ୍କ ଦ୍ୱାରା ଅବୈଧ ଘୋଷଣା ହୋଇଥିଲା।

# ଶିକ୍ଷାନୁଷ୍ଠାନରେ ଛାତ୍ରୀ ଅସୁରକ୍ଷିତ

**ବାଲେଶ୍ୱର ଜିଲା ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ଓ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟରେ ନିକଟରେ ଘଟିଥିବା ୨ଟି ଘଟଣା ଜାତୀୟସ୍ତରରେ ଓଡ଼ିଶାକୁ ନିନ୍ଦିତ କରିଥିବାବେଳେ ଉତ୍ତର ପ୍ରଦେଶର ୨ ଶିକ୍ଷାନୁଷ୍ଠାନରୁ ଛାତ୍ରୀ ନିର୍ଯାତନାର ମାମଲା ସାମ୍ନାକୁ ଆସିଛି। ଲକ୍ଷ୍ନୌସ୍ଥିତ ଏକ ସ୍କୁଲର ଭ୍ୟାନ୍ ଡ୍ରାଇଭର ଜଣେ ୪ ବର୍ଷୀୟା ଝିଅଙ୍କୁ 'ଡିଜିଟାଲ ରେପ୍' କରିଥିବାବେଳେ ଗ୍ରେଟର ନଏଡାର ଶାରଦା ୟୁନିଭର୍ସିଟିରେ ଷ୍ଟାଫ୍‌ଙ୍କ ନିର୍ଯାତନା ସହି ନ ପାରି ଜଣେ ଛାତ୍ରୀ ଆତ୍ମହତ୍ୟା କରିଛନ୍ତି। ଯୌନ ନିର୍ଯାତନା ଓ ମହିଳା ବିରୋଧୀ ଅପରାଧ ରୋକିବା ପାଇଁ ଦେଶରେ ଅନେକ ଆଇନ ରହିଥିଲେ ମଧ୍ୟ ସେଗୁଡ଼ିକୁ କଡ଼ାକଡ଼ି ଭାବେ ପାଳନ କରାଯାଉ ନ ଥିବାରୁ ବାରମ୍ବାର ଘଟୁଥିବା ଏଭଳି ଘଟଣାଗୁଡ଼ିକ ଶିକ୍ଷାନୁଷ୍ଠାନରେ ଛାତ୍ରୀଙ୍କ ସୁରକ୍ଷା ଉପରେ ପ୍ରଶ୍ନବାଚୀ ଛିଡ଼ା କରାଇଛି।**



## ଲକ୍ଷ୍ନୌରେ ୪ ବର୍ଷୀୟାଙ୍କୁ 'ଡିଜିଟାଲ ରେପ୍' କଲେ ସ୍କୁଲ ଭ୍ୟାନ୍ ଡ୍ରାଇଭର

ଲକ୍ଷ୍ନୌ/ଗ୍ରେଟର ନଏଡା, ୧୯।୭


ୟୁପି ରାଜଧାନୀ ଲକ୍ଷ୍ନୌସ୍ଥିତ ଏକ ସ୍କୁଲରେ ୪ ବର୍ଷୀୟା ଝିଅ ଜଣକ ପାଠ ପଢ଼ନ୍ତି। ଭ୍ୟାନ୍ ଡ୍ରାଇଭର ମହମ୍ମଦ ଆରିଫ୍ ଅନ୍ୟ ପିଲାଙ୍କ ସହ ତାଙ୍କୁ ଘରୁ ସ୍କୁଲକୁ ନେବାଆଣିବା କରନ୍ତି। ନିକଟରେ ଶିଶୁକନ୍ୟା ନିଜ ସମ୍ବେଦନଶୀଳ ଅଙ୍ଗରେ ଯନ୍ତ୍ରଣା ଅନୁଭବ କରିବାରୁ ମା'ଙ୍କୁ ଜଣାଇଥିଲେ। ଡାକ୍ତରୀ ଯାଞ୍ଚ ପରେ ଜଣାପଡ଼ିଲା, ସେ ଯୌନ ଅପରାଧର ଶିକାର ହୋଇଛନ୍ତି। ତାଙ୍କ ଗୁପ୍ତାଙ୍ଗରେ କ୍ଷତ ସୃଷ୍ଟି ହୋଇଛି। ପୀଡ଼ିତାଙ୍କ ମା' ଏନେଇ ପ୍ରିନ୍ସିପାଲଙ୍କ ନିକଟରେ ଅଭିଯୋଗ କଲେ। କିନ୍ତୁ ପ୍ରିନ୍ସିପାଲ ପିଲା ଓ ସ୍କୁଲର ସମ୍ମାନ ନଷ୍ଟ ହୋଇଯିବ କହି ନୀରବ ରହିବାକୁ ପରାମର୍ଶ ଦେଲେ। ୨ ଦିନ ଅପେକ୍ଷା କରିବା ପରେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ନିଆଗଲା ନାହିଁ। ଭ୍ୟାନ୍ ଚାଳକ ଆରିଫ୍ ନାବାଳିକା ଛାତ୍ରୀଙ୍କୁ ସ୍କୁଲକୁ ନେବା ପାଇଁ ପୁଣି ସେମାନଙ୍କ ଘରକୁ ଆସିଲେ। ମୁହାଁମୁହିଁ ହେବାରୁ ସେ ଜାତିଆଣ ମନ୍ତବ୍ୟ ଦେବା ସହ ଝିଅକୁ ଅପହରଣ କରିନେବେ ବୋଲି ଧମକ ଦେଲେ। ଏନେଇ ଇଷ୍ଟ ଲକ୍ଷ୍ନୌ ଡିସିପି ଶଶାଙ୍କ ସିଂ କହିଛନ୍ତି, ଅଭିଯୋଗ ମିଳିବା ପରେ ଜୁଲାଇ ୧୭ରେ ଆରିଫ୍‌ଙ୍କ ବିରୋଧରେ ମାମଲା ରୁଜୁ ସହ ତାଙ୍କୁ ଗିରଫ କରାଯାଇଛି।

### ଡିଜିଟାଲ ରେପ୍ କ'ଣ ?

ଡିଜିଟାଲ ରେପ୍ ହେଉଛି ଜଣେ ବ୍ୟକ୍ତିଙ୍କ ବିନା ଅନୁମତିରେ ତାଙ୍କ ଗୁପ୍ତାଙ୍ଗରେ ଅଙ୍ଗୁଳି ପ୍ରବେଶ କରାଇବା। 'ଡିଜିଟାଲ'ର ଅର୍ଥ ହାତ କିମ୍ବା ଗୋଡ଼ର ଅଙ୍ଗୁଳି। ଏହାକୁ ଏକ ଗମ୍ଭୀର ଯୌନ ଅପରାଧ ବିବେଚନା କରାଯାଏ। ସାରା ବିଶ୍ୱର ମେଡିକାଲ ପ୍ରଫେସନାଲ ଓ ମାନବାଧିକାର ସଙ୍ଗଠନ ଡିଜିଟାଲ ବଳାତ୍କାରକୁ ପୀଡ଼ିତା/ପୀଡ଼ିତଙ୍କ ଶାରୀରିକ ସ୍ୱାୟତ୍ତତା ଓ ମାନବୀୟ ମର୍ଯ୍ୟାଦା ଉପରେ ଏକ ଗମ୍ଭୀର ହସ୍ତକ୍ଷେପ ବୋଲି ମନେକରନ୍ତି।

## ୟୁନିଭର୍ସିଟି ଷ୍ଟାଫ୍‌ଙ୍କ ନିର୍ଯାତନାରୁ ଛାତ୍ରୀଙ୍କ ଆତ୍ମହତ୍ୟା

ଗ୍ରେଟର ନଏଡାରେ ଥିବା ଶାରଦା ୟୁନିଭର୍ସିଟି ବେଚ୍‌ଲର ଅଫ୍ ଡେଣ୍ଟାଲ ସର୍ଜରି (ବିଡିଏସ୍)ର ଜଣେ ଦ୍ୱିତୀୟ ବର୍ଷ ଛାତ୍ରୀ ନିଜ ଫାକଲ୍ଟିର ୨ ସଦସ୍ୟଙ୍କ ମାନସିକ ନିର୍ଯାତନା ସହି ନ ପାରି ଆତ୍ମହତ୍ୟା କରିଥିବା ଶନିବାର ପୋଲିସ କହିଛି। ୨୧ ବର୍ଷୀୟା ଛାତ୍ରୀଙ୍କ ମୃତଦେହ ତାଙ୍କ ହଷ୍ଟେଲ ରୁମ୍‌ରୁ ଠାବ ହୋଇଛି। ପରିବାର ଲୋକଙ୍କ ଅଭିଯୋଗ କ୍ରମେ ପୋଲିସ ୨ ଫାକଲ୍ଟି ମେମ୍ବରଙ୍କୁ ଗିରଫ କରିଛି। ଘଟଣାର ତଦନ୍ତ ପାଇଁ ୟୁନିଭର୍ସିଟି ପକ୍ଷରୁ ଏକ ଉଚ୍ଚସ୍ତରୀୟ ତଦନ୍ତ କମିଟି ଗଠନ କରାଯାଇଛି। ଗୌତମବୁଦ୍ଧ ନଗରସ୍ଥିତ ନଲେଜ ପାର୍କ ଥାନା ଅଧୀନରେ ଶୁକ୍ରବାର ରାତିରେ ଏହି ଘଟଣା ଘଟିଛି। ଛାତ୍ରୀଙ୍କ ମୃତଦେହ ନିକଟରୁ ଜବତ ଏକ ସୁଇସାଇଡ୍ ନୋଟ୍‌ରେ ଉଲ୍ଲେଖ କରାଯାଇଛି ଯେ, ପିସିପି ଏବଂ ଡେଣ୍ଟାଲ ମ୍ୟାଟେରିଆଲ୍ ଶିକ୍ଷକ ମହିନ୍ଦର ଓ ଶଇରିଙ୍କ ଯୋଗୁ ସେ ଆତ୍ମହତ୍ୟା କରିଛନ୍ତି। ଉଭୟେ ତାଙ୍କୁ ମାନସିକ ନିର୍ଯାତନା ଦେବା ସହ ଅପମାନିତ କରିଛନ୍ତି। ଦୁହିଙ୍କ ଯୋଗୁ ସେ ଦୀର୍ଘଦିନ ଧରି ଅବସାଦରେ ରହିଆସିଥିଲେ। ତେଣୁ ଉଭୟଙ୍କ ସମାନ ଅବସ୍ଥା ହେଉ ବୋଲି ଛାତ୍ରୀ ଚାହୁଁଥିବା ବିଷୟ ଏଥିରେ ଲେଖିଛନ୍ତି। ଛାତ୍ରୀଙ୍କ ଆତ୍ମହତ୍ୟାକୁ ନେଇ କ୍ୟାମ୍ପସରେ ବିକ୍ଷୋଭ କରାଯିବାରୁ ୟୁନିଭର୍ସିଟିର କର୍ମଚାରୀ ମହିନ୍ଦର ଓ ଶଇରିଙ୍କୁ ପୋଲିସ ଗିରଫ କରିଛି। ଅଧିକ ପ୍ରମାଣ ସଂଗ୍ରହ ପାଇଁ ଫୋରେନ୍‌ସିକ ଟିମ୍ କ୍ୟାମ୍ପସରେ ତନାଘନା ଚଳାଇଛି। ପୀଡ଼ିତାଙ୍କ ପରିବାର ଲୋକେ ମଧ୍ୟ ଫାକଲ୍ଟି ମେମ୍ବରଙ୍କ ବିରୋଧରେ ଅନୁରୂପ ଅଭିଯୋଗ ଆଣିଛନ୍ତି। ମୃତ ଛାତ୍ରୀଙ୍କ ଦସ୍ତଖତ ଜାଲିଆତି କରି କ୍ଲାସ୍‌ରେ ତାଙ୍କୁ ଅପମାନିତ କରିବା ସହ ତାଙ୍କୁ ଫେଲ୍ କରାଇଦେବେ ବୋଲି ଧମକ ଦେଇଥିବା ପରିବାର ପକ୍ଷରୁ ଥାନାରେ ଦାଏର ଏତଲାରେ ଉଲ୍ଲେଖ କରାଯାଇଛି। ଝିଅକୁ ନ୍ୟାୟ ନ ମିଳିବା ଯାଏ ଲଢ଼େଇ ଜାରି ରହିବ ବୋଲି ତାଙ୍କ ମା' ସୁନୀତା କହିଛନ୍ତି।




ସୁଇସାଇଡ୍ ନୋଟ୍।

## ନାଇଜରରେ ୨ ଭାରତୀୟଙ୍କୁ ହତ୍ୟା, ଜଣକୁ ଅପହରଣ କଲେ ଆତଙ୍କବାଦୀ

ନିଆମେ, ୧୯।୭

ନାଇଜରର ଡୋସୋ ଅଞ୍ଚଳରେ ଆତଙ୍କବାଦୀମାନେ ୨ ଜଣ ଭାରତୀୟଙ୍କୁ ହତ୍ୟା କରିବା ସହ ଅନ୍ୟ ଜଣକୁ ଅପହରଣ କରିନେଇଥିବା ସେଠାକାର ଭାରତୀୟ ଦୂତାବାସ ପକ୍ଷରୁ ସୂଚନା ଦିଆଯାଇଛି। ଗତ ୧୫ ତାରିଖରେ ଏହି ଜଘନ୍ୟ ଆତଙ୍କବାଦୀ ଆକ୍ରମଣ ହୋଇଥିଲା। ରାଜଧାନୀ ନିଆମେଠାରୁ ୧୩୦ କି.ମି. ଦୂର ଡୋସୋ ଅଞ୍ଚଳରେ ଏକ ନିର୍ମାଣସ୍ଥଳକୁ ଜଗିଥିବା ସେନା ଉପରେ ଅଜଣା ବନ୍ଧୁକଧାରୀମାନେ ଆକ୍ରମଣ କରିଥିଲେ ବୋଲି ସ୍ଥାନୀୟ ଗଣମାଧ୍ୟମ ରିପୋର୍ଟରେ କୁହାଯାଇଛି। ମୃତଦେହ ସ୍ୱଦେଶ ପଠାଇବା ଏବଂ ଅପହୃତ ବ୍ୟକ୍ତିଙ୍କ ସୁରକ୍ଷିତ ମୁକ୍ତି ପାଇଁ ଭାରତୀୟ ମିଶନ ପକ୍ଷରୁ ସ୍ଥାନୀୟ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା ଜାରି ରହିଛି।

## ତଦନ୍ତ ରିପୋର୍ଟକୁ ଚ୍ୟାଲେଞ୍ଜ କଲେ ଜଷ୍ଟିସ୍ ବର୍ମା

ନୂଆଦିଲ୍ଲୀ, ୧୯।୭


ବାସଭବନ ପରିସରରୁ ବିପୁଳ ଅର୍ଥ ମିଳିବା ଘଟଣାରେ ତତ୍କାଳୀନ ଦିଲ୍ଲୀ ହାଇକୋର୍ଟ ବିଚାରପତି ଯଶୱନ୍ତ ବର୍ମାଙ୍କୁ ବହିଷ୍କାର ପାଇଁ ପାର୍ଲାମେଣ୍ଟର ମୌସୁମୀ ଅଧିବେଶନରେ ମହାଭିଯୋଗ ପ୍ରସ୍ତାବ ଅଣାଯିବାକୁ ଥିବାବେଳେ ଏହା ପୂର୍ବରୁ ସେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଟଙ୍କା ମିଳିବା ଘଟଣାରେ ତତ୍କାଳୀନ ସିଜେଆଇ ସଞ୍ଜୀବ ଖାନ୍ନାଙ୍କ ଦ୍ୱାରା ନିଯୁକ୍ତ ୩ ଜଣିଆ କମିଟି ଜଷ୍ଟିସ୍ ବର୍ମାଙ୍କୁ ଦୋଷୀ ଦର୍ଶାଇଥିବାବେଳେ ସେମାନେ ଗ୍ରହଣ କରିଥିବା ପ୍ରକ୍ରିୟାର ବୈଧତାକୁ ବର୍ମା ଚ୍ୟାଲେଞ୍ଜ କରିଛନ୍ତି। ଅଭିଯୋଗ ଉପରେ ପକ୍ଷ ରଖିବାକୁ ତାଙ୍କୁ ପର୍ଯ୍ୟାପ୍ତ ସୁଯୋଗ ଦିଆଯାଇ ନ ଥିଲା ବୋଲି ସେ କହିଛନ୍ତି।

## ୱାଲ ଷ୍ଟ୍ରିଟ୍ ଜର୍ନାଲ ବିରୋଧରେ ଟ୍ରମ୍ପ୍‌ଙ୍କ ମାନହାନି ମାମଲା

### ଏପ୍‌ଷ୍ଟେଇନ୍‌ଙ୍କ ସହ ସମ୍ପର୍କ ରିପୋର୍ଟ

ୱାଶିଂଟନ, ୧୯।୭

ଧନୀ ଫାଇନାନ୍ସର ଜେଫ୍ରି ଏପ୍‌ଷ୍ଟେଇନ୍‌ଙ୍କ ସହ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍‌ଙ୍କ ସମ୍ପର୍କକୁ ନେଇ ୱାଲ୍ ଷ୍ଟ୍ରିଟ୍ ଜର୍ନାଲରେ ଗୁରୁବାର ଖବର ପ୍ରକାଶ ପାଇଥିଲା। ଏହାର ଦିନକ ପରେ ଟ୍ରମ୍ପ୍ ଉକ୍ତ ଖବରକାଗଜ ଏବଂ ମିଡିଆ ମୋଗଲ ରୁପେର୍ଟ ମୁର୍ଡୋଚ୍‌ଙ୍କ ବିରୋଧରେ ୧୦ ବିଲିୟନ ଡଲାରର ମାମଲା ଦାଏର କରିଛନ୍ତି। ଯୌନ ଅପରାଧରେ ସମ୍ପୃକ୍ତ ଏପ୍‌ଷ୍ଟେଇନ୍‌ଙ୍କ ସହ ଟ୍ରମ୍ପ୍‌ଙ୍କ ସମ୍ପର୍କ ନେଇ ୱାଲ ଷ୍ଟ୍ରିଟ୍ ଜର୍ନାଲ ଖବର ପ୍ରକାଶ କରିବା ପରେ ହଇଚଇ ସୃଷ୍ଟି ହୋଇଥିଲା। ରିପୋର୍ଟ ଅନୁଯାୟୀ, ଏପ୍‌ଷ୍ଟେଇନ୍ ୨୦୦୩ରେ ପାଳନ କରିଥିବା ୫୦ତମ ଜନ୍ମଦିନ ସମ୍ପର୍କିତ ଏକ ଆଲବମ୍ ଓ ଚିଠି ଦାଖଲ କରିବା ପାଇଁ ତାଙ୍କ ସହଯୋଗୀ ଘିସ୍‌ଲାଇନ୍ ମାକ୍ସୱେଲ ଟ୍ରମ୍ପ୍ ଓ ଅନ୍ୟମାନଙ୍କୁ କହିଥିଲେ। ଉକ୍ତ ଚିଠିରେ ଟ୍ରମ୍ପ୍‌ଙ୍କ ନାଁ ସହ ଉଲଗ୍ନ ମହିଳାଙ୍କ ଅଶ୍ଳୀଳ ଫଟୋ ରହିଥିବାବେଳେ ଏପ୍‌ଷ୍ଟେଇନ୍‌ଙ୍କ ସହ ଟ୍ରମ୍ପ୍‌ଙ୍କ କଳ୍ପିତ ବାର୍ତ୍ତାଳାପ ଥିଲା। ଏହି ଖବର ପ୍ରକାଶ ପାଇବା ପରେ ଟ୍ରମ୍ପ୍ ଓ ତାଙ୍କ ଅନୁଗତ ବେସ୍ ମଧ୍ୟରେ ଫାଟ ସୃଷ୍ଟି ହୋଇଛି। ମାମଲା ପରିଚାଳନା ତରିକାକୁ ନେଇ ଟ୍ରମ୍ପ୍‌ଙ୍କ କେତେଜଣ ସମର୍ଥକ ହ୍ୱାଇଟ୍ ହାଉସ୍‌କୁ ସମାଲୋଚନା କରିଛନ୍ତି। ଟ୍ରମ୍ପ୍ କ'ଣ ପାଇଁ ଉକ୍ତ ଡକ୍ୟୁମେଣ୍ଟକୁ ସର୍ବସାଧାରଣରେ ପ୍ରକାଶ କରିବାକୁ ଚାହୁଁ ନ ଥିଲେ ବୋଲି ପ୍ରଶ୍ନ ଉଠିଛି।



ଜେଫ୍ରି ଏପ୍‌ଷ୍ଟେଇନ୍

## ବାଣିଜ୍ୟ ଚୁକ୍ତି ନେଇ ଭାରତ, ଆମେରିକା ଟିମ୍ ମଧ୍ୟରେ ପଞ୍ଚମ ପର୍ଯ୍ୟାୟ ଆଲୋଚନା

ନୂଆଦିଲ୍ଲୀ, ୧୯।୭(ପି.ଟି.)

ଭାରତ ଓ ଆମେରିକା ମଧ୍ୟରେ ପ୍ରସ୍ତାବିତ ଦ୍ୱିପାକ୍ଷିକ ବାଣିଜ୍ୟ ଚୁକ୍ତିନାମା ନେଇ ୨ ଦେଶର ଟିମ୍ ମଧ୍ୟରେ ଚାଲିଥିବା ପଞ୍ଚମ ପର୍ଯ୍ୟାୟ ଆଲୋଚନା ଶେଷ ହୋଇଛି। ୱାଶିଂଟନରେ ଜୁଲାଇ ୧୪ରୁ ଏହି ଆଲୋଚନା ୧୭ ତାରିଖ ପର୍ଯ୍ୟନ୍ତ ଚାଲିଥିଲା। ଭାରତର ମୁଖ୍ୟ ମଧ୍ୟସ୍ଥ ତଥା ବାଣିଜ୍ୟ ବିଭାଗ ସ୍ୱତନ୍ତ୍ର ସଚିବ ରାଜେଶ ଅଗ୍ରୱାଲଙ୍କ ନେତୃତ୍ୱରେ ଏକ ଟିମ୍ ବୁଝାମଣା ପାଇଁ ଯାଇଥିଲା। ଅଗଷ୍ଟ ୧ ପୂର୍ବରୁ ଅନ୍ତରୀଣ ବାଣିଜ୍ୟ ଚୁକ୍ତିନାମା ଚୂଡ଼ାନ୍ତ କରିବାକୁ ଉଭୟ ଦେଶ ଚାହୁଁଥିବାରୁ ଏହି ଆଲୋଚନା ଗୁରୁତ୍ୱପୂର୍ଣ୍ଣ। ଆଲୋଚନାରେ କୃଷି, ଗାଡ଼ି ଆଦି ପ୍ରସଙ୍ଗ ସ୍ଥାନ ପାଇଥିଲା। ଏଥିସହିତ ଅଣବିପଣନ ଅର୍ଥନୀତି ଏବଂ ସ୍ୱତନ୍ତ୍ର ରାସାୟନିକ, ଜୈବିକ, ଉପାଦାନ, ଉପକରଣ ଓ ପ୍ରଯୁକ୍ତି ପ୍ରସଙ୍ଗରେ ମଧ୍ୟ ଆଲୋଚନା ହୋଇଥିବା ଜଣାଯାଇଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଭାରତ ସମେତ ବିଭିନ୍ନ ଦେଶ ଉପରେ ଜବାବୀ ଶୁଳ୍କ ଲଗାଇବାକୁ ଏପ୍ରିଲ ୨ରେ ଘୋଷଣା କରିଥିଲେ। ଏହାର କାର୍ଯ୍ୟକାରିତାକୁ ପ୍ରଥମେ ଜୁଲାଇ ୯ ଏବଂ ପରେ ଅଗଷ୍ଟ ୧ ପର୍ଯ୍ୟନ୍ତ ସ୍ଥଗିତ ରଖାଯାଇଛି। ଏହି ସମୟ ମଧ୍ୟରେ ଆମେରିକା ବିଭିନ୍ନ ଦେଶ ସହ ବାଣିଜ୍ୟ ଚୁକ୍ତିନାମା ଚୂଡ଼ାନ୍ତ କରିବାକୁ ଚାହୁଁଛି।

## ଟ୍ରେନ୍ ଧକ୍କାରେ ୩ ହାତୀ ମୃତ



ରାଞ୍ଚି, ୧୯।୭

ପଶ୍ଚିମବଙ୍ଗ ଓ ଝାଡ଼ଖଣ୍ଡ ସୀମା ଅନ୍ତର୍ଗତ ରେଳଲାଇନ ଅତିକ୍ରମ କରୁଥିବା ହାତୀ ପଲକୁ ଶନିବାର ସକାଳେ ଜନଶତାବ୍ଦୀ ଏକ୍ସପ୍ରେସ୍ ଧକ୍କା ଦେବାରୁ ୩ ହାତୀଙ୍କ ମୃତ୍ୟୁ ଘଟିଛି। ପଶ୍ଚିମବଙ୍ଗର ବନ୍ସୋଲା ରେଳଷ୍ଟେଶନ ନିକଟରେ ଏହି ଦୁର୍ଘଟଣା ଘଟିଥିବାବେଳେ ଏହାକୁ ନେଇ ରେଲ୍‌ୱେ ଏବଂ ବନ ବିଭାଗ ପରସ୍ପରକୁ ଦୋଷାରୋପ କରିଛନ୍ତି। ୭ ଟିକିଆ ହାତୀ ପଲ ଖଡ଼ଗପୁର-ଟାଟାନଗର ରେଲୱେ ସେକ୍ସନର ଏକ ଟ୍ରାକ୍‌କୁ ଅତିକ୍ରମ କରୁଥିବାବେଳେ ଦ୍ରୁତବେଗରେ ଆସୁଥିବା ଶତାବ୍ଦୀ ଏକ୍ସପ୍ରେସ୍ ଧକ୍କା ଦେବାରୁ ଘଟଣାସ୍ଥଳରେ ୩ ହାତୀ ପ୍ରାଣ ହରାଇଥିବାବେଳେ ଅନ୍ୟ ୪ଟି ବର୍ତ୍ତିଯାଇଥିଲେ। ହାତୀମାନେ ପଶ୍ଚିମବଙ୍ଗର ଝାରଗ୍ରାମ ଜଙ୍ଗଲରୁ ଆସିଥିବା ବିଶ୍ୱାସ କରାଯାଉଛି। ହାତୀ ମୃତ୍ୟୁକୁ ନେଇ ରେଲୱେ ଗଭୀର ଉଦ୍‌ବେଗ ପ୍ରକାଶ କରିଥିଲେ ମଧ୍ୟ ଏଥିପାଇଁ ଦାୟୀ ହେବାକୁ ମନା କରିଦେଇଛି। ଉକ୍ତ ଅଞ୍ଚଳ ଦେଇ ହାତୀ ଚଳପ୍ରଚଳ ହେଉଥିବା ସମ୍ପର୍କରେ ରେଲୱେକୁ ଜଣାଇ ଦିଆଯାଇଥିଲେ ମଧ୍ୟ ସେମାନେ କୌଣସି ପଦକ୍ଷେପ ନେଇ ନ ଥିଲେ ବୋଲି ବନ ବିଭାଗ ପକ୍ଷରୁ କୁହାଯାଇଛି। ଅନ୍ୟପକ୍ଷରେ ବନ ବିଭାଗର ଏହି ଦାବିକୁ ଭୁଲ୍ ଓ ବିଭ୍ରାନ୍ତିକର ବୋଲି ରେଲୱେ କହିଛି। ବନ ବିଭାଗ ପୂର୍ବରୁ ଲିଖିତ ଭାବେ କିମ୍ବା ଫୋନ୍ ଯୋଗେ ଏ ସମ୍ପର୍କରେ କୌଣସି ସୂଚନା ଦେଇ ନ ଥିଲା ବୋଲି ରେଲୱେ ପକ୍ଷରୁ ଅଭିଯୋଗ ହୋଇଛି।



## 'କିଙ୍ଗ୍' ଶୁଟିଂ ବେଳେ ଶାହରୁଖ ଖାନ୍ ଆହତ

ମୁମ୍ବାଇ


ମୁମ୍ବାଇରେ ଚଳଚ୍ଚିତ୍ର 'କିଙ୍ଗ୍'ର ଶୁଟିଂ ବେଳେ ବଲିଉଡ୍ ସୁପରଷ୍ଟାର ଶାହରୁଖ୍ ଖାନ୍‌ଙ୍କ ପିଠିରେ ଆଘାତ ଲାଗିଛି। ଚିକିତ୍ସା ପାଇଁ ସେ ଆମେରିକା ଯାଉଥିବାବେଳେ ଏବେ ବ୍ରିଟେନରେ ଅବସ୍ଥାନ କରିଛନ୍ତି ଓ ସୁସ୍ଥ ହେଉଥିବା ଜଣାପଡ଼ିଛି। ତାଙ୍କ ସହ ତାଙ୍କ ପରିବାର ସଦସ୍ୟ ରହିଛନ୍ତି। ଆଘାତ ସାମାନ୍ୟ ହୋଇଥିବାରୁ ସେ ସୁସ୍ଥ ହେଉଥିବା ଏକ ସୂତ୍ରରୁ କୁହାଯାଇଛି। ତେବେ ଫିଲ୍ମ ଶୁଟିଂ ବନ୍ଦ ରହିଥିଲାବେଳେ ଏହା ସେପ୍ଟେମ୍ବରରୁ ପୁଣି ଆରମ୍ଭ ହେବ ବୋଲି ଜଣାପଡ଼ିଛି। ଆହତ କାରଣରୁ ଶାହରୁଖ୍ ତାଙ୍କ ଶ୍ରୀଲଙ୍କା ଗସ୍ତ ଯୋଜନାକୁ ସ୍ଥଗିତ ରଖିଛନ୍ତି। ସୂଚନାଯୋଗ୍ୟ, ୨୦୦୨ରେ ବୋନି କପୁରଙ୍କ ଚଳଚ୍ଚିତ୍ର 'ଶକ୍ତି'ର ଶୁଟିଂ ବେଳେ ଶାହରୁଖ ଆହତ ହୋଇଥିଲେ। ସେତେବେଳେ ବ୍ରିଟେନରେ ତାଙ୍କର ଅସ୍ତ୍ରୋପଚାର ହୋଇଥିଲା। ସିଦ୍ଧାର୍ଥ ଆନନ୍ଦଙ୍କ ନିର୍ଦ୍ଦେଶିତ କିଙ୍ଗ୍ ଚଳଚ୍ଚିତ୍ର ଜରିଆରେ ଶାହରୁଖଙ୍କ ଝିଅ ସୁହାନା ଖାନ୍ ବଡ଼ ପରଦାରେ ଡେବ୍ୟୁ କରିବାକୁ ଯାଉଛନ୍ତି। ପୂର୍ବରୁ ସେ ନେଟ୍‌ଫ୍ଲିକ୍ସର 'ଦି ଆର୍ଚିସ୍'ରେ ଅଭିନୟ କରିଥିଲେ। କିଙ୍ଗ୍‌ରେ ଅନ୍ୟମାନଙ୍କ ମଧ୍ୟରେ ଦୀପିକା ପାଦୁକୋନ୍, ଅଭିଷେକ ବଚ୍ଚନ, ଜୟଦୀପ୍ ଆହଲାୱତ୍, ଅନିଲ କପୁର ଏବଂ ଅଭୟ ବର୍ମା ଅଭିନୟ କରୁଛନ୍ତି।

## ଦିଅର ସହ ପ୍ରେମସମ୍ପର୍କରୁ ସ୍ୱାମୀଙ୍କୁ ହତ୍ୟା

ନୂଆଦିଲ୍ଲୀ, ୧୯।୭



ଦିଲ୍ଲୀରେ ଦିଅରଙ୍କ ସହ ପ୍ରେମ ସମ୍ପର୍କ ରଖିଥିବା ଜଣେ ମହିଳା ତାଙ୍କ ସ୍ୱାମୀଙ୍କୁ ହତ୍ୟା କରିଥିବା ତଦନ୍ତରୁ ଜଣାପଡ଼ିଛି। ମୃତକ କରନ ଦେବ (୩୬)ଙ୍କୁ ତାଙ୍କ ସ୍ତ୍ରୀ ସୁସ୍ମିତା ଗତ ୧୩ ତାରିଖରେ ମାତା ରୂପରାନି ମାଗୋ ହସ୍ପିଟାଲକୁ ଆଣି ତାଙ୍କୁ ବିଦ୍ୟୁତ୍ ଶକ୍ ଲାଗିଥିବା କହିଥିଲେ। ହସ୍ପିଟାଲ ପକ୍ଷରୁ କରନଙ୍କୁ ମୃତ ଘୋଷଣା କରାଯିବା ପରେ ତାଙ୍କ ବୟସ ଓ ପରିସ୍ଥିତିକୁ ଦୃଷ୍ଟିରେ ରଖି ମୃତଦେହ ବ୍ୟବଚ୍ଛେଦ କରିବାକୁ ଦିଲ୍ଲୀ ପୋଲିସ କହିଥିଲା। କରନଙ୍କ ସ୍ତ୍ରୀ ଓ ସମ୍ପର୍କୀୟ ଭାଇଙ୍କ ବିରୋଧ ସତ୍ତ୍ୱେ ମୃତଦେହ ବ୍ୟବଚ୍ଛେଦ ପାଇଁ ଦୀନଦୟାଲ ଉପାଧ୍ୟାୟ ହସ୍ପିଟାଲକୁ ପଠାଯାଇଥିଲା। କରନଙ୍କୁ ତାଙ୍କ ସ୍ତ୍ରୀ ଓ ସମ୍ପର୍କୀୟ ଭାଇ ହତ୍ୟା କରିଥିବା ସନ୍ଦେହ ହେଉଛି ବୋଲି ୩ ଦିନ ପରେ ସାନଭାଇ କୁନାଲ ପୋଲିସକୁ କହିଥିଲେ। ଏଥିସହିତ ସେ ସୁସ୍ମିତା ଓ ରାହୁଲଙ୍କ ମଧ୍ୟରେ ଇନ୍‌ଷ୍ଟାଗ୍ରାମ ଚାଟିଂକୁ ପ୍ରମାଣ ଭାବେ ଉପସ୍ଥାପନ କରିଥିଲେ, ଯେଉଁଥିରେ ହତ୍ୟା ଯୋଜନା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଉକ୍ତ ଚାଟ୍‌ରୁ ସୁସ୍ମିତା ଓ ରାହୁଲଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଥିବା ଓ ଏହି କାରଣରୁ ସେମାନେ କରନଙ୍କୁ ହତ୍ୟା ଯୋଜନା କରିଥିବା ଜଣାପଡ଼ିଥିଲା। ସେମାନେ କରନଙ୍କୁ ରାତ୍ର ଭୋଜନରେ ୧୫ଟି ନିଦ ବଟିକା ଦେଇ ସଂଜ୍ଞାହୀନ ହେବା ପର୍ଯ୍ୟନ୍ତ ଅପେକ୍ଷା କରିଥିଲେ। ଏହାପରେ ସେମାନେ କରନଙ୍କୁ ବିଦ୍ୟୁତ୍ ଆଘାତ ଦେଇ ମାରିଦେଇଥିଲେ ଓ ଏହାକୁ ଦୁର୍ଘଟଣାଜନିତ ମୃତ୍ୟୁ ଦର୍ଶାଇଥିଲେ। ପୋଲିସ ସୁସ୍ମିତାଙ୍କୁ ହାଜତକୁ ନେଇ ପଚରାଉଚରା କରିବା ପରେ ସେ ପ୍ରେମିକଙ୍କ ସହ ମିଶି ସ୍ୱାମୀଙ୍କୁ ହତ୍ୟା କରିଥିବା ମାନିଥିଲେ।




# ଭାରତ-ପାକିସ୍ତାନ ସଂଘର୍ଷ ବେଳେ ଖସିଥିଲା ୫ ଯୁଦ୍ଧବିମାନ: ଟ୍ରମ୍ପ

## ପ୍ରଧାନମନ୍ତ୍ରୀ ନୀରବତା ଭାଙ୍ଗି ସଂସଦରେ ଉତ୍ତର ରଖନ୍ତୁ: ରାହୁଲ

**ନ୍ୟୁୟର୍କ/ୱାଶିଂଟନ୍, ୧୯।୭**

ମେ’ ୭ରୁ ୧୦ ମଧ୍ୟରେ ଭାରତୀୟ ସଶସ୍ତ୍ର ବଳ ପକ୍ଷରୁ କରାଯାଇଥିବା ‘ଅପରେଶନ ସିନ୍ଦୂର’ ବେଳେ ୫ଟି ଯୁଦ୍ଧବିମାନ ଖସିଥିଲା ବୋଲି ଶୁକ୍ରବାର ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କହିଛନ୍ତି। ଏଥିସହ ତାଙ୍କ ହସ୍ତକ୍ଷେପ ଯୋଗୁ ହିଁ ଭାରତ-ପାକିସ୍ତାନ ସଂଘର୍ଷ ବନ୍ଦ ହୋଇଥିଲା ବୋଲି ଟ୍ରମ୍ପ ପୁନର୍ବାର ଦୋହରାଇଛନ୍ତି। ତେବେ କେଉଁ ଦେଶର ୫ ଏୟାରକ୍ରାଫ୍ଟ ଖସିଥିଲା ତାହା ସେ ସ୍ପଷ୍ଟ କରିନାହାନ୍ତି। ଇତିମଧ୍ୟରେ ଟ୍ରମ୍ପଙ୍କ ଦାବି ଉପରେ କଂଗ୍ରେସ ନେତା ରାହୁଲ ଗାନ୍ଧୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ସ୍ପଷ୍ଟୀକରଣ ମାଗିଛନ୍ତି। ଦେଶବାସୀଙ୍କ ସତ ଜାଣିବା ଅଧିକାର ରହିଥିବାରୁ ମୋଦି ଏହା ଉପରେ ନୀରବତା ଭଙ୍ଗକରି ପାର୍ଲାମେଣ୍ଟରେ ସତ କୁହନ୍ତୁ ବୋଲି ରାହୁଲ ଦାବି କରିଛନ୍ତି।

ଏପ୍ରିଲ ୨୨ ପହଲଗାମ୍ ଆତଙ୍କବାଦୀ ଆକ୍ରମଣରେ ୨୬ ହିନ୍ଦୁ ପର୍ଯ୍ୟଟକଙ୍କ ହତ୍ୟାର ପ୍ରତିଶୋଧ ନେବାକୁ ଯାଇ ଭାରତ ପକ୍ଷରୁ ‘ଅପରେଶନ ସିନ୍ଦୂର’ କରାଯାଇଥିଲା। ସେହି



ଡୋନାଲ୍ଡ ଟ୍ରମ୍ପ

ସମୟରେ ପାକିସ୍ତାନ ଓ ପାକ୍-ଅଧିକୃତ କଶ୍ମୀର (ପିଓକେ)ସ୍ଥିତ ୯ ଆତଙ୍କବାଦୀ ଭିତ୍ତିଭୂମିକୁ ଭାରତୀୟ ସଶସ୍ତ୍ର ବଳ ଧ୍ୱସ୍ତବିଧ୍ୱସ୍ତ କରିଦେଇଥିବା ସରକାର ଓ ସେନା ପକ୍ଷରୁ ଦାବି କରାଯାଇଥିଲା। ତେବେ ଏହି ଅପରେଶନ ସମୟରେ ଭାରତୀୟ ସେନାର ୬ ରାଫାଲ ଯୁଦ୍ଧବିମାନକୁ ଖସାଇ ଧ୍ୱଂସ କରିଦେଇଥିବା ପାକିସ୍ତାନ ଦାବି କରିଥିଲା। କିନ୍ତୁ ଭାରତ ଏହାକୁ ଖଣ୍ଡନ କରିଚାଲିଥିଲା। ହେଲେ ମେ’ ୩୧ରେ ଚିଫ୍ ଅଫ୍ ଡିଫେନ୍ସ ଷ୍ଟାଫ୍ (ସିଡିଏସ୍) ଜେନେରାଲ ଅନିଲ ଚୌହାନ ସିଙ୍ଗାପୁରରେ ଶାଙ୍ଗ୍ରି-ଲା ଡାଇଲଗ୍‌ରେ ଯୋଗଦେବା ପରିପ୍ରେକ୍ଷୀରେ ବ୍ଲୁମ୍‌ବର୍ଗ ଟିଭିକୁ ସାକ୍ଷାତ୍‌କାର ଦେବାବେଳେ ଭାରତର କେତୋଟି ଯୁଦ୍ଧବିମାନ ଖସିଥିବା ବିଷୟ ସ୍ୱୀକାର କରିଥିଲେ। ସିଡିଏସ୍ ଏହା ପ୍ରକାଶ କରିଥିଲେ ମଧ୍ୟ ନିର୍ଦ୍ଦିଷ୍ଟ ଭାବେ କୋତୋଟି ଏୟାରକ୍ରାଫ୍ଟ ଖସିଥିଲା ତାହା ସ୍ପଷ୍ଟ କରି ନ ଥିଲେ। ଆମେରିକା ରାଷ୍ଟ୍ରପତି ଟ୍ରମ୍ପ ଖସିଥିବା ସେହି ବିମାନ ସଂଖ୍ୟା କହିଛନ୍ତି। ହ୍ୱାଇଟ୍ ହାଉସ୍‌ରେ ରିପବ୍ଲିକାନ୍ ସିନେଟରମାନଙ୍କୁ ରାତିଭୋଜନରେ ଆପ୍ୟାୟିତ କରିବାବେଳେ ଟ୍ରମ୍ପ କହିଛନ୍ତି, ପହଲଗାମ୍ ଆକ୍ରମଣ ପରେ ଭାରତ ଓ ପାକିସ୍ତାନ ମଧ୍ୟରେ ହୋଇଥିବା ସଦ୍ୟ ସଂଘର୍ଷ ବେଳେ ଆକାଶମାର୍ଗରୁ ୪ କିମ୍ବା ୫ ଜେଟ୍ ଖସିଥିଲା। ବାସ୍ତବରେ ୫ ଯୁଦ୍ଧବିମାନ ଖସିଥିବା ମନେହେଉଛି। ସ୍ଥିତି ଖରାପରୁ ଆହୁରି ଖରାପ ଆଡ଼କୁ ଗତି କରୁଥିଲା। ଦୁଇ ଆଣବିକ ଅସ୍ତ୍ର ସମ୍ପନ୍ନ ଦେଶ ମଧ୍ୟରେ ସଂଘର୍ଷ ବେଳେ ଉଭୟେ ପରସ୍ପରକୁ ଆକ୍ରମଣ କରିଚାଲିଥିଲେ। ଯୁଦ୍ଧର ପରିସୀମା ବଢ଼ିଚାଲିଥିବାବେଳେ ଆମେ ବାଣିଜ୍ୟ ଜରିଆରେ ତାର ସମାଧାନ କରିଥିଲୁ। ଯୁଦ୍ଧାସ୍ତ୍ର ପରିତ୍ୟାଗ ନ କଲେ ଆମେରିକା ଉଭୟ ରାଷ୍ଟ୍ର ସହ ଟ୍ରେଡ୍ ଡିଲ୍ କରିବ ନାହିଁ। ଉଭୟେ ଅତ୍ୟନ୍ତ ଶକ୍ତିଶାଳୀ ଆଣବିକ ରାଷ୍ଟ୍ର ବୋଲି ଟ୍ରମ୍ପ କହିଛନ୍ତି। ଏପରି କି ଟ୍ରମ୍ପ ଅନେକ ଯୁଦ୍ଧକୁ ଅଟକାଇଦେଇଥିବା ଟ୍ରମ୍ପ ଦାବି କରିଛନ୍ତି। ତେବେ ଖସିଥିବା ସେହି ଜେଟ୍‌ଗୁଡ଼ିକ ଭାରତ କିମ୍ବା ପାକିସ୍ତାନର ଅଥବା ଉଭୟ ଦେଶର ଥିଲା ତାହା ଟ୍ରମ୍ପ କହିନାହାନ୍ତି।

ଟ୍ରମ୍ପଙ୍କ ମନ୍ତବ୍ୟ ଆସିବା ପରେ ଲୋକସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଶନିବାର କହିଛନ୍ତି, ଗତ ୭୦ ଦିନ ଭିତରେ ଆମେରିକା ରାଷ୍ଟ୍ରପତି ଅନେକ କିଛି ଦାବି କଲେଣି। ତାଙ୍କ ମନ୍ତବ୍ୟ ଉପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପାର୍ଲାମେଣ୍ଟରେ ବିବୃତି ରଖି ସବୁକିଛି ସ୍ପଷ୍ଟ କରିଦେବା ଉଚିତ। ମୋଦିଜୀ ୫ ଜେଟ୍‌କୁ ନେଇ ସତ କ’ଣ ? ଏହା ଜାଣିବା ଅଧିକାର ଦେଶର ରହିଛିବୋଲିରାହୁଲX’ରେକହିଛନ୍ତି।

# କଲେଜ କର୍ତ୍ତୃପକ୍ଷଙ୍କ ଅବହେଳା, ଆଇସିସି ଭୂମିକାକୁ ନେଇ ଖୋଳତାଡ଼

## ସୌମ୍ୟାଶ୍ରୀ ଆତ୍ମାହୁତି ମାମଲା

- ୟୁଜିସି ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍, ଉଚ୍ଚଶିକ୍ଷା ବିଭାଗ ତଦନ୍ତ କମିଟି, କ୍ରାଇମବ୍ରାଞ୍ଚ ଟିମ୍‌ର ଛାନ୍‌ଭିନ୍
- ପେଟ୍ରୋଲ ପମ୍ପ୍‌ର ସିସିଟିଭି ଯାଞ୍ଚ

**ବାଲେଶ୍ୱର, ୧୯।୭(ବାଞ୍ଛାନିଧି ଦେ)**

ବାଲେଶ୍ୱର ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଇଣ୍ଟିଗ୍ରେଟେଡ୍ ବିଏଡ୍ ଛାତ୍ରୀ ସୌମ୍ୟାଶ୍ରୀ ବିଶି ଆତ୍ମାହୁତି ଘଟଣା ସାରା ରାଜ୍ୟରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି। ଅବହେଳା, ଦୁର୍ଘଟଣା ନା ଷଡ଼ଯନ୍ତ୍ର ଯୋଗୁ ଛାତ୍ରୀଜଣକ ଜୀବନ ହାରିଲେ ସେନେଇ ଜୋରଦାର ତନାଘନା ଚାଲିଛି। ଆତ୍ମାହୁତି ଘଟଣାର ପ୍ରକୃତ ରହସ୍ୟ ଉନ୍ମୋଚନ କରିବା ପାଇଁ ୩ ତଦନ୍ତକାରୀ ସଂସ୍ଥା ପକ୍ଷରୁ ଖୋଳତାଡ଼ କରାଯାଉଛି। ତଦନ୍ତ ସମୟରେ କଲେଜ କର୍ତ୍ତୃପକ୍ଷଙ୍କ ଅବହେଳା ଓ କମିଟିର ଭୂମିକାକୁ ଗୁରୁତ୍ୱ ଦିଆଯାଇଛି। ଅପରପକ୍ଷରେ ଶୁକ୍ରବାର ରାତିରେ ନିକଟସ୍ଥ ତାରିଣୀ ପେଟ୍ରୋଲ ପମ୍ପରେ କ୍ରାଇମବ୍ରାଞ୍ଚ ଟିମ୍ ପହଞ୍ଚିଥିଲେ। କର୍ମଚାରୀ ଓ ମ୍ୟାନେଜରଙ୍କୁ ପଚରାଉଚୁରା କରିଥିଲେ। ଘଟଣା ଦିନ ଜଣେ ଛାତ୍ରୀ ସେଠାରୁ ବୋତଲରେ ପେଟ୍ରୋଲ ନେଇଥିବା ସମ୍ପର୍କରେ ଜାଣିବାକୁ ପାଇଥିଲେ। ପେଟ୍ରୋଲ ପମ୍ପର ସିସିଟିଭି ଯାଞ୍ଚ ସହ ସିସିଟିଭି ଫୁଟେଜ୍ କଏଦ କରିଥିଲେ।

ୟୁଜିସି ଫ୍ୟାକ୍ଟ ଫାଇଣ୍ଡିଂ କମିଟିର ୪ଜଣିଆ ଟିମ୍ ଦ୍ୱିତୀୟ ଦିନରେ ଶନିବାର ମହାବିଦ୍ୟାଳୟରେ ପହଞ୍ଚି ତଦନ୍ତ ଜାରି ରଖିଛନ୍ତି। ପ୍ରଫେସର ରାଜକୁମାର ମିତ୍ତଲଙ୍କ ଅଧ୍ୟକ୍ଷତାରେ ପ୍ରଫେସର ସୁଷମା ଯାଦବ, ଡ. ନୀର୍ଜା ଗୁପ୍ତା ଓ ୟୁଜିସିର ଯୁଗ୍ମ ସଚିବ ଡ. ଅସୀମା ମଙ୍ଗଲା ପହଞ୍ଚି ଭାରପ୍ରାପ୍ତ ଅଧ୍ୟକ୍ଷ ଫିରୋଜ ପାଢ଼ୀଙ୍କ ସମେତ କର୍ମଚାରୀ ଓ ଛାତ୍ରୀଛାତ୍ରଙ୍କୁ ଘଟଣା ସମ୍ପର୍କରେ ବିଭିନ୍ନ ଦିଗକୁ ନେଇ ବାରମ୍ବାର ପଚାରି ବୁଝିଥିଲେ। ଅପରପକ୍ଷରେ କ୍ରାଇମବ୍ରାଞ୍ଚ ସିଏଡବ୍ଲୁ ଓ ସିଡବ୍ଲୁ ଶାଖାର ଡିଏସ୍‌ପି ଇମାନ କଲ୍ୟାଣ ନାୟକ, ଇନ୍ସପେକ୍ଟର ପାଞ୍ଚାଲି ରାଉତ ଏବଂ ଉଚ୍ଚଶିକ୍ଷା ବିଭାଗର ନିର୍ଦ୍ଦେଶକ କାଳି ପ୍ରସନ୍ନ ମହାପାତ୍ରଙ୍କ ନେତୃତ୍ୱରେ ଏକ ୩ଜଣିଆ ଟିମ୍ ପୃଥକ୍ ଭାବେ ଘଟଣାର ଛାନ୍‌ଭିନ୍ କରିଛନ୍ତି। ଭାରପ୍ରାପ୍ତ ଅଧ୍ୟକ୍ଷ, ଆଇସି କମିଟି ସଦସ୍ୟ ଓ ପ୍ରାୟ ୨୩ଜଣ ଛାତ୍ରୀଛାତ୍ରଙ୍କୁ ପଚରାଉଚରା କରି ସବିଶେଷ ତଥ୍ୟ ହାସଲ କରିଛନ୍ତି। ଅତିରିକ୍ତ ଏସ୍‌ପି ନିରଞ୍ଜନ ବେହେରା ଓ ସହଦେବଖୁଣ୍ଟା ଥାନା ଆଇଆଇସି ଅଜୟ ମୁର୍ମୁଙ୍କୁ ମଧ୍ୟ ଏହି ଟିମ୍ ପଚରାଉଚରା କରିଥିଲେ। ଉଚ୍ଚଶିକ୍ଷା ବିଭାଗକୁ ତଦନ୍ତ ରିପୋର୍ଟ ପ୍ରଦାନ କରାଯିବ ବୋଲି କମିଟି ଅଧ୍ୟକ୍ଷ ତଥା ଉଚ୍ଚଶିକ୍ଷା ବିଭାଗ ନିର୍ଦ୍ଦେଶକ ମହାପାତ୍ର ଗଣମାଧ୍ୟମକୁ ସୂଚନା ଦେଇଥିଲେ। ମାତ୍ର ତଦନ୍ତ ନିଷ୍କର୍ଷ ଉପରେ କୌଣସି ତଥ୍ୟ ଦେବାକୁ ସେ ମନା କରିଥିଲେ।



ଏଫ୍‌ଏମ୍ କଲେଜରେ ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍।

# ବଜ୍ରପାତରେ ଟଳିପଡ଼ିଲେ ଚାଷୀ

**ଭଦ୍ରକ, ୧୯।୭(ସନାତନ ରାଉତ)**

ଭଦ୍ରକ ଜିଲା ବନ୍ତ ଥାନା ଆଡ଼ିଆ ପଞ୍ଚାୟତ ଜିରିଣା ଗ୍ରାମରେ ଶନିବାର ଅପରାହ୍ନରେ ବିଲରେ ଥିବାବେଳେ ବଜ୍ରପାତରେ ଜଣେ ଚାଷୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଗ୍ରାମର ଚନ୍ଦ୍ରଶେଖର ଜେନା(୫୬)। ସୂଚନା ଅନୁଯାୟୀ, ଚନ୍ଦ୍ରଶେଖରଙ୍କ ଜମିରେ ଟ୍ରାକ୍ଟର ହଳ କରୁଥିବାରୁ ସେ ବିଲରେ ଉପସ୍ଥିତ ଥିଲେ। ଅପରାହ୍ନ ପ୍ରାୟ ୨ଟା ୩୦ ସମୟରେ ବର୍ଷା ସହ ଘଡ଼ଘଡ଼ି ହୋଇଥିଲା। ଚନ୍ଦ୍ରଶେଖର ବିଲ ହିଡ଼ରେ ଠିଆ ହୋଇଥିବା ବେଳେ ବଜ୍ରପାତରେ ଟଳି ପଡ଼ିଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଘର ନିକଟକୁ ଆଣିଥିଲେ। ପରେ ବନ୍ତ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା। ଚନ୍ଦ୍ରଶେଖରଙ୍କର ୩ ଝିଅ ଓ ଗୋଟିଏ ପୁଅ ଥିବାବେଳେ ତାଙ୍କ ମୃତ୍ୟୁରେ ପରିବାର ବେସାହାରା ହୋଇଯାଇଛି। ତାଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ସ୍ଥାନୀୟ ବାସିନ୍ଦା ଦାବି ଜଣାଇଛନ୍ତି।




# ସୌମ୍ୟାଶ୍ରୀଙ୍କ ପରିବାରକୁ ମିଳିଲା ୨୦ଲକ୍ଷ ଟଙ୍କାର ଚେକ୍



ଏମ୍‌ପି ପ୍ରତାପ ଷଡଙ୍ଗୀ ସୌମ୍ୟାଶ୍ରୀଙ୍କ ମାତାପିତାଙ୍କୁ ସହାୟତା ରାଶି ଚେକ୍ ପ୍ରଦାନ କରୁଛନ୍ତି।

**ଭୋଗରାଇ, ୧୯।୭(ପ୍ରଦୀପ ଦାସ)**

ବାଲେଶ୍ୱର ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ଛାତ୍ରୀ ଆତ୍ମାହୁତି ଘଟଣାରେ ରାଜ୍ୟ ସରକାର ଘୋଷଣା କରିଥିବା ୨୦ଲକ୍ଷ ଟଙ୍କାର ସହାୟତା ରାଶି ଚେକ୍ ଶନିବାର ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ପୀଡ଼ିତାଙ୍କ ପରିବାରକୁ ପ୍ରଦାନ କରିଛନ୍ତି। ଏହାସହ ଜିଲା ରେଡକ୍ରସ ପକ୍ଷରୁ ୨୫ହଜାର ଟଙ୍କା ଉପଜିଲାପାଳ ଡ. ମଧୁସ୍ମିତା ସାମନ୍ତରାୟ ମୃତା ଛାତ୍ରୀଙ୍କ ପରିବାରକୁ ଦେଇଛନ୍ତି।

ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ପଳାସିଆ ଗ୍ରାମରେ ଅପରାହ୍ନରେ ଏମ୍‌ପି ଓ ଜିଲା ପ୍ରଶାସନ ମୃତା ଛାତ୍ରୀଙ୍କ ଘରେ ପହଞ୍ଚି ସମବେଦନା ଜଣାଇବା ସହିତ ଏହି ସହାୟତା ରାଶି ମାତାପିତାଙ୍କୁ ପ୍ରଦାନ କରିଛନ୍ତି। ସହାୟତା ରାଶି ପ୍ରଦାନ ବେଳେ ଭୋଗରାଇ ତହସିଲଦାର ସୂର୍ଯ୍ୟକାନ୍ତ ନାୟକ, ନୀଳଗିରି ବିଧାୟକ ସନ୍ତୋଷ ଖଟୁଆ, ବଡ଼ସାହି ବିଧାୟକ ସନାତନ ବିଜୁଳି, ଉତ୍ତର ବାଲେଶ୍ୱର ଭାଜପା ସଭାପତି ପ୍ରଦୀପ ପଣ୍ଡା, ପୂର୍ବତନ ଭାଜପା ଜିଲାସଭାପତି ଉମାକାନ୍ତ ମହାପାତ୍ର, ଭୋଗରାଇ ଭାଜପା ନେତା ଆଶିଷ କୁମାର ପାତ୍ର, ସମିତି ସଦସ୍ୟ ରାଧାକାନ୍ତ ପ୍ରଧାନ ଓ ସରପଞ୍ଚ ଦିଲୀପ କୁମାର ଦତ୍ତ ପ୍ରମୁଖ ଉପସ୍ଥିତ ଥିଲେ।

# ସୌମ୍ୟାଶ୍ରୀଙ୍କ ଆତ୍ମାହୁତି ପୂର୍ବରୁ ଆଇସିସିକୁ ଗୁହାରି ଜଣାଇଥିଲେ ବାପା

**ବାଲେଶ୍ୱର, ୧୯।୭(ବାଞ୍ଛାନିଧି ଦେ)**

ବାଲେଶ୍ୱର ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଇଣ୍ଟିଗ୍ରେଟେଡ୍ ବିଏଡ୍ ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କୁ ଏଚ୍‌ଓଡି ସମୀର ସାହୁ ମାନସିକ ନିର୍ଯାତନା ଦେଉଥିବା ନେଇ ଗତ ୧ ତାରିଖରେ ତତ୍କାଳୀନ ଅଧ୍ୟକ୍ଷ ଦିଲୀପ ଘୋଷଙ୍କଠାରେ ଅଭିଯୋଗ ହୋଇଥିଲା। କଲେଜର ଆଭ୍ୟନ୍ତରୀଣ ଅଭିଯୋଗ କମିଟି(ଆଇସିସି) ଗଠନ କରାଯାଇ ତଦନ୍ତ ଦାୟିତ୍ୱ ଦିଆଯାଇଥିଲା। ୭ଦିନ ଭିତରେ ପଦକ୍ଷେପ ନିଆଯିବ ବୋଲି ଅଧ୍ୟକ୍ଷ ପ୍ରତିଶ୍ରୁତି ଦେଇଥିଲେ। ଏହି ଅବସରରେ ସୌମ୍ୟାଶ୍ରୀଙ୍କ ବାପା ଅଧ୍ୟକ୍ଷଙ୍କ ନିକଟରେ ପହଞ୍ଚିଥିଲେ। ଏ ଦିଗରେ ଦୃଷ୍ଟି ଦିଆ ନ ଗଲେ ଝିଅ କିଛି ବି କରିପାରେ ବୋଲି ଆଇସିସି ନିକଟରେ ଲିଖିତ ଅଭିଯୋଗରେ ଦର୍ଶାଇଥିଲେ।

କଲେଜରେ ଏତେ ଶିକ୍ଷକ ଥିଲା ବେଳେ ସମୀର ସାର୍‌ଙ୍କ ନାଁରେ ଅଭିଯୋଗ କାହିଁକି ବୋଲି ପ୍ରଶ୍ନ ଉଠାଇଥିଲେ। ଝିଅ ୨୦/୨୨ ଦିନ କଲେଜ ଯାଇ ନ ଥିବା କଥା ସମୀର ସାର୍‌ଙ୍କୁ ସେ ଜଣାଇଥଲେ। ଝିଅ ପାଠ ପଢ଼ୁନି କହିବାରୁ ପାଠ ମନସ୍କ କରାଇବାକୁ ସାର୍‌ଙ୍କୁ କହିଥିଲେ। ଝିଅକୁ ପଚାରିବାରୁ ୪ ମିନିଟ୍ ବିଳମ୍ବ ହେବାରୁ କ୍ଲାସ ବାହାରେ ଛିଡ଼ା କରିବା ସହ ସମୀର ସାର୍ ଅପମାନିତ କରି ବାହାର କରିଦେବା କଥା କହିଥିଲେ। ଝିଅର ସାଙ୍ଗମାନଙ୍କ ସହ କଥା ହୋଇ ମାନସିକ ଅବସାଦ କଥା ଜାଣିଥିଲି। କ୍ଲାସ୍‌ରେ ୬ ବର୍ଷ ରଖିବେ କହି ଅପମାନିତ କରିଥିଲେ ସାର୍। ଏଥିପାଇଁ କିଛି ପିଲା ଝିଅକୁ ଟାହି ଟାପରା କରୁଥବା ସାଙ୍ଗମାନେ ଜଣାଇଥିଲେ। ସାର୍‌ଙ୍କ ଅଶାଳୀନ ମନ୍ତବ୍ୟ ଓ ଅଶ୍ଳୀଳ ଇଙ୍ଗିତ ସମ୍ପର୍କରେ ଝିଅ ତା’ ମାଆଙ୍କୁ କହିଥିଲା ବୋଲି ସୌମ୍ୟାଶ୍ରୀଙ୍କ ବାପା ଅଧ୍ୟକ୍ଷ ଓ ଆଇସିସି ନିକଟରେ ଜଣାଇଥିଲେ।



# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଆଲୋଚନାଚକ୍ର (କୃତିମ ବୁଦ୍ଧିମତା ଓ ତା'ର ପ୍ରଭାବ), ସ୍ଥାନ: ଉତ୍କଳମଣି ସଭାକକ୍ଷ, ଜୟଦେବ ବିହାର, ସମୟ: ପୂର୍ବାହ୍ନ ୧୧ଟା।
- ଅଖିଳ ଭାରତବର୍ଷୀୟ ଯାଦବ ମହାସଭା, ଓଡ଼ିଶା ୟୁନିଟ୍ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: କଳିଙ୍ଗ ଅଶୋକା ହୋଟେଲ, ସମୟ: ପୂର୍ବାହ୍ନ ୧୦ଟା
- ଅଭିକ୍ଷା ପକ୍ଷରୁ ଉତ୍କର୍ଷ ପ୍ରତିଯୋଗିତା, ସ୍ଥାନ: କସ୍ତୁରୀବା ନାରୀ ମହଲ, ସମୟ: ସକାଳ ୮ଟା
- ଶିଶୁପାଳଗଡ଼:ଏକ ପ୍ରାଚୀନ ନଗରୀ ସମ୍ପର୍କିତ ଆଲୋଚନାଚକ୍ର, ସ୍ଥାନ: ଓଡ଼ିଶା ରାଜ୍ୟ ସଂଗ୍ରହାଳୟ, ସମ୍ମିଳନୀ କକ୍ଷ, ସମୟ: ଅପରାହ୍ନ ୩ଟା

## କଟକ

- ଏଏସ୍ଆର୍ ଚେସ୍ ସେଣ୍ଟର ପକ୍ଷରୁ ଅନ୍ତର୍ଜାତୀୟ ଚେସ୍ ଦିବସ ଅବସରରେ ଚେସ୍ ଚାମ୍ପିୟନ୍‌ଶିପ୍, ସେରିମୋନିୟମ ମଣ୍ଡପ, ତ୍ରିଶୂଳିଆ, ସମୟ: ସକାଳ ୯ଟା ୩୦।
- ଶିକ୍ଷା ବିକାଶ ସମିତି ପକ୍ଷରୁ ପୂର୍ବ ଛାତ୍ର ସମ୍ମିଳନୀ, ସ୍ଥାନ: ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ତୁଳସୀପୁର, ସମୟ: ପୂର୍ବାହ୍ନ ୧୦ଟା।
- ଅଭିପ୍‌ସା ପକ୍ଷରୁ ଚିତ୍ରକଳା ସମ୍ମାନ ପ୍ରଦାନ, ସ୍ଥାନ: ଝାଞ୍ଜିରୀମଙ୍ଗଳା, ସମୟ: ପୂର୍ବାହ୍ନ ୧୦ଟା।
- ରୋଟାରୀ କ୍ଲବ ଅଫ୍ କଟକ ଇଷ୍ଟର ଅଧିଷ୍ଠାନ ଦିବସ ସମାରୋହ, ସ୍ଥାନ: ହୋଟେଲ ଅଶୋକା ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ଟା ୩୦।

## ବାଲେଶ୍ୱର

- ପ୍ରେସ୍-ଇମ୍ପ୍ରେସ ମିଡିଆ କ୍ଲବର ବାର୍ଷିକ ସମ୍ମିଳନୀ, ସ୍ଥାନ: ଭେନିୟା ପାରାଡାଇଜ୍, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୧ଟା।
- ସ୍ମୃତିଚାରଣ ସଭା, ସ୍ଥାନ: ମହାପାତ୍ର ଫାର୍ମ ହାଉସ୍, ରୂପସା, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୧ଟା।
- ସାମୂହିକ ଶ୍ରୀ ଗୁରୁ ଦକ୍ଷିଣା ଉତ୍ସବ , ସ୍ଥାନ: ଗାୟତ୍ରୀ ମଣ୍ଡପ, ଖଇରା, ସମୟ: ଅପରାହ୍ନ ୩ଟା।
- ଶ୍ରୀ ଗୁରୁ ଦକ୍ଷିଣା ଉତ୍ସବ, ସ୍ଥାନ: ସରସ୍ୱତୀ ଶିଶୁମନ୍ଦିର, ମାର୍କୋଣା, ସିମୁଳିଆ, ସମୟ: ଅପରାହ୍ନ ୩ଟା ୧୫।

## ମୟୂରଭଞ୍ଜ

- ଆଇନ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ଚିକିଟାମାଟିଆ ପଞ୍ଚାୟତ କାର୍ଯ୍ୟାଳୟ, ମୋରଡ଼ା, ସମୟ: ପୂର୍ବାହ୍ନ ୧୦ ଟା।

## ବ୍ରହ୍ମପୁର

- ଦକ୍ଷିଣ ଓଡ଼ିଶା ଥାଇରଡ ସିମ୍ପୋଜିୟମ ଉଦଘାଟନ, ସ୍ଥାନ: ଆଇଏମ୍‌ଏହଲ, ସମୟ: ସକାଳ ୯ଟା।
- ଭାରୋତ୍ତଳନ ପ୍ରତିଯୋଗିତା, ସ୍ଥାନ: ମହାତ୍ମାଗାନ୍ଧୀ ଷ୍ଟାଡିୟମ, ସମୟ: ପୂର୍ବାହ୍ନ ୧୦ଟା।

## ଢେଙ୍କାନାଳ

- ଇନରହ୍ୱିଲ କ୍ଲବର ଇନଷ୍ଟାଲେସନ ସେରେମୋନି
- ସ୍ଥାନ: ରୋଟାରୀ କ୍ଲବ ପରିସର
- ସମୟ: ସନ୍ଧ୍ୟା ୫ଟା

## ଜଗତ୍‌ସିଂହପୁର

- **ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପକ୍ଷରୁ ପ୍ରାଦେଶିକ ଓ କ୍ଷେତ୍ରୀୟ ଖୋ ଖୋ, ଭଲିବଲ୍ ପ୍ରତିଯୋଗିତା ଉଦ୍‌ଘାଟନୀ କାର୍ଯ୍ୟକ୍ରମ, ସ୍ଥାନ: ଗୋପବନ୍ଧୁ ଷ୍ଟାଡିୟମ, ନୂଆବଜାର, ପାରାଦୀପ, ସମୟ: ସକାଳ ୮ଟା।**

## କେନ୍ଦ୍ରାପଡ଼ା

- କେନ୍ଦ୍ରାପଡ଼ା ସାଇକେଲ କ୍ଲବ ପକ୍ଷରୁ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ପୁରୁଣା ବସ୍‌ଷ୍ଟାଣ୍ଡ, ସମୟ: ସକାଳ ୬ଟା।
- ରାଜ୍ୟସ୍ତରୀୟ ସାହାଣୀ କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟ, ସ୍ଥାନ: ମିନି ଷ୍ଟାଡିୟମ, ରାଜକନିକା, ସମୟ: ସକାଳ ୮ଟା।
- ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ, ସ୍ଥାନ: ଜାଗୁଲାଇପଡ଼ା, କେନ୍ଦ୍ରାପଡ଼ା, ସମୟ: ପୂର୍ବାହ୍ନ ୧୦ଟା।

## ଯାଜପୁର

- ଜିଲାସ୍ତରୀୟ ସନ୍ତରଣ ପ୍ରତିଯୋଗିତା, ସ୍ଥାନ: କୁସୁମା ପୋଖରୀ ନିକଟ ବିଜୁ ପଟ୍ଟନାୟକ ସନ୍ତରଣାଗାର, ସମୟ: ସକାଳ ୬ଟା।

## ରାୟଗଡ଼ା

- ପୁସ୍ତକ ଉନ୍ମୋଚନ ସମାରୋହ, ସ୍ଥାନ: ମହିଳା ମହାବିଦ୍ୟାଳୟ, ରାୟଗଡ଼ା, ସମୟ: ସକାଳ ୯ଟା ୩୦।
- ରାୟଗଡା ଟାଲେଣ୍ଟ ଆୱାର୍ଡ ସିଜନ-୨, ସ୍ଥାନ: ରାୟଗଡ଼ା ବିଜୁ ପଟ୍ଟନାୟକ ଅଡିଟୋରିୟମ୍, ସମୟ: ପୂର୍ବାହ୍ନ ୧୦ଟା।

## ନବରଙ୍ଗପୁର

- ପଞ୍ଚାୟତିରାଜ ମନ୍ତ୍ରୀଙ୍କ ଦ୍ୱାରା ବର୍ଣ୍ଣମାଳା ଉଦ୍ୟାନ ଉଦ୍‌ଘାଟନ, ସ୍ଥାନ: କୋଷଗୁମୁଡ଼ା ବ୍ଲକ ଫାର୍ଶାଗୁଡ଼ା, ସମୟ: ପୂର୍ବାହ୍ନ ୧୧ଟା।

## କୋରାପୁଟ

- ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ସ୍ଥାନ: ସତ୍ୟସାଇ ସେବା ସମିତି ପରିସର, ସେମିଳିଗୁଡ଼ା, ସମୟ: ସକାଳ ୯ଟା।
- ଓଡ଼ିଶା ଅମଲା ସଂଘ ଜିଲା ଶାଖାର ଖବରଦାତା ସମ୍ମିଳନୀ, ସ୍ଥାନ: ସଙ୍ଗମ କଲ୍ୟାଣ ମଣ୍ଡପ, ଜୟନଗର, ଜୟପୁର, ସମୟ: ଅପରାହ୍ନ ୧ଟା।

## ସମ୍ବଲପୁର

- ନିଃଶୁଳ୍କ ଯୋଗ ଶିବିର, ସ୍ଥାନ : ହୀରାକୁଦ କଲୋନୀସ୍ଥିତ ଯୋଗ କେନ୍ଦ୍ର, ସମୟ : ସକାଳ ୬ଟା।
- ଯୋଗ ଶିବର, ସ୍ଥାନ : ହାୱା ମଇଦାନ ସ୍ଥିତ ଗାନ୍ଧୀ ପାର୍କ, ସମୟ : ସକାଳ ୬ଟା।
- ନୃସିଂହ ଗୁରୁସ୍ମୃତି ସମିତି ପକ୍ଷରୁ ଆଲୋଚନାଚକ୍ର, ସ୍ଥାନ : ବୀରସୁରେନ୍ଦ୍ର ସାଏ ମାର୍ଗ ସ୍ଥିତ ଶିଳା ଟାୱାର ସମ୍ମିଳନୀ କକ୍ଷ, ସମୟ : ପୂର୍ବାହ୍ନ ୧୦ଟା।
- ରାଷ୍ଟ୍ର ନିର୍ମାଣରେ ଯୁବ ପ୍ରସ୍ତୁତି ପ୍ରଶିକ୍ଷଣ ଶିବିର, ସ୍ଥାନ : ସମ୍ବଲପୁର ପବ୍ଲିକ ଲାଇବ୍ରେରୀ ପ୍ରେକ୍ଷାଳୟ, ସମୟ : ସକାଳ ୯ଟା।
- ସିପିଏମର ବୈଠକ, ସ୍ଥାନ : ସାମ୍ବାଦିକ ଭବନ, ସମୟ : ପୂର୍ବାହ୍ନ ୧୦ଟା।
- ମାଗଣା ମଧୁମେହ ପରୀକ୍ଷା ଓ ଚିକିତ୍ସା ଶିବିର, ସ୍ଥାନ : ପର୍ଶୁରାମ ଆଶ୍ରମ, ସମୟ : ପୂର୍ବାହ୍ନ ୧୦ଟା।
- ପଶ୍ଚିମାଞ୍ଚଳ ଏକତା ମଞ୍ଚ ପକ୍ଷରୁ ସମ୍ବଲପୁରୀ ଦିନ ପ୍ରସ୍ତୁତି ବୈଠକ, ସ୍ଥାନ : ସମ୍ବଲପୁରୀ ଡେରା, ସମୟ : ପୂର୍ବାହ୍ନ ୧୦ଟା।
- ହୀରାଖଣ୍ଡ ସାମ୍ମୁଖ୍ୟ ଆୟୋଜିତ ହୀରାଖଣ୍ଡ ସମ୍ମାନ ସମାରୋହ, ସ୍ଥାନ : ଓଡ଼ିଶା ସାଂସ୍କୃତିକ ସମାଜ ଭବନ, ସମୟ : ସନ୍ଧ୍ୟା ୬ଟା।
- ସମ୍ବଲପୁରୀ ଏକତା ମଞ୍ଚ ପକ୍ଷରୁ ସମ୍ବଲପୁରୀ ଦିନ ପ୍ରସ୍ତୁତି ବୈଠକ, ସ୍ଥାନ : ସମ୍ବଲପୁର କଳା ପରିଷଦ, ସମୟ : ସନ୍ଧ୍ୟା ୭ଟା।

## ରାଉରକେଲା

- ବାଲ୍ କାଉଡିଆ ଯାତ୍ରା, ସ୍ଥାନ: ବ୍ରାହ୍ମଣୀ ନଦୀତଟ, ସମୟ: ସକାଳ ୬ଟା।
- ବୋଲବମ୍ ଯାତ୍ରା, ସ୍ଥାନ: ରାଉରକେଲା ରେଲୱେ ଷ୍ଟେଶନ, ସମୟ: ସକାଳ ୬ଟା।
- ବ୍ରହ୍ମକୁମାରୀ ପକ୍ଷରୁ ଆଧ୍ୟାତ୍ମିକ ସଭା, ସ୍ଥାନ: ଡାଇମଣ୍ଡ ଭବନ, ବାସନ୍ତୀ କଲୋନି, ସମୟ: ସକାଳ ୭ଟା।
- ସାଇ ସରଗମ ମ୍ୟୁଜିକାଲ ଟ୍ରଷ୍ଟ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ସେକ୍ଟର--୬, ଟେଲିଫୋନ ଭବନ, ସମୟ: ପୂର୍ବାହ୍ନ ୧୦ଟା।
- ଛାତ୍ରୀ କର୍ମଶାଳା, ସ୍ଥାନ: ୟୁ ନାଇନ୍ କ୍ଲବ, ସମୟ: ଅପରାହ୍ନ ୩ଟା।
- ୩୪ତମ ପତ୍ରପତ୍ରିକା ଦିବସ, ସ୍ଥାନ: ସେକ୍ଟର-୫ କଲଚରାଲ ଏକାଡେମୀ, ସମୟ: ଅପରାହ୍ନ ୫ଟା ୩୦।
- ମିରର୍ ଫାଉଣ୍ଡେଶନ ପକ୍ଷରୁ କାଉଡ଼ିଆଙ୍କୁ ପ୍ରସାଦ ବଣ୍ଟନ, ସ୍ଥାନ: ପାନପୋଷ ଛକ, ସମୟ: ଅପରାହ୍ନ ୫ଟା ୩୦।

## କଳାହାଣ୍ଡି

- ରାଜ୍ୟ ବ୍ୟାଡ୍‌ମିଣ୍ଟନ ର୍‍ୟାଙ୍କିଙ୍ଗ ପ୍ରତିଯୋଗିତା ଉଦ୍‌ଯାପନ, ସ୍ଥାନ: ଭବାନୀପାଟଣା ବିଜୁ ପଟ୍ଟନାୟକ ଷ୍ଟାଡିୟମ, ସମୟ: ଅପରାହ୍ନ ୪ଟା।
- ଜଙ୍ଗଲ ଓ ପରିବେଶ ମନ୍ତ୍ରୀଙ୍କ ଉପସ୍ଥିତିରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ, ସ୍ଥାନ: ଜୁନାଗଡ଼ ରେଞ୍ଜ କାନ୍ଧୁଲ ଡ଼ଙ୍ଗରି, ସମୟ: ସକାଳ ୯ଟା।

## ବୌଦ୍ଧ

- ସାହାଣୀ କପ ଆନ୍ତଃଜିଲା ଫୁଟବଲ ଟୁର୍ନାମେଣ୍ଟର ପଞ୍ଚମ ଦିନ, ସ୍ଥାନ:ଜିଲା ଷ୍ଟାଡିୟମ ବୌଦ୍ଧ, ସମୟ: ଅପରାହ୍ନ ୧ଟା ୩୦।

## ଦେବଗଡ଼

- ସତ୍ୟସାଇ ମନ୍ଦିର କମିଟି ପକ୍ଷରୁ ନଗର କୀର୍ତ୍ତନ ପରିକ୍ରମା, ସ୍ଥାନ: ଦେବଗଡ଼ ସହର, ସମୟ: ଭୋର୍ ୪ଟା।
- ବିଧାୟକଙ୍କ ଅଭିଯୋଗ ଶୁଣାଣି, ସ୍ଥାନ: ରିଆମାଳ ବ୍ଲକ କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା।
- ତ୍ରିନାଥ ମେଳା, ସ୍ଥାନ: ବାବୁ ସାହି, ଦେବଗଡ଼ ସହର, ସମୟ: ସନ୍ଧ୍ୟା ୬ଟା।
- ମା'କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତୀ, ସ୍ଥାନ: ମଠସାହି, ମା'କନକ ଦୁର୍ଗା ମନ୍ଦିର, ଦେବଗଡ, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର

- ପଶ୍ଚିମ ଓଡ଼ିଶା ଯାତ୍ରା ସୁରକ୍ଷା ମଞ୍ଚ କମିଟି ବୈଠକ, ସ୍ଥାନ: ରାଧିକା କଲ୍ୟାଣ ମଣ୍ଡପ, ବୀରମହାରାଜପୁର, ସମୟ: ଅପରାହ୍ନ ୨ଟା।
- ତରଭା ଅନ୍ତର୍ଗତ ତ୍ରିନାଥ ମନ୍ଦିରରେ ତ୍ରିନାଥ ମେଳା ଓ ପୁରାଣ ପଠନ କାର୍ଯ୍ୟକ୍ରମ, ସ୍ଥାନ: ମନ୍ଦିର ପରିସର, ସମୟ: ସନ୍ଧ୍ୟା ୬ଟା୩୦।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ତୃତୀୟାଧିପ ଚତୁର୍ଥକେନ୍ଦ୍ରସ୍ଥ ଯୋଗୁ ବନ୍ଧୁଙ୍କ ପରାମର୍ଶରେ ସ୍ଥଗିତ କାମଟିକୁ ହଠାତ୍ ଆରମ୍ଭ କରିବାକୁ ମନ ବଳାଇବେ। ଆଜି ବନ୍ଧୁମିଳନର ଆନନ୍ଦ ଅନୁଭବ କରିପାରିବେ। ଆକସ୍ମିକ ଭାବରେ ପଡ଼ୋଶୀ କିମ୍ବା ସହକର୍ମୀଙ୍କ ମନୋଭାବ ବଦଳିଯିବାରୁ ପରିସ୍ଥିତି ମଧ ବଦଳିଯିବ। ଯାତ୍ରା ସମୟରେ ଜିନିଷପତ୍ର ପ୍ରତି ସତର୍କ ରୁହନ୍ତୁ।

**ବୃଷ** ଧନଭାବରେ ବୃହସ୍ପତି ଥିବାରୁ ଆର୍ଥିକ ସମସ୍ୟା ଦୂରେଇବାରେ ବନ୍ଧୁ ସାହାଯ୍ୟ କରିବେ। ସଭାସମିତି, ସଂଗଠନ, ରାଜନୀତି, ପ୍ରଶାସନ ତଥା ଆଲୋଚନା କ୍ଷେତ୍ରରୁ ପ୍ରଶଂସିତ ହେବେ। ପାରିବାରିକ କ୍ଷେତ୍ରରେ ପାରସ୍ପରିକ ସଦ୍‌ଭାବ ବୃଦ୍ଧି ଲକ୍ଷ୍ୟକରି ଖୁସି ହେବେ। ସ୍ୱାସ୍ଥ୍ୟ ପ୍ରତି ଅବହେଳା କଲେ ଅନୁତାପ କରିବାକୁ ସମୟ ପାଇବେ ନାହିଁ।

**ମିଥୁନ** ରବି ଓ ବୁଧ ସଂଯୋଗରୁ ବନ୍ଧୁଙ୍କଠାରୁ ଉଧାର ଆଣିବାକୁ ମନସ୍ଥ କରିପାରନ୍ତି। ପଡ଼ୋଶୀ କେହି ପ୍ରତିବାଦର ସ୍ୱର ଉତ୍ତୋଳନ କରିପାରନ୍ତି। ସୁଯୋଗ ପାଇଲେ ମଧ ସଦ୍‌ବ୍ୟବହାର କରିବା କାଠିକର ପାଠ ହେବ। ଯାତ୍ରା, ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ସମସ୍ୟା ସୁଧୁରି ଯିବାରେ ସ୍ଥାନୀୟ ବ୍ୟକ୍ତି ସାହାଯ୍ୟ କରିପାରନ୍ତି।

**କର୍କଟ** ଆଜି ସହକର୍ମୀଙ୍କ କୂଟନୀତି ଓ ଆତ୍ମୀୟଙ୍କ ବେଖାତିର କଥା ସକାଶେ ଅନୁତାପ କରିପାରନ୍ତି। ବନ୍ଧୁଙ୍କ ଆଶ୍ୱାସନା କ୍ରମେ ଅର୍ଥ ସମ୍ପର୍କିତ ଅନୁଚିନ୍ତା ସାୟାହ୍ନେ ଦୂର ହେବ। ଚନ୍ଦ୍ର କର୍ମକ୍ଷେତ୍ରରେ ଥିବାରୁ ଦୀର୍ଘଦିନରୁ ଅଟକି ରହିଥିବା କର୍ମକ୍ଷେତ୍ରର ସ୍ଥିତି ଅନୁକୂଳ ହୋଇପାରେ। ପାରିବାରିକ ସ୍ତରରେ ସବୁକଥାକୁ ହାଲୁକା ଭାବେ ଗ୍ରହଣ କଲେ କ୍ଷତିରେ ପଡିବେ।

**ସିଂହ** ରାଶ୍ୟାଧିପ ଦ୍ୱାଦଶସ୍ଥ ହେତୁ ଅଧିକାଂଶ ସମୟ ବାହାରେ ରହିବା କାରଣରୁ ମନ ଭଲ ରହି ନ ପାରେ। କାମସବୁ ବିଳମ୍ବରେ ହେଉଥିବାରୁ ଉଦ୍‌ବେଗ ପ୍ରକାଶ କରିବେ। କାର୍ଯ୍ୟବ୍ୟସ୍ତତା ବୃଦ୍ଧି ପାଇବା ଯୋଗୁ ମଜା ମଉଜ କରିବାକୁ ଅବସର ପାଇବେ ନାହିଁ। ପରିସ୍ଥିତିବିଶତଃ ରଖିଥିବା ଅର୍ଥ ଭିନ୍ନ ବାଟରେ ଖର୍ଚ୍ଚ ହୋଇଯାଇପାରେ।

**କନ୍ୟା** ଏକାଦଶସ୍ଥ ରାଶ୍ୟାଧିପ ଯୋଗୁ ସାମାଜିକ ସ୍ତରରେ କିମ୍ବା କର୍ମକ୍ଷେତ୍ରରେ ଉଚିତ ପଦେକ୍ଷପ ନେଇ କୃତକାର୍ଯ୍ୟ ହେବେ। ସମ୍ପର୍କୀୟଙ୍କ ଭଲ କରିବାକୁ ଯାଇ କଷ୍ଟ ସ୍ୱୀକାର କରିବାକୁ ପଡ଼ିପାରେ। ଦ୍ରବ୍ୟ ନଷ୍ଟ କିମ୍ବା ଧନ ହାନିରୁ ଦୁଃଖ ପ୍ରକାଶ କରିପାରନ୍ତି। ସଙ୍ଗୀତ, କ୍ରୀଡ଼ା, ସାହିତ୍ୟ, ସାମ୍ବାଦିକତା କ୍ଷେତ୍ରରେ ବେଶ୍ ଆଦୃତ ହୋଇପାରନ୍ତି।

**ତୁଳା** ଦୁଃସ୍ଥାନସ୍ଥ ଶୁକ୍ର ଯୋଗୁ ବିଭିନ୍ନ ଦୁର୍ଭାବନା ବଢ଼ିଚାଲିବା ହେତୁ ମନ ଓ କାମ ଶୃଙ୍ଖଳିତ ରହିବ ନାହିଁ। ଅଭାବ ନ ଥିଲେ ମଧ ଆକସ୍ମିକ ଆବଶ୍ୟକତା ସକାଶେ ବନ୍ଧୁଙ୍କ ସାହାଯ୍ୟ ଲୋଡ଼ିପାରନ୍ତି। ଆଜିର ଫେରନ୍ତା ବାଟରୁ ଆପଣ କହିଥିବା ଜିନିଷଟି ଧରି ବନ୍ଧୁ ନିଶ୍ଚୟ ଆସିବେ। ବ୍ୟବସାୟରେ ଲାଭ ନ ହେଲେ ମଧ କ୍ଷତିର ସମ୍ଭାବନା ନାହିଁ କହିଲେ ଚଳେ।

**ବିଛା** କର୍ମାଧିପ ଭାଗ୍ୟଭାବରେ ରହିଥିବାରୁ ସମସ୍ୟା ରହିଥିଲେ ମଧ କାମ ଅଟକିବ ନାହିଁ। ଯେକୌଣସି ବିବାଦୀୟ ପରିସ୍ଥିତିର ସମାଧାନ ପାଇଁ ତତ୍ପର ହୋଇ ସଫଳତା ପାଇବେ। ପରିବାରରେ ସନ୍ଦେହ ଓ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢ଼ିପାରେ। ସମ୍ପର୍କୀୟମାନେ ଉପର ମନରେ ସ୍ନେହ, ଶ୍ରଦ୍ଧା ଦେଖାଇ ଭିତରେ ଚେର କାଟିପାରନ୍ତି।

**ଧନୁ** ଦେବଗୁରୁଙ୍କ ସୁପ୍ରଭାବରୁ ନୂତନ ଯୋଜନା ପାଇଁ ପରିବାରରୁ ପୂର୍ଣ୍ଣ ସହଯୋଗ ପାଇ କାମ ହାସଲ କରିବେ। ଶନିଙ୍କ କୁପ୍ରଭାବଜନିତ ପ୍ରଶାସନିକ ସ୍ତରରେ ଚାପର ସମ୍ମୁଖୀନ ହେବେ। ଭ୍ରମଣଜନିତ ସାମୟିକ ଅସୁସ୍ଥତା ଦେଖାଦେଇପାରେ। ବ୍ୟବସାୟିକ ସଫଳତା ସାଙ୍ଗକୁ ସାମାଜିକ ସ୍ତରରେ ଲୋକପ୍ରିୟତା ବୃଦ୍ଧି ମନକୁ ଖୁସି କରାଇପାରେ।

**ମକର** ଚତୁର୍ଥକେନ୍ଦ୍ରସ୍ଥ ଚନ୍ଦ୍ର ଟେନ୍ସନକୁ ଲାଘବ କରିଦେବାରୁ ଆଶ୍ୱସ୍ତି ଅନୁଭବ କରିବେ। ଅନ୍ୟମାନଙ୍କ ସହମତିରେ କାମକରିବା ଫଳରେ କର୍ମକ୍ଷେତ୍ରରେ ସମ୍ମାନ ଲାଭ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବ। ଯାତ୍ରା ସମୟରେ ଯାନ୍ତ୍ରିକ ତ୍ରୁଟି ସମସ୍ୟାକୁ ବଢ଼ାଇଦେବାର ଆଶଙ୍କା ରହିଛି। ଭୁଲ୍ ବୁଝାମଣା ଓ ବୃଥା ସନ୍ଦେହଜନିତ ପାରିବାରିକ କ୍ଷେତ୍ର ଅସନ୍ତୁଳିତ ରହିପାରେ।

**କୁମ୍ଭ** ଆଜି ସତର୍କତାର ଅଭାବ ଯୋଗୁ ଅର୍ଥ କିମ୍ବା ଦରକାରୀ କାଗଜପତ୍ର ହଜାଇଦେଇପାରନ୍ତି। ବନ୍ଧୁଙ୍କ ସହମତି ସ୍ଥଗିତ ଯୋଜନାକୁ ତ୍ୱରାନ୍ୱିତ କରିବାରେ ସାହାଯ୍ୟ କରିବ। ସ୍ଥଗିତ କାର୍ଯ୍ୟ କିମ୍ବା ଆବଶ୍ୟକ ସାହାଯ୍ୟ, ସହଯୋଗ ପ୍ରତିବେଶୀଙ୍କ ନିକଟରୁ ପାଇବା ସମ୍ଭାବନା ରହିଛି। ସଭାସମିତି, ରାଜନୀତି, ବ୍ୟବସାୟ ପାଇଁ ଦିନଟି ବହୁତ ଭଲ।

**ମୀନ** କର୍ମକ୍ଷେତ୍ରରେ ଅବହେଳାଜନିତ ଅଟକିଥିବା କାର୍ଯ୍ୟ ସକାଶେ ଅନୁତାପ କରିପାରନ୍ତି। ବନ୍ଧୁଙ୍କ ସାହାଯ୍ୟରେ ପାରିବାରିକ ବ୍ୟତିକ୍ରମକୁ ସୁଧାରିବାର ପ୍ରଯତ୍ନ କରିବେ। ସାମାଜିକ କ୍ଷେତ୍ର, ବ୍ୟବସାୟିକ ସ୍ଥିତି, ଗବେଷଣା, ଆଲୋଚନା, ରାଜନୀତି ଓ ସାହିତ୍ୟରୁ ପ୍ରଶଂସିତ ହେବେ। ପରିବାରରେ ବିବାଦୀୟ ସ୍ଥିତି ଉପୁଜିଥିବାରୁ ଭାବାନ୍ତର ରହିବେ।

ଆଜି ଜୁଲାଇ ୨୦ ତାରିଖ, ଶ୍ରାବଣ କୃଷ୍ଣ ଦଶମୀ ଯୁକ୍ତ ଏକାଦଶୀ ରବିବାର। ରାଶିନକ୍ଷତ୍ର-କୃତ୍ତିକା/ବୃଷ, ଦଶମୀର ଏକୋଦ୍ଦିଷ୍ଟ ଏବଂ ଏକାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ସକାଳ ଘ.୦୫.୨୧ ଗତେ ଘ.୦୯.୪୨ ମଧ୍ୟେ, ଘ.୦୧.୩୦ ଗତେ ଘ.୦୨.୦୩ ମଧ୍ୟେ ଶୁଦ୍ଧ ଶୁଭ ବେଳା। ଅପରାହ୍ନ ଘ.୦୪.୪୬ ଗତେ ଘ.୦୬.୨୪ ମଧ୍ୟେ ରାହୁ କାଳ।

# ରାଜ୍ୟରେ ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା ପରିସ୍ଥିତି ସ୍ପଷ୍ଟ ହୋଇଛି: ବିଜେଡି

ଭୁବନେଶ୍ୱର,୧୯।୭(ସୁନିତ୍ ମିଶ୍ର): ବାଲେଶ୍ୱର ଛାତ୍ରୀ ଆତ୍ମାହୁତି ଘଟଣାକୁ ଏକ ସପ୍ତାହ ନ ପୂରୁଣୁ ଶନିବାର ବଳଙ୍ଗାଠାରେ ଜଣେ ନାବାଳିକାକୁ ୩ ଜଣ ଦୁର୍ବୃତ୍ତ କିରୋସିନି ଢାଳି ଜିଅନ୍ତା ଜାଳି ଦେବାକୁ ଉଦ୍ୟମ କରିଛନ୍ତି। ଏହି ଘଟଣା ରାଜ୍ୟର ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା ପରିସ୍ଥିତି ଓ ମହିଳା ଅସୁରକ୍ଷିତ ହୋଇ ପଡ଼ିଥିବା ସ୍ପଷ୍ଟ ହେଉଛି ବୋଲି ବିଜେଡି ପକ୍ଷରୁ କୁହାଯାଇଛି। ଶଙ୍ଖ ଭବନ ଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ବିଜେଡି ବରିଷ୍ଠ ନେତ୍ରୀ ଟୁକୁନି ସାହୁ କହିଛନ୍ତି, ରାଜଧାନୀ ଠାରୁ ମାତ୍ର ୫୦ କିମି ଦୂର ଓ ବଳଙ୍ଗା ଥାନା ଠାରୁ ମାତ୍ର ୧ କିମି ଦୂରରେ ସ୍ପଷ୍ଟ ଦିବାଲୋକରେ ଜଣେ ନାବାଳିକାକୁ ରାସ୍ତାରୁ ଉଠାଇ ନେଇ ୩ ଜଣ ଦୁର୍ବୃତ୍ତ କିରୋସିନି ଢାଳି ନିଆଁ ଲଗାଇ ମାରିଦେବାକୁ ଉଦ୍ୟମ କରିଛନ୍ତି। ଗତ ଶନିବାର ବାଲେଶ୍ୱର ଏଫଏମ କଲେଜରେ ଛାତ୍ରୀ ଆତ୍ମାହୁତି ଘଟଣା ଲୋକଲୋଚନକୁ ଆସିଥିବା ବେଳେ ଶନିବାରରେ ବଳାଙ୍ଗା ଠାରେ ସ୍ପଷ୍ଟ ଦିବାଲୋକରେ ଜଣେ ନାବାଳିକାଙ୍କୁ ଜିଅନ୍ତା ଜାଳି ହତ୍ୟା ଉଦ୍ୟମ କରାଯାଇଛି। ଏହା ରାଜ୍ୟର ଆଇନଶୃଙ୍ଖଳା ବିପର୍ଯ୍ୟସ୍ତର ସଦ୍ୟତମ ନମୁନା। ରାଜ୍ୟରେ ମହିଳାମାନଙ୍କୁ ସୁରକ୍ଷା ପ୍ରଦାନରେ ରାଜ୍ୟ ସରକାର ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି। ଡବଲ ଇଞ୍ଜିନ ସରକାର ଡବଲ ବିକାଶ ସହିତ ଡବଲ ମା ମାନଙ୍କୁ ସୁରକ୍ଷା ଓ ସମ୍ମାନ ପ୍ରଦାନ କରିବେ ବୋଲି କହିଥିଲେ। କିନ୍ତୁ ରାଜ୍ୟରେ ମହିଳା ସୁରକ୍ଷା ଏବେ ବିପଦରେ ପଡିଛି ବୋଲି ସେ କହିଛନ୍ତି।

# ଦଶମ ଶ୍ରେଣୀ ଛାତ୍ରୀ ଗର୍ଭବତୀ, ଥାନାରେ ଏତଲା

**ତୁମୁଡିବନ୍ଧ,୧୯।୭ (ଦୀପକ କୁମାର ପରାସେଠ)** କନ୍ଧମାଳ ଜିଲା ତୁମୁଡ଼ିବନ୍ଧ ବ୍ଲକ ଅଞ୍ଚଳରେ ଥିବା ଏକ ସରକାରୀ ଆବାସିକ ବାଳିକା ଉଚ୍ଚ ବିଦ୍ୟାଳୟରେ ରହି ଅଧ୍ୟୟନ କରୁଥିବା ଜଣେ ଦଶମ ଶ୍ରେଣୀ ଛାତ୍ରୀ ଗର୍ଭବତୀ ହୋଇଥିବା ଜଣାପଡ଼ିଛି। ହଷ୍ଟେଲରେ ପ୍ରଦାନ କରାଯାଉଥିବା ମାସିକ ସାନିଟାରୀ ପ୍ୟାଡ୍ ଛାତ୍ରୀ ଜଣକ ନ ନେବାରୁ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ମନରେ ସନ୍ଦେହ ପ୍ରକାଶ ପାଇଥିଲା। ଫଳରେ ଛାତ୍ରୀଙ୍କ ଡାକ୍ତରୀ ପରୀକ୍ଷା କରାଯାଇଥିଲା। ଡାକ୍ତରୀ ରିପୋର୍ଟରେ ସମ୍ପୃକ୍ତା ଛାତ୍ରୀ ଗର୍ଭବତୀ ଥିବା ସ୍ପଷ୍ଟ ହେବାରୁ ପରିବାର ଲୋକଙ୍କ ଉପସ୍ଥିତିରେ ବିଦ୍ୟାଳୟ କର୍ତ୍ତୃପକ୍ଷ ଶନିବାର ତୁମୁଡିବନ୍ଧ ଥାନାରେ ଏତଲା ଦେଇଛନ୍ତି।

ପ୍ରକାଶ ଯେ, ସମ୍ପୃକ୍ତା ଛାତ୍ରୀ ଗ୍ରୀଷ୍ମ ଅବକାଶ ପରେ ଗତ ଜୁନ ୨୫ରେ ବିଦ୍ୟାଳୟକୁ ପଢ଼ିବାକୁ ଆସିଥିଲେ। ହଷ୍ଟେଲରେ କିଛିଦିନ ରହିବା ପରେ ସେ ଅସୁସ୍ଥ ଥିବା ଭଳି ଜଣାପଡ଼ିଥିଲେ। ହଷ୍ଟେଲରେ ପ୍ରଦାନ କରାଯାଉଥିବା ମାସିକ ସାନିଟାରୀ ପ୍ୟାଡ୍ ଅନ୍ୟ ଛାତ୍ରୀମାନେ ନେଇଥିବା ବେଳେ ସମ୍ପୃକ୍ତା ଛାତ୍ରୀ ତାହା ନେଇ ନ ଥିଲେ। ଫଳରେ ସେ ସନ୍ଦେହ ପରିସରକୁ ଆସିଥିଲେ। ଏ ନେଇ ହଷ୍ଟେଲ ମାଟ୍ରନ ଓ ଏଏନ୍‌ଏମ୍ ଶୁକ୍ରବାର ପ୍ରଧାନ ଶିକ୍ଷକଙ୍କୁ ଜଣାଇଥିଲେ। ପ୍ରଧାନ ଶିକ୍ଷକ ତୁରନ୍ତ ଛାତ୍ରୀଙ୍କ ପରିବାର ଲୋକଙ୍କୁ ଖବର ଦେଇଥିଲେ। ପରିବାର ଲୋକେ ପହଞ୍ଚିବା ପରେ ବିଦ୍ୟାଳୟ କର୍ତ୍ତୃପକ୍ଷ ଓ ପରିବାର ଲୋକେ ଛାତ୍ରୀଙ୍କୁ ଡାକ୍ତରୀ ପରୀକ୍ଷା ପାଇଁ ବାଲିଗୁଡ଼ା ଉପଖଣ୍ଡ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଆବଶ୍ୟକ ପରୀକ୍ଷା ପରେ ଛାତ୍ରୀ ଜଣକ ଗର୍ଭବତୀ ଥିବା ସ୍ପଷ୍ଟ ହୋଇଥିଲା। ଏହାପରେ ବିଦ୍ୟାଳୟ କର୍ତ୍ତୃପକ୍ଷ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ନଂ. ୮୫/୨୫ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିବା ଭାରପ୍ରାପ୍ତ ଥାନା ଅଧିକାରୀ ଆଶୁତୋଷ ଜେନା କହିଛନ୍ତି। ତେବେ ଗ୍ରୀଷ୍ମ ଅବକାଶରେ ଛାତ୍ରୀ ଜଣକ ଗାଁକୁ ଯାଇଥିବା ବେଳେ ସେ ଭଲ ପାଉଥିବା ଯୁବକଙ୍କ ସହ ଶାରୀରିକ ସମ୍ପର୍କ ରଖି ଗର୍ଭବତୀ ହୋଇଥିବା ପଚରାଉଚରା ବେଳେ ଛାତ୍ରୀଜଣକ ସ୍ୱୀକାର କରିଥିବା ପୋଲିସ କହିଛି। ଏ ସମ୍ପର୍କରେ ପ୍ରଧାନ ଶିକ୍ଷକ କହିଛନ୍ତି, ଛାତ୍ରୀଙ୍କ ସମ୍ପର୍କରେ ମାଟ୍ରନ ଓ ଏଏନ୍‌ଏମ୍ ଜଣାଇବା ପରେ ଛାତ୍ରୀଙ୍କ ପରିବାର ଲୋକଙ୍କୁ ଖବର ପଠାଇଥିଲୁ। ସେମାନଙ୍କ ଉପସ୍ଥିତିରେ ଥାନାରେ ଅଭିଯୋଗ କରାଯାଇଛି। ମାଟ୍ରନ ଓ ଏଏନ୍‌ଏମ୍‌ଙ୍କ ରିପୋର୍ଟକୁ ଭିତ୍ତିକରି ଉପରିସ୍ଥ ଅଧିକାରୀଙ୍କୁ ବିଦ୍ୟାଳୟ ପକ୍ଷରୁ ଅବଗତ କରାଯାଇଛି ବୋଲି ପ୍ରଧାନଶିକ୍ଷକ ପ୍ରକାଶ କରିଛନ୍ତି।

## ଛଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଶଙ୍ଖ ଚିଲ ଭାଇ ନମସ୍କାର**
**ମାଟିଆ ଚିଲକୁ ଗୋଇଠା ମାର୍।**

ନିର୍ମଳ ସ୍ୱଚ୍ଛ ବ୍ୟକ୍ତି ହିଁ ଚିର ନମସ୍ୟ ହେବା ସହ ସମସ୍ତଙ୍କ ପ୍ରିୟର ପାତ୍ର ହୋଇଥାନ୍ତି। ତେବେ ମନ୍ଦ ସ୍ୱଭାବ ବ୍ୟକ୍ତିଙ୍କୁ ଆମ ସମାଜରେ ତିରସ୍କାର ମିଳୁଥିବାବେଳେ ସେମାନେ ଦଣ୍ଡ ପାଇବାକୁ ଯୋଗ୍ୟ ଅଟନ୍ତି ବୋଲି ଏଠାରେ ପ୍ରକାଶ କରାଯାଇଛି।

**ଶ୍ରୋତା ବକତା କେହି ନାହିଁ**
**ରୋଦନ କରୁ କାହିଁ ପାଇଁ।**

ନିଜ ଦୁଃଖରେ ସମବେଦନା ଜଣାଇବା ଲାଗି ପାଖରେ କେହି ଉପସ୍ଥିତ ନ ଥିଲେ ସେଠାରେ ଅଯଥା ରୋଦନ କରିବା ନେଇ କୌଣସି ଯଥାର୍ଥତା ରହି ନ ଥାଏ। ବୃଥା ବିଳାପ ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲି:



ଶନିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## ପ୍ରଥମ ପୃଷ୍ଠାରୁ...

### ବଳଙ୍ଗାରେ ଛାତ୍ରୀଙ୍କୁ ....

ବହି ଦେବାକୁ ବଡ଼ବାପାଙ୍କ ଘରକୁ ଯାଇଥିଲେ। ଏହି ସମୟରେ ୩ ଜଣ ଦୁର୍ବୃତ୍ତ ମୁହଁରେ କପଡ଼ା ବାନ୍ଧି ଆସି ଝିଅକୁ ଅପହରଣ କରି ତେରହଳ ନିକଟସ୍ଥ ଭାର୍ଗବୀ ନଦୀ ବନ୍ଧ ତଳକୁ ନେଇଯାଇଥିଲେ। ସେଠାରେ ନିଆଁ ଲଗାଇ ପୋଡ଼ି ମାରିଦେବାକୁ ତିନିଜଣ ଦୁର୍ବୃତ୍ତ କିରୋସିନ ଢାଳି ନିଆଁ ଲଗାଇ ଦେଇଥିଲେ। ଝିଅ ଦୁର୍ବୃତ୍ତଙ୍କ କବଳରୁ ଖସି ଆସି ତେରହଳ ଗାଁ ମୁଣ୍ଡରେ ଥିବା ଦୁଃଖିଶ୍ୟାମ ସେନାପତିଙ୍କ ଘରେ ପାଖରେ ପହଞ୍ଚି ଚିତ୍କାର କରି ରକ୍ଷା କର ବୋଲି କହିଥିଲେ। ଦୁଃଖିଶ୍ୟାମ ତତ୍‌କ୍ଷଣାତ ନାବାଳିକା ଝିଅର ଦେହରେ ନିଆଁ ଲାଗି ଥିବା ଦେଖି ତାଙ୍କୁ ଉଦ୍ଧାର କରି କରି ଆଉ ଏକ ଡ୍ରେସ୍ ପିନ୍ଧାଇବା ସହିତ ପାଣି ପିଇବାକୁ ଦେଇଥିଲେ। ଝିଅଠାରୁ ଘରର ଠିକଣା ବୁଝି ଖବର ଦେଇଥିଲେ। ଏହାପରେ କେତେକ ଲୋକ ସେଠାରେ ପହଞ୍ଚି ପୋଲିସକୁ ଖବର ଦେବା ସହ ଆମ୍ବୁଲାନ୍ସ ଡକାଇଥିଲେ। ପରେ ଝିଅକୁ ଚିକିତ୍ସା ପାଇଁ ୧୦୮ ଆମ୍ବୁଲାନ୍ସ ଦ୍ୱାରା ପ୍ରଥମେ ପିପିଲି ଡାକ୍ତରଖାନାକୁ ପଠାଇଥିଲେ ଅବସ୍ଥା ସଙ୍କଟାପନ୍ନ ହେବାରୁ ପୀଡିତାଙ୍କୁ ଭୁବନେଶ୍ୱରସ୍ଥିତ ଏମ୍ସ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ପରେ କେନ୍ଦ୍ରାଞ୍ଚଳ ଆଇଜି, ପୁରୀ ଏସ୍‌ପିଙ୍କ ସମେତ ଜିଲା ପ୍ରଶାସନିକ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚିଥିଲେ। ପରେ ବଳଙ୍ଗା ଥାନା ଅଧିକାରୀ ଦିବ୍ୟରଞ୍ଜନ ପଣ୍ଡାଙ୍କ ନେତୃତ୍ୱରେ ଏକ ସ୍ପେସାଲ ଟିମ୍ ଗଠନ କରାଯାଇ ଅଭିଯୁକ୍ତଙ୍କୁ ତୁରନ୍ତ ଧରାଯିବ ବୋଲି ଏସ୍‌ପି ମିଶ୍ର ପ୍ରକାଶ କରିଥିଲେ। ପରେ ବିଜେଡିର ବରିଷ୍ଠ ନେତା ଦିଲୀପ ନାୟକ ଓ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ପ୍ରତିନିଧି ତଥା ଭାଜପା ନେତା ଶ୍ୟାମସୁନ୍ଦର ନାୟକ ପହଞ୍ଚିଥିଲେ। ବିଜେଡି ନେତା ଦିଲୀପ କହିଥିଲେ ଯେ, ଯଦି ତୁରନ୍ତ ଏହି ଘଟଣାରେ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରାଯାଏ, ତେବେ ରାଜରାସ୍ତାକୁ ଓହ୍ଲାଇବା ସହିତ ରାସ୍ତା ଅବରୋଧ କରାଯିବ।

### ଛାତ୍ରୀଙ୍କ ସୁରକ୍ଷା ପାଇଁ ...

- **ଛାତ୍ରୀଙ୍କ ଦ୍ୱାରା ପରିଚାଳିତ ହେବ**
- **ଜଣେ ଛାତ୍ରୀ 'ଶକ୍ତିଶ୍ରୀ ସାଥୀ', ଜଣେ ଅଧାପିକା 'ଶକ୍ତିଶ୍ରୀ ସଂଯୋଜିକା'**
- **୫ ମହିଳାଙ୍କୁ 'ଶକ୍ତି ଅପା' ଭାବେ ବାଛିବେ ଜିଲାପାଳ**
- **ସବୁ କଲେଜରେ ଲାଗିବ ୨୪ ଘଣ୍ଟିଆ କ୍ୟାମେରା**

'ଶକ୍ତି ଅପା' ଭାବେ ଏଥିରେ କାର୍ଯ୍ୟ କରିବେ। ଶକ୍ତି ଅପାମାନେ ପ୍ରତି ୩ ମାସରେ ଥରେ ଶିକ୍ଷାନୁଷ୍ଠାନ ପରିଦର୍ଶନ କରି ଛାତ୍ରୀମାନଙ୍କ ପାଇଁ ମେଣ୍ଟର ଭଳି କାର୍ଯ୍ୟ କରିବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତି, ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟରେ ଅଧ୍ୟୟନରତ ଛାତ୍ରୀ, ଅଧାପିକା ଏବଂ ମହିଳା କର୍ମଚାରୀଙ୍କ ସୁରକ୍ଷା ଏବଂ ସଶକ୍ତୀକରଣ ଦିଗରେ 'ଶକ୍ତିଶ୍ରୀ ସଶକ୍ତୀକରଣ କେନ୍ଦ୍ର' କାର୍ଯ୍ୟ କରିବ। ଏହି କେନ୍ଦ୍ର '୬ ଦିନିଆ ପ୍ରଶିକ୍ଷଣ କାର୍ଯ୍ୟକ୍ରମ' ଆୟୋଜନ କରିବ। ଛାତ୍ରୀମାନଙ୍କୁ ବିଭିନ୍ନ ବ୍ୟାଚ୍‌ରେ ବିଭକ୍ତ କରାଯାଇ ପ୍ରଶିକ୍ଷଣ ଦିଆଯିବ। ଏହାସହ ଆଇନଗତ ଅଧିକାର ତଥା ମେଣ୍ଟାଲ ହେଲ୍‌ଥ ସମ୍ପର୍କରେ ମଧ ଛାତ୍ରୀଙ୍କୁ ଶିକ୍ଷା ଦିଆଯିବ। ଶକ୍ତିଶ୍ରୀ ଆପ୍ ନାମରେ ଏକ ନୂତନ ମୋବାଇଲ ଆପ୍ କାର୍ଯ୍ୟକାରୀ ହେବ। ଛାତ୍ରୀମାନଙ୍କ ସଚେତନତା ଓ ଅବଗତି ନିମନ୍ତେ ଶକ୍ତିଶ୍ରୀ ମୋବାଇଲ ଆପ୍ ମାଧ୍ୟମରେ କଲେଜରେ ଥିବା ଆଭ୍ୟନ୍ତରୀଣ ଅଭିଯୋଗ କମିଟି ଏହାର ନିୟମାବଳୀ ଏବଂ କାର୍ଯ୍ୟ ସମ୍ବନ୍ଧରେ ସମସ୍ତ ସୂଚନା ପ୍ରଦାନ କରିବ। ଏଥିସହ କମିଟିର ଅଧ୍ୟକ୍ଷ ଓ ସଦସ୍ୟମାନଙ୍କର ଫୋନ୍ ନମ୍ବର ମଧ ପ୍ରଦାନ କରାଯିବ। ଯଦି କୌଣସି ଛାତ୍ରୀ ପ୍ରତିକୂଳ ପରିସ୍ଥିତିର ସମ୍ମୁଖୀନ ହୁଅନ୍ତି, ତେବେ ସେ ନିଜର ପରିଚୟକୁ ଗୋପନୀୟ ରଖି ନିଜର ଅଭିଯୋଗକୁ ଟେକ୍ସଟ, ଅଡିଓ ବା ଭିଡିଓ ମେସେଜ ମାଧ୍ୟମରେ ଉକ୍ତ ଆପ୍ ଜରିଆରେ ପଞ୍ଜୀକୃତ କରିପାରିବେ। ଅଭିଯୋଗଟି ଆପ୍‌ରେ ପଞ୍ଜୀକୃତ ହୋଇସାରିବା ପରେ ଏହା ସିଧାସଳଖ ଉକ୍ତ ଛାତ୍ରୀ ପଢୁଥିବା ଶିକ୍ଷାନୁଷ୍ଠାନର ଇଣ୍ଟରନାଲ କମିଟିର ଅଧ୍ୟକ୍ଷଙ୍କ ନିକଟରେ ପହଞ୍ଚିବ। ଛାତ୍ରୀମାନେ ଯଦି ଷ୍ଟ୍ରେସ୍, ଆଙ୍ଗଜାଇଟି ଆଦି ସମସ୍ୟାର ସମ୍ମୁଖୀନ ହୁଅନ୍ତି, ତେବେ ଶକ୍ତିଶ୍ରୀ ମୋବାଇଲ ଆପ୍ ମାଧ୍ୟମରେ ସେମାନେ ମାନସିକ ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ସହ ସିଧାସଳଖ କଥା ହୋଇ ଉପଯୁକ୍ତ ପରାମର୍ଶ ନେଇପାରିବେ। ଜରୁରୀ ସ୍ଥିତିରେ ଶକ୍ତିଶ୍ରୀ ମୋବାଇଲ ଆପ୍‌ରେ ରହିଥିବା ଏସ୍‌ଓଏସ୍ ବଟନକୁ ବ୍ୟବହାରକରି ସେମାନେ ଶକ୍ତିଶ୍ରୀ ସାଥୀ ଏବଂ ସଂଯୋଜିକାଙ୍କ ସହ କଥା ହୋଇ ସାହାଯ୍ୟ ପାଇପାରିବେ। ଶକ୍ତିଶ୍ରୀ ମୋବାଇଲ ଆପ୍‌ରେ ବିଭିନ୍ନ ଜିଲାରେ ରହିଥିବା ଲୋକାଲ୍ କମିଟି ସମ୍ବନ୍ଧରେ ମଧ ସବିଶେଷ ବିବରଣୀ ଦିଆଯିବ। ଯଦି କୌଣସି ଛାତ୍ରୀ ହୃଦୟଙ୍ଗମ କରନ୍ତି ଯେ ତାଙ୍କ ଅଭିଯୋଗ ସମ୍ପୃକ୍ତ କଲେଜର ଆଭ୍ୟନ୍ତରୀଣ ଅଭିଯୋଗ କମିଟି ଦ୍ୱାରା ସମାଧାନ ହେଉନାହିଁ, ତେବେ ସେ ନିଜର ଅଭିଯୋଗ ସମ୍ବନ୍ଧରେ ଲୋକାଲ୍ କମିଟିକୁ ଅବଗତ କରାଇପାରିବେ। ଏହି ସଂକ୍ରାନ୍ତୀୟ ଏକ ଏସ୍‌ଓପି ଖୁବ୍‌ଶୀଘ୍ର ଉଚ୍ଚ ଶିକ୍ଷା ବିଭାଗ ଦ୍ୱାରା ଜାରି କରାଯିବ। ସେହିପରି ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟରେ କାର୍ଯ୍ୟରତ ଶିକ୍ଷକ ଏବଂ ଅଣଶିକ୍ଷକ କର୍ମଚାରୀମାନଙ୍କ ପାଇଁ ସ୍ୱତନ୍ତ୍ର କୋଡ୍ ଅଫ୍ କଣ୍ଡକ୍ଟ ଲାଗୁ ହେବ। ଲିଙ୍ଗଗତ ସମାନତା ସମ୍ବନ୍ଧରେ ସଚେତନତା ସୃଷ୍ଟି କରିବା ଏବଂ ମହିଳା ସଶକ୍ତୀକରଣକୁ ପ୍ରୋତ୍ସାହିତ କରିବା ନିମନ୍ତେ ଶକ୍ତିଶ୍ରୀ ଆହ୍ୱାନ ଫର୍ ଫିମେଲ ଏମ୍‌ପାୱାରମେଣ୍ଟ ବା ଏସ୍‌ଏଏଫ୍‌ଇ ନାମକ ଏକ କ୍ୟାମ୍ପେନ୍‌ର ଆୟୋଜନ କରାଯିବ। କ୍ୟାମ୍ପସ ସୁରକ୍ଷାକୁ ନେଇ ପ୍ରତ୍ୟେକ କଲେଜ ନିଜର ଏକ ବାର୍ଷିକ ରିପୋର୍ଟ ପ୍ରତିବର୍ଷ ଡିସେମ୍ବର ୩୧ ସୁଦ୍ଧା ପ୍ରଦାନ କରିବେ। ରାଜ୍ୟର ସମସ୍ତ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟରେ ସିସିଟିଭି କ୍ୟାମେରା ଲଗାଯିବ, ଯଦ୍ୱାରା କଲେଜ କ୍ୟାମ୍ପସକୁ ୨୪ ଘଣ୍ଟା ମନିଟରିଂ କରାଯାଇପାରିବ। କାର୍ଯ୍ୟସ୍ଥଳରେ ମହିଳାଙ୍କ ଯୌନ ଉତ୍ପୀଡନ ଅଧିନିୟମ, ୨୦୧୩ ଏବଂ ଏହି ସମ୍ବନ୍ଧରେ ୟୁଜିସି ପକ୍ଷରୁ ଜାରି ହୋଇଥିବା ନିର୍ଦ୍ଦେଶାବଳୀ ସମ୍ବନ୍ଧରେ ଅନ୍‌ଲାଇନ କୋର୍ସ ପ୍ରଦାନ କରାଯିବ। ସେହିପରି ରାଜ୍ୟର ସମସ୍ତ ଶକ୍ତିଶ୍ରୀ ସାଥୀ, ଶକ୍ତିଶ୍ରୀ ସଂଯୋଜିକା ଓ ଶକ୍ତି ଅପାମାନଙ୍କ ପାଇଁ ବାର୍ଷିକ ଏକଦିବସୀୟ କର୍ମଶାଳା 'ଶକ୍ତି ସ୍ୱରୂପିଣୀ'ର ଆୟୋଜନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

# ସ୍ୱାସ୍ଥ୍ୟାବସ୍ଥା ଗୁରୁତର, ଚିକିତ୍ସାରେ ୧୪ଜଣିଆ ଡାକ୍ତରୀ ଟିମ୍

ଭୁବନେଶ୍ୱର, ୧୯।୭ (ବନ୍ଦନା ସେଠୀ)

## ବର୍ନ ୱାର୍ଡ ସମ୍ମୁଖରୁ ଗହଳି ଏଡ଼ାଇବାକୁ ନୋଟିସ

ଦୁର୍ବୃତ୍ତମାନେ କିରୋସିନ ଢାଳି ନିଆଁ ଲଗାଇ ଦେଇଥିବା ପୁରୀ ଜିଲା ବଳଙ୍ଗା ଅଞ୍ଚଳର ନାବାଳିକା ଏବେ ଭୁବନେଶ୍ୱରସ୍ଥିତ ଏମ୍ସରେ ଚିକିତ୍ସିତ ହେଉଛନ୍ତି। ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ରହିଛି। ଶରୀରର ପ୍ରାୟ ୭୦ରୁ ୭୫ ପ୍ରତିଶତ ପୋଡ଼ି ଯାଇଥିବା ଏମ୍ସର ନିର୍ଦ୍ଦେଶକ ଡା. ଆଶୁତୋଷ ବିଶ୍ୱାସ ସୂଚନା ଦେଇଛନ୍ତି। ସେ ଆଇସିୟୁରେ ରହି ଚିକିତ୍ସିତ ହେଉଛନ୍ତି ଓ କଥାବାର୍ତ୍ତା କରୁଛନ୍ତି। କିନ୍ତୁ ତାଙ୍କ ମାନସିକ ଅବସ୍ଥା ଭଲନାହିଁ। ତେଣୁ ତାଙ୍କର ଗୁରୁତ୍ୱପୂର୍ଣ୍ଣ ଚିକିତ୍ସା ଦରକାର ରହିଛି। ତେବେ ଆଗାମୀ ୪୮ରୁ ୭୨ ଘଣ୍ଟା ଗୁରୁତ୍ୱପୂର୍ଣ୍ଣ ରହିଥିବା ଡା. ବିଶ୍ୱାସ କହିଛନ୍ତି। ଡାକ୍ତର ସଞ୍ଜୟ ଗିରିଙ୍କ ନେତୃତ୍ୱରେ ୧୪ ଜଣିଆ ଡାକ୍ତରୀ ଟିମ୍ ତାଙ୍କ ଚିକିତ୍ସା କରୁଛି। ଏହି ଟିମ୍‌ରେ ପ୍ରଫେସର ଅନୁପମ ଦେ, ପ୍ରଫେସର ମନୋଜ ପାଣିଗ୍ରାହୀ, ଡ. ଦେବାଶିଷ ଆଚାର୍ଯ୍ୟ, ଡ. ଆଲୋକ ସାହୁ, ଡ. ରିତେଶ ପଣ୍ଡା, ଡ. ସିନ୍ଧୁ ସୁଧା ସାହୁ, ଡ. ସୁବର୍ଣ୍ଣ ମିତ୍ର, ଡ. ପ୍ରୀତି ମୀନା, ଡ. ତରୁଣ କୁମାର ପାତ୍ର, ଡ. ଶ୍ୟାମସୁନ୍ଦର ବେହେରା, ଡ. ଦେବଶ୍ରୀ ଦାସ, ଡ. ମହାଲିଙ୍ଗମ ଓ ପ୍ରିୟଦର୍ଶିନୀ ସାହୁ ରହିଥିବା ସୂଚନା ଦିଆଯାଇଛି।

ଅନ୍ୟପକ୍ଷରେ ପୀଡ଼ିତାଙ୍କ ଚିକିତ୍ସା ଯେପରି ପ୍ରଭାବିତ ନ ହେବ ଓ ସଂକ୍ରମଣ ନ ହେବ ସେଥିପାଇଁ ଏମ୍ସ କର୍ତ୍ତୃପକ୍ଷ ବର୍ନ ୱାର୍ଡ ବାହାରେ ନୋଟିସ ଲଗାଇବା ସହ ଗହଳି ଓ ଉଚ୍ଚ ଶବ୍ଦ ଏଡ଼ାଇବାକୁ ପଦକ୍ଷେପ ଗ୍ରହଣ କରିଛନ୍ତି। ବ୍ୟାରିକେଡ୍ ଲଗାଯିବା ସହ ପୋଲିସ ମୁତୟନ କରାଯାଇ ଅବାଧ ପ୍ରବେଶ ଉପରେ କଟକଣା ଲଗାଯାଇଛି। ହସ୍ପିଟାଲ ପ୍ରବେଶ ସ୍ଥାନରୁ ଦୂରରେ ରହିବାକୁ ଏବଂ ହସ୍ପିଟାଲ ଲବି ଭିତରେ ଏକାଠି ନ ହେବାକୁ ଅନୁରୋଧ କରାଯାଉଛି। ଘଟଣାସ୍ଥଳ ସମ୍ବେଦନଶୀଳ ଥିବାରୁ ବ୍ୟାରିକେଡ ବାହାରକୁ ଏବେ ନେତା ଓ କର୍ମୀଙ୍କୁ କଢ଼ାଯିବା ପାଇଁ ଯୋଜନା କରାଯାଇଛି।

## ଏମ୍‌ସରେ ମାଜିଷ୍ଟ୍ରେଟଙ୍କ ସମ୍ମୁଖରେ ବୟାନ ରେକର୍ଡ

ଭୁବନେଶ୍ୱର, ୧୯।୭(ବନ୍ଦନା ସେଠୀ)

ପୁରୀ ଜିଲା ବଳଙ୍ଗାରେ ଶନିବାର ଦୁର୍ବୃତ୍ତଙ୍କ ଆକ୍ରମଣର ଶିକାର ହୋଇ ଏମ୍‌ସରେ ଚିକିତ୍ସାଧୀନ ନାବାଳିକା ଛାତ୍ରୀଙ୍କ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ବୟାନ ରେକର୍ଡ କରାଯାଇଛି। ସେପଟେ ପୀଡ଼ିତାଙ୍କ ମା' ବଳଙ୍ଗା ଥାନାରେ ଲିଖିତ ଏତଲା ଦେଇଛନ୍ତି। ଏତଲା ଆଧାରରେ ପୋଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଧରିବାକୁ ବିଭିନ୍ନ ସ୍ଥାନରେ ଚଢ଼ାଉ କରିଛି।

ପୀଡ଼ିତାଙ୍କ ମା' କରିଥିବା ଅଭିଯୋଗ ଅନୁଯାୟୀ, ତାଙ୍କ ଝିଅକୁ ପୋଡ଼ିମାରି ଦେବାକୁ ଉଦ୍ୟମ କରାଯାଇଥିଲା। ଶନିବାର ସକାଳେ ଝିଅ ତା'ର ବଡ଼ବାପାଙ୍କ ଘରକୁ ବହି ଦେବାକୁ ଯାଉଥିବାବେଳେ ପୂର୍ବରୁ ଟାର୍ଗେଟ କରିଥିବା ୩ଜଣ ଦୁର୍ବୃତ୍ତମାନେ ତାଙ୍କୁ ଅପହରଣ କରି ଭାର୍ଗବୀ ନଦୀ ବନ୍ଧ ନିକଟକୁ ନେଇଯାଇଥିଲେ। ସେଠାରେ ଝିଅ ଉପରେ କିରୋସିନ ଢାଳି ନିଆଁ ଲଗାଇ ଦେଇଥିଲେ। ଝିଅ ଉପସ୍ଥିତ ବୁଦ୍ଧି ଲଗାଇ ଚିତ୍କାର କରିବା ସହ ସେମାନଙ୍କ ପାଖରୁ ଖସି ଆସିଥିଲେ। ସ୍ଥାନୀୟଲୋକେ ଉଦ୍ଧାର କରି ଝିଅକୁ ଚିକିତ୍ସା ପାଇଁ ପଠାଇଥିଲେ। ଯେଉଁ ୩ ଅଭିଯୁକ୍ତ ଅପହରଣ କରିଥିଲେ, ସେମାନଙ୍କୁ ତୁରନ୍ତ ଗିରଫ କରାଯାଇ ସେମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ପୀଡ଼ିତାଙ୍କ ମା' ଅଭିଯୋଗ କରିଛନ୍ତି।


କଂଗ୍ରେସର ଏକ ପ୍ରତିନିଧି ମଣ୍ଡଳୀ ଏମ୍ସ ପରିସରକୁ ଯାଇ ପୀଡ଼ିତାଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ବୁଝିଛନ୍ତି।



ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ସରକାରୀ ବାସଭବନ ନିକଟରେ ଯୁବ କଂଗ୍ରେସ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ।

# ପୀଡ଼ିତାଙ୍କୁ ଏୟାରଲିଫ୍ଟ କରି ଦିଲ୍ଲୀ ଏମ୍‌ସ ନେବାକୁ ସରକାର ପ୍ରସ୍ତୁତ: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୧୯।୭(ସୁନିତ୍ ମିଶ୍ର)

ପୁରୀ ଜିଲାର ବଳଙ୍ଗାଠାରେ ଏକ ଅଭାବନୀୟ ଘଟଣା ଘଟିଛି। ଜଣେ ନାବାଳିକାଙ୍କ ଦେହରେ କେତେଜଣ ଦୁର୍ବୃତ୍ତ ନିଆଁ ଲଗାଇ ଦେଇଛନ୍ତି। ଏ ଘଟଣାରେ ପୋଲିସ ଆମୂଳଚୂଳ ତଦନ୍ତ ଜାରି ରଖିଛି। ସମ୍ପୃକ୍ତ ପୀଡ଼ିତା ବର୍ତ୍ତମାନ ଭୁବନେଶ୍ୱର ଏମ୍ସରେ ଚିକିତ୍ସିତ ହେଉଛନ୍ତି। ପୀଡ଼ିତାଙ୍କ ଜୀବନ ରକ୍ଷା ପାଇଁ ସମସ୍ତ ପ୍ରକାର ଉଦ୍ୟମ ଜାରି ରହିଛି। ରାଜ୍ୟ ସରକାର ସମ୍ପୃକ୍ତ ପୀଡ଼ିତାଙ୍କୁ ଏୟାରଲିଫ୍ଟ କରି ଦିଲ୍ଲୀ ଏମ୍ସରେ ଚିକିତ୍ସା କରିବା ପାଇଁ ପ୍ରସ୍ତୁତ ଅଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ପୀଡ଼ିତାଙ୍କ ସ୍ୱାସ୍ଥ୍ୟ ସ୍ଥିତି ସମ୍ପର୍କରେ ରାଜ୍ୟ ସ୍ୱାସ୍ଥ୍ୟ ମନ୍ତ୍ରୀ, ସ୍ୱାସ୍ଥ୍ୟ ବିଭାଗ ଏବଂ ଏମ୍ସ କର୍ତ୍ତୃପକ୍ଷଙ୍କ ସହିତ ଯୋଗାଯୋଗରେ ଅଛନ୍ତି। ଯଦି ତାଙ୍କୁ ଏୟାରଲିଫ୍ଟ କରିବା ପାଇଁ ପରିସ୍ଥିତି ଅନୁକୂଳ ହୁଏ ଏବଂ ଏଥିପାଇଁ ଭୁବନେଶ୍ୱର ଏମ୍‌ସର ନିର୍ଦ୍ଦେଶକ ଅନୁମୋଦନ ଦିଅନ୍ତି, ତେବେ ରାଜ୍ୟ ସରକାରଙ୍କ ପକ୍ଷରୁ ତାଙ୍କୁ ଦିଲ୍ଲୀ ନେବା ପାଇଁ ସମସ୍ତ ବ୍ୟବସ୍ଥା କରାଯିବ। ଏହି ଘଟଣାରେ ଅପରାଧୀ ଯେଉଁଠାରେ ଥିଲେ ବି ନିଶ୍ଚିତ ଧରାପଡ଼ିବେ। ପୋଲିସ ଟିମ୍ ଅପରେଶନ ମୋଡ୍‌ରେ ଅଛନ୍ତି। ଆଇନ ଅନୁଯାୟୀ ଅପରାଧୀଙ୍କୁ କଠୋରରୁ କଠୋରତମ ଦଣ୍ଡ ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

# ଏହା ସରକାରଙ୍କ ଗୁରୁତର ବ୍ୟବସ୍ଥାଗତ ବିଫଳତା: ନବୀନ

ଭୁବନେଶ୍ୱର,୧୯।୭(ସୁନିତ୍ ମିଶ୍ର)



ବଳଙ୍ଗା ଅଞ୍ଚଳରେ ଜଣେ ନାବାଳିକାକୁ କେତେଜଣ ନିଆଁ ଲଗାଇବା ଘଟଣା ଗଭୀର ମର୍ମାହତ କରିଛି। ଦିନ ଦ୍ୱିପ୍ରହରରେ ଏଭଳି ହତ୍ୟା ଉଦ୍ୟମକୁ ତୀବ୍ର ବିରୋଧ କରୁଛୁ ବୋଲି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ କହିଛନ୍ତି। ନବୀନ ତାଙ୍କ ସାମାଜିକ ଗଣମାଧ୍ୟମ ଜରିଆରେ ପୋଷ୍ଟକରି କହିଛନ୍ତି, ଏଫ୍‌ଏମ୍ କଲେଜରେ ଛାତ୍ରୀ ମୃତ୍ୟୁବରଣ କରିବାର ସପ୍ତାହେ ଏବଂ ଗୋପାଳପୁରରେ ଜଣେ ଛାତ୍ରୀଙ୍କୁ ଗଣବଳାତ୍କାର କରାଯିବାର ମାସକ ଭିତରେ ଏଭଳି ଘଟଣା ଦେଖିବାକୁ ମିଳିଛି। ମହିଳାଙ୍କ ବିରୋଧରେ ଓଡ଼ିଶାରେ ଏଭଳି ଅବିଶ୍ୱସନୀୟ ଘଟଣା ଘଟିବା ଏକ ଦୈନିକ କାର୍ଯ୍ୟରେ ପରିଣତ ହେଲାଣି। ଏହା ସରକାରଙ୍କ ଏକ ଗୁରୁତର ବ୍ୟବସ୍ଥାଗତ ବିଫଳତା। ଏସବୁରୁ ଜଣାପଡୁଛି ଅପରାଧୀମାନେ ଏ ସରକାରଙ୍କ ଆଉ ଦଣ୍ଡବିଧାନକୁ ଭୟ କରୁନାହାନ୍ତି। ସରକାରଙ୍କ ନିଷ୍କ୍ରିୟତା ଏବଂ ରାଜନୈତିକ ପୃଷ୍ଠପୋଷକତା କାରଣରୁ ମହିଳାମାନେ ଓଡ଼ିଶାରେ କେତେମାତ୍ରାରେ ଅସୁରକ୍ଷିତ ହେଲେଣି ତାହା ସ୍ପଷ୍ଟ ବୁଝାପଡୁଛି। ସରକାର ତୁରନ୍ତ ସକ୍ରିୟ ହୋଇ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନିଅନ୍ତୁ, ଯେପରି ଅପରାଧୀମାନେ ଗିରଫ ହେବେ। ସରକାର ଯଦି ସଚେତନ ନ ହେବେ ଏଭଳି ଘଟଣା ଆହୁରି ବଢ଼ିବ ବୋଲି ନବୀନ କହିଛନ୍ତି।

# ଏନ୍‌ଏଚ୍‌ଆର୍‌ସିରେ ମାମଲା ରୁଜୁ

## ୫୦ ଲକ୍ଷ ଟଙ୍କା କ୍ଷତିପୂରଣ ଦାବି

ରଣପୁର/ଭୁବନେଶ୍ୱର,୧୯।୭ (ସୁକାନ୍ତ କିଶୋର ଡାକୁଆ/ ସତ୍ୟଜିତ ରାଉତ)

ବାଲେଶ୍ୱର ପରେ ପୁରୀ ଜିଲାରେ ଜଳିଯାଇଛନ୍ତି ଜଣେ ଛାତ୍ରୀ। ସପ୍ତାହ ଅନ୍ତରରେ ଶନିବାର ଦୁଇଟି ଯାକ ଘଟଣା ଘଟିଛି। ଗତ ୧୨ ତାରିଖରେ ଯୌନ ନିର୍ଯାତନା ପାଇଁ ବାଲେଶ୍ୱରରେ ଛାତ୍ରୀ ସୌମ୍ୟଶ୍ରୀ ବିଶି ଆତ୍ମାହୁତି ଦେଇଥିବାବେଳେ ୧୯ ତାରିଖରେ ପୁରୀ ଜିଲା ବଳଙ୍ଗା ଥାନା ବୟାବର ଗାଁ ରାସ୍ତାରେ ୧୫ ବର୍ଷୀୟା ଛାତ୍ରୀଙ୍କ ଉପରେ କିରୋସିନ ଢାଳି ନିଆଁ ଲଗାଇ ଦେଇଛନ୍ତି ୩ ଦୁର୍ବୃତ୍ତ। ଗୁରୁତର ଅବସ୍ଥାରେ ଛାତ୍ରୀଙ୍କୁ ଭୁବନେଶ୍ୱର ଏମ୍ସରେ ଚିକିତ୍ସା କରାଯାଉଛି। ଶରୀରର ୭୦ଭାଗ ପୋଡ଼ି ଯାଇଥିବାରୁ ସେ ମୃତ୍ୟୁ ସହ ସଂଗ୍ରାମ ଚଳାଉଛନ୍ତି। ଏଭଳି ସମ୍ବେଦନଶୀଳ ଘଟଣାକୁ ନେଇ ସାରା ରାଜ୍ୟରେ ପୁଣି ଆଲୋଡ଼ନ ସୃଷ୍ଟି ହୋଇଛି। ପୀଡ଼ିତାଙ୍କୁ ଉତ୍ତମ ଚିକିତ୍ସା ଯୋଗାଇବା, ଅଭିଯୁକ୍ତମାନଙ୍କୁ ତୁରନ୍ତ ଗିରଫ ଓ ପୀଡ଼ିତାଙ୍କୁ ଉଚିତ ନ୍ୟାୟ ପ୍ରଦାନ ଦାବିରେ ଶନିବାର ନୟାଗଡ଼ ଜିଲା ରଣପୁର ଅଞ୍ଚଳର ଉତ୍କଳାୟମ୍ ଫାଉଣ୍ଡେସନ ତରଫରୁ ଜାତୀୟ ମାନବିକ ଅଧିକାର କମିଶନ(ଏନ୍‌ଏଚ୍‌ଆର୍‌ସି)ଙ୍କ ନିକଟରେ ଏକ ମାମଲା(ଡାଏରୀ ନଂ. ୧୬୨୯୧/ଆଇଏନ୍/୨୦୨୫)ରୁଜୁ ହୋଇଛି। ଅନୁଷ୍ଠାନର ଅଧ୍ୟକ୍ଷ ତଥା ଆଇନଜୀବୀ ରାଜୀବ ଲୋଚନ ପ୍ରଧାନ ମାମଲାର ଅଭିଯୋଗକାରୀ ଅଛନ୍ତି। ସେହିପରି ମାନବାଧିକାର କର୍ମୀ ଜୟନ୍ତ କୁମାର ଦାସ ଏ ସମ୍ପର୍କରେ ଏନ୍‌ଏଚ୍‌ଆର୍‌ସିଙ୍କ ନିକଟରେ ପିଟିଶନ୍ ଦାଖଲ କରିଛନ୍ତି। ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ ଓ ପୀଡ଼ିତାଙ୍କୁ ନ୍ୟାୟ ସହ କ୍ଷତିପୂରଣ ଯୋଗାଇଦେବାକୁ ସେ ଅଭିଯୋଗପତ୍ରରେ ପ୍ରାର୍ଥନା କରିଛନ୍ତି। ପୀଡ଼ିତାଙ୍କୁ ୫୦ ଲକ୍ଷ ଟଙ୍କା କ୍ଷତିପୂରଣ ରାଶି ଯୋଗାଇ ଦିଆଯାଉ। ଏଭଳି ଘଟଣାର ପୁନରାବୃତ୍ତି ନ ହେବାକୁ ବ୍ୟବସ୍ଥା କରିବା ଓ ଡିଜିପି ଏବଂ ମୁଖ୍ୟ ଶାସନ ସଚିବଙ୍କ କାର୍ଯ୍ୟାନୁଷ୍ଠାନ ରିପୋର୍ଟ ମଗାଯାଉ ବୋଲି ଜୟନ୍ତ ଦାବି କରିଛନ୍ତି। ଏନ୍‌ଏଚ୍‌ଆର୍‌ସି ପକ୍ଷରୁ ଜୟନ୍ତଙ୍କ ଅଭିଯୋଗକୁ ଗ୍ରହଣ କରାଯାଇ ୧୬୨୪୯/ଆଇଏନ୍/୨୦୨୫ ରୁଜୁ କରାଯାଇଛି।

# ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ପ୍ରତିଶ୍ରୁତିବଦ୍ଧ: ମନମୋହନ

ଭୁବନେଶ୍ୱର,୧୯।୭(ସୁନିତ୍ ମିଶ୍ର)

ପୁରୀ ଜିଲା ନିମାପଡ଼ା ବିଧାନସଭା ନିର୍ବାଚନମଣ୍ଡଳୀର ବଳଙ୍ଗା ଅଞ୍ଚଳରେ ଘଟିଥିବା ଘୃଣ୍ୟ ଘଟଣାରେ ଅତ୍ୟନ୍ତ ଦୁଃଖିତ ଓ ମର୍ମାହତ ବୋଲି ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି। ସାମାଜିକ ଗଣମାଧ୍ୟମରେ ପ୍ରତିକ୍ରିୟା ରଖି ମନମୋହନ କହିଛନ୍ତି, ଏହି ଘଟଣା ସଭ୍ୟ ସମାଜରେ ଗ୍ରହଣୀୟ ନୁହେଁ। ଉକ୍ତ ଘଟଣା କେବଳ ଜଣେ ନାବାଳିକାଙ୍କ ଉପରେ ଅତ୍ୟାଚାର ନୁହେଁ, ବରଂ ସମ୍ପୂର୍ଣ୍ଣ ମାନବିକତା ଉପରେ ଆଘାତ। ଆମ ସରକାର ଏହି ଘଟଣାକୁ ଅତ୍ୟନ୍ତ ଗମ୍ଭୀରତାର ସହ ନେଇ ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନେବାକୁ ପ୍ରତିଶ୍ରୁତିବଦ୍ଧ। ନ୍ୟାୟ ସୁନିଶ୍ଚିତ କରିବା ସରକାରଙ୍କ ପ୍ରଥମ ଦାୟିତ୍ୱ। ଅପରାଧୀମାନେ ଯେପରି ଦୃଷ୍ଟାନ୍ତମୂଳକ ଦଣ୍ଡ ପାଆନ୍ତୁ ସେଥିଲାଗି ସେମାନେ ଚେଷ୍ଟା କରିବେ। ଏମ୍ସରେ ଚିକିତ୍ସିତ ହେଉଥିବା ନାବାଳିକାଙ୍କ ଆଶୁ ଆରୋଗ୍ୟ ଓ ତାଙ୍କ ପରିବାରକୁ ଏହି କଠିନ ସମୟକୁ ସାମ୍ନା କରିବାକୁ ଶକ୍ତି ଯୋଗାଇବା ପାଇଁ ଭଗବାନଙ୍କ ନିକଟରେ ପ୍ରାର୍ଥନା ବୋଲି ମନମୋହନ କହିଛନ୍ତି।

# ଉପମୁଖ୍ୟମନ୍ତ୍ରୀଙ୍କ ବାସଭବନ ଘେରିଲା ଯୁବ, ମହିଳା କଂଗ୍ରେସ

ଭୁବନେଶ୍ୱର,୧୯।୭(ସୁନିତ୍ ମିଶ୍ର)

ପୁରୀ ଜିଲା ବଳଙ୍ଗା ଥାନା ବୟାବର ଗାଁ ରାସ୍ତାରେ ଶନିବାର ଜଣେ ୧୫ ବର୍ଷୀୟା ନାବାଳିକା ଛାତ୍ରୀଙ୍କୁ ଦୁର୍ବୃତ୍ତମାନେ ଜିଅନ୍ତା ପୋଡ଼ି ମାରିବାକୁ ଉଦ୍ୟମ କରିଛନ୍ତି। ପୀଡ଼ିତ ଛାତ୍ରୀ ବର୍ତ୍ତମାନ ଭୁବନେଶ୍ୱର ଏମ୍ସରେ ଚିକିତ୍ସିତ ହେଉଛନ୍ତି। ପ୍ରଦେଶ ଯୁବ କଂଗ୍ରେସ ସଭାପତି ରଞ୍ଜିତ ପାତ୍ରଙ୍କ ନେତୃତ୍ୱରେ ବହୁ ନେତୃବର୍ଗ ଶନିବାର ପୀଡ଼ିତାଙ୍କ ପରିବାରଙ୍କୁ ଏମ୍ସରେ ସାକ୍ଷାତ କରିଛନ୍ତି। ଘଟଣାରେ ଯୁବ କଂଗ୍ରେସ କର୍ମକର୍ତ୍ତାମାନେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ସରକାରୀ ବାସଭବନ ଘେରାଉ କରିଛନ୍ତି। 'ମହିଳାଙ୍କୁ ନ୍ୟାୟ ଦିଅ', 'ମହିଳା ଅତ୍ୟାଚାର ବନ୍ଦ କର' ଏବଂ 'ପ୍ରଭାତୀ ପରିଡ଼ା ଇସ୍ତଫା ଦିଅ' ସ୍ଲୋଗାନ ଦେଇ ଯୁବ କଂଗ୍ରେସ କର୍ମୀମାନେ ପ୍ରଭାତୀଙ୍କ ସରକାରୀ ବାସଭବନ ଫାଟକ ପାଖରେ ବସି ଧାରଣା ଦେଇଥିଲେ। କିଛି ସମୟ ପରେ ପୋଲିସ ସେଠାରେ ପହଞ୍ଚି ସେମାନଙ୍କୁ ଗିରଫ କରିନେଇଛି। ଏହି ଅବସରରେ ରଞ୍ଜିତ ପାତ୍ର କହିଛନ୍ତି, ନାରୀ ସୁରକ୍ଷାକୁ ନେଇ ଉପମୁଖ୍ୟମନ୍ତ୍ରୀ ଫମ୍ପା ଭାଷଣ ମାରୁଛନ୍ତି। କାରଣ ତାଙ୍କ ନିର୍ବାଚନମଣ୍ଡଳୀରେ ମହିଳା ଅସୁରକ୍ଷିତ। ନିମାପଡ଼ା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ବଳଙ୍ଗା ଥାନା ଅଧୀନରେ କେତେଜଣ ଦୁର୍ବୃତ୍ତ ଜଣେ ନାବାଳିକାକୁ ପେଟ୍ରୋଲ ଢାଳି ପୋଡ଼ିଦେଇଛନ୍ତି। ନାବାଳିକା ଏମ୍ସରେ ଭର୍ତ୍ତି ହୋଇଛନ୍ତି। ସରକାର ନାବାଳିକାଙ୍କ ପରିବାରକୁ ୨ କୋଟି ଟଙ୍କା ଅନୁକମ୍ପା ରାଶି ପ୍ରଦାନ କରିବା ସହ ଅପରାଧୀଙ୍କୁ ତୁରନ୍ତ ଗିରଫକରି ଦୃଷ୍ଟାନ୍ତମୂଳକ ଦଣ୍ଡ ଦେବାକୁ ଯୁବ କଂଗ୍ରେସ ଦାବି କରୁଛି ବୋଲି ସେ କହିଛନ୍ତି। ମୁକେଶ ସୟଦ ଯାସିର ନୱାଜ କହିଛନ୍ତି, ଉପମୁଖ୍ୟମନ୍ତ୍ରୀ ପରିଡ଼ାଙ୍କ ନିର୍ବାଚନମଣ୍ଡଳୀର ଜଣେ ନାବାଳିକାକୁ ଦୁର୍ବୃତ୍ତମାନେ ଜିଅନ୍ତା ପୋଡ଼ିଦେଉଛନ୍ତି। ପୀଡ଼ିତାଙ୍କୁ ତତ୍କ୍ଷଣାତ ଦେଖିବା ପାଇଁ ଉପମୁଖ୍ୟମନ୍ତ୍ରୀ ଏମ୍ସ ଆସିବାର ସୌଜନ୍ୟ ରଖିଲେ ନାହିଁ। ଭାଜପା ସରକାର ମହିଳାଙ୍କ ପ୍ରତି ବିଶ୍ୱାସଘାତକତା କରିଛି। ସୁରକ୍ଷାର ପ୍ରତିଶ୍ରୁତି ଦେଇ ଭୋଟ ନେଇଥିବା ପରେ ଏବେ ମହିଳାଙ୍କୁ ସୁରକ୍ଷା ଦେବାରେ ଭାଜପା ସରକାର ଅକ୍ଷମ ହେଉଛନ୍ତି ବୋଲି ସେ କହିଛନ୍ତି। ଅନ୍ୟପଟେ ମହିଳା କଂଗ୍ରେସ ପକ୍ଷରୁ ମଧ୍ୟ ଏହି ଘଟଣାରେ ଉପମୁଖ୍ୟମନ୍ତ୍ରୀଙ୍କ ସରକାରୀ ବାସଭବନ ଘେରିବାକୁ ଉଦ୍ୟମ କରାଯାଇଛି। ମହିଳା କଂଗ୍ରେସ ସଭାପତି ମୀନାକ୍ଷୀ ବାହିନୀପତିଙ୍କ ନେତୃତ୍ୱରେ ମହିଳା କର୍ମୀମାନେ ରାଜ୍ୟ ସରକାରଙ୍କ ବିରୋଧରେ ବିଭିନ୍ନ ସ୍ଲୋଗାନ ଦେଇ ବିକ୍ଷୋଭ କରିଥିଲେ। 'ବେଟି ପଢ଼ାଓ ବେଟି ବଚାଓ' ସ୍ଲୋଗାନ ଦେଉଥିବା ଭାଜପା ସରକାରଙ୍କ ଶାସନରେ ମହିଳା, ଛାତ୍ରୀମାନେ ସବୁଠୁ ଅଧିକ ଅସୁରକ୍ଷିତ। ରାଜ୍ୟ ସରକାରଙ୍କ ବିଫଳତା ଏବଂ ଆଇନ ଶୃଙ୍ଖଳା ସମ୍ପୂର୍ଣ୍ଣ ବିଗିଡ଼ିଯାଇଥିବାବେଳେ ନାରୀ ଆଉ ଘରୁ ବାହାରିବା କଷ୍ଟକର ହୋଇପଡ଼ିଛି ବୋଲି ବାହିନୀପତି ଅଭିଯୋଗ କରିଛନ୍ତି। କିଛି ସମୟ ପରେ ପୋଲିସ ଆସି ସେମାନଙ୍କୁ ସେଠାରୁ ଉଠାଇ ନେଇଥିଲା।

# ଶ୍ରୀକାନ୍ତଙ୍କ ଅଧ୍ୟକ୍ଷତାରେ ଏମ୍ସ ଗଲା କଂଗ୍ରେସର ତଥ୍ୟ ଅନୁଧ୍ୟାନ କମିଟି



ଭୁବନେଶ୍ୱର,୧୯।୭(ସୁନିତ୍ ମିଶ୍ର)

ପୁରୀ ଜିଲା ବଳଙ୍ଗା ଥାନା ଅଞ୍ଚଳରେ ନାବାଳିକା ଛାତ୍ରୀଙ୍କ ଉପରେ କିରୋସିନ ଢାଳି ନିଆଁ ଲଗାଇ ଦିଆଯିବା ଘଟଣାରେ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଏଭଳି ସ୍ପର୍ଶକାତର ଘଟଣାର ତଥ୍ୟ ଅନୁଧ୍ୟାନ କରିବା ପାଇଁ ସେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନାଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନ କରିଛନ୍ତି। ଉକ୍ତ କମିଟି ତତ୍କାଳ ଘଟଣାସ୍ଥଳ ପରିଦର୍ଶନ କରିବା ସହ ପୀଡ଼ିତାଙ୍କୁ ଏବଂ ତାଙ୍କ ପରିବାରବର୍ଗଙ୍କୁ ଭେଟି ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାୟିତ୍ୱ ଦିଆଯାଇଛି। ତଦନୁଯାୟୀ ଉକ୍ତ କମିଟି ସଦସ୍ୟମାନେ ଭୁବନେଶ୍ୱର ଏମ୍ସକୁ ଯାଇ ପୀଡ଼ିତାଙ୍କୁ ଭେଟି ଘଟଣା ସମ୍ପର୍କରେ ପଚାରି ବୁଝିଛନ୍ତି। ସେହିପରି ପରିବାରବର୍ଗଙ୍କ ସହ ଆଲୋଚନାକରି ସମସ୍ତ ତଥ୍ୟ ସଂଗ୍ରହ କରିଛନ୍ତି। ଏହି ତଥ୍ୟ ଅନୁଧ୍ୟାନ ସମୟରେ କମିଟିର ଅଧ୍ୟକ୍ଷ ଶ୍ରୀକାନ୍ତ ଜେନାଙ୍କ ସମେତ ବରିଷ୍ଠ ନେତା ଜୟଦେବ ଜେନା, ପ୍ରସାଦ ହରିଚନ୍ଦନ, ଅନନ୍ତ ପ୍ରସାଦ ସେଠୀ, ଦେବାଶିଷ ପଟ୍ଟନାୟକ, ପ୍ରଦେଶ ମହିଳା କଂଗ୍ରେସ ସଭାପତି ମୀନାକ୍ଷୀ ବାହିନୀପତି, ଯାସିର ନୱାଜ, ରଞ୍ଜିତ ପାତ୍ର ଓ ଅନ୍ୟମାନେ ଥିଲେ। ଏହି କମିଟିରେ ବିଧାୟିକା ସୋଫିଆ ଫିର୍ଦ୍ଦୋସ, ସୋନାଲୀ ସାହୁ, ମନୀଷା ଦାସ ପଟ୍ଟନାୟକ ଓ ଉଦିତ ପ୍ରଧାନ ପ୍ରମୁଖ ରହିଥିବା ଦଳ ପକ୍ଷରୁ ସୂଚନା ଦିଆଯାଇଛି।

# ଦାୟିତ୍ୱରୁ ହଟିଲେ ଏମ୍‌ପିସି କଲେଜ ପରୀକ୍ଷା ନିୟନ୍ତ୍ରକ

ବାରିପଦା,୧୯।୭ (ନାଳାଦ୍ରି ବିହାରୀ ଦଣ୍ଡପାଟ)

## ଜିଲାପାଳଙ୍କଠାରେ ଫେରାଦ ହୋଇଥିଲେ ଛାତ୍ରୀଛାତ୍ର

କାର୍ଯ୍ୟରେ ଅବହେଳା ପ୍ରଦର୍ଶନ ପାଇଁ ମୟୂରଭଞ୍ଜ ଜିଲା ବାରିପଦା ଡକପଡ଼ସ୍ଥିତ ଏମ୍‌ପିସି (ମହାରାଜା ପୂର୍ଣ୍ଣଚନ୍ଦ୍ର) ସ୍ୱୟଂଶାସିତ ମହାବିଦ୍ୟାଳୟ ପରୀକ୍ଷା ନିୟନ୍ତ୍ରକଙ୍କୁ ଦାୟିତ୍ୱରୁ ହଟାଯାଇଛି। ଏନେଇ ବାଲେଶ୍ୱର ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶକ ଶନିବାର ସୂଚନା ଦେଇଛନ୍ତି। ପ୍ରକାଶ ଯେ, ମହାବିଦ୍ୟାଳୟର ୨ୟ ଓ ୩ୟ ସେମିଷ୍ଟର ପରୀକ୍ଷାଫଳ ପ୍ରକାଶ ପାଇ ନ ଥିବାରୁ ଛାତ୍ର ଅଶାନ୍ତି ଦେଖାଦେଇଥିଲା। ଅକ୍ଟୋବର ପରେ ୪ର୍ଥ ସେମିଷ୍ଟର ପରୀକ୍ଷା ହେବାକୁ ଥିବାବେଳେ ପରୀକ୍ଷାଫଳକୁ ନେଇ ଛାତ୍ରଛାତ୍ରୀ ଆଶଙ୍କାରେ ରହିଥିଲେ। ପୂର୍ବ ପରୀକ୍ଷାରେ ବ୍ୟାକ୍ ଥିବା ନେଇ ସନ୍ଦେହ ଜାତ ହେଉଥିବା ବେଳେ ଏହାକୁ ନେଇ ସର୍ବେ ସର୍ବେ ପୂର୍ବ ପାଠର ପ୍ରସ୍ତୁତି ହୋଇ ପରୀକ୍ଷା ଦେବା ସମ୍ଭବ ହୋଇପାରୁ ନ ଥିଲା। ଫଳରେ ଦୁଇଟି ସେମିଷ୍ଟରର ପରୀକ୍ଷା ଫଳ ପ୍ରକାଶ କରିବାକୁ ଛାତ୍ରୀଛାତ୍ର ଅଧ୍ୟକ୍ଷ ଆଲର୍ଟିନା ତିର୍କିଙ୍କ ଦୃଷ୍ଟିଆକର୍ଷଣ କରିଥିଲେ। ଏ ସମ୍ପର୍କରେ ଛାତ୍ରୀଛାତ୍ର ପରୀକ୍ଷା ନିୟନ୍ତ୍ରକ ରାଜେଶ ମାର୍ଣ୍ଡିଙ୍କୁ ବାରମ୍ବାର ଜଣାଇବା ପରେ ସେମାନଙ୍କୁ ସେମିଷ୍ଟରରେ ବ୍ୟାକ୍ କରିଦିଆଯିବ ବୋଲି ଧମକ ଦେଉଥିଲେ। ଏହାକୁ ନେଇ କ୍ଷୁବ୍ଧ ଛାତ୍ରୀଛାତ୍ର ଅଶାନ୍ତି ପ୍ରକାଶ ସହ ଫାଟକରେ ତାଲା ପକାଇ ଆନ୍ଦୋଳନ କରିଥିଲେ। ପରେ କଲେଜ ଅଧ୍ୟକ୍ଷ ଓ ପରୀକ୍ଷା ନିୟନ୍ତ୍ରକ ଛାତ୍ରୀଛାତ୍ରଙ୍କ ସହ ଆଲୋଚନା କରିବା ପରେ ମଧ୍ୟ କୌଣସି ସୁଫଳ ମିଳି ନ ଥିଲା। ଏଣୁ ଛାତ୍ରୀଛାତ୍ର ଜିଲାପାଳଙ୍କ ନିକଟରେ ଫେରାଦ ହୋଇ ସମସ୍ୟା ସମ୍ପର୍କରେ ଅବଗତ କରାଇଥିଲେ। ଅତିରିକ୍ତ ଜିଲାପାଳ ନେତ୍ରାନନ୍ଦ ମଲ୍ଲିକଙ୍କୁ ଦାୟିତ୍ୱ ଦେଇ ଏହାର ତଦନ୍ତ ପୂର୍ବକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜିଲାପାଳ ହେମକାନ୍ତ ସୟ ନିର୍ଦ୍ଦେଶ ଦେଇଥିଲେ। ବାଲେଶ୍ୱର ଆଞ୍ଚଳିକ ଶିକ୍ଷା ବିଭାଗ ଅଧିକାରୀ ଓ ଅତିରିକ୍ତ ଜିଲାପାଳ ମଲ୍ଲିକ ଶନିବାର ଏହି ମହାବିଦ୍ୟାଳୟକୁ ଯାଇ ସମସ୍ତ ଘଟଣାର ତଦନ୍ତ କରିଥିଲେ। ଏଥିରେ ପରୀକ୍ଷା ନିୟନ୍ତ୍ରକଙ୍କ କାର୍ଯ୍ୟରେ ଅବହେଳା ନେଇ ଜଣାପଡ଼ିବା ପରେ ତାଙ୍କୁ କାର୍ଯ୍ୟାଳୟ ଚିଠି ନଂ. ୨୫୦୫/୧୯ ଜୁଲାଇ ୨୦୨୫ରେ ଦାୟିତ୍ୱରୁ ଅପସାରଣ କରାଯାଇଛି। ସେହି ସ୍ଥାନରେ ଅତିରିକ୍ତ ପ୍ରଫେସର ଅନନ୍ତ କୁମାର ନାୟକଙ୍କୁ ଏହି ଦାୟିତ୍ୱ ପ୍ରଦାନ କରାଯାଇଛି। ଏହାସହ ୨ୟ ସେମିଷ୍ଟରର ପରୀକ୍ଷାଫଳ ପ୍ରକାଶ କରାଯାଇଥିବା ବେଳେ ଆସନ୍ତା ୨୩ ତାରିଖରେ ବାକି ରହିଥିବା ପରୀକ୍ଷାଫଳ ପ୍ରକାଶ କରାଯିବ ବୋଲି ଜଣାଯାଇଛି। ସେହିପରି ସମସ୍ତ ଛାତ୍ରଛାତ୍ରୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଉଥିବା ବେଳେ ଅନ୍ୟ ଦାବିଗୁଡ଼ିକ ପୂରଣ ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି।



ତୁମର ମନ, ପ୍ରାଣ(ହୃଦୟ) ଓ ଦେହ- ଏମାନେ ଯଦି ତିନିପ୍ରକାର ଅଲଗା କଥା ଚାହାନ୍ତି- ତେବେ ତୁମର ବ୍ୟକ୍ତିତ୍ୱ ପରିଣତ ହୁଏ ଏକ ଯୁଦ୍ଧକ୍ଷେତ୍ରରେ। ଫଳରେ ତୁମ ଚେତନାରେ ସୃଷ୍ଟି ହୁଏ ବିଷମ ଆବେଗ। ... ଶାରୀରିକ ଅସୁସ୍ଥତା ହେଉଛି- ଏହି ପରସ୍ପର ଯୁଦ୍ଧରତ ଆବେଗଗୁଡ଼ିକରୁ ସୃଷ୍ଟି ହୋଇଥିବା ବିକ୍ଷୋଭ, ଚାଞ୍ଚଲ୍ୟ, ଭୟ ଓ ଅବସାଦର ଜନନ ଫଳ। -ଶ୍ରୀମା



# ଦୃଷ୍ଟିକୋଣ ବଦଳିଗଲା



ଆକାର ପଟେଲ

ଭାରତୀୟ ଜନତା ପାର୍ଟି (ଭାଜପା)କୁ ଏବେ କର୍ପୋରେଟ୍‌ପ୍ରେମୀ ରାଜନୈତିକ ପାର୍ଟି ଭାବେ ଦେଖାଯାଉଛି। ଭାଜପାର ସମର୍ଥକମାନେ କହନ୍ତି, ଭାରତର ଶିଳ୍ପକରଣ ପାଇଁ ଏହା ଆବଶ୍ୟକ ଏବଂ ସରକାରଙ୍କର ଏଥିରେ କୌଣସି ନେଣଦେଣ ନାହିଁ। ହେଲେ ବିରୋଧୀ ଅଭିଯୋଗ କରନ୍ତି, ଏହା ହେଉଛି ସମ୍ପର୍କ ପୁଞ୍ଜିବାଦ। କିନ୍ତୁ ଭାଜପା ଏହି ଧାରାରେ ଆରମ୍ଭ ହୋଇ ନ ଥିଲା। ବାସ୍ତବରେ ଭାଜପା ଅତୀତରେ ଯାହାକୁ ବିରୋଧ କରିଥିଲା ଏବେ ସେସବୁ କାହିଁକି କରୁଛି, ତାହାର ବିଶ୍ଳେଷଣରେ ପହଞ୍ଚ ହେଉନାହିଁ। ଅଖଣ୍ଡ ଗୋଟିଏ ରାଜନୈତିକ ଦଳ ତାହାର ସ୍ଥିତିରେ ପରିବର୍ତ୍ତନ କରିବାର ସମ୍ପୂର୍ଣ୍ଣ ଅଧିକାର ଅଛି। କିନ୍ତୁ କାହିଁକି ଏହା କରୁଛି, ତାହା ପଚାରିବା ବି ଆମ୍ଭରେ ହେବନି ଦଳ ଭିତରେ ତୀବ୍ର ବିତର୍କ ପରେ କଂଗ୍ରେସ ଉଦାରୀକରଣ ଆଡ଼କୁ ମୁହାଁଇଥିଲା। ନରସିଂହ ରାଓ ସୁଧାରନୀତିଗୁଡ଼ିକୁ ପାସ୍ କରିବା ପାଇଁ ସମସ୍ୟାର ସମ୍ମୁଖୀନ ହୋଇଥିଲେ ଏବଂ ତାଙ୍କ ଦଳର ଏମ୍‌ପି ତଥା ନାଗରିକଙ୍କୁ ସେସବୁ ଯୁକ୍ତିଯୁକ୍ତ ବୋଲି ବୁଝାଇବାକୁ ପଡ଼ିଥିଲା। ଜନସଂଘ ତାହାର ପ୍ରାରମ୍ଭିକ ଇସ୍ତାହାରରେ ମୁକ୍ତବଜାର ନୀତିକୁ ବିରୋଧ କରିଥିଲା, ହେଲେ ଏବେ ତାହାର ସମର୍ଥକ ପାଲଟିଛି। ଏହା ସେତେବେଳେ କହିଥିଲା, ଦେଶ ଅର୍ଥ ବ୍ୟବସ୍ଥାରେ ନିର୍ଦ୍ଦିଷ୍ଟ କ୍ଷେତ୍ରରେ ମାଲିକାନା ଉଭୟବୃଦ୍ଧି ଓ ପରିଚାଳନାକୁ ଗ୍ରହଣ କରିବା ଉଚିତ। ୧୯୫୪ ଏବଂ ପୁନର୍ବାର ୧୯୭୧ରେ, ଭାରତୀୟ ନାଗରିକଙ୍କ ମାସିକ ଆୟକୁ ୨୦:୧ ଅନୁପାତରେ ଅତିବେଶିରେ ୨,୦୦୦ ଟଙ୍କା ଏବଂ ଅତିକମ୍‌ରେ ୧୦୦ ଟଙ୍କାରେ ସୀମିତ ରଖିବ ବୋଲି ସଙ୍କଳ୍ପ ନେଇଥିଲା। ଏହି ଅନୁପାତକୁ ହ୍ରାସ କରି ୧୦:୧ରେ ପହଞ୍ଚିବା ଯାଏ ଲଗାତର କାମ ଜାରି ରଖିବ ଏବଂ ସମସ୍ତ ଭାରତୀୟ ସେମାନଙ୍କ ସ୍ଥିତି ଆଧାରରେ ଏହି ସୀମା ମଧ୍ୟରେ ଆୟ ରଖିପାରିବେ। ଏହି ସୀମା ବାହାରେ ଜଣେ ବ୍ୟକ୍ତି ଅଧିକ ଆୟ କଲେ ତାହାକୁ ବିକାଶ କାର୍ଯ୍ୟ ପାଇଁ ସରକାର ଦାନ, ଟିକସ, ବାଧ୍ୟତାମୂଳକ ଋଣ ଓ ନିବେଶ ମାଧ୍ୟମରେ ନେବେ। ଦଳ ମଧ୍ୟ ସହରରେ ବାସୋପଯୋଗୀ ଘରର ଆକାର ଉପରେ କଟକଣା ଲଗାଇବ ଏବଂ ୧୦୦୦ ବର୍ଗ ଗଜରୁ ଅଧିକ ପ୍ଲଟକୁ ଅନୁମତି ଦେବ ନାହିଁ। କେବଳ ପ୍ରତିରକ୍ଷା ଓ ମହାକାଶ କ୍ଷେତ୍ରକୁ ଛାଡ଼ିଦେଲେ, ଆଉ ସବୁ ଶିଳ୍ପରେ ଦଳ ଯାନ୍ତ୍ରିକୀକରଣକୁ ବିରୋଧ କରିଥିଲା। କାରଣ ଏହା ଚାହୁଁଥିଲା ମେଶିନ ବଦଳରେ ଶ୍ରମିକମାନେ କାମ କରନ୍ତୁ। ଦଳ ପ୍ରଥମରୁ ଯାନ୍ତ୍ରିକୀକରଣକୁ ଉତ୍ସାହିତ କରିବା ବିପକ୍ଷରେ ଥିଲା ଏବଂ ଟ୍ରାକ୍ଟରକୁ ବିରୋଧ କରିଥିଲା। ୧୯୫୪ରେ ଦଳ କହିଥିଲା, ଦୀର୍ଘଦିନ ଧରି ଚାଷ ହେଉ ନ ଥିବା ଜମିକୁ ହଳ କରିବା ପାଇଁ କେବଳ ଟ୍ରାକ୍ଟର ବ୍ୟବହାର କରାଯିବ ଏବଂ ସାଧାରଣ ହଳ ପାଇଁ ଅନୁମତି ଦିଆଯିବ ନାହିଁ। କାରଣ ବଳଦ ଓ ଷଣ୍ଢ ହତ୍ୟା ରୋକି ସେମାନଙ୍କୁ ସୁରକ୍ଷିତ ରଖିବାକୁ ଚେଷ୍ଟା କରୁଥିଲା। ପାର୍ଟି କହିଥିଲା, ଉପଭୋକ୍ତା ସାମଗ୍ରୀ ଓ ବିଳାସ ସାମଗ୍ରୀ ଆମଦାନୀକୁ ଉତ୍ସାହିତ କରାଯିବ ନାହିଁ। ସ୍ୱଦେଶୀ ସାମଗ୍ରୀ ପାଇଁ ସ୍ଥାନୀୟ ଶିଳ୍ପକୁ ସବ୍‌ସିଡି ଏବଂ ଟାରିଫ୍ ସୁରକ୍ଷା ଦିଆଯିବ। ବନ୍ଦ ଓ ଆନ୍ଦୋଳନ ଭଳି ଶ୍ରମିକ ଅଧିକାରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ।

୧୯୫୭ରେ ଦଳ ଘୋଷଣା କରିଥିଲା, ଆର୍ଥିକ ବ୍ୟବସ୍ଥାରେ ଏହା ବୈପ୍ଳବିକ ପରିବର୍ତ୍ତନ ଆଣିବ କିନ୍ତୁ ଭାରତୀୟ ଜୀବନ ମୂଲ୍ୟବୋଧକୁ ସୁରକ୍ଷିତ ରଖି କରାଯିବ। ତେବେ ଏହି ମୂଲ୍ୟବୋଧ ସମ୍ପର୍କରେ ବିସ୍ତୃତ ବର୍ଣ୍ଣନା ନ ଥିଲା କିମ୍ବା ଏହି ବୈପ୍ଳବିକ ପରିବର୍ତ୍ତନ ଭବିଷ୍ୟରେ ଇସ୍ତାହାରରେ କିଭଳି ହେବ ତାହା ବି ନାହିଁ ତାହା ଦର୍ଶାଯାଇ ନ ଥିଲା। ୧୯୬୭ରେ ଇସ୍ତାହାରରେ କହିଥିଲା ଯେ, ଯୋଜନାବଦ୍ଧ ଅର୍ଥ ବ୍ୟବସ୍ଥାକୁ ସମର୍ଥନ କରିବ, କିନ୍ତୁ ଯୋଜନାକୁ ବଦଳାଇ ଆଞ୍ଚଳିକଭିତ୍ତିରେ ଓ ପ୍ରୋଜେକ୍ଟ ଆଧାରରେ ମାଇକ୍ରୋ ଇକୋନୋମିକ୍ସ ବ୍ୟବସ୍ଥାକୁ ଗ୍ରହଣ କରିବ। ଏହା ଚାହିଁଥିଲା ବ୍ୟବସ୍ଥାଗତ ହସ୍ତକ୍ଷେପ, କିନ୍ତୁ ସବୁଠି ନୁହେଁ। ଏହା ଘରୋଇ ନିବେଶକୁ ଉତ୍ସାହିତ କରିଥିଲା, କିନ୍ତୁ ପ୍ରତିରକ୍ଷା କ୍ଷେତ୍ରରେ ନୁହେଁ। ନାଗରିକ ସ୍ୱାଧୀନତା କ୍ଷେତ୍ରରେ ପାର୍ଟିର ଦୃଷ୍ଟିକୋଣରେ ମଧ୍ୟ ସମାନ ପ୍ରକାର ପରିବର୍ତ୍ତନ ସାମ୍ନାକୁ ଆସିଛି। ୧୯୫୪ରେ ଜନସଂଘ କହିଥିଲା, ଯୁକ୍ତିଯୁକ୍ତ କଟକଣା ଲଗାଇ ବାକ୍ ସ୍ୱାଧୀନତାରେ କଟକଣା କରିଥିବା ପ୍ରଥମ ସାମ୍ବିଧାନିକ ସଂଶୋଧନକୁ ହଟାଇବ। ଏହି ସଂଶୋଧନ ବିଶେଷକରି ଅଭିବ୍ୟକ୍ତିର ସ୍ୱାଧୀନତାକୁ ଶେଷ କରିଥିଲା, କାରଣ କଟକଣାର ତାଲିକା ବ୍ୟାପକ ଥିଲା। କିନ୍ତୁ ୧୯୫୪ ପରେ ପ୍ରଥମ ସଂଶୋଧନକୁ ରଦ୍ଦ କରିବା ଏବଂ ନାଗରିକଙ୍କ ବାକ୍, ସଂଗଠନ ଓ ସମାବେଶ ସ୍ୱାଧୀନତା ପୁନଃସ୍ଥାପିତ କରିବା ଦାବି ଜନସଂଘର ଇସ୍ତାହାରରୁ ଅଦୃଶ୍ୟ ହୋଇଗଲା। କୌତୂହଳର ବିଷୟ, ଜନସଂଘ କହିଥିଲା ଯେ, ଏହା ପ୍ରିଭେଣ୍ଟିଭ ଡିଟେନ୍‌ସନ ଆଇନ(ବିନା ବିଚାରରେ କୌଣସି ବ୍ୟକ୍ତିକୁ ଅଟକ ରଖିବା)କୁ ହଟାଇବ, ଯାହା ବ୍ୟକ୍ତି ସ୍ୱାଧୀନତାକୁ ସମ୍ପୂର୍ଣ୍ଣ ବିରୋଧ କରେ। ଏହି ପ୍ରତିଶ୍ରୁତି ପୁନର୍ବାର ୧୯୮୦ ଦଶନ୍ଧିରେ ଦୋହରାଇଥିଲା। ତେବେ ସମୟକ୍ରମେ ସଂଘ ଏବଂ ଭାଜପା ପ୍ରିଭେଣ୍ଟିଭ ଡିଟେନ୍‌ସନର ସବୁଠୁ ବଡ଼ ସମର୍ଥକ ପାଲଟିଗଲେ। ଏବେ ସିଭିଲ୍ ସୋସାଇଟି ଏବଂ ବିରୋଧୀ ରାଜନେତାଙ୍କ ପାଇଁ 'ଜେଲ ନଟ୍ ବେଲ୍' ସେମାନଙ୍କର ନୀତି ହୋଇଯାଇଛି।

ପ୍ରଶ୍ନ ହେଉଛି, ପାର୍ଟି କାହିଁକି ଅନିୟନ୍ତ୍ରିତ ଭାବେ ଗତି କରୁଛି ଏବଂ କାହିଁକି ଏଭଳି ପରିବର୍ତ୍ତନ ହେଉଛି ସେ ବିଷୟରେ କହିନାହିଁ? ଉତ୍ତର ହେଉଛି, ମୂଳ ସ୍ଥିତିକୁ ଯିବା ଲାଗି ଏହାର କୌଣସି ବିଚାର ନ ଥିଲା। କଂଗ୍ରେସ ଶାସନ ସମୟରେ ଯାହା ଘଟୁଥିଲା କେବଳ ତାହାକୁ ଦୃଷ୍ଟିରେ ରଖି ଜନସଂଘ ନିଜ ଇସ୍ତାହାର ପ୍ରସ୍ତୁତ କରୁଥିଲା। ନେହେରୁ ଭୂମି ସଂସ୍କାର ଆରମ୍ଭ କରିଥିଲେ, ଜନସଂଘ ତାହାଠାରୁ ଭଲ ସଂସ୍କାର କିଭଳି ଆଣିବ ସେ ସମ୍ପର୍କରେ ତା' ଇସ୍ତାହାରରେ ପାରାଏ ବି'ପାରା ଯୋଡ଼ିଥିଲା। ଇନ୍ଦିରା ଗାନ୍ଧୀ ଲ୍ୟାଣ୍ଡ ସିଲିଂ ବିଷୟରେ କହିଥିଲେ ବେଳେ ଜନସଂଘ ତାହାର ଲ୍ୟାଣ୍ଡ ସିଲିଂ କେମିତି ହେବ ତାହା ଦର୍ଶାଇଥିଲା। ଏକ ଯୋଜନାବଦ୍ଧ ଅର୍ଥ ବ୍ୟବସ୍ଥା ସବୁଠୁ ଭଲ ଥିଲା, କିନ୍ତୁ ଜନସଂଘ ଏହାକୁ ମାଇକ୍ରୋସ୍ତରୀୟ ଓ ପ୍ରୋଜେକ୍ଟ କୈନ୍ଦ୍ରିକ କରିବାକୁ ଯୋଜନା କଲା। ଯାନ୍ତ୍ରିକୀକରଣ ମଧ୍ୟ ଭଲ, କିନ୍ତୁ ଅତ୍ୟଧିକ ଯାନ୍ତ୍ରିକୀକରଣ ନୁହେଁ, କାରଣ ଏହା ବେରୋଜଗାର ସୃଷ୍ଟି କରିବ। ଏଣୁ ଏହା ଭାରତୀୟ ଆଧୁନିକୀକରଣ ହେବା ଦରକାର। ଶେଷରେ ୧୯୯୧ରେ କଂଗ୍ରେସ ତାହାର ଆର୍ଥିକ ଦୃଷ୍ଟିକୋଣ ପରିବର୍ତ୍ତନ କରିଥିଲା। ତାହାକୁ ଲକ୍ଷ୍ୟକରି ଭାଜପା ମଧ୍ୟ ପରିବର୍ତ୍ତନ କଲା, ସେଥିପାଇଁ ଆମେ ଆଜି ଏହି ସ୍ଥିତିରେ ହିଁ ପହଞ୍ଚିଛୁ।

Email:aakar.patel@gmail.com

# ବଡ଼ଲୋକଙ୍କ ବଡ଼ପଣ



ଚିନ୍ତ୍ର ଚରିତ୍ର

ଅଧ୍ୟାପକ ନିରଞ୍ଜନ ପାଢ଼ୀ

ନିଜ ପ୍ରତିଷ୍ଠା, ପ୍ରାଚୁର୍ଯ୍ୟ ଓ ପ୍ରତିପତ୍ତିରେ ସମାଜଠୁଁ ବଡ଼ଲୋକର ମାନ୍ୟତା ହାସଲ କରିଥିବା ବହୁ ବ୍ୟକ୍ତିଙ୍କ ବହୁବିଧ ଛୋଟପଣ ପ୍ରତ୍ୟକ୍ଷ କରିସାରି ମନ ବିକ୍ଷେଇ ଉଠୁଥିଲା ବେଳେ ଯଦି କେବେ କେଉଁ ବଡ଼ଲୋକଙ୍କ ବଡ଼ପଣ କାନରେ ପଡ଼େ, ତେବେ ଏକ ମୁଗ୍ଧ ଅନୁଭବରେ ଜଡ଼ସଡ଼ ହୋଇ ଯାଏ ହୃଦୟ। ସେଇ ବଡ଼ଲୋକ ଜଣଙ୍କୁ ଶତ ପ୍ରଣିପାତ କରିବାକୁ ମନରେ ଇଚ୍ଛା ଜାଗେ। ସକଳ ବିଘଟନ ସତ୍ତ୍ୱେ ଏ ସଂସାର ତଥାପି ଅପରିବର୍ତ୍ତନୀୟ ବୋଲି ମନରେ ବିଶ୍ୱାସ ଜନ୍ମେ। ଏହି ମନସ୍ତାତ୍ତ୍ୱିକ ଦିଗକୁ ଅଧିକ ବିସ୍ତାରିତ କରିବାକୁ ଆମ ସାମାଜିକ ଜୀବନରେ ସଂଘଟିତ ଦୁଇଟି ସମାନ ପ୍ରକାର ଘଟଣାକୁ ଅନୁଧ୍ୟାନ କରାଯାଉ ଓ ଲକ୍ଷ୍ୟ କରାଯାଉ ବ୍ୟକ୍ତିର ମନସ୍ତତ୍ତ୍ୱରେ ଏହାର ପ୍ରଭାବକୁ।

ପ୍ରଥମ ଘଟଣାଟି ଆମ ରାଜ୍ୟର, ପ୍ରାୟ କୋଡ଼ିଏ ବର୍ଷ ତଳର। ରାଜ୍ୟ ପ୍ରଶାସନର ଜଣେ ଉଚ୍ଚପଦସ୍ଥ ଅଧିକାରୀ ସରକାରୀ କାରରେ ଆସୁଥିଲେ ତାଙ୍କ କଟକ ଅଫିସରୁ ରାଜଧାନୀ ଭୁବନେଶ୍ୱର। ଗାଡ଼ି ଛାଡ଼ିବାର କିଛି ସମୟ ପରେ ସେ ଲକ୍ଷ୍ୟକଲେ ଗାଡ଼ିର ଡ୍ରାଇଭର ରହି ରହି କାଶୁଛି। ସାମାନ୍ୟ ସର୍ଦ୍ଦିରୋଗରେ ଆକ୍ରାନ୍ତ ଥିବା ଡ୍ରାଇଭରଙ୍କୁ ହଠାତ୍ ଗାଡ଼ି ଫେରାଇବାକୁ ନିର୍ଦ୍ଦେଶ ଦେଲେ ହାକିମ ଓ ଅଫିସରେ ପହଞ୍ଚି ଅନ୍ୟ ଏକ ଡ୍ରାଇଭରଙ୍କୁ ଧରି ଭୁବନେଶ୍ୱର ଆସିଲେ। ବର୍ଷେ ପରେ ଅବସର ନେବାକୁ ଯାଉଥିବା ତାଙ୍କ ନିୟମିତ ଡ୍ରାଇଭରଙ୍କୁ ବୁଝିବା ବିଳମ୍ବ ହେଲାନାହିଁ ଯେ ପ୍ରକୃତି ପ୍ରଦତ୍ତ ଥଣ୍ଡାବ୍ୟାଧିଟି ପାଇଁ ତାଙ୍କୁ ତାଙ୍କ ମୁନିବ ପରିତ୍ୟାଗ କରିଛନ୍ତି। ମନେ ମନେ ଭାଳିହେଲେ-''ଡ୍ରାଇଭର ଭଳି ଛୋଟଲୋକଟିଏ ବୋଲି ସିନା ମୁଁ କର୍ମଚ୍ୟୁତ ହୋଇଗଲି। ତେବେ ବାବୁଙ୍କ ଭଳି ବଡ଼ଲୋକମାନେ କ'ଣ ରୋଗବ୍ୟାଧିରୁ ମୁକ୍ତ? ତାଙ୍କୁ କ'ଣ ଥଣ୍ଡା ସର୍ଦ୍ଦି ଅବା କାଶ କେବେ କବଳିତ କରିନାହିଁ? ସେତେବେଳେ ତ ମୁଁ ତାଙ୍କୁ ଗାଡ଼ିରେ ନେଇ ଯିବା ପାଇଁ କେବେ ଅସ୍ୱୀକାର କରିନାହିଁ! ହାକିମ ଓ ଡ୍ରାଇଭରଙ୍କ ସମ୍ପର୍କର ଭିନ୍ନ ପରିଭାଷାର ଅନ୍ୟ ଏକ ଦୃଷ୍ଟାନ୍ତ ପ୍ରସଙ୍ଗରେ ଏବେ ଆଖି ପକାଇବା ଦ୍ୱିତୀୟ ଘଟଣାଟି ଉପରେ।

ଘଟଣାଟି ପ୍ରାୟ ପାଞ୍ଚବର୍ଷ ତଳର। ଘଟିଛି କର୍ଣ୍ଣାଟକର କୁରୁର ଜିଲାରେ। ଡ୍ରାଇଭର ଭାବେ ପ୍ରାୟ ବାରଜଣ ଜିଲାପାଳଙ୍କ ସାରଥି ହୋଇଥିଲେ ପରାମି ଶିବମ୍। ଛତିଶବର୍ଷ କାର୍ଯ୍ୟ ସମ୍ପାଦନ ପରେ ଅବସର ନେଲେ। ତାଙ୍କ ପାଇଁ ଏକ ବିଦାୟ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହେଲା। ଜିଲାପାଳ ତାଙ୍କୁ ବିଦାୟ ଉପଢୌକନ ଦେଇ ସମ୍ବର୍ଦ୍ଧିତ କଲେ। ସମସ୍ତଙ୍କଠୁଁ ବିଦାୟ ନେଇ ସେ ନିଜ ଘରକୁ ବାହୁଡ଼ିବାର ଉପକ୍ରମ କରୁଥିଲା ବେଳେ ତାଙ୍କୁ ଅପେକ୍ଷା କରୁଥିଲା ତାଙ୍କ ଜୀବନର ପରମତମ ଆଶ୍ଚର୍ଯ୍ୟ। ଯେଉଁ ଗାଡ଼ିଟି ଚଳାଇ ସେ ପ୍ରତିଦିନ ଜିଲାପାଳଙ୍କୁ ନେବା ଆଣିବା କରୁଥିଲେ, ସେଇ ଗାଡ଼ିର ଷ୍ଟିୟରିଂ ଧରି ବସି ରହିଥିଲେ ଖୋଦ ଜିଲାପାଳ ଟି. ଆନ୍‌ବାଝାଗନ। ସେ ଶିବମ୍‌କୁ ପଛ ସିଟ୍‌ରେ ବସିବାକୁ କହିଲେ, ଯେଉଁଠି ସେ ସବୁଦିନେ ବସି ଅଫିସ ଆସୁଥିଲେ। ଏଭଳି ବିଚିତ୍ର ଆଦେଶ ପାଳନ କରିବାକୁ ଅମଙ୍ଗ ହେବାରୁ କଲେକ୍ଟର ବୁଝାଇଦେଲେ- ''ଗତ ଛତିଶବର୍ଷ ଧରି ନିରବଚ୍ଛିନ୍ନ ଭାବେ ମୋ ଭଳି ବାରଜଣ କଲେକ୍ଟରଙ୍କୁ ତୁମେ ଗାଡ଼ିରେ ବସାଇ ନେଉଥିଲ। ସେମାନଙ୍କର ଜଣେ ପ୍ରତିନିଧି ଭାବେ ଆଜି ପ୍ରଥମ ଓ ଶେଷଥର ପାଇଁ ମୁଁ ତୁମକୁ ନେଇ ତୁମ ଘରେ ଛାଡ଼ିଦେଇ ଆସିବି।''

ଆଖିରୁ ଲୁହ ଝରାଇ ଛିଡ଼ା ହୋଇଥିଲେ ଶିବମ୍। ଏହି ଅପୂର୍ବ ଦୃଶ୍ୟଟିକୁ ଅବଲୋକନ କରୁଥିଲେ ଅଫିସ୍‌ର ଅନ୍ୟ କର୍ମଚାରୀ। କେବଳ କୁରୁର ଜିଲା ପ୍ରଶାସନର ଇତିହାସରେ ନୁହେଁ, ଉଚ୍ଚ ପଦବୀଧାରୀ ବଡ଼ଲୋକଙ୍କ ଅଧସ୍ତନ କର୍ମଚାରୀଙ୍କ ପ୍ରତି ଆଚରଣର ଇତିହାସରେ ଯୋଡ଼ିହୋଇ ଯାଇଥିଲା ନିଛକ ମାନବତାର ଏକ ଉଜ୍ଜ୍ୱଳ ଅଧ୍ୟାୟ। ରାଜରାଜୁଡ଼ା ଯୁଗର ଅବସାନ ପରେ ବି ଏଠି ଯେଉଁଠି ବଡ଼ଲୋକ ବୋଲାଉଥିବା ହାକିମମାନଙ୍କ ସାମନ୍ତବାଦୀ ଆଚରଣର ନଗ୍ନ ନମୁନା ଆଦୌ ବିରଳ ନୁହେଁ, ଯେଉଁଠି ହାକିମଙ୍କ କାର୍ ଅଟକିଲା ମାତ୍ରେ, ତାହାର ଦ୍ୱାର ଖୋଲିଦେବା ପାଇଁ ସେବକଟିଏ ଛିଡ଼ାହୋଇ ରହିବା ତାଙ୍କ ସମ୍ଭ୍ରାନ୍ତପଣ ପାଇଁ ଏକ ବାଞ୍ଛିତ ସମ୍ମାନ, ସେଠି ଆନ୍‌ବାଝାଗନମାନଙ୍କ ବଡ଼ପଣ ଏକ ବିରଳ ବ୍ୟତିକ୍ରମ!



ଆମ ଦେଶ ବାହାରର ଆଉ ଏକ ବିରଳ ଦୃଷ୍ଟାନ୍ତ। ଏପରି ଚମକପ୍ରଦ ଘଟଣା ପ୍ରାୟତଃ ସଚରାଚର ଆଖିରେ ପଡ଼େନାହିଁ। ଆଉ ଯେତେବେଳେ ପଡ଼େ ସେତେବେଳେ ଏକ ଅନିର୍ବଚନୀୟ ଅଫୁରନ୍ତ ଆନନ୍ଦରେ ହୃଦୟ ପୂରିଉଠେ। ବଡ଼ଲୋକଙ୍କ ବଡ଼ପଣ ଆଗରେ ସ୍ୱତଃ ମୁଣ୍ଡ ନଇଁଯାଏ। ଏକଦା ଆମେରିକାର ପୂର୍ବତନ ରାଷ୍ଟ୍ରପତି ଜନ୍‌ସନ ଏକ ଜରୁରୀ କାର୍ଯ୍ୟ ପାଇଁ ତାଙ୍କର ଅନ୍ୟତମ ସହଯୋଗୀ ଗଲ୍‌ବ୍ରେଥଙ୍କୁ ଟେଲିଫୋନ୍ କଲେ। କାର୍ଯ୍ୟଟି ଅତ୍ୟନ୍ତ ଗୋପନୀୟ ହୋଇଥିବାରୁ ତାଙ୍କ ବ୍ୟକ୍ତିଗତ ସହାୟକଙ୍କୁ ସମ୍ପୃକ୍ତ ନ କରି ନିଜେ ଫୋନ୍ କଲେ। ଅପରପଟରୁ ଫୋନ୍ ଧରିଲେ ବ୍ରେଥଙ୍କ ଘରୋଇ ଅର୍ଦ୍ଦଳି। ଗଲବ୍ରେଥ ସେତେବେଳେ ବିଶ୍ରାମ ନେଉଥିବାରୁ ତାଙ୍କୁ ଉଠାଇବା ପାଇଁ ଆଦେଶ ନାହିଁ ବୋଲି ସେ ଜଣାଇଦେଲେ। ରାଷ୍ଟ୍ରପତି ଜନ୍‌ସନ ନିଜର ପରିଚୟ ଦେଲେ ଓ ଅତ୍ୟନ୍ତ ଜରୁରୀ ଆବଶ୍ୟକ ଥିବାରୁ ତାଙ୍କ ସାହେବଙ୍କୁ ଫୋନ ପାଖକୁ ଡାକିବାକୁ ସେ ସେବକଟିକୁ କହିଲେ। ଆମେରିକାର ସବୁ ମୁନିବଙ୍କ ମୁନିବଙ୍କୁ ଏଥର ସ୍ୱଷ୍ଟ ଶୁଣାଇଦେଲେ ସେଇ ଅର୍ଦ୍ଦଳି- ମୁଁ ଗଲବ୍ରେଥଙ୍କ କର୍ମଚାରୀ ଆପଣଙ୍କର ନୁହେଁ।

ସାଧାରଣ ଭାବେ ଆଶା କରିବା କଥା, ସେବକଟିର ଏହି ଔଦ୍ଧତ୍ୟରେ ଅପମାନିତ ରାଷ୍ଟ୍ରପତି ଜନ୍‌ସନ ତାଙ୍କ ପ୍ରତି ଉଚିତ ଶାସ୍ତିବିଧାନ କରିଥାନ୍ତେ। ନିଦରୁ ଉଠି ନିଜ ଅର୍ଦ୍ଦଳି ପାଖରୁ ସବୁ ଶୁଣି ଗଲ୍‌ବ୍ରେଥ ମଧ୍ୟ ଏହା ହିଁ ଆଶା କରୁଥିଲେ। ମାତ୍ର ଜନ୍‌ସନଙ୍କ ଭଳି ବଡ଼ଲୋକଙ୍କ ମହଙ୍ଗା ବଡ଼ପଣ ସମ୍ପର୍କରେ ସାରା ଜଗତ ଜାଣିଲା, ଯେତେବେଳେ ଗଲବ୍ରେଥ ରାଷ୍ଟ୍ରପତିଙ୍କୁ ଫୋନ କରି ତାଙ୍କ ସେବକଟିର ବିଶୃଙ୍ଖଳିତ ଆଚରଣ ପାଇଁ କ୍ଷମା ମାଗୁଥିଲେ ସେତେବେଳେ ତାଙ୍କୁ ଚମକାଇ ଦେଇ ଜନ୍‌ସନ କହିଲେ- ''ଏତେ ବିଶ୍ୱସ୍ତ ଆଜ୍ଞାବହ ଯେଉଁ ଦେଶରେ ଅଛନ୍ତି, ସେଇ ଦେଶର ରାଷ୍ଟ୍ରପତି ଭାବେ ମୁଁ ଗର୍ବିତ।'' ଟିକିଏ ରହି ଜନ୍‌ସନ ପୁଣି କଥା ଯୋଡ଼ିଲେ, ''ତୁମେ ତୁମର ସେଇ ସେବକଟିକୁ ମୋତେ ଦିଅନ୍ତ କି ଗଲବ୍ରେଥ! ମୁଁ ତାଙ୍କୁ ମୋ ପାଖରେ ରଖିବାକୁ ଚାହୁଁଛି।''

ରାଷ୍ଟ୍ରପତି ଭଳି ସର୍ବୋଚ୍ଚ ପଦବୀରେ ରହି ବି ଜଣେ କେତେ ଅହଂକାରଶୂନ୍ୟ ହୋଇପାରନ୍ତି, ତାହା ହିଁ ତାଙ୍କର ବଡ଼ପଣ। ଅଳ୍ପଦିନ ତଳେ ଆମ ରାଜ୍ୟର ଏକ ପ୍ରମୁଖ ଜିଲାର ଜିଲାପାଳ ତାଙ୍କ ଘରୋଇ କାର୍ଯ୍ୟରେ ନିୟୋଜିତ ଜଣେ ସରକାରୀ ପିଅନଙ୍କ ସାମାନ୍ୟ ତ୍ରୁଟି ପାଇଁ ତାଙ୍କୁ ଏମତି ନିର୍ଯାତନା ଦେଇଥିଲେ ଯେ କର୍ମଚାରୀ ଜଣକ ଶେଷରେ କାନ୍ଦି କାନ୍ଦି ଗଣମାଧ୍ୟମ ଆଗରେ ତାଙ୍କ ଦୁଃଖ ବୟାନ କରିଥିଲେ। ସେ ଯଦି ଥରେ ଭାବିଥାନ୍ତେ, ଯେଉଁ ପଦବୀ ପାଇଁ ତାଙ୍କର ଏହି ବଡ଼ଲୋକର ଅହଂକାର ସେଇ ପଦବୀ ଦିନେ ଚାଲିଯିବ ଓ ତାଙ୍କୁ ସମାଜ ଆଉ ବଡ଼ଲୋକରେ ଗଣିବନାହିଁ!

ଏମିତି କିନ୍ତୁ ଭାବୁଥିଲେ ଆମ ଦେଶର ପ୍ରଥମ ରାଷ୍ଟ୍ରପତି ରାଜେନ୍ଦ୍ର ପ୍ରସାଦ। ତାଙ୍କ ଆବାସିକ କାର୍ଯ୍ୟାଳୟରେ ନିୟୋଜିତ ଜଣେ ଚତୁର୍ଥ ଶ୍ରେଣୀ କର୍ମଚାରୀ ଥରେ କାର୍ଯ୍ୟାଳୟ କକ୍ଷଟି ଓଳାଉଥିଲା ବେଳେ ତାଙ୍କ ଅସାବଧାନତାରୁ କାଳି ଦୁଆତଟି ତଳେ ପଡ଼ି ଭାଙ୍ଗିଗଲା। ଦୁଆତଟି ସହିତ ତଳକୁ ପଡ଼ି ସମ୍ପୂର୍ଣ୍ଣ ଭାବେ କାଳିରେ ଭିଜି ନଷ୍ଟ ହୋଇଗଲା ଡକ୍ଟର ପ୍ରସାଦ ଲେଖିଥିବା ଏକ ଜରୁରୀ ନୋଟ୍‌ଶିଟ୍। ପିଅନ ଜଣକ ଆତଙ୍କିତ ହୋଇପଡ଼ିଲେ। ସେହି କକ୍ଷକୁ ପଶିଆସିଲେ ରାଷ୍ଟ୍ରପତି ରାଜେନ୍ଦ୍ର ପ୍ରସାଦ ଓ ସବୁ କଥା ଲକ୍ଷ୍ୟ କଲେ। ପିଅନଟିକୁ ଚାହିଁ ଅତ୍ୟନ୍ତ ସହଜ ଭାବରେ କହିଲେ ଦୁର୍ଘଟଣା ସବୁବେଳେ ଅଚାନକ ହୋଇଥାଏ। ସେଥିପାଇଁ ଏତେ ବ୍ୟସ୍ତ କାହିଁକି? ପ୍ରଥମ ଥର ପାଇଁ ରାଷ୍ଟ୍ରପତିଙ୍କ ପିଠି ଆପୁଡ଼ାର ସ୍ପର୍ଶ ପାଇ ସେ କଇଁ କଇଁ ହୋଇ କାନ୍ଦି ଉଠିଲେ।

ବଡ଼ ଲୋକଙ୍କ ବଡ଼ପଣର ଏହି ପଟାନ୍ତରବିହୀନ ଦୁଇ ରାଷ୍ଟ୍ରପତିଙ୍କ ଦୃଷ୍ଟାନ୍ତ କାଳ କାଳକୁ ସେମାନଙ୍କୁ ଜନସ୍ମୃତିରେ ସଞ୍ଜୀବିତ କରିରଖିଛି। ଉଚ୍ଚ ପଦବୀରେ ଆସୀନ ସଭିଙ୍କ ଉଚ୍ଚତା ଆପେ ଆପେ ବଢ଼ିଯାଏ ନାହିଁ। ସେଥିପାଇଁ ଲୋଡ଼ାପଡ଼େ ଆତ୍ମପ୍ରେରିତ ବଡ଼ପଣ। ପଦପଦବୀ, ପ୍ରତିଷ୍ଠା, ପ୍ରତିପତ୍ତି ଆଦି ଯେତେ ଯାହା ବଡ଼ଲୋକଙ୍କର ପରିମାପକ ତାହା ସାମୟିକ। ଆଜି ଅଛି କାଲିକୁ ନାହିଁ। ମାତ୍ର ଯାହା ନିତ୍ୟ ନୂତନ ସଦା ଚିରନ୍ତନ ତାହା ହେଉଛି ମଣିଷର ଅନ୍ତର୍ନିହିତ ମାନବତା, ହୃଦୟବତ୍ତା ଓ ଅପର ପାଇଁ ସମ୍ମାନବୋଧ। ଏତକ ନ ଥିଲେ ବଡ଼ଲୋକରେ ଗଣାହେବେ ସିନା ବଡ଼ପଣବିହୀନ ବ୍ୟକ୍ତିସତ୍ତା ପାଇଁ ନା ଥିବ କାହାର ସମ୍ମାନ ନା ଥିବ ସମାଜର ସ୍ୱୀକୃତି।

ପ୍ରଜ୍ଞାନିଳୟ, ବିଦ୍ୟାପତି ନଗର,
ଚକେଇସିହାଣି, ଭୁବନେଶ୍ୱର
ମୋ: ୮୮୯୫୬୨୪୧୦୫

# ଆମେରିକା କାହାର ମିତ୍ର



ରବିନାରାୟଣ ସାମଲ

ଇସ୍ରାଏଲ୍ ଓ ଆମେରିକା ଆଗପଛ କରି ଇରାନ୍ ଉପରେ ଝାମ୍ପି ପଡ଼ିଲେ। ଇରାନ୍‌ର ଅପରାଧ? ପରମାଣୁ ଅସ୍ତ୍ର ତିଆରି କରୁଛି, ବିଶ୍ୱ ପାଇଁ ବିପଦ! ଯେଉଁମାନେ ପରମାଣୁ ଅସ୍ତ୍ର ତିଆରି କରି ଗଚ୍ଛିତ ରଖିଛନ୍ତି ସେମାନେ ବିପଦ ହେଲେ ନାହିଁ, ଇରାନ୍ ତିଆରି କରୁଥିବାରୁ ବିପଦ ହୋଇଗଲା। ଅଜବ ଯୁକ୍ତି! ତଥ୍ୟ କହେ- ବିଶ୍ୱର ୯ଟି ଦେଶ ପାଖରେ ୧୨ ହଜାରରୁ ଉର୍ଦ୍ଧ୍ୱ ପରମାଣୁ ଅସ୍ତ୍ର ରହିଛି। ସେଥିମଧ୍ୟରୁ ଆକ୍ରମଣକାରୀ ରାଷ୍ଟ୍ର ଆମେରିକା ପାଖରେ ୫,୧୭୭ଟି ଏବଂ ଇସ୍ରାଏଲ୍ ପାଖରେ ୯୦ଟି। ତେବେ ବିଶ୍ୱ ପାଇଁ ବିପଦ କିଏ? ଇରାନ୍?

ଗଣବିଧ୍ୱଂସୀ ଅସ୍ତ୍ରଶସ୍ତ୍ର ରଖିଥିବା ଅଭିଯୋଗ ଆଣି ୨୦୦୩ ମସିହାରେ ଇରାକ୍ ଉପରେ ଆକ୍ରମଣ କଲା ଆମେରିକା। ରାଷ୍ଟ୍ରପତି ସଦ୍ଦାମ ହୁସେନ୍‌ଙ୍କୁ ଫାଶୀ ଦିଆଗଲା। କିନ୍ତୁ ଗଣବିଧ୍ୱଂସୀ ଅସ୍ତ୍ରଶସ୍ତ୍ରର ସାମାନ୍ୟତମ ଚିହ୍ନବର୍ଣ୍ଣ ମିଳିଲା ନାହିଁ। ମୋଦି ସରକାରଙ୍କ ଭଳି ବାଜପେୟୀଙ୍କ ସରକାର ସେତେବେଳେ ଆମେରିକାର ସମର୍ଥକ ସାଜିଥିଲେ। ଇରାନ୍ ଉପରେ ଆମେରିକାର ଆକ୍ରମଣକୁ ନିନ୍ଦା କରି ପାର୍ଲାମେଣ୍ଟରେ ବିରୋଧୀ ଦଳ ଏକ ପ୍ରସ୍ତାବ ଆଗତ କଲେ। ମାତ୍ର ବାଜପେୟୀ ସରକାର ତାହା ଗ୍ରହଣ କଲେ ନାହିଁ। ପାର୍ଲାମେଣ୍ଟ ଅଚଳ ହୋଇଗଲା। ଶେଷରେ ସରକାର ବାଧ୍ୟ ହୋଇ ଦୁଇଧାଡ଼ିଆ ନିନ୍ଦା ପ୍ରସ୍ତାବଟିଏ ଗୃହୀତ କଲେ। ଆମେରିକା ସହ ଅପ୍ରିୟ ନ ହେବାକୁ ତାହା ପୁଣି ଇଂଲିଶ୍‌ରେ ଲେଖା ନ ହୋଇ ହିନ୍ଦୀରେ ଲେଖା ହେଲା।

କହିବା ଅନାବଶ୍ୟକ ଯେ, ଆମେରିକା ଏକ ସାମ୍ରାଜ୍ୟବାଦୀ ରାଷ୍ଟ୍ର। ଅନ୍ୟ ଦେଶ ଉପରେ ଆଧିପତ୍ୟ ଜାହିର କରି ତାର ବଜାରକୁ ଦଖଲ କରିବା ହେଉଛି ଲକ୍ଷ୍ୟ। ୱାର୍‌ସ ଚୁକ୍ତିଭୁକ୍ତ କମ୍ୟୁନିଷ୍ଟ ଦେଶଗୁଡ଼ିକୁ ଭୟ କରି ନାଟୋ ମେଣ୍ଟଭୁକ୍ତ ରାଷ୍ଟ୍ରମାନେ ଶୀତଳ ଯୁଦ୍ଧ ଚଳାଇଥିଲେ। ସୋଭିଏଟ୍ ୟୁନିଅନ ସମେତ ଆଉ କେତେକ ସମାଜବାଦୀ ରାଷ୍ଟ୍ରର ପତନ ପରେ ୱାର୍‌ସ ଚୁକ୍ତି ଅକାମୀ ହୋଇଗଲା। ନାଟୋ ମେଣ୍ଟର ରାଷ୍ଟ୍ରମାନେ ଆମେରିକା ନେତୃତ୍ୱରେ ଉଷ୍ମ ଯୁଦ୍ଧ ଚଳାଇଲେ। ଭିଏତ୍‌ନାମ ଓ ଆଫଗାନିସ୍ତାନରୁ ଆମେରିକା ଲାଙ୍ଗୁଡ଼ ଜାକି ପଳାଇ ଆସିଥିଲେ ମଧ୍ୟ ତାହାର ଖୋଇ ଛାଡ଼ିନାହିଁ। ଇରାନ୍, ୟେମେନ୍, ସିରିଆ, ସୋମାଲିଆ ସହିତ ପ୍ରତ୍ୟକ୍ଷ ଯୁଦ୍ଧରେ ଆମେରିକା ସାମିଲ ହୋଇଥିଲା ବେଳେ ଗାଜା, ୟୁକ୍ରେନ୍ ଭଳି ଆଉ କେତେକ ଦେଶରେ ପରୋକ୍ଷ ଯୁଦ୍ଧରେ ସାମିଲ ହୋଇଛି। ୮୦ଟି ଦେଶର ୭୫୦ଟି ସ୍ଥାନରେ ସାମରିକ ଘାଟି ପ୍ରତିଷ୍ଠା କରି ଅଣ-ନାଟୋ-ମେଣ୍ଟ ରାଷ୍ଟ୍ରକୁ କରାୟତ୍ତ କରିବାକୁ ବସିଛି। ଅଧା ପୃଥିବୀ ଅତିକ୍ରମ କରି ଇରାନ୍ ଉପରେ ଆକ୍ରମଣ କରିଛି।

ବହୁ ବର୍ଷ ଧରି ସାମ୍ରାଜ୍ୟବାଦ ବିରୋଧରେ ଭାରତର ଅବସ୍ଥାନ ନିର୍ଣ୍ଣାୟକ ଥିଲା। ମାତ୍ର ଅଟଳ ବିହାରୀ ବାଜପେୟୀଙ୍କ ସରକାର ଆସିବା ପରେ ଭାରତ କ୍ରମେ କ୍ରମେ ଆମେରିକା ମୁହାଁ ହେଲା। ଆମ ଦେଶର ଅର୍ଥନୀତି ଓ ବୈଦେଶିକ ନୀତିରେ ଉଲ୍ଲେଖନୀୟ ପରିବର୍ତ୍ତନ ଦେଖାଦେଲା। ଆମେରିକା ହାଣ୍ଡିରେ ଫୁଟଣ ଫୁଟିଲେ ଭାରତରେ ତାହା ବାସୁଥିଲା। ସହଜରେ ତ ଏବେ ଭାଜପା ନେତୃତ୍ୱାଧୀନ ଏନ୍‌ଡିଏ ଓ ଟ୍ରମ୍ପ ପ୍ରଶାସନ ମଧ୍ୟରେ ଆଉ ପାଣି ଗଳୁନି! ପହଲଗାମ୍‌ରେ ଆତଙ୍କବାଦୀ ଆକ୍ରମଣ ପରେ ଭାରତ-ପାକିସ୍ତାନ ମଧ୍ୟରେ ଅସ୍ତ୍ର ବିରତି ଟ୍ରମ୍ପଙ୍କ ମଧ୍ୟସ୍ଥତାରେ ସମ୍ଭବ ହୋଇଛି ବୋଲି ସେ ବାରମ୍ବାର ମନ୍ତବ୍ୟ ଦେଉଥିବା ବେଳେ କେନ୍ଦ୍ର ସରକାର ଦୃଢ଼ତାର ସହ ତାକୁ ଖଣ୍ଡନ କରୁନାହାନ୍ତି। ବାଜପେୟୀଙ୍କ ଶାସନ କାଳରେ ହୋଇଥିବା କାର୍ଗିଲ ଲଢ଼େଇରେ ଆମେରିକା ହସ୍ତକ୍ଷେପ କରିଥିବାର ଠୋସ୍ ପ୍ରମାଣ ରହିଛି।



୨୦୧୯ରେ 'ହାଓଡ଼ି ମୋଦି' କାର୍ଯ୍ୟକ୍ରମରେ ଟ୍ରମ୍ପଙ୍କ ପାଇଁ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆମେରିକାରେ ନିର୍ବାଚନ ପ୍ରଚାର କରିଥିଲେ। ଏପଟେ ଟ୍ରମ୍ପଙ୍କ ବିଜୟ କାମନା କରି ହିନ୍ଦୁ ମହାସଭା ଭାରତର ବିଭିନ୍ନ ସ୍ଥାନରେ ଯଜ୍ଞ ମଧ୍ୟ ଆୟୋଜନ କରିଥିଲା। ଦୁର୍ଭାଗ୍ୟକୁ ଟ୍ରମ୍ପ ପରାଜିତ ହେଲେ। ତା' ସତ୍ତ୍ୱେ ରାଷ୍ଟ୍ରପତି ହେବାକୁ ଏକ ଅସଫଳ ଉଦ୍ୟମ କରିଥିଲେ।

ପହଲଗାମ୍ ଘଟଣା ପରେ ଭାରତର ୮ଟି ବହୁଦଳୀୟ ପ୍ରତିନିଧି ଦଳ ଆମେରିକା ସମେତ ବିଭିନ୍ନ ରାଷ୍ଟ୍ର ଗସ୍ତ କଲେ। ଫଳ କ'ଣ ହେଲା ତାହା ଜଣାପଡ଼ିଲା ନାହିଁ। କାନାଡ଼ାରେ ଅନୁଷ୍ଠିତ ଜି-୭ ଦେଶର ସମ୍ମିଳନୀ ଅଧାରୁ ଟ୍ରମ୍ପ ଚାଲିଆସି ଘୋଷଣା କଲେ- 'ଆଇ ଲଭ୍ ପାକିସ୍ତାନ'। ଆମେରିକାର ସମ୍ପ୍ରତିରେ ଅନ୍ତର୍ଜାତୀୟ ମୁଦ୍ରାପାଣ୍ଠି ପାକିସ୍ତାନର ବିକାଶ ଲାଗି ୭ ବିଲିଅନ୍ ଡଲାର ଋଣ ମଞ୍ଜୁର କଲା। ପାକିସ୍ତାନର ସେନା ମୁଖ୍ୟ ଅସୀମ ମୁନିର୍‌ଙ୍କୁ ଜଣେ ସ୍ୱତନ୍ତ୍ର ଅତିଥି ଭାବେ ଟ୍ରମ୍ପ ତାଙ୍କ ଉତ୍ସବକୁ ନିମନ୍ତ୍ରଣ କଲେ। ପହଲଗାମ୍ ଓ ଇରାନ୍ ଯୁଦ୍ଧ ମଧ୍ୟରେ ଏସବୁ ଘଟିଗଲା। ବହୁଦଳୀୟ ପ୍ରତିନିଧି ମଧ୍ୟ ଆମେରିକା ଯାଇ ଫେରିଆସିଛନ୍ତି। ବାଣିଜ୍ୟିକ ଶୁଳ୍କ ଲାଗୁ କଲାବେଳେ ଟ୍ରମ୍ପ ଭାରତ ପ୍ରତି ସାମାନ୍ୟତମ ଅନୁକମ୍ପା ଦେଖାଇ ନାହାନ୍ତି କି ପାକିସ୍ତାନକୁ ସାହାଯ୍ୟ ସହଯୋଗରେ ଆଦୌ ହେଳା କରିନାହାନ୍ତି। ଏସବୁ ସତ୍ତ୍ୱେ ଆମେରିକା କୁଆଡ଼େ ଭାରତର ବନ୍ଧୁ!

ଉଭୟ ଭାରତ ଓ ପାକିସ୍ତାନର ପିଠି ଥାପୁଡ଼େଇ ଆମେରିକା ଯେ ପୁଳାଏ ମାଂସ ନେଇଯାଉଛି ଏକଥା କେହି ଗ୍ରହଣ କରିବାକୁ ପ୍ରସ୍ତୁତ ନାହାନ୍ତି। ଏବେ ବି ସମୟ ଅଛି, ଭାରତ ତା'ର ବୈଦେଶିକ ନୀତିର ସମୀକ୍ଷା କରୁ। ପଡ଼ୋଶୀ ରାଷ୍ଟ୍ର ସହ ମିତ୍ରତା ସ୍ଥାପନ କରି ସାମ୍ରାଜ୍ୟବାଦୀ ଆମେରିକାର କଳା କାରସାଦିକୁ ପ୍ରତିହତ କରୁ।

ମୋ: ୭୯୭୫୦୪୬୪୮୬

## ଏଇ ଭାରତରେ

ମକା ଖାଇ ଚୋପା (ହସ୍କ)କୁ ଏଣେ ତେଣେ ଆଉ ପକାଇବାକୁ ପଡ଼ିବନି। ଏହାର ପୁନଃ ବିନିଯୋଗ କରାଯିବାର ଉପାୟ ସାମ୍ନାକୁ ଆଣିଛନ୍ତି ମଣିପୁର ସେନପତି ଜିଲାର ଫ୍ଲୋରିଷ୍ଟ ନେଲି ଛାଛେୟା। ସେ ହସ୍ତକଳାରେ ଶିକ୍ଷା ଲାଭ କରିଛନ୍ତି। ନେଲି ମକା ଚୋପାରୁ ଜୈବ କଣ୍ଢେଇ ତିଆରି କରୁଛନ୍ତି ଏବଂ ଏହା ଶୀଘ୍ର ମାଟିରେ ମିଶିଯାଇପାରୁଛି। ଏହି କାର୍ଯ୍ୟରେ ସେ ଅନେକ ମହିଳାଙ୍କୁ ନିଯୁକ୍ତ କରିଛନ୍ତି। ଏହି କଣ୍ଢେଇଗୁଡ଼ିକୁ ସେମାନେ ହାତରେ ସିଲାଇକରି ତିଆରି କରୁଛନ୍ତି। ନେଲି ମଧ୍ୟ ରୋଷେଇ ଘରୁ ବାହାରୁ ଥିବା ବର୍ଜ୍ୟକୁ ଏହି କଣ୍ଢେଇ ତିଆରିରେ ବ୍ୟବହାର କରୁଛନ୍ତି। କଣ୍ଢେଇରେ ଉଦ୍ଭିଦରୁ ପ୍ରସ୍ତୁତ ଜୈବ ରଙ୍ଗ ବ୍ୟବହାର କରୁଛନ୍ତି। ନେଲି ଆଖପାଖ ଗାଁର ମକାଚାଷୀ ଓ ଦୋକାନୀଙ୍କଠାରୁ ମକା ଚୋପା ସଂଗ୍ରହ କରୁଛନ୍ତି। ସେ ମଧ୍ୟ ଏହି କଣ୍ଢେଇ ତିଆରି ସମ୍ପର୍କରେ ଅନ୍ୟମାନଙ୍କୁ ପ୍ରଶିକ୍ଷଣ ଦେଉଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

୨୦ ଜୁଲାଇ ୧୯୭୬

- ସଂଖ୍ୟାଲଘୁ ମୁସଲମାନମାନଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଅନୁଧ୍ୟାନ କରିବା ପାଇଁ ଗଣତାନ୍ତ୍ରିକ ଓ ଧର୍ମନିରପେକ୍ଷ ସଂସ୍ଥା ନାମରେ ଏକ ସଂସ୍ଥା ଗଠନ କରାଯାଇଛି।
- ଭାରତୀୟ ଲୌହ ଓ ଇସ୍ପାତ କମ୍ପାନୀର ପରିଚାଳନା ଭାରତ ସରକାର ନିଜ ହାତକୁ ନେବା ପାଇଁ ରାଷ୍ଟ୍ରପତି ଫକିରୁଦ୍ଦିନ ଅଲୀ ଅହମ୍ମଦ ଏକ ଅଧାଦେଶ ଜାରି କରିଛନ୍ତି।

## ଚିରନ୍ତନୀ

ସନ୍ଧ୍ୟାଲୋକ ତଳେ ଏକା
ସଜଳ କଜ୍ଜଳରେଖା-
ଜଳ ଧାରାଟିଏ ଯାଏ ବହି,
କ୍ଳାନ୍ତ ପଦେ ମୁଁ ଏକାକୀ
ତରୁତଳ କରି ସାକ୍ଷୀ
ବିଶ୍ରମିଛି ଶଯ୍ୟାହୀନ ମହୀ ।
-(ଆଶ୍ଳେଷ ସ୍ୱର୍ଗ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku

Puzzles by Srikant Ghosh

ସୁ-ଡୋ-କୁ

| | | | | | | | | |
|---|---|---|---|---|---|---|---|---|
| | | | | 1 | | | 9 | |
| 5 | 9 | 8 | | | 4 | | 3 | |
| 6 | | | | | 7 | 4 | | |
| | 4 | | | | 6 | 8 | 7 | |
| | | | | | | | | |
| | | 9 | 4 | 7 | | | | |
| | | | | | 3 | | 6 | 5 |
| | | | 2 | | | | | |
| 2 | 6 | | 9 | | | 3 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 4 | 1 | 2 | 8 | 7 | 9 | 5 | 6 | 3 |
| 9 | 6 | 7 | 5 | 2 | 3 | 1 | 4 | 8 |
| 5 | 3 | 8 | 1 | 6 | 4 | 2 | 9 | 7 |
| 8 | 9 | 5 | 6 | 4 | 2 | 3 | 7 | 1 |
| 7 | 4 | 3 | 9 | 5 | 1 | 6 | 8 | 2 |
| 1 | 2 | 6 | 3 | 8 | 7 | 4 | 5 | 9 |
| 6 | 7 | 1 | 2 | 9 | 5 | 8 | 3 | 4 |
| 2 | 8 | 4 | 7 | 3 | 6 | 9 | 1 | 5 |
| 3 | 5 | 9 | 4 | 1 | 8 | 7 | 2 | 6 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ମେଦବୃଦ୍ଧି ରୋଗର କାରଣ

ମହାଶୟ,

ଡାକ୍ତରମାନେ କହନ୍ତି, ମେଦବୃଦ୍ଧି ହିଁ ରୋଗର କାରଣ। ପୋଲିସ ବିଭାଗର କନ୍‌ଷ୍ଟେବଲଠାରୁ ଆରମ୍ଭ କରି ଉପର ଅଫିସରମାନଙ୍କୁ ଦେଖିଲେ ଦୟା ଲାଗେ। ସେମାନଙ୍କର ଏତେ ମେଦ ବୃଦ୍ଧି ପାଇଛି, ଅବସର ପରେ ସେମାନେ ତ ରୋଗାକ୍ରାନ୍ତ ହୋଇଯିବେ। ସେମାନେ ତ ଏବେ ଚୋର ଡକାୟତଙ୍କ ସାମ୍ନା କରିପାରୁ ନ ଥିବେ। କେବଳ ପୋଲିସ ବର୍ଦ୍ଦିଟା ପିନ୍ଧିଥାନ୍ତି, ହାତରେ ଲାଠି ବା ବନ୍ଧୁକ ଥାଏ ବୋଲି ଲୋକେ ଡରିଥାନ୍ତି। ନଚେତ୍ ସେମାନଙ୍କର ବପୁ ଦେଖିଲେ ଲୋକେ ଆରାମରେ ଖସି ଯିବେ। ଏମିତି ବି ଅତ୍ୟଧିକ ମୋଟା ହୋଇ ସେମାନଙ୍କର ପେଟ ବାହାରି ପଡ଼ିବା ଫଳରେ ସେମାନେ ଅସୁନ୍ଦର ଦେଖାଯାଉଛନ୍ତି। ତେଣୁ ସରକାରଙ୍କୁ ଅନୁରୋଧ, ବ୍ୟାୟାମ କରି ଫିଟ୍ ରହିବାକୁ ପୋଲିସଙ୍କୁ ପରାମର୍ଶ ଦିଅନ୍ତୁ। ଫଳରେ ଅବସର ପରେ ସେମାନେ ସୁସ୍ଥ ସବଳ ରହି ଜୀବନ ଜିଇଁ ପାରିବେ।

-ଅକ୍ଷୟ ମହାନ୍ତି, କଳିଙ୍ଗ ନଗର, ଭୁବନେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ଼ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# କାଦୁଅ ପଚପଚ ରାସ୍ତା, ଲୋକେ ହୀନସ୍ତା

**ବୈଶିଙ୍ଗା, ୧୯।୭**
**(ରତନ ଦାଶ)**

ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ଅଧୀନ କଳମା ପଞ୍ଚାୟତ ରଘୁନାଥପୁର ଗ୍ରାମର ରାସ୍ତା ଅବସ୍ଥା ଶୋଚନୀୟ ହୋଇଛି। ବିଶେଷକରି ବର୍ଷାଦିନେ କାଦୁଅ ପଚପଚ ଏହି ରାସ୍ତାରେ ଚାଲି ଚାଲି ଯିବା ମଧ୍ୟ କଷ୍ଟକର ହୋଇପଡ଼ିଛି। ଦୁଇଚକିଆ ଗାଡ଼ିକୁ ଲୋକେ ରାସ୍ତାରେ ଠେଲି ଠେଲି ଗ୍ରାମ ବାହାରକୁ ନେବାକୁ ପଡୁଛି।

୧୮ ନଂ. ଜାତୀୟ ରାଜପଥର କଳମା ପଞ୍ଚାୟତର ୧ ନଂ. ୱାର୍ଡ ମେଲାଡାଙ୍ଗରଠାରୁ ରାସ୍ତାଟି ଯାଇ ରଘୁନାଥପୁର ଓ ବାଲିଚିତିରି ଗ୍ରାମ ହୋଇ କଳମାଠାରେ ପୁଣି ଜାତୀୟ ରାଜପଥକୁ ସଂଯୋଗ କରିଛି। ମୋଟ ୩ କି.ମି. ବିଶିଷ୍ଟ ରାସ୍ତାଟି ଗଡ଼ଦେଉଳିଆ ଓ କଳମା ପଞ୍ଚାୟତର ଠିକ୍ ସୀମାନ୍ତରେ ଥିବାରୁ ଦୁଇ ପଞ୍ଚାୟତର ବୈମାତୃକ ମନୋଭାବ ଯୋଗୁ ଅଞ୍ଚଳବାସୀଙ୍କୁ ହୀନସ୍ତା ଭୋଗିବାକୁ ପଡୁଛି ବୋଲି କୁହାଯାଉଛି। ୫୦ ମିଟର କଂକ୍ରିଟ ହୋଇଥିବା ବେଳେ ବାକି ରାସ୍ତା ମାଟି ଓ ମୋରମ ଯୋଗୁ କାଦୁଅ ପଚପଚ ହୋଇ ରହୁଛି। ଏହି ରାସ୍ତାର ଉନ୍ନତୀକରଣ ପାଇଁ ସେ ବହୁବାର ବେତନଟୀ ବ୍ଲକ କର୍ତ୍ତୃପକ୍ଷ ଓ ବଡ଼ସାହି ବିଧାୟକଙ୍କୁ ଲିଖିତ ଭାବେ ଜଣାଇଛନ୍ତି। ହେଲେ କିଛି ସୁଫଳ ମିଳିନାହିଁ ବୋଲି କଳମା ପଞ୍ଚାୟତର ସରପଞ୍ଚ ଗୋପୀନାଥ ସିଂ କହିଛନ୍ତି। ଏନେଇ ବିଡିଓ ସୁଶାନ୍ତ କୁମାର ସୂତାରଙ୍କୁ ପଚାରିବାରୁ ସେ ଉକ୍ତ ରାସ୍ତା ଅବସ୍ଥା ବାବଦରେ ସୂଚନା ପାଇଛନ୍ତି ଏବଂ ଖୁବ୍‌ଶୀଘ୍ର ତାହାକୁ ଗ୍ରାମ୍ୟ ଉନ୍ନୟନ ବିଭାଗକୁ ହସ୍ତାନ୍ତର କରିବା ଦିଗରେ ପଦକ୍ଷେପ ନେବେ ବୋଲି କହିଛନ୍ତି।



ରଘୁନାଥପୁର ରାସ୍ତାରେ କାଦୁଅ ଯୋଗୁ ଜଣେ ବ୍ୟକ୍ତି ବାଇକ୍‌କୁ ଠେଲି ଠେଲି ନେଉଛନ୍ତି।

## ଚାଷୀଙ୍କୁ ନେଇ କର୍ମଶାଳା

**ମୋରଡ଼ା, ୧୯।୭ (ସ୍ୱାରକ ମାଜୀ)**

ଆନ୍ତର୍ଜାତିକ ସମବାୟ ବର୍ଷ ପାଳନ ଅବସରରେ ମୟୂରଭଞ୍ଜ ଜିଲା ମୋରଡ଼ା ବ୍ଲକ ଅଧୀନ ଚିତ୍ରଡ଼ା କଲ୍ୟାଣ ମଣ୍ଡପରେ ଶୁକ୍ରବାର ଶତାଧିକ ଚାଷୀଙ୍କୁ ନେଇ ଏକଦିବସୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଚିତ୍ରଡ଼ା ଲ୍ୟାମ୍ପ୍‌ସର ସଭାପତି ମାଥୁରା ସୋରେନଙ୍କ ଅଧ୍ୟକ୍ଷତାରେ ଆୟୋଜିତ କର୍ମଶାଳାକୁ ତହସିଲଦାର ବିଦ୍ୟାଧର ଦଣ୍ଡପାଟ ଉଦ୍‌ଘାଟନ କରିଥିଲେ। ଚିତ୍ରଡ଼ା ଲ୍ୟାମ୍ପ୍‌ସର ଏମ୍‌ଡି ବୀରପ୍ରତାପ ଶମ୍ଭୁନାରାୟଣ ରାଠୋର କେନ୍ଦ୍ର ସରକାରଙ୍କ ଯୋଜନାଗୁଡ଼ିକ ବିଷୟରେ ଚାଷୀମାନଙ୍କୁ ଅବଗତ କରାଇଥିଲେ। ଚାଷୀ ପଞ୍ଜୀକରଣ, ମେମ୍ବରସିପ୍ ଡ୍ରାଇଭ୍, ଡିପୋଜିଟ ମୋବିଲାଇଜେଶନ, ଲୋନ୍ ଟଙ୍କା ଆଦାୟ ଆଦି ସମ୍ପର୍କରେ ଆଲୋଚନା କରାଯାଇଥିଲା। ଚାଷୀଙ୍କ ସମେତ ଲ୍ୟାମ୍ପ୍ସ କର୍ମଚାରୀ ଓ ସଦସ୍ୟମାନେ ଉପସ୍ଥିତ ଥିଲେ।

## ଗୋଚାଲାଣ ଗ୍ୟାଙ୍ଗର ଫେରାର ଅଭିଯୁକ୍ତ ଗିରଫ

**ବୈଶିଙ୍ଗା, ୧୯।୭ (ରତନ ଦାଶ)**

ମୟୂରଭଞ୍ଜ ଜିଲାର ବୈଶିଙ୍ଗା ପୋଲିସ ଗୋଚାଲାଣ ସିଣ୍ଡିକେଟର ଜଣେ ଫେରାର ଅଭିଯୁକ୍ତଙ୍କୁ ଶୁକ୍ରବାର ଗିରଫ କରିଛି। ଅଭିଯୁକ୍ତ ଜଣଙ୍କ ହେଲେ ବାଙ୍ଗାଲ ଅନସର ଖାଁ(୨୧)। ପୋଲିସ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରି ଅଧିକ ତଦନ୍ତ ଚଳାଇଛି। ସୂଚନା ଅନୁଯାୟୀ, ମେ ମାସରେ ଗୋରୁ ଚୋରି ମାଫିଆମାନେ ବିଳମ୍ବିତ ରାତିରେ କଳମା ଗାଁ ରାସ୍ତାରେ ଗୋରୁ ଚୋରି ଯୋଜନା କରୁଥିଲେ। ପୋଲିସ ପାଟ୍ରୋଲିଂ ଟିମ ହାବୁଡ଼ରେ ସେମାନେ ପଡ଼ିଥିଲେ। ପୋଲିସ ଉପରକୁ ତେଲେଙ୍ଗା କଟୁରୀ ସାହାଯ୍ୟରେ ଆକ୍ରମଣ କରିଥିଲେ। ପୋଲିସ ଘଟଣାସ୍ଥଳରୁ ୩ ଜଣ ତଥା ସେକ୍ ସିରାଜୁଦ୍ଦିନ ଓରଫ ସେରାଜୁଲ, ସେକ ସକିଲ ଓ ସେକ ଜାହିରୁଦ୍ଦୀନଙ୍କୁ ଗିରଫ କରିଥିଲା। ଏକ ମାମଲା(ନଂ.୨୩୭/୨୫) ରୁଜୁ କରି କୋର୍ଟଚାଲାଣ କରିଥିଲା। ସେମାନଙ୍କ ନିକଟରୁ ଏକ ନମ୍ବର ବିହୀନ ବୋଲେରୋ ଜବତ କରିଥିଲା। ଘଟଣାସ୍ଥଳରୁ ଚମ୍ପଟ ମାରିଥିବା ବାଙ୍ଗାଲ ଅନସର ଖାଁକୁ ଶୁକ୍ରବାର ଗୁପ୍ତ ସୂଚନା ଆଧାରରେ ଥାନାଧିକାରୀ ବାରିଣୀ ଦାସଙ୍କ ନିର୍ଦ୍ଦେଶ କ୍ରମେ ଏକ ପୋଲିସ ଟିମ୍ ଗିରଫ କରିଛି।

## ଅଗଷ୍ଟ ଜନଶୁଣାଣି ସମ୍ପର୍କିତ କାର୍ଯ୍ୟସୂଚୀ

**ବାରିପଦା, ୧୯।୭**
**(ନୀଳାଦ୍ରି ବିହାରୀ ଦଣ୍ଡପାଟ)**

ମୟୂରଭଞ୍ଜ ଜିଲାପାଳ ଓ ଜିଲା ଆରକ୍ଷୀ ଅଧିକ୍ଷକଙ୍କ ତତ୍ତ୍ୱାବଧାନରେ ଅଗଷ୍ଟ ମାସରେ ହେବାକୁ ଥିବା ଯୁଗ୍ମ ଜନ ଶୁଣାଣି ଶିବିର ପାଇଁ ଜିଲା ପ୍ରଶାସନ ଦ୍ୱାରା କାର୍ଯ୍ୟସୂଚୀ ନିର୍ଦ୍ଧାରିତ ହୋଇଛି। ମାସର ପ୍ରଥମ ସୋମବାର ୪ ତାରିଖ ସଦର ଉପଖଣ୍ଡ ବାରିପଦା ପାଇଁ ଜିଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ସମ୍ମିଳନୀ କକ୍ଷ, ଦ୍ୱିତୀୟ ସୋମବାର ୧୧ ତାରିଖ ବାମନଘାଟି ଉପଖଣ୍ଡ ପାଇଁ ବାମନଘାଟି ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ ରାଇରଙ୍ଗପୁର, ତୃତୀୟ ସୋମବାର ୧୮ତାରିଖ ପାଞ୍ଚପିଢ଼ ଉପଖଣ୍ଡ ପାଇଁ କରଞ୍ଜିଆ ଉପଜିଲାପାଳଙ୍କ ସମ୍ମିଳନୀ କକ୍ଷ ଓ ଚତୁର୍ଥ ସୋମବାର ୨୫ତାରିଖ କପ୍ତିପଦା ଉପଖଣ୍ଡ ପାଇଁ କପ୍ତିପଦା ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ ଉଦଳାଠାରେ ଅନୁଷ୍ଠିତ ହେବ। ସମସ୍ତ ଶିବିର ପୂର୍ବାହ୍ନ ୧୦ ଘଟିକାଠାରୁ ଅପରାହ୍ନ ୫ଘଟିକା ସମୟ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ବାରିପଦାଠାରେ ହେବାକୁ ଥିବା ଶିବିରରେ ସମସ୍ତ ଜିଲାସ୍ତରୀୟ ଅଧିକାରୀ, ସମସ୍ତ ଜିଲାସ୍ତରୀୟ ଲାଇନ ବିଭାଗ ଅଧିକାରୀ ଏବଂ ବାରିପଦା ଉପଖଣ୍ଡ ଅନ୍ତର୍ଗତ ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାର, ସମସ୍ତ ତହସିଲଦାର ଓ ସମସ୍ତ ସିଡିପିଓଙ୍କ ଉପସ୍ଥିତି ରହିବେ। ଉପଖଣ୍ଡସ୍ତରୀୟ ଓ ବ୍ଲକସ୍ତରୀୟ ଶିବିରରେ ସମ୍ପୃକ୍ତ ଉପଖଣ୍ଡର ସମସ୍ତ ଉପଖଣ୍ଡସ୍ତରୀୟ ଅଧିକାରୀ, ସମସ୍ତ ଲାଇନ ବିଭାଗ ଅଧିକାରୀ, ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାର ଓ ସମସ୍ତ ସିଡିପିଓ ଉପସ୍ଥିତ ରହିବେ। ଆବେଦନକାରୀ ଅନ୍‌ଲାଇନ୍‌ରେ ମଧ୍ୟ ଜନ ଶୁଣାଣି ପୋର୍ଟାଲ ଜରିଆରେ ଅଭିଯୋଗ ପତ୍ର ଦାଖଲ କରିପାରିବେ।

## ଦୁର୍ଘଟଣା ଚପାଇ ଦେଉଛି ଖଣି କମ୍ପାନୀ: କଂଗ୍ରେସ

**ଯୋଡ଼ା/ଚମ୍ପୁଆ, ୧୯।୭**
**(ମାନସ ମହାନ୍ତି/ମହେଶ୍ୱର ଦାସ)**

### ଖଣିରେ ଲୋଡର ଓଲଟି ଅପରେଟର ମୃତ୍ୟୁ ଘଟଣା

କେନ୍ଦୁଝର ଜିଲା ପୂର୍ବ ଯୋଡ଼ା ଲୁହାପଥର ଖଣିରେ କାର୍ଯ୍ୟରତ ଜଣେ ଲୋଡର ଅପରେଟରଙ୍କ ମୃତ୍ୟୁ ଘଟଣାକୁ ନେଇ କଂଗ୍ରେସ ପ୍ରଶ୍ନ ଉଠାଇଛି। କଂଗ୍ରେସର ରାଜ୍ୟ ଆଦିବାସୀ ସେଲ ଅଧ୍ୟକ୍ଷ ତଥା ପୂର୍ବତନ କେନ୍ଦୁଝର ଏମ୍‌ପି ଯସବନ୍ତ ନାରାୟଣ ସିଂ ଲାଗୁରୀ ଶନିବାର ଅଭିଯୋଗ କରି ଏହାର ନିରପେକ୍ଷ ତଦନ୍ତ ଦାବି କରିଛନ୍ତି। ଅଭିଯୋଗ ଅନୁଯାୟୀ, ଯୋଡ଼ା ଖଣି ଅଞ୍ଚଳରେ ଅଧିକାଂଶ ଖଣିଗୁଡ଼ିକରେ ଶ୍ରମିକମାନେ ଅସୁରକ୍ଷିତ ଭାବେ କାର୍ଯ୍ୟ କରୁଛନ୍ତି। ଦୁର୍ଘଟଣା ଘଟିଲେ ଖଣି କର୍ତ୍ତୃପକ୍ଷ ଦୁର୍ଘଟଣାର ଭିନ୍ନ ରୂପ ଦେଇ ଅସଲ ଘଟଣାକୁ ଚପାଇ ଦେଉଛନ୍ତି। ନିକଟରେ ପୂର୍ବ ଯୋଡ଼ା ଲୌହ ପଥର ଖଣିରେ ଏକ ଲୋଡ୍‌ର ମେସିନ ଓଲଟିବା ଯୋଗୁ ରାଜେଶ କୁମାର ନାୟକ ଗୁରୁତର ହୋଇଥିଲେ। ମାତ୍ର କମ୍ପାନୀ କର୍ତ୍ତୃପକ୍ଷ ରାଜେଶଙ୍କୁ ଗୁରୁତର ଦର୍ଶାଇ ଜାମସେଦପୁର ଟାଟା ମେନ ହସ୍ପିଟାଲକୁ ନେଇ ୮ ଦିନ ପରେ ତାଙ୍କର ମୃତ୍ୟୁ ଘୋଷଣା କରିଥିଲେ। ଖଣି କାର୍ଯ୍ୟ ବନ୍ଦ ହେବା ଭୟରେ ଘଟଣା ଦିନ ଶ୍ରମିକଙ୍କୁ ଗୁରୁତର ଦର୍ଶାଇଥିବା ସେ ଅଭିଯୋଗ କରିଛନ୍ତି। ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ କରି କମ୍ପାନୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବି କରିଛନ୍ତି। ଅନ୍ୟପକ୍ଷେ ଶୁକ୍ରବାର ମୃତଦେହ ନିଜ ଗ୍ରାମ ରଜିଆ ପଞ୍ଚାୟତ ପତଳାରେ ପହଞ୍ଚିଥିଲା। ମାତ୍ର କ୍ଷତିପୂରଣ ଦାବିରେ ପରିବାର ଲୋକେ ମୃତଦେହ ଗ୍ରହଣ କରି ନ ଥିଲେ। ଶେଷରେ କମ୍ପାନୀ କର୍ତ୍ତୃପକ୍ଷଙ୍କ ସହ ଆପୋଷ ବୁଝାବଣା ପରେ ୨୧ ଘଣ୍ଟା ପରେ ମୃତଦେହ ଗ୍ରହଣ କରିଥିଲେ।

## ବୁଥ୍‌ସ୍ତରୀୟ ଅଧିକାରୀଙ୍କୁ ପ୍ରଶିକ୍ଷଣ

ଝାରପୋଖରିଆ, ୧୯।୭ (ସୁଧୀର କୁମାର ମହାନ୍ତ): ମୟୂରଭଞ୍ଜ ଜିଲା ଉପ ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ସାରସକଣା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ସାରସକଣା ବ୍ଲକର ସମସ୍ତ ବୁଥ୍‌ସ୍ତରୀୟ ଅଧିକାରୀଙ୍କୁ ନେଇ ଦୁଇଦିନିଆ ବୁଥ୍‌ସ୍ତରୀୟ ଅଧିକାରୀଙ୍କ ନିମନ୍ତେ ଜାତୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ବ୍ଲକ ସଭା କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ସାରସକଣା ବ୍ଲକ ଗ୍ରାମ ପଞ୍ଚାୟତ ନିର୍ବାହୀ ଅଧିକାରୀ (ଜିପିଓ) ରାଜେଶ ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଦୁଇଦିନିଆ ପ୍ରଶିକ୍ଷଣ ଶିବିରର ମଙ୍ଗଳବାର ୧୧ ଘଟିକା ସମୟରେ ପ୍ରଥମ ପର୍ଯ୍ୟାୟ ପ୍ରଶିକ୍ଷଣ ଶିବିରକୁ ସାରସକଣା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଉଦ୍‌ଘାଟନ କରିଥିଲେ। ଏଥିରେ ସାରସକଣା ବ୍ଲକର ୪୮ଟି ନିର୍ବାଚନୀ ବଥ୍‌ର ଅଧିକାରୀଙ୍କ ସହିତ ୪ ଜଣ ବୁଥ୍‌ସ୍ତରୀୟ ସୁପରଭାଇଜର ଅଂଶ ଗ୍ରହଣ କରି ତାଲିମ ଦେଇଥିଲେ। ସେହିପରି ବୁଧବାର ଦ୍ୱିତୀୟ ପର୍ଯ୍ୟାୟ ପ୍ରଶିକ୍ଷଣ ଶିବିରରେ ପୂର୍ବପରି ୪୮ ଜଣ ବୁଥ୍ ଅଫିସର ଓ ୪ଜଣ ବୁଥ୍‌ସ୍ତରୀୟ ସୁପରଭାଇଜରଙ୍କୁ ମିଶାଇ ମୋଟ ୧୦୪ ଜଣ ତାଲିମ ଗ୍ରହଣ କରିଥିଲେ। ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ତାଲିମଧାରୀଙ୍କୁ ମାଷ୍ଟର ଟ୍ରେନର ଭାବେ ସାରସକଣା ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁମନ ରାଜା ମହାନ୍ତି ଓ ସାରସକଣା ତହସିଲଦାର ମନୋଜ କୁମାର କାର୍ଜି ଏବଂ ଦିଲ୍ଲୀ ଆଇ.ଆଇ.ଆଇ. ଡି.ଇ.ଏମ୍ ତାଲିମ ପ୍ରାପ୍ତ ବି.ଏଲ୍.ଓ ସୁପରଭାଇଜର ରସାନନ୍ଦ ବେହେରା ପ୍ରମୁଖ ତାଲିମ ପ୍ରଦାନ କରିଥିଲେ। ତାଲିମଧାରୀମାନଙ୍କୁ ଲିଖିତ ପରୀକ୍ଷା ମାଧ୍ୟମରେ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା।

## ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ବନ ମହୋତ୍ସବ

**ପାଟଣା, ୧୯।୭**
**(ବୀର କିଶୋର ଦାଶ)**

କେନ୍ଦୁଝର ଜିଲା ପାଟଣା ବ୍ଲକ୍ କେନ୍ଦେଇପଶିସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପରିସରରେ ଶନିବାର ୭୬ତମ ବନ ମହୋତ୍ସବ ସହ ଶିକ୍ଷାବର୍ଷର ପ୍ରଥମ ମାତା, ପିତା ଓ ଶିକ୍ଷକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ଅଧ୍ୟକ୍ଷ ଦେବଦତ୍ତ ସିଂହଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପାଟଣା ରେଞ୍ଜର ବନବିହାରୀ ସର୍ଦ୍ଦାର, ବନପାଳ ନିରଞ୍ଜନ ସେଠୀ ପ୍ରମୁଖ ଯୋଗଦେଇ 'ମା ପାଇଁ ଗଛ ଟିଏ' ଉପରେ ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ଅଭିଭାଷଣ ପ୍ରଦାନ କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ର ଓ ଶିକ୍ଷକ ବିଦ୍ୟାଳୟର ଚତୁର୍ପାର୍ଶ୍ୱରେ ଅମୃତ ଭଣ୍ଡା, ନଡ଼ିଆ, ଆମ୍ବ, ଚମ୍ପା, ବଉଳ, ପିଜୁଳି ଆଦି ୨ ଶହ ଚାରରୋପଣ କରିଥିଲେ। ବୈଠକରେ ଏକ ଶହରୁ ଊର୍ଦ୍ଧ୍ୱ ଅଭିଭାବକ ଯୋଗଦେଇ ପ୍ରଥମ ପରୀକ୍ଷାର ଫଳାଫଳ ସମୀକ୍ଷା ଓ ଆଗାମୀ ଦିନର କାର୍ଯ୍ୟପନ୍ଥା ଉପରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମକୁ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ ଓ କର୍ମଚାରୀ ସହୋଯୋଗ କରିଥିଲେ।

## ନିର୍ମଳ ସଭାପତି, ସୁବ୍ରତ ସମ୍ପାଦକ

### ରୋଟାରୀ କ୍ଲବ ଅଫ୍ ବାଲେଶ୍ୱର ସେଣ୍ଟ୍ରାଲର ନବମ ସ୍ଥାପନା ଦିବସ




ନୂତନ ସଭାପତି, ସମ୍ପାଦକଙ୍କ ସହ କ୍ଲବର କର୍ମକର୍ତ୍ତା।

**ବାଲେଶ୍ୱର, ୧୯।୭ (ବାଞ୍ଛାନିଧି ଦେ)**

ରୋଟାରୀ କ୍ଲବ ଅଫ୍ ବାଲେଶ୍ୱର ସେଣ୍ଟ୍ରାଲର ନବମ ଅଧିଷ୍ଠାପନା ଦିବସ ଶୁକ୍ରବାର ପାଳିତ ହୋଇଯାଇଛି। ୨୦୨୫-୨୬ ବର୍ଷ ପାଇଁ ସଭାପତି ଭାବେ ନିର୍ମଳ ମୁଖାର୍ଜୀ, ସମ୍ପାଦକ ସୁବ୍ରତ କୁମାର ରଥ ଦାୟିତ୍ୱ ଗ୍ରହଣ କରିଛନ୍ତି।

୨୦୨୭-୨୮ ବର୍ଷ ପାଇଁ ମନୋନୀତ ଡିଜି ରୋଟାରିୟାନ ଇନ୍ଦ୍ରଜିତ ସାହୁ ମୁଖ୍ୟଅତିଥି, ମୁଖ୍ୟବକ୍ତା ଡା. ସତ୍ୟବ୍ରତ ନନ୍ଦ, ସମ୍ମାନିତ ଅତିଥି ସହ ପ୍ରାନ୍ତପାଳ ରୋଟାରିୟାନ ହୃଷିକେଶ ସାହୁ ପ୍ରମୁଖ ଯୋଗଦେଇ ନୂତନ ସଭାପତି ଏବଂ ସମ୍ପାଦକଙ୍କୁ ଶପଥ ଗ୍ରହଣ କରାଇବା ସହ ଆଗାମୀ ଦିନରେ ଜନସେବା କାର୍ଯ୍ୟରେ ନିଜକୁ ଲିପ୍ତ କରିବା ପାଇଁ ପରାମର୍ଶ ଦେଇଥିଲେ। ରାଜ୍ୟର ବିଭିନ୍ନ ସ୍ଥାନରୁ ଆସିଥିବା ରୋଟାରୀ କ୍ଲବର ସଦସ୍ୟ ନୂତନ ସଭାପତି ଏବଂ ସମ୍ପାଦକଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସ୍ୱାଗତ କରିଥିଲେ। ତୃତୀୟ ପିଏଚ୍ଏଫ୍ ଭାବେ ନିରଞ୍ଜନ ମହାନ୍ତିଙ୍କୁ ପୁରସ୍କୃତ କରାଯାଇଥିଲା। ଡ. ଦେବାଶିଷ ମିଶ୍ର କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ପୂର୍ବତନ ସଭାପତି ମନୋରଞ୍ଜନ ରାଉତ, ଲକ୍ଷ୍ମୀକାନ୍ତ ସ୍ୱାଇଁ, ସତ୍ୟମ କୁମାର ମିଶ୍ର, ନିରଞ୍ଜନ ମହାନ୍ତି, ଡକ୍ଟର ଦେବାଶିଷ ମିଶ୍ର, ଜୟନ୍ତ କୁମାର ରଣା, ଅବିନାଶ ପାଣିଗ୍ରାହୀ, ପୂର୍ବତନ ସମ୍ପାଦକ ଗୌରହରୀ ମଲ୍ଲିକ, ସଦସ୍ୟ ଅର୍ପିତା ମହାପାତ୍ର, ତାପସ କୁମାର ପ୍ରଧାନ, ସୀମିତ କୁମାର ମହାନ୍ତି, ସପନ କୁମାର ବେହେରା, ଲଳିତ ସେନାପତି, ରାଜୀବ କୁମାର ଦାସ, ଜୟନ୍ତ କୁମାର ତ୍ରିପାଠୀ, ନିଲେଶନ କୁମାର ଗାଆଣ, ଗୋକୁଳ କୁମାର ବେହେରା, ସୁଦର୍ଶନ ଦାସ, ସୀମିତ ମହାନ୍ତି, ମୃତ୍ୟୁଞ୍ଜୟ ରାଉତ ଓ ପ୍ରଦୀପ୍ତ ସେନାପତି ପ୍ରମୁଖ ଉପସ୍ଥିତ ଥିଲେ।

भारतीय रिज़र्व बैंक
RESERVE BANK OF INDIA
www.rbi.org.in

ଭାରତୀୟ ରିଜର୍ଭ ବ୍ୟାଙ୍କ ଦ୍ୱାରା ନିୟନ୍ତ୍ରିତ ସଂସ୍ଥାଗୁଡ଼ିକ ବିରୋଧରେ ଅଭିଯୋଗର ସମାଧାନ

ରିଜର୍ଭ ବ୍ୟାଙ୍କ - ସମନ୍ୱିତ ଓମ୍ବୁଡ୍ସମେନ ଯୋଜନା (ଆରବି-ଆଇଓଏସ୍)

- ରିଜର୍ଭ ବ୍ୟାଙ୍କ ଏହାର ସମସ୍ତ ନିୟନ୍ତ୍ରିତ ସଂସ୍ଥାମାନଙ୍କୁ ସେମାନଙ୍କ ଗ୍ରାହକମାନଙ୍କ ଠାରୁ ପ୍ରାପ୍ତ ଅଭିଯୋଗର ସମାଧାନ ପାଇଁ ନିଜ ସ୍ତରରେ ଏକ ବ୍ୟବସ୍ଥା ଆପଣେଇବାକୁ ନିର୍ଦ୍ଦେଶ ଦେଇଛି, ଯାହାକୁ ସଂସ୍ଥାର ଆଭ୍ୟନ୍ତରୀଣ ଅଭିଯୋଗ ସମାଧାନ ପ୍ରଣାଳୀ ଭାବରେ ବିବେଚନା କରାଯାଏ।
- ରିଜର୍ଭ ବ୍ୟାଙ୍କ ଏହାର ନିୟନ୍ତ୍ରିତ ସଂସ୍ଥାମାନଙ୍କ ଦ୍ୱାରା ପ୍ରଦତ୍ତ ସେବାରେ ଥିବା ତ୍ରୁଟି ସମ୍ବନ୍ଧୀୟ ଗ୍ରାହକଙ୍କ ଅଭିଯୋଗର ସମାଧାନ ପାଇଁ ରିଜର୍ଭ ବ୍ୟାଙ୍କ - ସମନ୍ୱିତ ଓମ୍ବୁଡ୍ସମେନ ଯୋଜନା, 2021 (ଆରବି-ଆଇଓଏସ) ମାଧ୍ୟମରେ ଏକ ତ୍ୱରିତ ଏବଂ ନିଃଶୁଳ୍କ ବିକଳ୍ପ ଅଭିଯୋଗ ସମାଧାନ ପ୍ରଣାଳୀର ମଧ୍ୟ ବ୍ୟବସ୍ଥା ରଖିଛି।
- ବ୍ୟାଙ୍କ, ଅଣ ବ୍ୟାଙ୍କିଙ୍ଗ୍ ଆର୍ଥିକ କମ୍ପାନୀ (ଏନବିଏଫସି), ପେମେଣ୍ଟ ସିଷ୍ଟମ୍ ଅଂଶଗ୍ରହଣକାରୀ (ପିଏସପି) ଏବଂ କ୍ରେଡିଟ୍ ସୂଚନା ପ୍ରଦାନକାରୀ କମ୍ପାନୀଗୁଡ଼ିକୁ (ସିଆଇସି) ଅଭିଯୋଗ ସମାଧାନ ପ୍ରଣାଳୀ ଅଧିନରେ ନିୟନ୍ତ୍ରିତ ସଂସ୍ଥା ଭାବରେ ବିବେଚନା କରାଯାଏ।
- ଯେକୌଣସି ନିୟନ୍ତ୍ରିତ ସଂସ୍ଥା ବିରୁଦ୍ଧରେ ପ୍ରାପ୍ତ ସମସ୍ତ ଅଭିଯୋଗଗୁଡ଼ିକ ପାଇଁ ଆରବି-ଆଇଓଏସ "ଗୋଟିଏ ରାଷ୍ଟ୍ର ଗୋଟିଏ ଓମ୍ବୁଡ୍ସମେନ" ପଦ୍ଧତି ଗ୍ରହଣ କରେ। ତେଣୁ ଜଣେ ଅଭିଯୋଗକାରୀଙ୍କୁ, କେଉଁ ଓମ୍ବୁଡ୍ସମେନ ଯୋଜନା/ ଅଫିସ୍ ମାଧ୍ୟମରେ, ଓମ୍ବୁଡ୍ସମେନଙ୍କ ନିକଟରେ ଅଭିଯୋଗ ଦାଖଲ କରିବା ଉଚିତ୍, ତାହା ଚିହ୍ନଟ କରିବାର ଆଉ ଆବଶ୍ୟକତା ନାହିଁ।
- ଆରବି-ଆଇଓଏସ ଅଧୀନରେ ଆସୁନଥିବା ସଂସ୍ଥା ଗୁଡ଼ିକ ବିରୋଧରେ ଅଭିଯୋଗର ସମାଧାନ ଉପଭୋକ୍ତା ଶିକ୍ଷା ଏବଂ ସୁରକ୍ଷା କକ୍ଷ (ସିଇପିସି) ମାଧ୍ୟମରେ ପରିଚାଳିତ ହୋଇଥାଏ।
- ଆରବି-ଆଇଓଏସ୍ ଏବଂ ସିଇପିସିର ଅଧୀନରେ ଆସୁଥିବା ନିୟନ୍ତ୍ରିତ ସଂସ୍ଥାଗୁଡ଼ିକର ତାଲିକା https://cms.rbi.org.in ରୁ ପାଇପାରିବେ।

ଯଦି ଆପଣଙ୍କର ଅଭିଯୋଗ ଅଛି ତେବେ କଣ କରିବେ?

ଆପଣ ନିୟନ୍ତ୍ରିତ ସଂସ୍ଥା ବିରୁଦ୍ଧରେ ଏହାର ଶାଖାରେ, କିମ୍ବା ଅନଲାଇନ୍ ମାଧ୍ୟମରେ ଅଭିଯୋଗ ନିବାରଣ ପୋର୍ଟାଲରେ, କିମ୍ବା ଏହାର ୱେବସାଇଟରେ ଉଲ୍ଲେଖ କରାଯାଇଥିବା ଅନ୍ୟ କୌଣସି ମାଧ୍ୟମରେ ଅଭିଯୋଗ ଦାଖଲ କରିପାରିବେ। ଅଭିଯୋଗର ସ୍ୱୀକୃତି ପ୍ରାପ୍ତ କରନ୍ତୁ କିମ୍ବା ଅଭିଯୋଗର ରେଫରେନ୍ସ ନମ୍ବରକୁ ସୁରକ୍ଷିତ ରଖନ୍ତୁ।

ଆରବିଆଇ ଓମ୍ବୁଡ୍ସମେନଙ୍କୁ କେବେ ଯୋଗାଯୋଗ କରିବେ?

ଆପଣ ନିମ୍ନଲିଖିତ କ୍ଷେତ୍ରରେ ଆରବିଆଇ ଓମ୍ବୁଡ୍ସମେନଙ୍କ ସହ ଯୋଗାଯୋଗ କରିପାରିବେ:
- **ଯଦି ନିୟନ୍ତ୍ରିତ ସଂସ୍ଥା ଠାରୁ 30 ଦିନ ଭିତରେ କୌଣସି ଉତ୍ତର ପ୍ରାପ୍ତ ନ ହୁଏ** - ଆପଣଙ୍କ ଦ୍ୱାରା ନିୟନ୍ତ୍ରିତ ସଂସ୍ଥା ବିରୁଦ୍ଧରେ କରାଯାଇଥିବା ଅଭିଯୋଗର ତାରିଖ ଠାରୁ ଏକ ବର୍ଷ ଏବଂ 30 ଦିନ ମଧ୍ୟରେ ଯେ କୌଣସି ସମୟରେ।
- **ଯଦି ନିୟନ୍ତ୍ରିତ ସଂସ୍ଥା ଠାରୁ ପ୍ରାପ୍ତ ଉତ୍ତର ସନ୍ତୋଷଜନକ ନୁହେଁ** - ସଂପୃକ୍ତ ନିୟନ୍ତ୍ରିତ ସଂସ୍ଥାରୁ ଉତ୍ତର ପାଇବାର ଏକ ବର୍ଷ ମଧ୍ୟରେ ଯେ କୌଣସି ସମୟରେ।

**ଧ୍ୟାନ ଦିଅନ୍ତୁ:**
- ଆରବି-ଆଇଓଏସ୍‌ରେ ଧାର୍ଯ୍ୟ କରାଯାଇଥିବା ଅଭିଯୋଗ ଫର୍ମ ଅନୁଯାୟୀ ସମସ୍ତ ଆବଶ୍ୟକୀୟ ବିବରଣୀ / ସୂଚନା ଅଭିଯୋଗରେ ଅନ୍ତର୍ଭୁକ୍ତ କରାଯାଇଥିବା ଆବଶ୍ୟକ।
- ଅଭିଯୋଗ ଅନ୍ୟ କୌଣସି ମଂଚ (ଯେପରି ନ୍ୟାୟାଳୟ)ରେ ବିଚାର ହୋଇ ନ ଥିବ /ବିଚାରାଧୀନ ନ ଥିବ କିମ୍ବା ଆରବିଆଇ ଓମ୍ବୁଡ୍ସମେନ ଦ୍ୱାରା ପୂର୍ବରୁ ବିଚାର ହୋଇନଥିବ।
- **ନିୟନ୍ତ୍ରିତ ସଂସ୍ଥା ସହିତ ଯୋଗାଯୋଗ ନକରି ଆରବିଆଇ ଓମ୍ବୁଡ୍ସମେନଙ୍କ ପାଖରେ ସିଧାସଳଖ ଅଭିଯୋଗ ଦାଖଲ କରିଲେ ଏହାର ପ୍ରତ୍ୟାଖାନ ହୋଇପାରେ।**

ଆରବିଆଇ ପାଖରେ ଅଭିଯୋଗ କିପରି କରିବେ?

ନିୟନ୍ତ୍ରିତ ସଂସ୍ଥା ବିରୁଦ୍ଧରେ ଅଭିଯୋଗ ନିମ୍ନଲିଖିତ ଯେକୌଣସି ମାଧ୍ୟମରେ ଦାଖଲ କରାଯାଇପାରିବ:
- ଆରବିଆଇର ଅଭିଯୋଗ ପରିଚାଳନା ପ୍ରଣାଳୀ (ସିଏମଏସ) ପୋର୍ଟାଲ https://cms.rbi.org.in ମାଧ୍ୟମରେ ଅନଲାଇନରେ ଅଭିଯୋଗ ଦାଖଲ କରାଯାଇପାରିବ।
- ଆରବି-ଆଇଓଏସର ଅନୁବନ୍ଧରେ ଉଲ୍ଲେଖିତ ଫର୍ମ ମାଧ୍ୟମରେ ଲିଖିତ ଅଭିଯୋଗ (ଚିଠି/ପୋଷ୍ଟ) ଦ୍ୱାରା "କେନ୍ଦ୍ରୀଭୂତ ପ୍ରାପ୍ତି ଏବଂ ପ୍ରକ୍ରିୟାକରଣ କେନ୍ଦ୍ର (CRPC), ଚତୁର୍ଥ ମହଲା, ଭାରତୀୟ ରିଜର୍ଭ ବ୍ୟାଙ୍କ, ସେକ୍ଟର - 17, ସେଣ୍ଟ୍ରାଲ ଭିସ୍ତା, ଚଣ୍ଡିଗଡ଼ - 160017" କୁ ପଠାଯାଇ ପାରିବ।

ଆରବିଆଇ ନିକଟରେ ଅଭିଯୋଗ ଦାଖଲ କରିବା ବିଷୟରେ ଅଧିକ ସୂଚନା କିପରି ପାଇ ପାରିବେ ?

ଅଧିକ ସୂଚନା ପାଇଁ ଆପଣ ଆରବିଆଇର ସମ୍ପର୍କ କେନ୍ଦ୍ର ଟୋଲ୍ ଫ୍ରି ନମ୍ବର: 14448 ରେ ଯୋଗାଯୋଗ କରିପାରିବେ। ଇଣ୍ଟରାକ୍ଟିଭ୍ ଭଏସ୍ ରେସପନ୍ସ ସିଷ୍ଟମ୍ (IVRS) ଯୁକ୍ତ ସମ୍ପର୍କ କେନ୍ଦ୍ର 24x7 ଉପଲବ୍ଧ ଥିବାବେଳେ ସମ୍ପର୍କ କେନ୍ଦ୍ର କର୍ମଚାରୀଙ୍କ ସହିତ ଇଂରାଜୀ, ହିନ୍ଦୀ ଏବଂ ଦଶଟି ଆଞ୍ଚଳିକ ଭାଷା (ଆସାମୀୟ, ବଙ୍ଗାଳୀ, ଗୁଜୁରାଟୀ, କନ୍ନଡ, ମାଲାୟାଲମ୍, ମରାଠୀ, ଓଡିଆ, ପଞ୍ଜାବୀ, ତେଲୁଗୁ ଏବଂ ତାମିଲ୍) ରେ ଯୋଗାଯୋଗ କରିବାର ସୁବିଧା ଜାତୀୟ ଛୁଟିଦିନ ବ୍ୟତୀତ ସୋମବାର ଠାରୁ ଶନିବାର ସକାଳ 8:00 ରୁ ରାତି 10:00 ମଧ୍ୟରେ ଉପଲବ୍ଧ ଅଛି।

ଅଧିକ ସୂଚନା ପାଇଁ

ଦୟାକରି ପରିଦର୍ଶନ କରନ୍ତୁ :
ଭାରତୀୟ ରିଜର୍ଭ ବ୍ୟାଙ୍କ - ସମନ୍ୱିତ ଓମ୍ବୁଡ୍ସମେନ ଯୋଜନା, 2021 ଉପରେ ବାରମ୍ବାର ପଚରାଯାଉଥିବା ପ୍ରଶ୍ନ -
https://www.rbi.org.in/scripts/FS_FAQs.aspx?fn=2745
କିମ୍ବା
ସିଏମଏସ ପୋର୍ଟାଲ - https://cms.rbi.org.in

**(ଡ଼ିଆଇସିଜିସି ବିରୁଦ୍ଧରେ ଅଭିଯୋଗ ପାଇଁ, ଜନସାଧାରଣ ନିମ୍ନଲିଖିତ ଠିକଣା / ଇ-ମେଲ୍ ମାଧ୍ୟମରେ ଅଭିଯୋଗ ଦାଖଲ କରିପାରିବେ)**

**ଜମା ବୀମା ଏବଂ ଋଣ ଗ୍ୟାରେଣ୍ଟି ନିଗମ (ଡ଼ିଆଇସିଜିସି)**
ମହାପ୍ରବନ୍ଧକ
ଡ଼ିଆଇସିଜିସି, ଅଭିଯୋଗ ନିରାକରଣ କକ୍ଷ
ଭାରତୀୟ ରିଜର୍ଭ ବ୍ୟାଙ୍କ, 2ୟ ମହଲା
ମୁମ୍ବାଇ ସେଣ୍ଟ୍ରାଲ୍ ରେଲୱେ ଷ୍ଟେସନ୍ ସମ୍ମୁଖ
ବାଇକୁଲା, ମୁମ୍ବାଇ - 400 008
ଇ-ମେଲ: dicgc.complaints@rbi.org.in
ଟେଲିଫୋନ୍ ନମ୍ବର. 022-23019645

**ବ୍ରାଉନସୁଗାର ଜବତ, ଜଣେ ଗିରଫ**

ଭଦ୍ରକ, (ସନାତନ ରାଉତ): ଭଦ୍ରକ ଟାଉନ ପୋଲିସ ଶନିବାର ଅପରାହ୍ନ ୩ଟାରେ ଡାହାଣୀଗଡ଼ିଆ ଛକ ନିକଟରୁ ୧୨ ଗ୍ରାମ୍ ବ୍ରାଉନସୁଗାର ଜବତ କରିବା ସହ ଜଣେ ଯୁବକଙ୍କୁ ଗିରଫ କରିଛି। ସେ ହେଲେ ଯାଜପୁର ଜିଲା କୋରେଇ ଅଞ୍ଚଳର କାୱାଡ଼ି ଦୁଲାଲ(୨୩)। ଏନେଇ ଥାନାରେ ଏକ ମାମଲା (ନଂ.୪୧୭/୨୫) ରୁଜୁ ହୋଇଛି। ସୂଚନା ଅନୁଯାୟୀ, ଯୁବକ ଜଣକ ବାଇକ୍‌ରେ ଯାଜପୁରରୁ ଚରମ୍ପା ଆଡ଼କୁ ବ୍ରାଉନସୁଗାର ନେଇ ଯାଉଥିଲେ। ପୋଲିସ ତାଙ୍କୁ ଗିରଫ କରିବା ସହ ବ୍ରାଉନସୁଗାର ସହ ବାଇକ୍ ଜବତ କରିଥିଲା।

# ଐତିହ୍ୟସମ୍ପନ୍ନ ବାରୁଣୀ ପୋଖରୀ ଏବେ ଅନୁପଯୋଗୀ

- ଦଳରେ ପରିପୂର୍ଣ୍ଣ, ସଫା କରାଯିବାକୁ ଦାବି
- ପୋଖରୀ ପାର୍ଶ୍ୱ ଶିଶୁ ଉଦ୍ୟାନ ଅଧାପନ୍ତରିଆ



ତିହିଡ଼ି,୧୯।୭ (ସଞ୍ଜିତ ବଳ)

ତିହିଡ଼ି ବ୍ଲକ ଅଧୀନ ଭାଟପଡ଼ା ପଞ୍ଚାୟତର ତିହିଡ଼ି ଗ୍ରାମରେ ଥିବା ଐତିହ୍ୟସମ୍ପନ୍ନ ବାରୁଣୀ ପୋଖରୀ ଦଳରେ ପରିପୂର୍ଣ୍ଣ ହୋଇଛି। ଫଳରେ ପୋଖରୀଟି ଏବେ ବ୍ୟବହାର ଅନୁପଯୋଗୀ ହୋଇପଡ଼ିଛି। ସେହିପରି ଏହା ପାର୍ଶ୍ୱରେ ନିର୍ମାଣାଧୀନ ଶିଶୁ ଉଦ୍ୟାନ ଅଧାପନ୍ତରିଆ ଅବସ୍ଥାରେ ରହିଛି। ଏନେଇ ଗ୍ରାମବାସୀ ତଥା ବାରୁଣୀ କମିଟିର କର୍ମକର୍ତ୍ତାମାନେ ଶୁକ୍ରବାର ବିଡିଓଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ପୋଖରୀରୁ ଦଳ ସଫା କରାଯିବା ସହ ଅସମ୍ପୂର୍ଣ୍ଣ ଶିଶୁ ଉଦ୍ୟାନ ନିର୍ମାଣ କାର୍ଯ୍ୟ ସାରିବାକୁ ସେମାନେ ଦାବି ଜଣାଇଛନ୍ତି।

ତିହିଡ଼ି ଗ୍ରାମର ଶେଷମୁଣ୍ଡରେ ତିହିଡ଼ି-ମାଟିଆସାହି ରାସ୍ତାପାର୍ଶ୍ୱରେ ଥିବା ବାରୁଣୀ ପୋଖରୀ ବେଶ୍ ଐତିହ୍ୟସମ୍ପନ୍ନ। ଏହି ପୋଖରୀ ସହ ସ୍ଥାନୀୟ ଅଧିବାସୀଙ୍କ ଆବେଗିକ ସମ୍ପର୍କ ଯୋଡ଼ି ହୋଇଥିବା ବେଳେ ପୋଖରୀକୁ ନେଇ ଲୋକକଥା ମଧ୍ୟ ରହିଛି। କଥିତ ଅଛି ପୂର୍ବରୁ ବିବାହ, ବ୍ରତ ଇତ୍ୟାଦି ଶୁଭକାର୍ଯ୍ୟରେ ସେହି ପୋଖରୀ ପାଖକୁ ଯାଇ ଲୋକେ ଗଙ୍ଗାମାତାଙ୍କୁ ସ୍ମରଣା କରିଥାନ୍ତି। ମା' ସଦୟ ହୋଇ ମାଙ୍ଗଳିକ କାର୍ଯ୍ୟ ପାଇଁ ଆବଶ୍ୟକ ପଡୁଥିବା ବାସନକୁସନ ଓ ଅନ୍ୟ ସାମଗ୍ରୀ ପଠାଇଥାନ୍ତି। କାମ ସରିବା ପରେ ଲୋକେ ସେହି ସାମଗ୍ରୀକୁ ପରିଷ୍କାର କରି ପୁଣି ପୋଖରୀରେ ଭସାଇ ଦେଇଥାନ୍ତି। ତେବେ ସମୟ ବଦଳିବା ସହ ଲୋକଙ୍କ ଆର୍ଥିକାବସ୍ଥାରେ ପରିବର୍ତ୍ତନ ଘଟିବା ଯୋଗୁ ଏହା ବନ୍ଦ ହୋଇଯାଇଥିବା କୁହାଯାଏ। ବିବାହ କାର୍ଯ୍ୟ ସମ୍ପନ୍ନ ହେବା ପରେ ଲୋକେ ଏହି ପୋଖରୀରେ ପଇଡି ମସିଣା, ଫୁଲ ନୋଳ ଇତ୍ୟାଦି ଭସାଇ ଦେଇଥାନ୍ତି। ଏହାଦ୍ୱାରା ବରକନ୍ୟାଙ୍କୁ ମା' ଗଙ୍ଗାମାତାଙ୍କ ଆଶୀର୍ବାଦ ପ୍ରାପ୍ତି ହୋଇଥାଏ ବୋଲି ଲୋକଙ୍କ ବିଶ୍ୱାସ ରହିଛି। ଏଠାରେ ଫାଲ୍‌ଗୁନ ମାସରେ ବାରୁଣୀ ମେଳା ହୋଇଥାଏ। ମା' ଗଙ୍ଗାମାତାଙ୍କ ମୃଣ୍ମୟ ମୂର୍ତ୍ତିକୁ ମଣ୍ଡପରେ ସ୍ଥାପନା କରାଯାଇ ପୂଜାର୍ଚ୍ଚନା କରାଯାଇଥାଏ। ଏହି ମେଳାରେ ଆଖପାଖ ଅଞ୍ଚଳର ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥାଏ। ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ଯାତ୍ରା ମଧ୍ୟ ଅନୁଷ୍ଠିତ ହୋଇଥାଏ। ୨ ବର୍ଷ ପୂର୍ବେ ପୋଖରୀର ସଂସ୍କାର କରାଯିବା ସହ ଘାଟ ନିର୍ମାଣ କରାଯାଇଥିଲା। ଗ୍ରାମର କେତେଜଣ ଲୋକ ଏହି ପୋଖରୀରେ ଗାଧୋଇବା ସହ ପୋଖରୀ ପାଣିକୁ ମଧ୍ୟ ବ୍ୟବହାର କରୁଥିଲେ। ହେଲେ ପୋଖରୀଟି କ୍ରମଶଃ ଦଳ ଭର୍ତ୍ତି ହୋଇଯାଇଥିବାରୁ କୌଣସି କାର୍ଯ୍ୟରେ ଲାଗିପାରୁ ନାହିଁ। ଏହାବ୍ୟତୀତ ପୋଖରୀର ପାରିପାର୍ଶ୍ୱିକ ଉନ୍ନତି ପ୍ରତି ଦୃଷ୍ଟି ଦିଆଯାଇ ନିର୍ମାଣ କରାଯାଇଥିବା ଶିଶୁ ଉଦ୍ୟାନ ମଧ୍ୟ ଅଧାପନ୍ତରିଆ ଅବସ୍ଥାରେ ରହିଛି। ଯାହାଦ୍ୱାରା ଉଦ୍ୟାନ ନିର୍ମାଣର ଲକ୍ଷ୍ୟ ପୂରଣ ହୋଇପାରୁ ନାହିଁ। ପୋଖରୀ ପାର୍ଶ୍ୱରେ ବିଜୟଶ୍ରୀ କଲ୍ୟାଣ ମଣ୍ଡପ ମଧ୍ୟ ନିର୍ମିତ ହୋଇଛି। ମଣ୍ଡପରେ ବିବାହ, ବ୍ରତ ସହ ବୈଠକ ପାଇଁ ବ୍ୟବସ୍ଥା ରହିଛି। ଏହି ପରିପ୍ରେକ୍ଷୀରେ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦିଆଯିବାକୁ ବାରୁଣୀ ମେଳା କମିଟିର ସଭାପତି ପ୍ରଭାତ କୁମାର ରାଉଳ, ସମ୍ପାଦକ ବିଷ୍ଣୁଚନ୍ଦ୍ର ଦାସ, ସଦସ୍ୟ ପାର୍ଥସାରଥୀ ନାୟକ, ବାପୁଜୀ ନାୟକ, ମନୋରଞ୍ଜନ ବେହେରା, ବିଜୟ ସାହୁ ପ୍ରମୁଖ ଦାବି ଜଣାଇଛନ୍ତି। ଏ ସମ୍ପର୍କରେ ବିଡିଓ ନିରଞ୍ଜନ ବାରିକଙ୍କୁ ପଚାରିବାରୁ ଉକ୍ତ ପୋଖରୀରୁ ଦଳ ସଫା କରାଯିବା ସହ ଶିଶୁ ଉଦ୍ୟାନ ସମ୍ପୂର୍ଣ୍ଣ କରାଯିବା ଦିଗରେ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି।

## ଭଡ଼ାଘରୁ ହୋଟେଲ କର୍ମଚାରୀଙ୍କ ଝୁଲନ୍ତା ମୃତଦେହ ଜବତ

ଭଦ୍ରକ, ୧୯।୭ (ସନାତନ ରାଉତ)

ଭଦ୍ରକ ପୌରପାଳିକା ଟାଉନ ଥାନା ଅଧୀନ କୁଆଁସ ଗ୍ରାମର ଏକ ଭଡ଼ାଘରୁ ଜଣେ ହୋଟେଲ କର୍ମଚାରୀଙ୍କ ମୃତଦେହ ଶୁକ୍ରବାର ରାତି ପ୍ରାୟ ୧୦ଟା ବେଳେ ପୋଲିସ ଜବତ କରିଛି। ମୃତକ ବାଲେଶ୍ୱର ଜିଲା ଖଇରା ଥାନା ଅଧୀନ ବାରାପୁର ଗ୍ରାମର ଲକ୍ଷ୍ମୀଧର କର(୪୨) ବୋଲି ଜଣାପଡ଼ିଛି। ସୂଚନା ଅନୁଯାୟୀ, ଲକ୍ଷ୍ମୀଧର ଭଦ୍ରକ ସହର ବାଇପାସ୍‌ସ୍ଥିତ ଏକ ହୋଟେଲରେ କର୍ମଚାରୀ ଭାବେ କାର୍ଯ୍ୟରତ ଥିଲେ। ୫ ଦିନ ଧରି ସେ ଛୁଟିରେ ଥିବାରୁ ହୋଟେଲକୁ ନ ଯାଇ କୁଆଁସସ୍ଥିତ ଭଡ଼ାଘରେ ରହିଥିଲେ। ରାତିରେ କବାଟ ଖୋଲାଥିବା ବେଳେ ଘର ଭିତରେ ଫ୍ୟାନ୍‌ରେ ତାଙ୍କୁ ଝୁଲନ୍ତା ଅବସ୍ଥାରେ ଦେଖି ପଡ଼ୋଶୀ ପୋଲିସକୁ ଖବର ଦେଇଥିଲେ। ପରିବାର ଲୋକ ପହଞ୍ଚିବା ପରେ ପୋଲିସ ଉପସ୍ଥିତିରେ ମୃତଦେହ ଖୋଲାଯାଇଥିଲା। ସେ ବିବାହିତ ହୋଇଥିବା ବେଳେ ଗାଁରେ ସ୍ତ୍ରୀ ଓ ପିଲାମାନେ ରହନ୍ତି। କେଉଁ କାରଣରୁ ସେ ଆତ୍ମହତ୍ୟା କରିଛନ୍ତି, ତାହା ସ୍ପଷ୍ଟ ହୋଇନାହିଁ। ପୋଲିସ ମୃତଦେହ ଜବତ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ହୋଟେଲ ମାଲିକଙ୍କ ରିପୋର୍ଟ ଆଧାରରେ ଟାଉନ ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୪୮/୨୫) ରୁଜୁ ହୋଇଛି।

# ବେଆଇନ କରତ କଳରେ ଚଢ଼ାଉ



ବନ ବିଭାଗ ପକ୍ଷରୁ ଜବତ କରାଯାଇଥିବା କାଠ।

**୧୨ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ମୂଲ୍ୟବାନ କାଠ, ଯନ୍ତ୍ରାଂଶ ଜବତ**

ଧାମନଗର,୧୯।୭ (ସନ୍ତୋଷ କୁମାର ମହାପାତ୍ର/ଦେବେନ୍ଦ୍ର ଆନ୍ଦିଆ)

ଧାମନଗର ଏନ୍‌ଏସି ଅଧୀନ ମୁଲଣାସାହିରେ ଥିବା ବେଆଇନ କରତ କଳରେ ବନ ବିଭାଗ ଓ ଭିଜିଲାନ୍ସ ପକ୍ଷରୁ ଶନିବାର ସକାଳ ୬ଟା ସମୟରେ ଚଢ଼ାଉ କରାଯାଇଛି। ୧୨ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ମୂଲ୍ୟବାନ କାଠ ଓ ଯନ୍ତ୍ରାଂଶ ଜବତ ହୋଇଛି। ପ୍ରକାଶ ଯେ, ଧାମନଗର ବନାଞ୍ଚଳ ଓ ବନଖଣ୍ଡ କାର୍ଯ୍ୟାଳୟରୁ ପ୍ରାୟ ୨ କି.ମି. ପରିଧି ମଧ୍ୟରେ ଦୀର୍ଘଦିନ ଧରି ଏକ ବେଆଇନ କରତକଳ ଚାଲୁଥିଲା। ଏହାକୁ ନେଇ ବାରମ୍ବାର ଅଭିଯୋଗ ହୋଇଆସୁଥିଲା। ବିଶେଷ ସୂତ୍ରରୁ ଖବର ପାଇ ଉପରିସ୍ଥ ବିଭାଗୀୟ ଅଧିକାରୀଙ୍କ ପକ୍ଷରୁ ସକାଳେ ଚଢ଼ାଉ କରାଯାଇଛି। ଚଢ଼ାଉ ସମୟରେ କଟକ ଭିଜିଲାନ୍ସ ଡିସିଏଫ୍ ରଜନୀକାନ୍ତ ମହାନ୍ତି, ଭଦ୍ରକ ଭିଜିଲାନ୍ସ ଅଧିକାରୀ ଦୁଷ୍ମନ୍ତ କୁମାର ନାୟକ, କଟକ ଏସିଏଫ୍ ବବିତା ଷଡ଼ଙ୍ଗୀ, ଭଦ୍ରକ ଏସିଏଫ୍ ସୁମିତ ମହାନ୍ତି, ବାଲେଶ୍ୱର ଭିଜିଲାନ୍ସ ଡିଏସ୍‌ପି ଆଲୋକ ଦାସ, ଧାମନଗର ବନ ଅଧିକାରିଣୀ ସୁଷମା ସାହୁଙ୍କ ସମେତ ଧାମନଗର ପୋଲିସ ଉପସ୍ଥିତ ଥିଲେ।

ବାରିକପୁର କେନ୍ଦୁଆପଦାରେ ଲାଇସେନ୍ସପ୍ରାପ୍ତ କରତକଳ ରହିଛି। ହେଲେ ଧାମନଗରରୁ ଦୂରତା ପ୍ରାୟ ୧୫ କି.ମି.ରୁ ଉର୍ଦ୍ଧ୍ୱ ହେଉଥିବାରୁ ଏହାର ସୁଯୋଗ ନେଇ ବେଆଇନ କରତକଳ ଚାଲୁଛି। ବାରମ୍ବାର ଅଭିଯୋଗ ହେବା ପରେ କଟକ ଭିଜିଲାନ୍ସ ନିର୍ଦ୍ଦେଶକଙ୍କ ନିର୍ଦ୍ଦେଶରେ ଭଦ୍ରକ ଏସ୍‌ପି ମନୋଜ କୁମାର ରାଉତଙ୍କ ତତ୍ତ୍ୱାବଧାନରେ ଧାମନଗର ଥାନାଧିକାରୀ ଗୋପାଳକୃଷ୍ଣ ଜେନାଙ୍କ ସମେତ ବନ ବିଭାଗ ଅଧିକାରୀ ଚଢ଼ାଉରେ ସାମିଲ ଥିଲେ। ବେଆଇନ କାଠ ମିଲ୍ ଚଳାଉଥିବା ମାଲିକଙ୍କ ଉପରେ ବନ ବିଭାଗ ଆଇନ ଧାରା ୧୯୯୧ ଅନୁଯାୟୀ ଏକ ମାମଲା ରୁଜୁ ହୋଇଛି। ଅବୈଧ ବେଆଇନ କରତକଳ ବନ୍ଦ ନ ହେବା ପର୍ଯ୍ୟନ୍ତ ଏଭଳି ଚଢ଼ାଉ ଜାରି ରହିବ ବୋଲି କଟକ ଭିଜିଲାନ୍ସ ଡିସିଏଫ୍ ମହାନ୍ତି କହିଛନ୍ତି।

## 'ଭଲ ଶିକ୍ଷକ ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ଗଢ଼ନ୍ତି'

ବନ୍ତ,୧୯।୭ (ହରିନାରାୟଣ ମହାନ୍ତି)

ସମାଜରେ ଭଲ ଶିକ୍ଷକମାନେ ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ଗଢ଼ିବା ପାଇଁ ଚେଷ୍ଟା କରୁଛନ୍ତି। ମାତ୍ର କେତେଜଣ ଶିକ୍ଷକଙ୍କ ପାଇଁ ଆଜି ଶିକ୍ଷକ ସମାଜ ବଦ୍‌ନାମ ଆଡ଼କୁ ଯାଉଛି ବୋଲି ଶନିବାର ପୂର୍ବାହ୍ନରେ ବନ୍ତ ବ୍ଲକ ରାମଚନ୍ଦ୍ରପୁର ପଞ୍ଚାୟତର ସାନବର୍ଗିକର୍ଯାଁଠାରେ ଶିକ୍ଷାବିତ୍ ସ୍ୱର୍ଗତ ଅକ୍ଷୟ କୁମାର ସାହୁଙ୍କ ୨୧ତମ ଶ୍ରାଦ୍ଧବାର୍ଷିକୀ ଉତ୍ସବରେ ଭଣ୍ଡାରିପୋଖରୀ ବିଧାୟକ ସଞ୍ଜୀବ କୁମାର ମଲ୍ଲିକ କହିଛନ୍ତି। ଅକ୍ଷୟ ସାହୁ ସ୍ମୃତି ପରିଷଦର ସ୍ଥାୟୀ ସଭାପତି ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ ଏଥିରେ ସଭାପତିତ୍ୱ କରିଥିଲେ। ବିଶିଷ୍ଟ ଅତିଥି ଭାବେ ବନ୍ତ ଥାନାଧିକାରୀ ମୋନାଲିସା କର, ସମ୍ମାନିତ ଅତିଥି ଭାବେ ସରପଞ୍ଚ ପ୍ରିୟଙ୍କା ପ୍ରିୟଦର୍ଶନୀ ଦାସ, ବନ୍ତ ସମିତିସଭ୍ୟ ପରମେଶ୍ୱର ବାରିକ, ବିଜେଡି ଯୁବନେତା ସ୍ମୃତିରଞ୍ଜନ ସ୍ୱାଇଁ, ବ୍ଲକ ବିଜେଡି ସଭାପତି ଲକ୍ଷ୍ମୀକାନ୍ତ ମହାନ୍ତି ଓ ପୂର୍ବତନ ସରପଞ୍ଚ ବିଜୟ କୁମାର ବିଶ୍ୱାଳ ଯୋଗ ଦେଇଥିଲେ। ସ୍ୱର୍ଗତ ସାହୁଙ୍କ ନାତି ମନୋତେଜ ମାନବ ସାହୁ, ନାତୁଣୀ କ୍ଷ୍ୟାତିପ୍ରଭା ସାହୁଙ୍କ ସମେତ ଗ୍ରାମବାସୀ ସ୍ମୃତିଚାରଣ କରିଥିଲେ। ପୂର୍ବତନ ସରପଞ୍ଚ ପୂର୍ଣ୍ଣଚନ୍ଦ୍ର ରାଉତ ଅତିଥି ପରିଚୟ ପ୍ରଦାନ, ଅଧ୍ୟାପକ ଲୋକନାଥ ସାହୁ ବିବରଣୀ ପାଠ ଓ ପ୍ରଶାନ୍ତ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଚଳିତବର୍ଷ ମାଟ୍ରିକ୍ ପରୀକ୍ଷାରେ ଗଣିତରେ ସର୍ବୋଚ୍ଚ ନମ୍ବର ରଖିଥିବା ଢେଙ୍କା ହାଇସ୍କୁଲର ଛାତ୍ରୀ ଶରତ କୁମାର ପାରେଇ ଓ ଜାଗୁଲାଇ ହାଇସ୍କୁଲର ଛାତ୍ର ଗଣେଶ ହୋଙ୍କୁ ପୁରସ୍କୃତ କରାଯାଇଥିବା ବେଳେ ବରିଷ୍ଠ ନାଗରିକମାନଙ୍କୁ ବସ୍ତ୍ର ଦାନ କରାଯାଇଥିଲା। ପ୍ରାରମ୍ଭରେ ଅତିଥିମାନଙ୍କ ଦ୍ୱାରା ଚାରାରୋପଣ କରାଯାଇଥିଲା।



ଶିକ୍ଷାବିତ୍ ସ୍ୱର୍ଗତ ଅକ୍ଷୟ କୁମାର ସାହୁଙ୍କ ଶ୍ରାଦ୍ଧବାର୍ଷିକୀ ଉତ୍ସବରେ ଉପସ୍ଥିତ ଅତିଥି।

# ହିତାଧିକାରୀଙ୍କୁ ରାଶନ କାର୍ଡ ବାଣ୍ଟିଲେ ମନ୍ତ୍ରୀ




ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ହିତାଧିକାରୀଙ୍କୁ ରାଶନ କାର୍ଡ ବଣ୍ଟନ କରୁଛନ୍ତି।

ବାସୁଦେବପୁର,୧୯।୭ (ନାରାୟଣ ପ୍ରସାଦ ବାରିକ୍/କାଳିପଦ ରାୟ)

ବାସୁଦେବପୁର ବ୍ଲକ ଓ ପୌରପାଳିକାର ମିଳିତ ସହଯୋଗରେ ଶନିବାର ଅପରାହ୍ନ ୧ଟାରେ ନୀଳମଣି ଟାଉନ ହଲ୍ ପରିସରରେ ନୂତନ ଭାବେ ଚିହ୍ନଟ ହୋଇଥିବା ହିତାଧିକାରୀଙ୍କୁ ରାଶନ କାର୍ଡ ବଣ୍ଟନ କରାଯାଇଛି। ମୁଖ୍ୟଅତିଥି ଭାବେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଯୋଗଦେଇ ହିତାଧିକାରୀଙ୍କୁ ରାଶନ କାର୍ଡ ବାଣ୍ଟିଥିଲେ। ବ୍ଲକ ଅଞ୍ଚଳରୁ ୩୬ ଓ ପୌରପାଳିକା ଅଞ୍ଚଳରୁ ୨୦ ହିତାଧିକାରୀଙ୍କୁ କାର୍ଡ ବଣ୍ଟନ କରାଯାଇଛି। ୨୦୩୬ ମସିହା ବେଳକୁ ଓଡ଼ିଶା ବିକଶିତ ରାଜ୍ୟରେ ପରିଣତ ହେବାକୁ ସରକାର ଲକ୍ଷ୍ୟ ଧାର୍ଯ୍ୟ କରିଥିବା ବେଳେ ବିକଶିତ ରାଜ୍ୟରେ କୃଷି ଏକ ପ୍ରମୁଖ ଭୂମିକା ଗ୍ରହଣ କରିବ ବୋଲି ମନ୍ତ୍ରୀ କହିଥିଲେ। ସମସ୍ତ ଯୋଗ୍ୟ ହିତାଧିକାରୀଙ୍କୁ ସରକାର ଓ ତାଙ୍କ ବିଭାଗ ରାଶନ କାର୍ଡ ଦେବାକୁ ପ୍ରତିଶ୍ରୁତିବଦ୍ଧ। ସେ ବିଭାଗର ଦାୟିତ୍ୱ ନେବା ପରେ ୫ ଲକ୍ଷ ୪୨ ହଜାର ଭୂତ ରାଶନ କାର୍ଡକୁ କାଟିବା ସହ ୧ ଲକ୍ଷ ୨ ହଜାର ଅଯୋଗ୍ୟଙ୍କଠାରୁ ରାଶନ କାର୍ଡ ଫେରାଇ ଅଣାଯାଇଛି। ବର୍ତ୍ତମାନ ସୁଦ୍ଧା ୨୦ ଲକ୍ଷ ୫୮ ହଜାର ହିତାଧିକାରୀ ଇ-କେୱାଇସି କରି ନ ଥିବା ମନ୍ତ୍ରୀ ପ୍ରକାଶ କରିଥିଲେ।

ଅନ୍ୟତମ ଅତିଥି ଭାବେ ବିଧାୟକ ଅଶୋକ କୁମାର ଦାସ ଯୋଗଦେଇ ବାସୁଦେବପୁର ଧାନ ଓ ମୀନ ପାଇଁ ପ୍ରସିଦ୍ଧିଲାଭ କରିଥିବା ବେଳେ କେତେଜଣ ଅଯୋଗ୍ୟ ନିଜକୁ ଯୋଗ୍ୟ ଦର୍ଶାଇ କାର୍ଡ ହାତେଇଥିବାରୁ ଯୋଗ୍ୟ ହିତାଧିକାରୀମାନେ ବାଦ୍ ପଡ଼ିଥିଲେ ବୋଲି କହିଥିଲେ। ବ୍ଲକ ଅଧ୍ୟକ୍ଷ ନଗେନ୍ଦ୍ର ପ୍ରସାଦ ବିଶ୍ୱାଳ, ଏମ୍‌ପିଙ୍କ ପ୍ରତିନିଧି ଭଗବାନ ପଣ୍ଡା, ପୌରାଧ୍ୟକ୍ଷା ନିବେଦିତା ବେହେରା, ଅତିରିକ୍ତ ଜିଲାପାଳ ସରୋଜ ଦତ୍ତ, ବିଡିଓ ତନ୍ମିତା କର, ପୌର ନିର୍ବାହୀ ଅଧିକାରୀ ସୁଧାଂଶୁ ମୋହନ ସ୍ୱାଇଁ ପ୍ରମୁଖ ବକ୍ତବ୍ୟ ରଖିଥିଲେ।

# ମନ୍‌ସୁନ ଫେଷ୍ଟ ସ୍ୱାଗତ ଉତ୍ସବ




ମନ୍‌ସୁନ ଫେଷ୍ଟ ସ୍ୱାଗତ ଉତ୍ସବରେ ଉପସ୍ଥିତ ଅତିଥି।

ଭଦ୍ରକ,୧୯।୭ (ରବିନାରାୟଣ ଖିଲାର)

ଭଦ୍ରକର ମୋର୍ଚ୍ଚେଲ ଛକଠାରେ ଥିବା ଦିଶା ସ୍ମାର୍ଟ ସ୍କୁଲର ମନ୍‌ସୁନ ଫେଷ୍ଟ ସ୍ୱାଗତ ଉତ୍ସବ ଶନିବାର ପୂର୍ବାହ୍ନରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ନିର୍ଦ୍ଦେଶକ ଶିକ୍ଷାବିତ୍ ଗୟାଧର ପଣ୍ଡା ଏଥିରେ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସୁଧୀର ରଞ୍ଜନ ନାୟକ, ମୁଖ୍ୟବକ୍ତା ପ୍ରାକ୍ତନ ଅଧ୍ୟକ୍ଷ ରାମଚନ୍ଦ୍ର ପଣ୍ଡା ଏବଂ ସମ୍ମାନିତ ଅତିଥି ଭାବେ ଇଂ. ଅମ୍ବିକା ବଲ୍ଲଭ ସ୍ୱାଇଁ, ପ୍ରଧାନଶିକ୍ଷୟିତ୍ରୀ ଜାନକୀ ପାଢ଼ୀ, ଶିକ୍ଷାବିତ୍ ନାରାୟଣ ଚନ୍ଦ୍ର ପାଢ଼ୀ, ବାବୁଲାଲ ଦାସ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ପିଲାମାନଙ୍କ ମଧ୍ୟରେ ଲୁଚି ରହିଥିବା ପ୍ରତିଭା ଅନ୍ୱେଷଣ ଏହି ଉତ୍ସବର ଲକ୍ଷ୍ୟ ବୋଲି ଅତିଥିମାନେ କହିଥିଲେ। ଶିକ୍ଷକ ରାଜେନ୍ଦ୍ର ଅଗସ୍ତି, ସନ୍ତୋଷ କୁମାର, ବିରଞ୍ଚି ସାମଲ, ସଂଗୀତା ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ସୌମ୍ୟାଶ୍ରୀଙ୍କୁ ନ୍ୟାୟ ପାଇଁ ସଂଘର୍ଷ ଜାରି ରହିବ: ଏବିଭିପି

ଭଦ୍ରକ,୧୯।୭ (ସନାତନ ରାଉତ)

ବାଲେଶ୍ୱର ଏଫ୍‌ଏମ୍ କଲେଜର ମୃତ ଛାତ୍ରୀ ତଥା ବିଦ୍ୟାର୍ଥୀ ପରିଷଦର ପୂର୍ବତନ କାର୍ଯ୍ୟକର୍ତ୍ତା ସ୍ୱର୍ଗତ ସୌମ୍ୟାଶ୍ରୀ ବିଶିଙ୍କ ଉଦ୍ଦେଶ୍ୟରେ ଭଦ୍ରକ ଚରମ୍ପା ମହାବିଦ୍ୟାଳୟ ଏବିଭିପି ଶାଖା ପକ୍ଷରୁ ଶନିବାର ପୂର୍ବାହ୍ନ ୧୧ଟାରେ କଲେଜ ପରିସରରେ ଶ୍ରଦ୍ଧାଞ୍ଜଳି ଶୋଭାଯାତ୍ରା କରାଯାଇଛି। କଲେଜ ପରିସରରେ ଥିବା ମଣ୍ଡପରେ ସୌମ୍ୟାଶ୍ରୀଙ୍କ ଫଟୋଚିତ୍ର ଆଗରେ ସାମୂହିକ ଦୀପଦାନ ଓ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯିବା ସହ ଶୋକସଭା ଅନୁଷ୍ଠିତ ହୋଇଥିଲା। ଘଟଣାରେ ସମସ୍ତ ଅଭିଯୁକ୍ତଙ୍କ ସହ ଯେଉଁମାନେ ତାଙ୍କୁ ମାନସିକ ଭାବେ ବିଭିନ୍ନ ନିର୍ଯାତନା ଦେଉଥିଲେ ଏବଂ ସୋସିଆଲ ମିଡିଆରେ ଚରିତ୍ର ସଂହାର କରୁଥିଲେ, ସେମାନଙ୍କୁ ତୁରନ୍ତ ଗିରଫ ପାଇଁ ଏବିଭିପି ପକ୍ଷରୁ ରାଜ୍ୟ ସରକାରଙ୍କ ନିକଟରେ ଦାବି କରାଯାଇଛି। ସମସ୍ତ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ। ମୃତ ସୌମ୍ୟାଶ୍ରୀଙ୍କୁ ନ୍ୟାୟ ପାଇଁ ସଂଘର୍ଷ ଜାରି ରହିବ ବୋଲି ଚରମ୍ପା କଲେଜର ଛାତ୍ରନେତା ଆୟୁଷ ପାଣିଗ୍ରାହୀ କହିଛନ୍ତି। ଶୋଭାଯାତ୍ରାରେ ଏବିଭିପିର ଜିଲା ସହସଂଯୋଜକ ଅଭିଳାଷ ତ୍ରିପାଠୀ, ଜିଲା ସହ ପ୍ରମୁଖ ଜ୍ୟୋତିପ୍ରକାଶ ସାହୁ, ବିଶ୍ୱନାଥ ଲାହା, ଦେବୀପ୍ରସାଦ ଦାଶ, ସୁମିତ୍ରା ସେଠୀ, ନରହରି ମଲ୍ଲିକ, ମନୋଜ ବାରିକ, ସମ୍ଭବ ପରିଡ଼ା, ପୂଜା ଜେନା, ଚନ୍ଦନ ବେହେରା, ଚନ୍ଦନ ମିଶ୍ରଙ୍କ ସମେତ ଶତାଧିକ ଛାତ୍ରୀଛାତ୍ର ସାମିଲ ହୋଇଥିଲେ।

## କୁଲଣା, ଯଶୋଟିକିରି ହାଇସ୍କୁଲରେ ଖୋଲିବ ଯୁକ୍ତ ୨ ପାଠ୍ୟକ୍ରମ

ଭଣ୍ଡାରିପୋଖରୀ,୧୯।୭(ରାଜେନ୍ଦ୍ର ଶତପଥୀ)

ଭଣ୍ଡାରିପୋଖରୀ ବ୍ଲକର ବିଶୋଳ-କୁଲଣା ମୈତ୍ରୀ ଉଚ୍ଚ ବିଦ୍ୟାପୀଠ ଓ ଯଶୋଟିକିରି ସୁବର୍ଣ୍ଣମୁଖି ଉଚ୍ଚ ବିଦ୍ୟାଳୟରେ ଯୁକ୍ତ ୨ ପାଠ୍ୟକ୍ରମ ଖୋଲିବ। ଏଠାରେ ଏକାଦଶ ଓ ଦ୍ୱାଦଶ ଶିକ୍ଷାଦାନ କରାଯିବ। ଏଥିପାଇଁ ୨ ହାଇସ୍କୁଲକୁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଭାବେ ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ମାନ୍ୟତା ପ୍ରଦାନ କରାଯାଇଛି। ବିଶୋଳ-କୁଲଣା ମୈତ୍ରୀ ଉଚ୍ଚ ବିଦ୍ୟାପୀଠରେ କଳା(ଷ୍ଟ୍ରିମ୍)ରେ ଶିକ୍ଷାଦାନ କରାଯିବା ପାଇଁ ତାଲିକାଭୁକ୍ତ ହୋଇଥିବା ବେଳେ ଯଶୋଟିକିରି ସୁବର୍ଣ୍ଣମୁଖି ଉଚ୍ଚ ବିଦ୍ୟାଳୟରେ ବିଜ୍ଞାନ(ଷ୍ଟ୍ରିମ୍)ରେ ଶିକ୍ଷାଦାନ କରାଯିବ। ଭଦ୍ରକ ଜିଲାର ମୋଟ ୯ଟି ଉଚ୍ଚ ବିଦ୍ୟାଳୟକୁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଭାବେ ମାନ୍ୟତା ପ୍ରଦାନ କରାଯାଇଛି।

# ନୂତନ କଲ୍‌ଭର୍ଟ ନିର୍ମାଣ ପାଇଁ ପ୍ରତିଶ୍ରୁତି

**ଚାଷୀ ଆନ୍ଦୋଳନ ସ୍ଥଗିତ**

ଧାମନଗର,୧୯।୭ (ସନ୍ତୋଷ କୁମାର ମହାପାତ୍ର)

ଜଳନିଷ୍କାସନ ଦାବିରେ ଶନିବାର ପୂର୍ବାହ୍ନରେ ହେବାକୁ ଥିବା ଚାଷୀ ଆନ୍ଦୋଳନ ସ୍ଥଗିତ ରହିଛି। ୧୬ ନଂ. ଜାତୀୟ ରାଜପଥର ଧାମନଗର ଛକଠାରୁ ଧାମନଗର ପର୍ଯ୍ୟନ୍ତ ଭଦ୍ରକ ପୂର୍ତ୍ତ ବିଭାଗର ମୁଖ୍ୟରାସ୍ତାର ଭଗବାନପୁର ପଞ୍ଚାୟତ ଗୁଆଳଡିହ ଗ୍ରାମ ନିକଟରେ ଥିବା ଦୀର୍ଘଦିନର ପୁରୁଣା କଲଭର୍ଟଟି ଭାଙ୍ଗିଯାଇଛି। ଫଳରେ ଜଳ ନିଷ୍କାସନ ହୋଇ ନ ପାରି ଚାଷଜମି ଜଳମଗ୍ନ ହେଉଛି। ଖରିଫ ଧାନ ଚାଷ ପାଇଁ ବୁଣା ଯାଇଥିବା ଧାନତଳି ସବୁ ନଷ୍ଟ ହୋଇଯାଇଛି। ନୂତନ କଲ୍‌ଭର୍ଟ ନିର୍ମାଣ ଦାବିରେ ଶନିବାର ଚାଷୀମାନଙ୍କ ଆନ୍ଦୋଳନ କାର୍ଯ୍ୟକ୍ରମ ଥିଲା। ଖବରପାଇ ଭଦ୍ରକ ପୂର୍ତ୍ତ ନିର୍ବାହୀ ଯନ୍ତ୍ରୀ ମହେଶ୍ୱର ସାହୁ ସକାଳେ ପହଞ୍ଚି ଚାଷୀମାନଙ୍କ ସହ ଆଲୋଚନା କରିଥିଲେ। ଆସନ୍ତା ରବିବାରଠାରୁ ଭାଙ୍ଗିଯାଇଥିବା କଲ୍‌ଭର୍ଟକୁ ନୂତନ ଭାବେ ନିର୍ମାଣ ନେଇ ସେ ପ୍ରତିଶ୍ରୁତି ଦେବାରୁ ଚାଷୀ ଆନ୍ଦୋଳନ ସ୍ଥଗିତ ରଖାଯାଇଛି। ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆ ନ ଯିବାରୁ ଭଗବାନପୁର, ଗୁଆଳଡିହ, ବରଗଡ଼ିଆ ଗ୍ରାମର ଚାଷୀମାନେ ଉକ୍ତ କଲ୍‌ଭର୍ଟ ନିକଟରେ ଆନ୍ଦୋଳନ କରିବାକୁ ଚେତାବନୀ ଦେଇଥିଲେ। ଭାଙ୍ଗିଯାଇଥିବା ପୁରୁଣା କଲ୍‌ଭର୍ଟରେ ଲାଗିଥିବା ସୋଠକୁ ବାହାର କରାଯାଇ ସେଠାରେ ନୂତନ ୧ ଡାୟାରରେ ୫ଟି ସୋଠ ବସିବା ସହ ନୂଆ କରି ନିର୍ମାଣ ହେବ। ଏହି ମୁଖ୍ୟରାସ୍ତାକୁ ନବନିର୍ମାଣ କରିବାକୁ ଟେଣ୍ଡର ନେଇଥିବା ଠିକାଦାର ଏହି କାର୍ଯ୍ୟ କରିବେ ବୋଲି ନିର୍ବାହୀ ଯନ୍ତ୍ରୀ କହିଛନ୍ତି। ଆଲୋଚନା ବେଳେ ଗଙ୍ଗାଧର ସାହୁ, ରୌମ୍ୟରଞ୍ଜନ ସ୍ୱାଇଁ, ଶମ୍ଭୁନାଥ ସାହୁ, ଶଙ୍କର୍ଷଣ ପ୍ରଧାନ, ଅନାଦି ଲେଙ୍କା, ସୁକାନ୍ତ ଶଙ୍ଖୁଆ, ଶଶିଭୂଷଣ ପ୍ରଧାନ ପ୍ରମୁଖ ଚାଷୀ ଉପସ୍ଥିତ ଥିଲେ।

## ମଦ ଦୋକାନ ଖୋଲାଯିବାକୁ ମହିଳାଙ୍କ ବିରୋଧ

ବାସୁଦେବପୁର,୧୯।୭ (କାଳିପଦ ରାୟ/ନାରାୟଣ ପ୍ରସାଦ ବାରିକ୍)

ବାସୁଦେବପୁର ବ୍ଲକ ରାଜଘରପୋଖରୀ ବଜାର ସଂଲଗ୍ନ ଅଞ୍ଚଳରେ ବନ୍ଦ ଥିବା ଏକ ମଦ ଦୋକାନକୁ ପୁଣି ଖୋଲିବା ପାଇଁ ଉଦ୍ୟମ କରାଯାଇଥିବା ବେଳେ ଶୁକ୍ରବାର ସନ୍ଧ୍ୟାରେ ମହାପାତ୍ରସାହି ଗ୍ରାମବାସୀ ଓ ମହିଳାମାନେ ବିରୋଧ କରିଛନ୍ତି। ମଦ ଦୋକାନ ମାଲିକଙ୍କର ମୃତ୍ୟୁ ହୋଇଥିବାରୁ ୪ ମାସ ଧରି ଦୋକାନ ବନ୍ଦ ରହିଥିଲା। ଗ୍ରାମରେ ଥିବା ଅଖଣ୍ଡ ମଣ୍ଡପକୁ ପ୍ରତିଦିନ ଶତାଧିକ ଶ୍ରଦ୍ଧାଳୁ ଆସୁଥିବା ବେଳେ ଛାତ୍ରୀଛାତ୍ର ଏହି ବଜାର ରାସ୍ତା ଦେଇ ବିଦ୍ୟାଳୟକୁ ଯିବାଆସିବା କରନ୍ତି। ଶୁକ୍ରବାର ଏକ ଗାଡ଼ିରେ ମଦ ଉକ୍ତ ଦୋକାନକୁ ଆସୁଥିବା ଖବର ପାଇ ମହିଳାମାନେ ଦୋକାନ ସାମ୍ନାରେ ଧାରଣାରେ ବସିଥିଲେ। ସେମାନେ ଗାଡ଼ିରୁ ମଦ ଓହ୍ଲାଇବାକୁ ଦେଇ ନ ଥିଲେ। ନାୟକାଣିଡିହୀ ଥାନାଧିକାରୀ ରାଜଲକ୍ଷ୍ମୀ ନାୟକ ଓ ଅବକାରୀ ବିଭାଗ ଅଧିକାରୀ ପହଞ୍ଚି ଗ୍ରାମବାସୀଙ୍କୁ ବୁଝାଶୁଝା କରିଥିଲେ। ଅନ୍‌ଲୋଡ୍ କରି ନ ପାରି ମଦ ବୋଝେଇ ଗାଡ଼ି ଫେରିଯାଇଥିଲା।

# ଖୁବ୍‌ଶୀଘ୍ର ସରିବ ସାଇନ୍ସ ପାର୍କ ନିର୍ମାଣ କାର୍ଯ୍ୟ

ଧୁଷୁରୀ,୧୯।୭ (ଦୀପ୍ତିରଞ୍ଜନ ନାୟକ)



ସାଇନ୍ସ ଆଣ୍ଡ୍ ଟେକ୍ନୋଲୋଜି ପ୍ରିନ୍ସିପାଲ ସେକ୍ରେଟାରିଙ୍କ ସହ ଅଧିକାରୀମାନେ କୁଲେଇପଦାଠାରେ ନିର୍ମାଣାଧୀନ ସାଇନ୍ସ ପାର୍କ ବୁଲି ଦେଖୁଛନ୍ତି।

ଚାନ୍ଦବାଲି ବ୍ଲକ ଆରଡ଼ି ଆଖଣ୍ଡଳମଣି ପୀଠ ନିକଟରେ କୁଲେଇପଦାଠାରେ ସାଇନ୍ସ ପାର୍କ ନିର୍ମାଣ କାର୍ଯ୍ୟ ଖୁବ୍‌ଶୀଘ୍ର ଶେଷ ହେବ ଏବଂ ଏହା ଜିଲାବାସୀଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗୀକୃତ ହେବ। ଶନିବାର ମଧ୍ୟାହ୍ନରେ ପରିଦର୍ଶନ ଅବସରରେ ସାଇନ୍ସ ଆଣ୍ଡ୍ ଟେକ୍ନୋଲୋଜି ବିଭାଗର ପ୍ରିନ୍ସିପାଲ ସେକ୍ରେଟାରି ଚିତ୍ରା ଅରୁମୁଗମ ପ୍ରକାଶ କରିଛନ୍ତି। ତାଙ୍କ ସହ ଆଡିସନାଲ ସେକ୍ରେଟାରି ପୂଜା ମିଶ୍ର, ଡେପୁଟି ସେକ୍ରେଟାରି ଚିନ୍ମୟୀ ଚେତନା ଦାସ, ଏନ୍‌ପିସିସି(ନ୍ୟାଶନାଲ ପୋଜେକ୍ଟସ କନ୍‌ଷ୍ଟ୍ରକ୍ସନ କର୍ପୋରେଶନ) ପ୍ରୋଜେକ୍ଟ ମ୍ୟାନେଜର ରାଜବୀର ଗୁର୍ଜର ଏବଂ ୱାଟର ରିସୋର୍ସେସ ଇଆଇସି (ଏକ୍ସପୋର୍ଟ ଇନ୍‌ସ୍ପେକ୍ସନ କାଉନସିଲ) ବିଭୂତି ଭୂଷଣ ଦାସ ସାଇନ୍ସ ପାର୍କ ନିର୍ମାଣ କାର୍ଯ୍ୟ ବୁଲି ଦେଖିଥିଲେ। ନିର୍ମାଣାଧୀନ କୋଠାର ବିଭିନ୍ନ ସ୍ଥାନରେ ଫାଟ ସୃଷ୍ଟି ହୋଇଛି। ଏହାକୁ ମରାମତି କରାଯିବା ସହ କୋଠା ପାର୍ଶ୍ୱବର୍ତ୍ତୀ ସ୍ଥାନରେ ମାଟି ଫିଲିଂ କରାଯାଇ ବଟାନିଲାଲ ପାର୍କ ଓ ଅନ୍ୟାନ୍ୟ ବହୁ ପ୍ରକଳ୍ପର ନିର୍ମାଣ କାର୍ଯ୍ୟ କରାଯିବ ବୋଲି କୁହାଯାଇଛି। ଖୁବ୍‌ଶୀଘ୍ର ଜିଲାସ୍ତରୀୟ କମିଟି ଗଠନ କରାଯିବା ସହ ଏହି ପ୍ରକଳ୍ପ ପାଇଁ ଅର୍ଥ ଯୋଗାଣ କରାଯିବ, ଲୋକାଲ ତଦାରଖ କମିଟି ଗଠନ ପ୍ରକ୍ରିୟା ତ୍ୱରାନ୍ୱିତ ହେବା ସହ ପର୍ଯ୍ୟଟକମାନଙ୍କୁ ଆକର୍ଷଣ କରିବାକୁ ବହୁ ପ୍ରକଳ୍ପ ହାତକୁ ନିଆଯିବ ବୋଲି ଉପସ୍ଥିତ ଥିବା ଭଦ୍ରକ ଜିଲାପାଳ ଦିଲୀପ ରାଉତରାଏ କହିଥିଲେ। ଉପଜିଲାପାଳ ସୌରଭ ଚକ୍ରବର୍ତ୍ତୀ, ଚାନ୍ଦବାଲି ତହସିଲଦାର ଭବତୋଷ ମଲ୍ଲିକ, ବିଡିଓ ସଞ୍ଜୀବ କୁମାର ମହାପାତ୍ର, ଜିଲା ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ଦେବୀ ପ୍ରସନ୍ନ ଘୋଷ, ଆରଡ଼ି ରାଜସ୍ୱ ନିରୀକ୍ଷକ ଗୋଲକ ମୁର୍ମୁ ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ୨୩ରେ ବିଧାନସଭା ଆଗରେ ଡିଏସ୍‌ଓର ବିକ୍ଷୋଭ
#### ବଳଙ୍ଗା ନାବାଳିକାଙ୍କୁ ଜାଳିଦେବାକୁ ଉଦ୍ୟମ ଘଟଣା

ଭୋଗରାଇ, ୧୯।୭(ପ୍ରଦୀପ ଦାସ): ସ୍କୁଲ, କଲେଜ, ବିଶ୍ୱବିଦ୍ୟାଳୟ ସମେତ ସମସ୍ତ ସ୍ଥାନରେ ଛାତ୍ରୀମାନଙ୍କ ନିରାପତ୍ତା ସୁନିଶ୍ଚିତ କରିବା ଦାବିରେ ରାଜ୍ୟସ୍ତରୀୟ ଛାତ୍ର ବିକ୍ଷୋଭ ଡାକରା ଦେଇଛି ଏଆଇଡିଏସ୍‌ଓ। ଫକୀର ମୋହନ ମହାବିଦ୍ୟାଳୟର ଛାତ୍ରୀ ସୌମ୍ୟାଶ୍ରୀଙ୍କ ଦୁଃଖଦ ମୃତ୍ୟୁ ଘଟଣାରେ ସମ୍ପୃକ୍ତ ସମସ୍ତ ଅପରାଧୀ ତଥା କୌଣସି ପଦକ୍ଷେପ ନେଇ ନ ଥିବା ସମସ୍ତ ବ୍ୟକ୍ତିଙ୍କୁ ଦୃଷ୍ଟାନ୍ତମୂଳକ ଦଣ୍ଡବିଧାନ ଦାବିରେ ଏଆଇଡିଏସଓ ଲଗାତାର ଆନ୍ଦୋଳନ କରିବା ସହ ଜୁଲାଇ ୧୭ରେ ସାରା ଓଡିଶା ଛାତ୍ର ଧର୍ମଘଟର ଆହ୍ୱାନ ଦେଇଥିଲା। ଏହି ଧର୍ମଘଟକୁ ଓଡିଶାର ଛାତ୍ରୀଛାତ୍ରମାନେ ସର୍ବାନ୍ତକରଣରେ ସଫଳ କରିଛନ୍ତି ବୋଲି ଡିଏସ୍‌ଓ ଦାବି କରିଛି। ଏଆଇଡିଏସଓ ରାଜ୍ୟ ସଭାପତି ସୋମନାଥ ବେହେରା ଓ ସମ୍ପାଦକ ସିଦ୍ଧାର୍ଥ ରଥ ଏକ ପ୍ରେସ ବିବୃତ୍ତିରେ କହିଛନ୍ତି, ବାଲେଶ୍ୱର ଘଟଣାର ସପ୍ତାହେ ନ ପୂରୁଣୁ ପୁରୀ ଜିଲା ବଳଙ୍ଗା ଥାନା ବାୟାବର ଅଞ୍ଚଳରେ ଛାତ୍ରୀଙ୍କୁ ଦୁର୍ବୃତ୍ତମାନେ ନିଆଁ ଲଗାଇ ଜାଳିଦେବାକୁ ଉଦ୍ୟମ ଆଦି ଘଟଣା ରାଜ୍ୟବାସୀଙ୍କ ମନରେ ଛାତ୍ରୀ ସୁରକ୍ଷା ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଆଗାମୀ ଦିନରେ ଛାତ୍ରୀମାନଙ୍କ ନିରାପତ୍ତାକୁ ସୁନିଶ୍ଚିତ କରିବା ଦାବିରେ ଏଆଇଡିଏସ୍‌ଓର ଆନ୍ଦୋଳନ କରୁଛି ଓ କରିବ ବୋଲି ବାଲେଶ୍ୱର ଜିଲାର ଛାତ୍ରୀଛାତ୍ରୀଙ୍କୁ ଏଆଇଡିଏସ୍‌ଓ ଜିଲା ସଭାପତି ହରେକୃଷ୍ଣ ଦାସ ଓ ସମ୍ପାଦକ ପ୍ରଶାନ୍ତ ଦାସ ଆହ୍ୱାନ ଦେଇଛନ୍ତି ।


### ବେଆଇନ ଗୋଚାଲାଣ
### ୮ ଗୋରୁ ସମେତ ପିକଅପ୍ ଜବତ

ବାହାନଗା, ୧୯।୭(ଅରୂପ କୁମାର ଦାସ): ବେଆଇନ ଗୋଚାଲାଣ ହେଉଥିବା ଖବରପାଇ ବାହାନଗା ବ୍ଲକ ଗୋପାଳପୁର ଥାନା ପୋଲିସ ପିକଅପ୍ ଭ୍ୟାନକୁ ଗୋଡ଼ାଇ ଗୋଡ଼ାଇ ଧରିଥିଲେ। ସେଥିରୁ ୮ଗୋରୁଙ୍କୁ ଉଦ୍ଧାର କରିବା ସହିତ ପିକଅପ୍ ଭ୍ୟାନକୁ ଜବତ କରିଥିଲେ। ଏନେଇ ଗୋପାଳପୁର ଥାନାରେ ଏକ ମାମଲା(ନଂ.୧୨୯/୨୫) ରୁଜୁ ହୋଇଛି। ଡ୍ରାଇଭର ଏବଂ ହେଲପର ଫେରାର ହୋଇଯାଇଛନ୍ତି।

ସାହାସପୁରା ଗ୍ରାମରୁ ପିକ୍‌ଅପ୍ ଭ୍ୟାନ(ନଂ. ଓଡି ୨୨-ଏଫ ୮୧୧୧) ଯୋଗେ ଗତ ଶୁକ୍ରବାର ବିଳମ୍ବିତ ରାତିରେ ୮ଟି ଗୋରୁ ଭର୍ତ୍ତି କରାଯାଇ ବେଆଇନ ଭାବେ ରାସ୍ତାରେ ଯାଉଥିବା ବେଳେ ପୋଲିସ ଚଢ଼ାଉ କରିଥିଲା। ପୋଲିସ ଭ୍ୟାନକୁ ଦେଖି ଗୋରୁ ବେପାରୀ ବିଭିନ୍ନ ଗଳିକନ୍ଦି ରାସ୍ତାରେ ପୂରାଇ ପଳାଉଥିବା ବେଳେ ଝାଡତା ଛକଠାରେ ପୋଲିସ ପିକ୍‌ଅପ ଭ୍ୟାନ୍‌କୁ କାବୁ କରିଥିଲେ। ଏହି ଗୋରୁ ସବୁ ସାହାସପୁରା ଗ୍ରାମରୁ ଆସୁଥିବା ପୋଲିସ ସୂତ୍ରରୁ ଜଣାପଡିଛି। ସୂଚନାଯୋଗ୍ୟ ଯେ, ଏହି ପିକଅପ୍ ଭ୍ୟାନ ପୂର୍ବରୁ ପୋଲିସ ଦ୍ୱାରା ଜବତ ହୋଇଥିଲା। ସେତେବେଳେ ମଧ୍ୟ ଗାଡ଼ିରେ ବେଆଇନ ଗୋଚାଲାଣ ହେଉଥିଲା।

### ଟ୍ରକ୍‌କୁ ପିଟିଲା ବସ୍, ୩୦ ଯାତ୍ରୀ ଆହତ

ବାଲେଶ୍ୱର, ୧୯।୭(ବାଞ୍ଛାନିଧି ଦେ)- ବାଲେଶ୍ୱର ଜିଲା ୬୦ ନମ୍ବର ଜାତୀୟ ରାଜପଥର ବସ୍ତା ଥାନା ଅଧୀନ ଜୁଣବଳଦା ଛକ ନିକଟରେ ଶୁକ୍ରବାର ବିଳମ୍ବିତ ରାତ୍ରିରେ ଘଟିଛି ଦୁର୍ଘଟଣା। ଏକ ଟ୍ରକ ପଛପଟୁ ଧକ୍କା



ଦେଇଛି ବସ୍। ୩୦ରୁ ଉର୍ଦ୍ଧ୍ୱ ଯାତ୍ରୀ ଗୁରୁତର ଆହତ ହୋଇଥିବା ଜଣାପଡିଛି। ସେମାନଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତିକରାଯାଇଛି।

ଶୁକ୍ରବାର ବିଳମ୍ବିତ ରାତିରେ ଦାସ ଆଣ୍ଡ ଦାସ ନାମକ ଏହି ଘରୋଇ ବସ୍ ୫୦ରୁ ଉର୍ଦ୍ଧ୍ୱ ଯାତ୍ରୀ ନେଇ ଭୁବନେଶ୍ୱରରୁ କୋଲକାତା ଅଭିମୁଖେ ଯାଉଥିଲା। ଜୁଣବଳଦା ନିକଟରେ ଛିଡ଼ା ହୋଇଥିବା କୋଇଲା ବୋଝେଇ ଟ୍ରକ୍‌କୁ ପଛପଟୁ ବସ୍‌ଟି ଧକ୍କା ଦେଇଥିଲା। ବସ୍‌ର ସମ୍ମୁଖ ଭାଗ ସମ୍ପୂର୍ଣ୍ଣ ନଷ୍ଟ ହୋଇଥିବା ବେଳେ ସୌଭାଗ୍ୟବଶତଃ ଯାତ୍ରୀମାନେ ଅଳ୍ପକେ ବର୍ତ୍ତି ଯାଇଥିଲେ। ବସ୍ତା ଥାନା ପୋଲିସ ପହଞ୍ଚି ଅଧିକ ତଦନ୍ତ ଜାରି ରଖିଛି।

# ତଦନ୍ତକୁ ବାଟବଣା କରୁଛନ୍ତି ବିରୋଧୀ



ଖବରଦାତା ସମ୍ମିଳନୀରେ ଏମ୍‌ପି ସୂଚନା ଦେଉଛନ୍ତି।

## ଘଟଣା ପ୍ରତି ସରକାରଙ୍କ ଆନ୍ତରିକତା ରହିଛି : ଏମ୍‌ପି

ବାଲେଶ୍ୱର,୧୯।୭(ବାଞ୍ଛାନିଧି ଦେ)

ବାଲେଶ୍ୱର ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଇଣ୍ଟିଗ୍ରେଟେଡ୍ ବିଏଡ୍ ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ମୃତ୍ୟୁ ଘଟଣାକୁ ସପ୍ତାହେ ବିତିଗଲା। ହେଲେ ଥମୁନି ରାଜନୈତିକ ଦୋଷ ଲଦାଲଦି। ଛାତ୍ରୀଙ୍କ ଆତ୍ମାହୁତି ଘଟଣା ପ୍ରତି ସରକାରଙ୍କ ଆନ୍ତରିକତା ରହିଛି। ତଦନ୍ତକୁ ବାଟବଣା କରିବା ପାଇଁ ବିରୋଧୀମାନେ ଅଯୌକ୍ତିକ, ଭିତ୍ତିହୀନ ଓ ପ୍ରମାଣବିହୀନ ମନ୍ତବ୍ୟ ଦେଉଛନ୍ତି ବୋଲି ଶନିବାର ଭାଜପା ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀରେ ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ ସଦ୍ୟ ଦେଇଥିବା ମନ୍ତବ୍ୟକୁ ଏମ୍‌ପି କଡ଼ା ସମାଲୋଚନା କରିଛନ୍ତି। ସତ୍ୟତା ପୂର୍ବକ ସମସ୍ତ ଆରୋପର ପ୍ରମାଣ ରଖିବା ନେଇ ସେ ଚ୍ୟାଲେଞ୍ଜ ଦେଇଛନ୍ତି। କୌଣସି ପ୍ରମାଣ ସିଦ୍ଧ ହେଲେ ସେ ରାଜନୀତିରୁ ସନ୍ନ୍ୟାସ ନେବାକୁ ପ୍ରସ୍ତୁତ, ମାତ୍ର ଅସିଦ୍ଧ ତଥ୍ୟ ପାଇଁ ଭୋଗରାଇ ବିଧାୟକ ଇସ୍ତଫା ଦେବେ କି ବୋଲି ଏମ୍‌ପି ଦୃଢ଼ କଣ୍ଠରେ ପଚାରିଛନ୍ତି। ଗତ ୧ ତାରିଖରେ ଛାତ୍ରୀଜଣକ ଏଚ୍‌ଓଡି ସମୀର ସାହୁଙ୍କ ନିର୍ଯାତନା ସମ୍ପର୍କରେ ଅଧ୍ୟକ୍ଷଙ୍କୁ ଜଣାଇଥିଲେ। ୨ ତାରିଖରେ ସର୍କିଟ୍ ହାଉସଠାରେ କେତେକ ପିଲାଙ୍କ ସହ ସୌମ୍ୟାଶ୍ରୀ ଏମ୍‌ପିଙ୍କୁ ସାକ୍ଷାତ କରି ଏ ସମ୍ପର୍କରେ ଅବଗତ କରାଇଥିଲେ। ଛାତ୍ରୀଜଣଙ୍କୁ ସୁଦୀର୍ଘ ଭବିଷ୍ୟତ ନିର୍ମାଣ ପାଇଁ ଏମ୍‌ପି ଘଣ୍ଟାଏ କାଳ ବୁଝାଇବା ପରେ ସେ କୌଣସି ବିପଦପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରିବେ ନାହିଁ ବୋଲି ପ୍ରତିଶ୍ରୁତି ଦେଇଥିବା ସତ୍ତ୍ୱେ ଏଭଳି ଘଟଣା ଅତ୍ୟନ୍ତ ଦୁର୍ଭାଗ୍ୟପୂର୍ଣ୍ଣ। ସମସ୍ତ ଘଟଣାକ୍ରମରେ ତାଙ୍କର ତିଳେ ମାତ୍ର ଅବହେଳା ନ ଥିବା ଏମ୍‌ପି କହିଥିଲେ। ଆତ୍ମାହୁତି ଉଦ୍ୟମ ଘଟଣାକୁ ନେଇ ରାଜ୍ୟ ସରକାର ତତ୍କାଳ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲେ। ଉଭୟ ଏଚ୍‌ଓଡି ଓ ଅଧ୍ୟକ୍ଷଙ୍କୁ ଗିରଫ କରାଯାଇଥିଲା। ପୂର୍ବ ସରକାର ସମୟରେ ବହୁ ନେତା ଓ ମନ୍ତ୍ରୀ ଏଭଳି ଘଟଣାରେ ସମ୍ପୃକ୍ତି ଥିଲେ ମଧ୍ୟ ସରକାର ଘଟଣାକୁ ଚପାଇ ଦେବା ସହ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନ ଥିବା ଏମ୍‌ପି କହିଥିଲେ। ଘଟଣାର ସତ୍ୟାସତ୍ୟ ଅନୁସନ୍ଧାନ ପୂର୍ବକ ଠିକ୍ ତଥ୍ୟ ପ୍ରକାଶ କରିବା ନିମନ୍ତେ ଗଣମାଧ୍ୟମକୁ ସେ କହିଥିଲେ। ଏହି ଖବରଦାତା ସମ୍ମିଳନୀରେ ଭାଜପା ଜିଲା ସଭାପତି ଈଶ୍ୱର ଚନ୍ଦ୍ର ବେହେରା, ବାଲେଶ୍ୱର ବିଧାୟକ ମାନସ କୁମାର ଦତ୍ତ, ନୀଳଗିରି ବିଧାୟକ ସନ୍ତୋଷ ଖଟୁଆ, ବଡ଼ସାହି ବିଧାୟକ ସନାତନ ବିଜୁଳି, ରାଷ୍ଟ୍ରୀୟ ପରିଷଦ ସଦସ୍ୟ ଜୀବନ ପ୍ରଦୀପ ଦାଶ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଶୋଭନା ମହାନ୍ତି, ଶୁଭଙ୍କର ମହାପାତ୍ର ଓ ପର୍ଶୁରାମ ବେହେରା, ଉତ୍ତର ବାଲେଶ୍ୱର ଜିଲା ସଭାପତି ପ୍ରଦୀପ କୁମାର ପଣ୍ଡା, ରାଜ୍ୟ ମିଡିଆ ପେନାଲିଷ୍ଟ ବିଭୁପଦ ଦାସ, ରାଜ୍ୟ ସମ୍ପାଦିକ ସିପ୍ରା ବାଜପେୟୀ, ପୂର୍ବତନ ଜିଲା ସଭାପତି ଉମାକାନ୍ତ ମହାପାତ୍ର, ଜିଲା ମିଡିଆ ସଂଯୋଜକ ଶ୍ରୀନିବାସ ପ୍ରଧାନ, ମହିଳା ମୋର୍ଚ୍ଚା ସଭାନେତ୍ରୀ ସିପ୍ରାରେଖା ମହାପାତ୍ର, ଭାଜପା ନେତା ଆଶିଷ ପାତ୍ର, ବ୍ରଜମୋହନ ପ୍ରଧାନ ଓ ରବୀନ୍ଦ୍ର ଅଣ୍ଡିଆ ପ୍ରମୁଖ ଉପସ୍ଥିତ ଥିଲେ।

# ନ୍ୟାୟ ପାଇଲେ ଦିବ୍ୟାଙ୍ଗ ପଥରଶିଳ୍ପୀ ବିମଳ




ଦିବ୍ୟାଙ୍ଗ ପଥରଶିଳ୍ପୀଙ୍କୁ ଚେକ୍ ପ୍ରଦାନ କରାଯାଉଛି।

ନୀଳଗିରି, ୧୯।୭(ପ୍ରଶାନ୍ତ ବିଶ୍ୱାଳ)

## ଦୀର୍ଘ ୯ ବର୍ଷର ସଂଘର୍ଷ

ଦୀର୍ଘ ୯ବର୍ଷର ସଂଘର୍ଷ ପରେ ନ୍ୟାୟ ପାଇଛନ୍ତି ଦିବ୍ୟାଙ୍ଗ ପଥରଶିଳ୍ପୀ ବିମଳ ଦଳେଇ। ଔପଦା ବ୍ଲକ ଶ୍ୟାମସୁନ୍ଦରପୁର ପଞ୍ଚାୟତ ଅଧୀନ ଜୁରିଆପାଟଣା ଗ୍ରାମର ପଥରଶିଳ୍ପୀ ବିମଳ ୨୦୦୮ରେ ଔପଦା ବ୍ଲକ ପଥରମୂର୍ତ୍ତି ଠିକାଦାର ବଉଳଗଡ଼ିଆ ଗ୍ରାମର ଗୟାଧର ଧାଉଁଡ଼ିଆଙ୍କ ପ୍ରଲୋଭନର ଶିକାର ହୋଇ ଗୁଜୁରାଟ ଦାଦନ ଖଟିବାକୁ ଯାଇଥିଲେ। ସେଠାରେ ଏକ ମନ୍ଦିରରେ ଭାରା ଉପରେ କାମ କରିବା ସମୟରେ ଭାରା ଛିଡ଼ିଯିବାରୁ ମନ୍ଦିର ଉପରୁ ତଳକୁ ଖସି ପଡ଼ିଥିଲେ। ଫଳରେ ସ୍ପାଇନାଲ ଇଞ୍ଜୁରୀ ଭଳି ମାରାତ୍ମକ ରୋଗରେ ଶିକାର ହୋଇଥିଲେ। ମାତ୍ର ଠିକାଦାର ଜଣଙ୍କ ତାଙ୍କୁ ଚିକିତ୍ସା କରାଇବା ପାଇଁ ଟଙ୍କା ଦେଇ ନ ଥିଲେ କିମ୍ବା ଧରାଛୁଆଁ ଦେଇ ନ ଥିଲେ। ଏପରିକି ବିମଳଙ୍କ ପାରିଶ୍ରମିକ ମଜୁରୀ ଟଙ୍କା ମଧ୍ୟ ଦେଇ ନ ଥିଲେ। ସଂପୃକ୍ତ ଠିକାଦାର ଜଣକ ଓଡ଼ିଶାରୁ ନେଇଥିବା ଶ୍ରମିକମାନଙ୍କ ପାରିଶ୍ରମିକ ନ ଦେଇ ଆତ୍ମସାତ କରୁଥିଲା। ବିମଳଙ୍କ ବାପା ଜଣେ ଦିନ ମଜୁରିଆ ହୋଇଥିବାରୁ ପୁଅ ଚିକିତ୍ସା ପାଇଁ ଜମିବାଡ଼ି ବିକ୍ରିକରି ସାରିଲା ପରେ ଅର୍ଥ ନିଅଣ୍ଟ ପଡ଼ିଥିଲା। ଫଳରେ ବିମଳ ଚିକିତ୍ସା ଅଭାବ କାରଣରୁ ୮୦% ଦିବ୍ୟାଙ୍ଗ ହୋଇଯାଇଥିଲେ। ପରେ ବିମଳ ଦିବ୍ୟାଙ୍ଗର ପରିଚୟ ନେଇ ୨୦୧୬ରେ ବାଲେଶ୍ୱର ଶ୍ରମକୋର୍ଟଙ୍କ ଆଶ୍ରୟ ନେଇଥିଲେ। କୋର୍ଟଙ୍କ ନିର୍ଦ୍ଦେଶ ପରେ ଓପିଡିଆର ଆକ୍ଟ୧୯୬୨ ଧାରା ଅନୁଯାୟୀ ନୀଳଗିରି ଉପଜିଲାପାଳଙ୍କ ଦ୍ୱାରା ଠିକାଦାରଙ୍କୁ ଟଙ୍କା ଜମା କରିବା ପାଇଁ ସମୟ ଦେଇଥିଲେ। ଠିକାଦାର ଜଣକ ମୋଟ ୫ଲକ୍ଷ ୩୩ହଜାର ୫ଶହ ଟଙ୍କାରୁ ୫୦% ଟଙ୍କା ଅର୍ଥାତ ୨ଲକ୍ଷ ୬୬ହଜାର ୭୫୦ଟଙ୍କା ଡିପୋଜିଟ କରି ଜିଲା ଏଡିଏମ୍ କୋର୍ଟରେ ଆଶ୍ରୟ ନେଇ କେସ୍ ଲଢ଼ିଥିଲେ। ମାତ୍ର ଏଡିଏମ କୋର୍ଟରେ ଆବଶ୍ୟକ ତଥ୍ୟ ଦେଇପାରି ନ ଥିଲେ। ଫଳରେ କେସ୍ ଡିସ୍‌ମିସ୍ ହୋଇଥିଲା। ତେବେ ପୂର୍ବରୁ ଡିପୋଜିଟ କରିଥିବା ୫୦% ଅର୍ଥକୁ ନୀଳଗିରି ଉପଜିଲାପାଳ ଜିଲା ଶ୍ରମ ଅଦାଲତକୁ ପଠାଇ ଦେଇଥିଲେ। ଗତ ଶୁକ୍ରବାର ଜିଲା ଶ୍ରମ କମିଶନର ସନ୍ତୋଷ କୁମାର ମହାନ୍ତି, ଏଷ୍ଟାବ୍ଲିସମେଣ୍ଟ ଅଫିସର ସୁପ୍ରଭା ଟୁଡୁ, ଆଇନଜୀବୀ ନରେନ୍ଦ୍ର ନାଥ ପାଣିଗ୍ରାହୀଙ୍କ ଉପସ୍ଥିତରେ ଜିଲା ଶ୍ରମ ଅଦାଲତ ପକ୍ଷରୁ ଦିବ୍ୟାଙ୍ଗ ବିମଳଙ୍କୁ ଉକ୍ତ ଅର୍ଥ ଜିଲା ଶ୍ରମ କମିଶନର ସନ୍ତୋଷ କୁମାର ମହାନ୍ତି ଏକ ଚେକ୍ ମାଧ୍ୟମରେ ପ୍ରଦାନ କରିଛନ୍ତି।

# ପିଇଓଙ୍କ ବଦଳି ପ୍ରତ୍ୟାହାର ପାଇଁ ବିଡିଓଙ୍କୁ ଦାବିପତ୍ର




ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

କାଳିପଦା,୧୯।୭(ରାଜଶ୍ରୀ ପାଣିଗ୍ରାହୀ)

ବାଲିଆପାଳ ବ୍ଲକ ଅସ୍ତି ପଞ୍ଚାୟତ ବନ୍ୟା ପ୍ରଭାବିତ ପଞ୍ଚାୟତ ହୋଇଥିବା ବେଳେ ଅସ୍ତି ପଞ୍ଚାୟତର କାର୍ଯ୍ୟନିର୍ବାହୀ ଅଧିକାରୀ କରୁଣାକର ଜେନା ଗତ ୬ ମାସ ତଳୁ ଅସ୍ତି ପଞ୍ଚାୟତରେ କାର୍ଯ୍ୟରେ ଯୋଗଦାନ କରି ବନ୍ୟା ସମୟରେ ତଥା ସରକାରୀ କାର୍ଯ୍ୟ ସୂଚାରୁ ରୂପେ ସମ୍ପାଦନା କରି ଆସୁଥିଲେ। ହଠାତ୍ ରାତିଅଧିଆ ବିନା ଅଭିଯୋଗରେ ଜିଲାପାଳ ଗତ ଶୁକ୍ରବାର ବଦଳି କରିଥିଲେ। ଏନେଇ ଶନିବାର ବାଲିଆପାଳସ୍ଥିତ ଦୁର୍ଗା କଲ୍ୟାଣୀମଣ୍ଡପ କକ୍ଷରେ ଏକ ଖବରଦାତା ସମ୍ମିଳନୀ କରାଯାଇ ବଦଳି ପ୍ରତ୍ୟାହାର ଦାବି କରାଯାଇଥିଲା। ଏ ସଂକ୍ରାନ୍ତରେ ଏକ ଦାବିପତ୍ର ଜିଲାପାଳଙ୍କ ଉଦ୍ଦେଶ୍ୟରେ ବିଡିଓଙ୍କ ମାଧ୍ୟମରେ ପ୍ରଦାନ କରାଯାଇଛି। ତେବେ ତିନିଦିନ ଭିତରେ ବଦଳି ହୋଇଥିବା କାର୍ଯ୍ୟନିର୍ବାହୀ ଅଧିକାରୀ କରୁଣାକର ଜେନାଙ୍କୁ ଅସ୍ତିପଞ୍ଚାୟତରେ ପୁନଃ ଅବସ୍ଥାପିତ କରା ନ ଗଲେ ବ୍ଲକ ଘେରାଉ କରାଯିବ ବୋଲି ସରପଞ୍ଚ ପ୍ରତିନିଧି ହରେକୃଷ୍ଣ ଜେନା, ପୂର୍ବତନ ସରପଞ୍ଚ ଶରତ ପ୍ରଧାନ, ୱାର୍ଡମେମ୍ବର ସୁଜିତ ବେହେରା, ତପନ ଜେନା, ସୁଶାନ୍ତ ଦଳାଇ, ପ୍ରଶାନ୍ତ ପ୍ରଧାନ, ଗ୍ରାମବାସୀ ପଞ୍ଚାନନ ଜେନା, ମାନସ ରଞ୍ଜନ ଦାଶ, କମଳାକାନ୍ତ ପାତ୍ର ଓ କିଶୋର ପାତ୍ର ପ୍ରମୁଖ ଚେତାବନୀ ଦେଇଛନ୍ତି।

## ପରିତ୍ୟକ୍ତ ପୋଖରୀରୁ ମୃତଦେହ ଜବତ

ଗାନ୍ଧିଛକ, ୧୯।୭(ଦିଲୀପ ପଣ୍ଡା)- ବାଲେଶ୍ୱର ଜିଲା ବସ୍ତା ଥାନା ବାଉଁଶମୁଖା ଗ୍ରାମର ଏକ ପରିତ୍ୟକ୍ତ ପୋଖରୀରୁ ଯୁବକଙ୍କ ମୃତଦେହ ଜବତ ହୋଇଛି। ଯୁବକ ଜଣକ ହେଲେ ଉକ୍ତ ଗ୍ରାମର ଧରଣୀ ଜେନା(୩୫)। ଧରଣୀ ୪ଦିନ ଧରିନିଖୋଜ ଥିବା ବେଳେ ପରିବାର ପକ୍ଷରୁ ବିଭିନ୍ନ ସ୍ଥାନରେ ଖୋଜାଖୋଜି ଜାରି ରହିଥିଲା। ତେବେ ଶନିବାର ମଧ୍ୟାହ୍ନ ୧୨ଟାରେ ଧରଣୀଙ୍କ ବଡ଼ ଭାଇ ରାସ୍ତା ପାର୍ଶ୍ୱରେ ଥିବା ଜଙ୍ଗଲ ସହ ପରିତ୍ୟକ୍ତ ପୋଖରୀକୁ ଦେଖୁଥିବା ବେଳେ ଏକ ମୃତଦେହ ଭାସୁଥିବାକୁ ଦେଖିଥିଲେ। ପରେ ବସ୍ତା ପୋଲିସ ଓ ଦମକଳ ବାହିନୀର ସହଯୋଗ କ୍ରମେ ମୃତଦେହକୁ ଉଦ୍ଧାର କରାଯାଇଥିଲା। ସେ ଧରଣୀ ଜେନା ବୋଲି ଜଣାପଡ଼ିଥିଲା। ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ ଜାରି ରଖିଛି।

## ତାଲା କାଟି ଚୋରି

ଜଳେଶ୍ୱର, ୧୯।୭(ନବୀନ ସାହୁ)- ଜଳେଶ୍ୱର ବ୍ଲକ ବର୍ତ୍ତନା ପଞ୍ଚାୟତରେ ଥିବା ୱେଲନେସ ସେଣ୍ଟରର ତାଲା କାଟି ନଗଦ ୧୪ ହଜାର ୨ ଶହ ଟଙ୍କା, ଲାପଟପ ଓ ଏଚ୍‌ପି କମ୍ପାନୀର ହାର୍ଡଡିସ୍କ ସହିତ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ପ୍ରଡକ୍ଟ ଚୋରି ହୋଇଥିବା ଥାନାରେ ଅଭିଯୋଗ ହୋଇଛି। ବର୍ତ୍ତନା ଗ୍ରାମର ପଶ୍ଚିମବାର୍ଡ ଆରଡି ରାସ୍ତା ପାଖରେ ଏକ ଘରକୁ ଭଡା ନେଇ କାର୍ତ୍ତିକ ଜେନା ସ୍ୱାସ୍ଥ୍ୟ ୱେଲନେସ ସେଣ୍ଟର କରିଥିଲେ। ଶୁକ୍ରବାର ରାତିରେ ଦୁର୍ବୃତ୍ତ ଆସି ଦୁଇଟି ତାଲା ଓ ଭିତର କୋଠରୀର ଗୋଟିଏ ତାଲା କଟର ସାହାଯ୍ୟରେ କାଟି ବିଭିନ୍ନ ସାମଗ୍ରୀ ଚୋରି କରିନେଇଛନ୍ତି। ନାମ୍ପୋ ଫାଣ୍ଡି ଅଧିକାରୀ କରନ ମାରାଣ୍ଡି ଶନିବାର ଅପରାହ୍ନରେ ତଦନ୍ତ କରିଛନ୍ତି।

## ସଂଘ ସମ୍ପାଦକଙ୍କ ବିୟୋଗରେ ସ୍ମୃତିସଭା



ସ୍ମୃତିସଭାରେ ମଞ୍ଚାସୀନ ଅତିଥି।

ଖଇରା, ୧୯।୭(ଉତ୍କଳବନ୍ଧୁ ପଣ୍ଡା)

ରାଜ୍ୟ ପଞ୍ଚାୟତ ସମ୍ପାଦକ ସଂଘର ରାଜ୍ୟ ସାଧାରଣ ସମ୍ପାଦକ ଭଗବାନ ମହାପାତ୍ରଙ୍କ ବିୟୋଗରେ ଏକ ସ୍ମୃତିସଭା ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ଖଇରା ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଖଇରା ପଞ୍ଚାୟତ ଶହୀଦ ସ୍ମୃତି କମିଟି ଆନୁକୂଲ୍ୟରେ ଶନିବାର ଆୟୋଜିତ ସ୍ମୃତିଚାରଣ ସଭାରେ ସନ୍ତୋଷ କୁମାର ଶତପଥି ପୌରୋହିତ୍ୟ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସ୍ମୃତି କମିଟି ସଭ୍ୟ ମାନସ କୁମାର ମହାପାତ୍ର, ଜନ୍ମେଜୟ ଶତପଥି, ଜଗଦାନନ୍ଦ ମହାପାତ୍ର, ନିରଞ୍ଜନ ମହାନ୍ତି, ମିହିର କୁମାର ନାୟକ, ବ୍ରଜେନ୍ଦ୍ର ଭୂୟାଁ, ଶ୍ରୀଧର ସାମଲ, ବାଞ୍ଛାନିଧି ରାଉତ, ରଞ୍ଜନ ପାଣିଗ୍ରାହୀ, ସୁଶାନ୍ତ କୁମାର ସ, ବେଦମତୀ ନାୟକ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ମହାପାତ୍ର ସବୁବେଳେ ସଂଘ ସମ୍ପାଦକମାନଙ୍କ ସ୍ୱାର୍ଥ ପାଇଁ ଲଢେଇ ଜାରି ରଖିଥିବା କହିଥିଲେ। ୧୦ତାରିଖରେ ସ୍ୱର୍ଗତ ମହାପାତ୍ର ଟ୍ରେନ ଦୁର୍ଘଟଣାରେ ପ୍ରାଣ ହରାଇଥିବା ବେଳେ ସେ ଖଇରା ଶହୀଦ ସ୍ମୃତି କମିଟିର ଉପଦେଷ୍ଟା ରହିବା ସହ ଅନ୍ୟାନ୍ୟ ସଙ୍ଗଠନ ସହ ଜଡିତ ଥିଲେ।

# ସାମୂହିକ ବାତଜ୍ୱର ଔଷଧ ସେବନ କର୍ମଶାଳା

କାଳିପଦା, ୧୯।୭(ରାଜଶ୍ରୀ ପାଣିଗ୍ରାହୀ)

ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଶୁକ୍ରବାର ସାମୂହିକ ବାତଜ୍ୱର ଔଷଧ ସେବନ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ଚିକିତ୍ସା ଅଧିକାରୀ ପ୍ରୀତମ କୁମାର ସାହୁ ଯୋଗଦେଇ ସର୍ବଭାରତୀୟସ୍ତରରେ ବାଲିଆପାଳ ବ୍ଲକରେ ଯେଉଁଠି ବାତଜ୍ୱର ସୃଷ୍ଟି କରୁଥିବା ବୃଜିଆ ମାଳାଇ ପରି ବିରଳ ପ୍ରଜାତିର ପାରାସାଇଟ ଜୀବାଣୁ ରହିଛି, ସେଥିପାଇଁ କ୍ରମାଗତ ଭାବେ କିଛି ଲୋକଙ୍କୁ ଫାଇଲେରିଆ ରୋଗ ଦେଖିବାକୁ ମିଳୁଛି। ବାଲିଆପାଳ ବ୍ଲକରେ ଏହି ରୋଗର ମୂଳୋତ୍ପାଟନ କରିବା ପାଇଁ ବାତଜ୍ୱର ଔଷଧ ସେବନ କରିବା ନିତ୍ୟାନ୍ତ ଆବଶ୍ୟକ ରହିଛି ବୋଲି କହିଛନ୍ତି। ଏହି ଔଷଧ ଅଗଷ୍ଟ ୧୦ରୁ ୧୯ ତାରିଖ ପର୍ଯ୍ୟନ୍ତ ସମସ୍ତ ଆଶା କର୍ମୀ, ଅଙ୍ଗନୱାଡି କର୍ମୀଙ୍କ ମାଧ୍ୟମରେ ୨ ବର୍ଷରୁ ଅଧିକ ଲୋକଙ୍କୁ ସେବନ କରାଯିବ ବୋଲି ମଧ୍ୟ କହିଛନ୍ତି। କାର୍ଯ୍ୟକ୍ରମରେ ଏବିଡିଓ ଶରତ ଚନ୍ଦ୍ର ମୁଦୁଲି, ଏବିଇଓ ନମିତା ସାମଲ, ଜିପିଡିଓ ପ୍ରିୟବ୍ରତ ଗିରି, ଡ. ଅରୁଣ କୁମାର ଜେନା, ଡ. ରଶ୍ମିତା ସ୍ୱାଇଁ, ବିପିଏମ୍ ବିଶ୍ୱଜିତ ଦାସ, ପିଏଚ୍‌ଇଓ, ଝୁନାବାଳା ଦେ, ମିଡ଼ିଆ ଫୋରମ୍‌ର ସଭାପତି ପ୍ରତାପ ଚନ୍ଦ୍ର ପାତ୍ର, ବରେନ୍ଦ୍ର ସାସମଲ ପ୍ରମୁଖ ଯୋଗଦେଇଥିଲେ। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ସୁପରଭାଇଜର ରମାନାଥ କର ଧନ୍ୟବାଦ ଅର୍ପଣ କରିଥିଲେ।

## କେଶବ କବି କୃଷ୍ଣପ୍ରସାଦ ବେହେରାଙ୍କ ରାଜ୍ୟସ୍ତରୀୟ ଶ୍ରାଦ୍ଧଦିବସ

ସୋର, ୧୯।୭(ଜନ୍ମେଜୟ ମିଶ୍ର)

ସୋର ରାଧାନାଥ ସ୍ମୃତିମଣ୍ଡପ ସଭାଗୃହରେ ଅନନ୍ୟ କବି, ଲେଖକ, ନାଟ୍ୟକାର ତଥା ଯାତ୍ରାଜଗତର ନିର୍ଦ୍ଦେଶକ ଭାବେ ପୁରପଲ୍ଲୀରେ ପରିଚିତ କେଶବକବି କୃଷ୍ଣପ୍ରସାଦ ବେହେରାଙ୍କ ୫୪ତମ ରାଜ୍ୟସ୍ତରୀୟ ଶ୍ରାଦ୍ଧଦିବସ ଶିକ୍ଷାଧିକାରୀ ମିହିର କୁମାର ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ସାହିତ୍ୟ ଏକାଡେମୀ ଏବଂ ସୋର କେଶବକବି କୃଷ୍ଣପ୍ରସାଦ ସ୍ମୃତି ପରିଷଦର ମିଳିତ ସହଯୋଗରେ ପାଳନ କରାଯାଇଛି। ଏହି ମହାନ କବି ଅଭାବ ଅନାଟନ ମଧ୍ୟରେ, ଗ୍ରାମାଞ୍ଚଳର ପ୍ରାକୃତିକ ପରିବେଶ, ସାମାଜିକ ଅର୍ଥନୈତିକ ଭେଦଭାବକୁ ଖାତର ନ କରି ଲେଖନୀ ମାଧ୍ୟମରେ ସାମାଜିକ ପରିବର୍ତ୍ତନର ସଂରଚନା କରିଯାଇଛନ୍ତି ବୋଲି ମୁଖ୍ୟଅତିଥି ଭାବେ ଡକ୍ଟର ମନ୍ମଥ କୁମାର ପ୍ରଧାନ ଯୋଗଦେଇ ପ୍ରକାଶ କରିଥିଲେ। ସମ୍ମାନନୀୟ ବକ୍ତା ଭାବେ ନାଟ୍ୟକାର ତଥା କବି ଶ୍ୟାମସୁନ୍ଦର ପୁହାଣ ଏବଂ ଅବସରପ୍ରାପ୍ତ ଅଧ୍ୟକ୍ଷ ତଥା ସୁ ସାହିତ୍ୟିକ ଶିବପ୍ରସାଦ ଖାମୁରାଇ, ମୁଖ୍ୟବକ୍ତା ଭାବେ ବିଶିଷ୍ଟ ସ୍ତମ୍ଭକାର ସୁରେଶ ଚନ୍ଦ୍ର ବେହେରା ଯୋଗଦେଇଥିଲେ। କମିଟି ସଦସ୍ୟ ତଥା ନିମନ୍ତ୍ରିତ ଅତିଥିମାନେ କବିବର ରାଧାନାଥଙ୍କ ପୂର୍ଣ୍ଣଅବୟବ ମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ ପରେ କେଶବ କବିଙ୍କ ଫଟୋଚିତ୍ରରେ ପୁଷ୍ପାର୍ଘ୍ୟ ପ୍ରଦାନ କରିଥିଲେ। ଶିକ୍ଷାବିତ୍ ଗୌରାଙ୍ଗ ଚରଣ ନାୟକ ମଞ୍ଚ ଆହ୍ୱାନ, ପୁଷ୍ପରାଣୀ ନାୟକ, ଶ୍ୟାମସୁନ୍ଦର ପୁହାଣଙ୍କ ରଚିତ କବିବନ୍ଦନା ପରିବେଷଣ କରିଥିଲେ। ସ୍ମୃତି ପରିଷଦର ସମ୍ପାଦକ ଶିକ୍ଷାବିତ ଉଦ୍ଧବଚରଣ ବିଶ୍ୱାଳ ସମ୍ପାଦକୀୟ ବିବରଣୀ ଉପସ୍ଥାପନ କରିଥିଲେ। ବୟୋଜ୍ୟେଷ୍ଠ କଳାକାର ରଜନୀକାନ୍ତ ସାହୁଙ୍କୁ କେଶବ କବି ସମ୍ମାନ-୨୦୨୫ରେ ମାନପତ୍ର ସହ ସମ୍ବର୍ଦ୍ଧିତ କରାଯାଇଥିଲା। ଅଧ୍ୟାପକ ମନୀନ୍ଦ୍ର କୁମାର ଦୀକ୍ଷିତ ମଞ୍ଚ ପରିଚାଳନା, କୋଷାଧ୍ୟକ୍ଷ ଶ୍ରୀଧର ପତ୍ରି ଧନ୍ୟବାଦ ଦେଇଥିଲେ। ସଦସ୍ୟ ଗଙ୍ଗାଧର ପାଢ଼ୀ, ପଦ୍ମଲୋଚନ ଦ୍ୱିବେଦୀ, ନେତ୍ରାନନ୍ଦ ରାଉତ, ଡମ୍ବରୁଧର ନାୟକ, ପଦ୍ମଲୋଚନ ସାହୁ, ନବକିଶୋର ଦାସ, ପୂର୍ବାସା ମହାନ୍ତି ପ୍ରମୁଖ ସହଯୋଗ କରିଥିଲେ।

# କେଉଁଠି କାଦୁଅ ପଚପଚ ତ କେଉଁଠି ଦଦରା ପୋଲ

ଜଳେଶ୍ୱର, ୧୯।୭
(ସତ୍ୟରଞ୍ଜନ ପ୍ରଧାନ)

## ବାଣିଦା ଗାଁକୁ ରାସ୍ତା ଏମିତି

ଏବେବି ଅନେକ ଗାଁ ରହିଛି ଯେଉଁଠି ମୌଳିକ ସୁବିଧା ଅପହଞ୍ଚ ହୋଇରହିଛି। ସେଗୁଡିକ ମଧ୍ୟରୁ ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକ ସୁଗୋ ପଞ୍ଚାୟତ ବାଣିଦା ଗ୍ରାମ ଗୋଟିଏ ଉଦାହରଣ। ଏହି ଗ୍ରାମର ୧୧ ଓ ୧୨ ନମ୍ବର ୱାର୍ଡର ଉତ୍ତରସାହି ଓ ପଶ୍ଚିମସାହିକୁ ଯାଇଥିବା ରାସ୍ତା ଦୀର୍ଘଦିନ ହେଲା ମରାମତି ନ ହେବାରୁ କେଉଁଠି କାଦୁଅ ପଚପଚ ତ କେଉଁଠି ଦଦରା ବାଉଁଶ ପୋଲ ଉପରେ ଲୋକେ ନିର୍ଭର କରୁଛନ୍ତି।

ଗ୍ରାମର ୬୦ ପରିବାର ଏହି ରାସ୍ତା ଉପରେ ନିର୍ଭର କରିଥାନ୍ତି। ଶୋଚନୀୟ ରାସ୍ତାରେ ଚାଲି ଚାଲି ଯିବା କାଠିକର ପାଠ ହୋଇଥିବା ବେଳେ ଜରୁରୀକାଳୀନ ଆମ୍ବୁଲାନ୍ସ କିମ୍ବା ଅଗ୍ନିଶମ ଗାଡ଼ି ଯିବା କଥା ନ କହିବା ଭଲ। ସବୁଠାରୁ ବଡ଼ କଥା ହେଲା ଉକ୍ତ ରାସ୍ତ ଦେଇ ପିଲାମାନେ



କାଦୁଅ ପଚ ପଚ ରାସ୍ତା।

ଅଙ୍ଗନୱାଡି କେନ୍ଦ୍ର ଓ ସ୍କୁଲ ଯାଇଥାନ୍ତି। ରାସ୍ତାର ଏଭଳି ଅବସ୍ଥା ଦେଖି କେତେକ ଅଭିଭାବକ ଡରରେ ଶିକ୍ଷାକେନ୍ଦ୍ରକୁ ପଠାଉନାହାନ୍ତି। ଅନ୍ୟ ପିଲାମାନେ ନିଜର ଜୀବନକୁ ବାଜି ଲଗାଇ ସ୍କୁଲକୁ ଯାଉଥିବା ବେଳେ, ଅନ୍ୟ କେତେକ ଅଭିଭାବକ କାନ୍ଧରେ ନେଇ ଛାଡ଼ି ଆସୁଛନ୍ତି। ଏହା ଆଜି କି କାଲିର ଘଟଣା ନୁହେଁ, ଦୀର୍ଘଦିନର ସମସ୍ୟା ବୋଲି ଗ୍ରାମବାସୀ କହିଛନ୍ତି। ଗ୍ରାମବାସୀ ହାଟ ବଜାର କିମ୍ବା ଡାକ୍ତରଖାନା ଯିବାକୁ ହେଲେ ନାହିଁ ନ ଥିବା ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି। ତେବେ ଏ ନେଇ ସ୍ଥାନୀୟ ସରପଞ୍ଚ ଜୟନ୍ତୀ ପରିଡାଙ୍କୁ ଯୋଗାଯୋଗ କରାଯିବାରୁ ସେ କହିଛନ୍ତି, ଆମେ ସେ ୱାର୍ଡକୁ ୨ଟି ରାସ୍ତା ଦେଇସାରିଛୁ, ପଞ୍ଚାୟତ ପାଣ୍ଠିରେ ଏତେ ଟଙ୍କା ନାହିଁ। ସେଥିପାଇଁ ବିଧାୟକ, ବ୍ଲକ ଅଧ୍ୟକ୍ଷ, ତହସିଲଦାର, ବିଡିଓ, ଜିଲାପାଳଙ୍କୁ ଜଣାଇସାରିଥିଲେ ମଧ୍ୟ କିଛି ସୁଫଳ ମିଳୁନାହିଁ। ଏଠାରେ ବିଜୁସେତୁ ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ଗ୍ରାମବାସୀ ଉପକୃତ ହୋଇପାରିବେ। ଅନ୍ୟପକ୍ଷରେ ଗ୍ରାମବାସୀ ଅକ୍ଷୟ ନାୟକ, ଝାଡ଼େଶ୍ୱର ନାୟକ, ପୂର୍ଣ୍ଣ ମିଶ୍ର, ରାଧାକାନ୍ତ ଦାସ, ହୁରୁ ଦାସ, ସୁରଞ୍ଜନ ଆଚାର୍ଯ୍ୟ, ବାସୁଦେବ ମାହାନ୍ତି, ସନାତନ ଟୁଡୁ, ଫଟକନ ମାହାନ୍ତି, ବିଜୟୀ ଜେନା, ଗୌତମ ଦାସ ବିଭାଗୀୟ ଅଧିକାରୀଙ୍କୁ ଦୃଷ୍ଟି ଦେବାକୁ ନିବେଦନ କରିଛନ୍ତି।

## ସଂକ୍ଷେପରେ

### ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ
#### ହତ୍ୟା ଅଭିଯୋଗ ଆଣିଲେ ସ୍ତ୍ରୀ

ପାଟଣା,୧୯।୭(ବୀର କିଶୋର ଦାଶ): କେନ୍ଦୁଝର ଜିଲା ପାଟଣା ବ୍ଲକ୍ ବଳିଆପଶି ରେଙ୍ଗାଳବେଡ଼ା ସୀମାନ୍ତ ଯୁକାଲି ପଟାସ ଜଙ୍ଗଲରୁ ଶନିବାର ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ପୋଲିସ ଜବତ କରିଛି। ମୃତକ ହେଲେ ଚେମେଣା ପଞ୍ଚାୟତ ବଳିଆପଶି ଗ୍ରାମର କରୁଣାକର ନାଏକ(୪୫)। ସ୍ତ୍ରୀ ଦୁତିକା ନାଏକ ସ୍ୱାମୀଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ କରି ବ୍ୟବଚ୍ଛେଦ ପାଇଁ ଛାଡ଼ି ନ ଥିଲେ। ଫଳରେ କିଛି ସମୟ ପାଇଁ ଚାପା ଉତ୍ତେଜନା ଦେଖା ଦେଇଥିଲା। ଥାନା ଅଧିକାରୀ ଦୀପ୍ତି ରଞ୍ଜନ ସାହୁ, ଓ ପିଏସ ସୌରଭ ପ୍ରଧାନ ପହଁଞ୍ଚି ଡଗ ସ୍କ୍ୱାର୍ଡ ଏବଂ ସାଇଣ୍ଟିଫିକ ଟିମ ସହାୟତାରେ ଯାଞ୍ଚ ଆରମ୍ଭ କରିଛନ୍ତି। ମୃତଦେହ ଜବତ କରି କେନ୍ଦୁଝରରେ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛନ୍ତି। ତୁରୁମୁଙ୍ଗା ଥାନାରେ ଏକ ମାମଲା(ନଂ. ୧୬୨/୨୫) ରୁଜୁ ହୋଇଛି। ଥାନା ଅଧିକାରୀ ଦୀପ୍ତି ରଞ୍ଜନ ସାହୁ କହିଛନ୍ତି, ପରିବାର ଲୋକେ ହତ୍ୟା ଅଭିଯୋଗ ଆଣିଛନ୍ତି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ପ୍ରକୃତ କାରଣ ଜଣାପଡ଼ିବ। ରେଡ୍‌କ୍ରସ ପକ୍ଷରୁ ସ୍ଥାନୀୟ ରାଜସ୍ୱ ନିରୀକ୍ଷକ ମୃତକଙ୍କ ସ୍ତ୍ରୀଙ୍କୁ ୧୦ ହଜାର ଟଙ୍କା ଅନୁକମ୍ପା ରାଶିକୁ ପ୍ରଦାନ କରିଛନ୍ତି।

### ପଲାଶଘାଟି ସରପଞ୍ଚଙ୍କ ବିରୋଧରେ ଅନାସ୍ଥା କାଟ୍ ଖାଇଲା

ପାଟଣା,୧୯।୭(ବୀର କିଶୋର ଦାଶ): କେନ୍ଦୁଝର ଜିଲା ପାଟଣା ବ୍ଲକ୍ ପଲାଶଘାଟି ସରପଞ୍ଚ ରାଉତ ମୁଣ୍ଡାଙ୍କ ବିରୋଧରେ ଆଗତ ଅନାସ୍ଥା ପ୍ରସ୍ତାବ (ସତନ୍ତ୍ର ସଭା)ଶନିବାର କାଟ ଖାଇଛି। ୮ଜଣ ୱାର୍ଡ ସଦସ୍ୟଙ୍କ ମଧ୍ୟରୁ ଅନାସ୍ଥା ପ୍ରସ୍ତାବ ପାଇଁ ଆବଶ୍ୟକ ଥିବା ୨ ତୃତୀୟାଂଶ ସଦସ୍ୟ ୬ଜଣ ଉପସ୍ଥିତ ନ ଥିଲେ। ଫଳରେ କରୋମ ଅଭାବରୁ ରିଟର୍ଣ୍ଣିଂ ଅଫିସର ତଥା ସାହାରପଡ଼ା ବିଡିଓ ରଞ୍ଜିତ ମହାନ୍ତ ଅନାସ୍ଥା ପ୍ରସ୍ତାବକୁ ଖାରଜ କରି ଦେଇଛନ୍ତି। ସରପଞ୍ଚ ରାଉତ ମୁଣ୍ଡାଙ୍କ ପଦବୀ ପୂର୍ବବତ୍ତ ବଳବତ୍ତର ରହିବ ବୋଲି ସେ କହିଛନ୍ତି।

ପ୍ରକାଶ ଯେ, ପଞ୍ଚାୟତର ୮ ୱାର୍ଡମେମ୍ବରଙ୍କ ମଧ୍ୟରୁ ସରପଞ୍ଚ ରାଉତ ମୁଣ୍ଡାଙ୍କ ସହ ୩ ଜଣ ୱାର୍ଡ ମେମ୍ବର ଅନୁପସ୍ଥିତ ଥିଲେ। ଅନାସ୍ଥା ଆଣିଥିବା ନାଏବ ସରପଞ୍ଚ ସୋନାଲି ମୁଣ୍ଡା, ତାଙ୍କ ସମର୍ଥକ ୱାର୍ଡ ମେମ୍ବର ଶୁଶୀଲ ମୁଣ୍ଡା, ସରସିଂ ମୁଣ୍ଡା, ରେଣୁ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ନିର୍ବାଚନ ଅଧିକାରୀ ଭାବରେ ସାହାରପଡା ବିଡିଓ, ମାଜିଷ୍ଟ୍ରେଟ ଭାବରେ ପାଟଣା ତହସିଲଦାର ଅଶ୍ୱିନୀ ନାଏକ, ସାହାରପଡ଼ା ଏବିଡିଓ ରଶ୍ମିରେଖା ମହାନ୍ତି, ପାଟଣା ଭାରପ୍ରାପ୍ତ ଜିପିଡ଼ିଓ ଅକ୍ଷୟ କୁମାର ସାହୁ, ପିଇଓ ରାମେଶ୍ୱର ମହାନ୍ତ, ଏଡିଓ ବାସୁଦେବ ମହାନ୍ତ ପ୍ରମୁଖ ନିର୍ବାଚନ ପରିଚାଳନାରେ ସହଯୋଗ କରିଥିଲେ।

### ଶିକ୍ଷାବିତ୍‌ଙ୍କ ପରଲୋକ

ବଉଳା,୧୯।୭(ଦୁର୍ଗା ପ୍ରସାଦ ଆୟଚ): କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍ ସଡ଼ା ପଞ୍ଚାୟତ ନାହା ଗ୍ରାମର ଅବସରପ୍ରାପ୍ତ ଶିକ୍ଷକ ତଥା ବରିଷ୍ଠ ଶିକ୍ଷାବିତ୍ ଗଦାଧର ରାଉତ(୭୨)ଙ୍କ ଶୁକ୍ରବାର ପରଲୋକ ଘଟିଛି। ସେ ଜଣେ କର୍ତ୍ତବ୍ୟ ନିଷ୍ଠ ଓ ପରୋପକାରୀ ବ୍ୟକ୍ତି ଭାବେ ପରିଚିତ ଥିଲେ। ଗାଁ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ବଡ଼ ପୁଅ ନଳିନୀକାନ୍ତ ରାଉତ ମୁଖାଗ୍ନି ଦେଇଥିଲେ।

# ପରିତ୍ୟକ୍ତ ଅବସ୍ଥାରେ ପଡ଼ିଛି ଲୁହାପଥର, ଗ୍ରାନାଇଟ୍

ଯୋଡ଼ା,୧୯।୭(ମାନସ ମହାନ୍ତି)

■ବୋହିନେଉଛନ୍ତି ଚୋରା ଖଣିଜ ବ୍ୟବସାୟୀ
■ଅଭିଯୋଗ ପରେ ଶୁଣାଣି ହେଉନାହିଁ


ଗଦା ହୋଇ ରହିଥିବା ଲୁହାପଥର।

କେନ୍ଦୁଝର ଜିଲା ଯୋଡ଼ା ଖଣି ମଣ୍ଡଳ ଅନ୍ତର୍ଗତ ଭୋଲବେଡ଼ାଠାରେ ବିପୁଳ ପରିମାଣର ଲୁହାପଥର ଓ ଗ୍ରାନାଇଟ ପଥର ପରିତ୍ୟକ୍ତ ଅବସ୍ଥାରେ ପଡ଼ିଛି। ଏହା ଉପରେ ଚୋରା ଖଣିଜ ବ୍ୟବସାୟୀଙ୍କ ନଜର ପଡ଼ିଛି। ଏ ନେଇ ପ୍ରଶାସନିକ ସ୍ତରରେ ଅଭିଯୋଗ କରାଯାଇଛି। ମାତ୍ର ଏହାର ତଦନ୍ତ କରାଯାଉନାହିଁ କି ବିଭାଗ ଏହାକୁ ନିଜ ଅକ୍ତିଆରକୁ ନେଉନାହିଁ ପୋଲି ଅଞ୍ଚଳର ଯୁବ ସଂଗଠକ ଚର୍ଚ୍ଚିଲ ମହାକୁଡ଼ ଅଭିଯୋଗ କରିଛନ୍ତି।

ଅଭିଯୋଗ ମୁତାବକ, ବାରମ୍ବାର ଅଭିଯୋଗ ଶୁଣାଣିରେ ଏ ନେଇ ପ୍ରତ୍ୟକ୍ଷ ଭାବେ ଅଭିଯୋଗ କରିଆସୁଛନ୍ତି। ଅନେକ ଲକ୍ଷ ଟନ୍ ଲୁହାପଥରର ରକ୍ଷଣାବେକ୍ଷଣ ଅଭାବ ହେତୁ ଏହା ପରିତ୍ୟକ୍ତ ଅବସ୍ଥାରେ ପଡ଼ିରହିଛି। ଲୁହାପଥର ଗଦାରୁ ବହୁ ପରିମାଣରେ ଚୋରି ହୋଇଗଲାଣି। ଗତ ୨ଦିନ ମଧ୍ୟରେ ଏକାଧିକ ଗାଡ଼ି ଲଗାଇ ଚୋରା ଖଣିଜ ବ୍ୟବସାୟୀ ଖଣିଜ ବୋହି ନେଇଥିବା କହିଛନ୍ତି। ଏ ନେଇ ଚିଠି ସଂଖ୍ୟା ୪୧୮୫ରେ ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ଅଭିଯୋଗ କରିଥିଲେ ହେଁ ଏଯାବତ୍ କୌଣସି ସୁଫଳ ମିଳିପାରିନାହିଁ। ପୂର୍ବରୁ ବଡ଼ବିଲରେ ଅବସ୍ଥାପିତ ଥିବା ବଡ଼ବିଲ ତହସିଲଦାର ଏହି ଲୁହାପଥର ଓ ଗ୍ରାନାଇଟ ପଥର ସମ୍ବନ୍ଧରେ ଯୋଡ଼ା ଖଣି ଉପନିର୍ଦ୍ଦେଶକଙ୍କୁ ଅବଗତ କରାଇଥିଲେ। ହେଲେ ତଦନ୍ତ ପ୍ରକ୍ରିୟାରେ ବିଳମ୍ବ ହେତୁ ଜମା ଖଣିଜଗୁଡ଼ିକ ଚୋରି ହେବାରେ ଲାଗିଲାଣି। ପ୍ରାୟ ଏକ ଲକ୍ଷ ଟନ୍ ଲୁହାପଥର ଓ ପ୍ରାୟ ୩୦ ହଜାର ଟନ୍‌ରୁ ଊର୍ଦ୍ଧ୍ୱ ଲଘୁ ଗ୍ରାନାଇଟ ସେଠାରେ ପାହାଡ଼ ପରି ଗଦା ହୋଇଛି। ଶୀଘ୍ର ଏହାର ତଦନ୍ତ ନ କରାଗଲେ ସରକାରଙ୍କ ପ୍ରାୟ ୨୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ଖଣିଜ ଚୋରି ହୋଇଯିବ ବୋଲି ସେ କହିଛନ୍ତି। ସ୍ଥାନୀୟ ଗ୍ରାମବାସୀ କହିଛନ୍ତି, ନିକଟରେ ଥିବା ଏକ ଖଣି କମ୍ପାନୀ ଏହି ଲୁହାପଥରକୁ ଏଠାରେ ବେନିୟମ ଭାବେ ଜମା କରି ରଖିଛି। ତେବେ ଲୁହାପଥର ସହିତ ଲଘୁ ଖଣିଜ ଗ୍ରାନାଇଟ କିପରି ଏଠାକୁ ଆସିଲା, ଏହା ତଦନ୍ତସାପେକ୍ଷ ବୋଲି ମହାକୁଡ ଓ ଗ୍ରାମବାସୀ କହିଛନ୍ତି। ଶୁକ୍ରବାର ଏ ସଂକ୍ରାନ୍ତରେ ମହାକୁଡ଼ ଚମ୍ପୁଆ ଉପଜିଲାପାଳ ଉମାକାନ୍ତ ପରିଡ଼ାଙ୍କୁ ଭେଟି ଅବଗତ କରି ତଦନ୍ତ ପାଇଁ ଅନୁରୋଧ କରିଛନ୍ତି। ଉପଜିଲାପାଳ କହିଛନ୍ତି, ଆସନ୍ତା ମଙ୍ଗଳବାର ବଡ଼ବିଲ ତହସିଲଦାର ଏବଂ ସେ ନିଜେ ଘଟଣାସ୍ଥଳକୁ ଯାଇ ଯାଞ୍ଚ କରିବେ। ଯୋଡା ଖଣି ଉପନିର୍ଦ୍ଦେଶକ ଦୀନେଶ କୁମାର ଅଗ୍ରୱାଲ କହିଛନ୍ତି, ଖଣିଜ ଅନେକ ବର୍ଷରୁ ଏଠାରେ ପଡ଼ିଛି। ଏହା କେଉଁଠାରୁ ଆସିଲା, ଖଣିଜ ଗଦା ନିକଟରେ ବନ୍ଦ ପଡ଼ିଥିବା ଖଣିର ଭୂମିକା କ'ଣ ଅଛି, ଏହାର ଯାଞ୍ଚ ଖଣି ନିରୀକ୍ଷକ ଓ ଖଣି ଅଧିକାରୀମାନେ କରିବେ ବୋଲି କହିଥିଲେ।

## ଇଣ୍ଡିଆନ ବାଏ ବାର୍ଥ ପକ୍ଷରୁ ଚାରାରୋପଣ


ସ୍ୱେଚ୍ଛାସେବୀ ସଂଗଠନ ସଦସ୍ୟମାନେ ଚାରାରୋପଣ କରୁଛନ୍ତି।

ଛେନାପଦି,୧୯।୭(ନିରାକାର ପରିଡା)

କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍ ଶାଳଣିଆଁ ପଞ୍ଚାୟତର ଇଣ୍ଡିଆନ ବାଏ ବାର୍ଥ ସେଚ୍ଛାସେବୀ ସଂଗଠନ ପକ୍ଷରୁ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସଂଗଠନର ଫାଉଣ୍ଡର ଇଂ. ସୁନୀଲ ବେହେରା, କୋ ଫାଉଣ୍ଡର ସତ୍ୟରଞ୍ଜନ ସାହୁଙ୍କ ନେତୃତ୍ୱରେ ଶାଳଣିଆଁ ଗ୍ରାମର ଶିବ ମନ୍ଦିର ପ୍ରାଙ୍ଗଣ ଓ ଖୋରିଆ ପୋଖରୀ ହୁଡ଼ାରେ ଚାରାରୋପଣ କରାଯାଇଥିଲା। ଏଥିରେ ଅଁଳା, ଆମ୍ବ, ଜାମୁ ଭଳି ବିଭିନ୍ନ ପ୍ରକାର ଗଛ ଲଗାଯାଇ ସୁରକ୍ଷା ଦୃଷ୍ଟିରୁ ତାର ଜାଲି ଘେରାଯାଇ ଗ୍ରାମବାସୀଙ୍କୁ ହସ୍ତାନ୍ତର କରାଯାଇଥିଲା। ସଂଗଠନର କେନ୍ଦୁଝର ସମ୍ପାଦକ ମାନସ ସାହୁ, ଘଟଁଗା ସଭାପତି ବିକାଶ ବାରିକ, ସଭ୍ୟ ରତିକାନ୍ତ ସାହୁ, ଆନନ୍ଦପୁର ସଭାପତି ଜଳଧର ସା, ଉପସଭାପତି ସତ୍ୟବ୍ରତ ବେହେରାଙ୍କ ସମେତ ବହୁ ଗ୍ରାମବାସୀ ଉପସ୍ଥିତ ରହି ସହଯୋଗ କରିଥିଲେ।

## ଟାଙ୍ଗରା ଭୂଇଁ ଏବେ ସବୁଜିମା



ଚମ୍ପୁଆ,୧୯।୭(ମହେଶ୍ୱର ଦାସ): ଦିନେ ଟାଙ୍ଗରା ଭୂଇଁ ଥିଲା। ୨୦ ଏକରରୁ ଊର୍ଦ୍ଧ୍ୱ ଜମି ଗୋରୁଙ୍କ ଚାରଣ ଭୂମି ପାଲଟିଥିବା ବେଳେ ଆଜି ସବୁଜିମାରେ ଭରପୁର ହୋଇଛି। ପ୍ରଶାସନର ସହଯୋଗ ଓ ଦେବୋତ୍ତର ବିଭାଗର ପ୍ରଚେଷ୍ଟାରେ ଭୂମିରେ ଗଛ ଲାଗାଯାଇଛି। ସୂଚନା ଅନୁଯାୟୀ, ଚମ୍ପୁଆ ବ୍ଲକ୍‌ବଡ଼ନଇ ପଞ୍ଚାୟତର ପଳସା ଗ୍ରାମଠାରେ ଥିବା ଚମ୍ପୁଆ ଦଧିବାମନ ଜିଉଙ୍କର ୨୦ ଏକରରୁ ଊର୍ଦ୍ଧ୍ୱ ଜମି ଦୀର୍ଘ ଦିନ ଧରି ପଡ଼ିଆ ପଡ଼ିଥିଲା। ଚମ୍ପୁଆ ଉପ ଜିଲାପଳ ଉମାକାନ୍ତ ପରିଡା ଏହି ୨୦ ଏକରରୁ ଊର୍ଦ୍ଧ୍ୱ ଜମିକୁ ଚିହ୍ନଟ କରିଥିଲେ। ବେଢ଼ଣ କରାଯାଇ ଉନ୍ନତମାନର ୨ ହଜାରରୁ ଊର୍ଦ୍ଧ୍ୱ ଆମ୍ବ ଚାରାରୋପଣ କରିବା ସହିତ ସ୍ଥାନୀୟ ଲୋକଙ୍କ ଭରଣପୋଷଣ ନିମନ୍ତେ ମିଠାମକା ଚାଷ କରାଯାଇଛି। ଅନ୍ୟପକ୍ଷରେ ପ୍ରାୟ ୫ ଏକରରୁ ଊର୍ଦ୍ଧ୍ୱ ଏକ ପୋଖରୀକୁ ଉନ୍ନତିକରଣ କରାଯାଇ ୭ କୁଇଣ୍ଟାଲ ମାଛ ଛଡ଼ାଯାଇ ପଳସା ଗ୍ରାମବାସୀଙ୍କୁ ହସ୍ତାନ୍ତର କରାଯାଇଛି। ଦିନେ ଅସଜଡ଼ା ଭାବେ ପଡ଼ିଥିବା ଜମି ଆଜି ସବୁଜିମାରେ ଭରପୁର ହୋଇପାରିଛି। ଦେବୋତ୍ତର ବିଭାଗର ଉଚ୍ଚତର ଅଧିକାରୀ ଚମ୍ପୁଆ ଗସ୍ତ କାଳରେ ଉକ୍ତ ସ୍ଥାନକୁ ଯାଇ ଉପଜିଲାପାଳଙ୍କ ପ୍ରଚେଷ୍ଟାକୁ ପ୍ରଶଂସା କରିଥିଲେ।

# ସାପ ଉଦ୍ଧାର, ପୁନର୍ବାସ ପ୍ରଶିକ୍ଷଣ


ଡିଏଫ୍‌ଓ ସାପ ଧରିବା କୌଶଳ ଶିଖୁଛନ୍ତି।

କେନ୍ଦୁଝର,୧୯।୭ (ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ବନଖଣ୍ଡ ଏବଂ ସ୍ନେକ ହେଲ୍ପଲାଇନ ଓଡ଼ିଶାର ମିଳିତ ଆନୁକୂଲ୍ୟରେ କେନ୍ଦୁଝରସ୍ଥିତ ଦରବାର ହଲଠାରେ ସାପ ଉଦ୍ଧାର ଏବଂ ପୁନର୍ବାସ ଉପରେ ଏକ କ୍ଷମତା ବିକାଶ ପ୍ରଶିକ୍ଷଣ ଶିବିର ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ବନ କର୍ମଚାରୀ, ପ୍ରଶାସନିକ ଅଧିକାରୀଙ୍କୁ ସାପ ସହିତ ମାନବ-ବନ୍ୟପ୍ରାଣୀ ବିବାଦ ପରିଚାଳନା ବିଷୟରେ ତାଲିମ ଦିଆଯାଇଥିଲା।

ସାପ ଧରାଳି ସୁଭେନ୍ଦୁ ମଲ୍ଲିକ (ସ୍ନେକ ହେଲ୍ପଲାଇନ ଓଡିଶା) ଓଭର୍ ହେଡ ପ୍ରୋଜେକ୍ଟର ଜରିଆରେ ବିଷାକ୍ତ ସାପ କିଭଳି ଚିହ୍ନିବେ, କିପରି ନିଜର ଓ ଲୋକଙ୍କ ସୁରକ୍ଷା କରିବେ, ସାପ ପ୍ରତି ଥିବା ଲୋଙ୍କ ଭୁଲ ଧାରଣା ଆଦି ବିଷୟରେ ଅବଗତ କରିଥିଲେ। ସେହିପରି ସାପକୁ ବ୍ୟବହାର କରି ଚାଲିଥିବା ଅପରାଧିକ କାମ, ତସ୍କରି, ତ୍ରୁଟିପୂର୍ଣ୍ଣ ଚିକିତ୍ସା ଆଦିର ପ୍ରାମାଣିକ ତଥ୍ୟ ଦେଇ ବୁଝାଇଥିଲେ। ବନ କର୍ମଚାରୀ ସାପ ଧରାଳିଙ୍କୁ ପ୍ରଶିକ୍ଷଣ ପ୍ରଦାନ କରି ସୁରକ୍ଷିତ ଭାବେ ସାପ ଧରିବା, ଉଦ୍ଧାର ପ୍ରଣାଳୀ ଏବଂ ପୁନର୍ବାସ କିପରି କରାଯାଇ ପାରିବ ସେ ବିଷୟରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ବନଖଣ୍ଡ ଅଧିକାରୀ ଧନରାଜ ଏଚ୍‌ଡି, ଅତିରିକ୍ତ ଜିଲାପାଳ ରବୀନ୍ଦ୍ର ପ୍ରଧାନ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ହରପ୍ରିୟା ନାୟକ, ଏସିଏଫ ଅଶୋକ ଦାସ, ବନ ବିଭାଗର ରେଞ୍ଜ ଅଧିକାରୀ, ଫରେଷ୍ଟର, ଗାର୍ଡ ତଥା ଅନ୍ୟ କର୍ମଚାରୀ ଉପସ୍ଥିତ ଥିଲେ। ସଦର ବ୍ଲକ୍ ପଦ୍ମପୁରଠାରେ ମେଗା ନର୍ସରୀରେ ସାପ ଧରିବା କୌଶଳ ତାଲିମ ଦିଆଯାଇଥିଲା। ନିଜେ ଡିଏଫ୍‌ଓ ଓ ଅନ୍ୟମାନେ ଉପସ୍ଥିତ ରହି ଶିଖିଥିଲେ।

## ସଡ଼କ ଦୁର୍ଘଟଣାରେ ୯ ଗାଈ ମୃତ

ଯୋଡ଼ା,୧୯।୭(ମାନସ ମହାନ୍ତି)

କେନ୍ଦୁଝର ଜିଲା ଯୋଡ଼ା ଫ୍ଲାଏ ଓଭରରେ ଶୁକ୍ରବାର ରାତିରେ ଟ୍ରକ୍ ଧକ୍କାରେ ୭ ଗାଈ ଓ ଗୋଟିଏ କୁକୁର ମୃତ୍ୟୁ ଘଟିଛି। ଫ୍ଲାଏ ଓଭର ନିକଟରେ ସର୍ଭିସ ରୋଡ ସଂଯୋଗ ହୋଇଥିବାରୁ ଛୋଟ ଯାନବାହନ ଓ ବାଇକ ଚଳାଚଳ ସମୟରେ ଦୁର୍ଘଟଣା ଘଟୁଛି। ଗତବର୍ଷ ଏହି ବେପରୁଆ ଟ୍ରକ୍ ଚାଳନା ଯୋଗୁ ୨ ସ୍କୁଲ ଛାତ୍ର ଓ ଜଣେ ଅଭିଭାବକଙ୍କ ମୃତ୍ୟୁ ଘଟିଥିଲା। ଫ୍ଲାଏ ଓଭରରୁ ରଣାଶାଳ ଘାଟି ପର୍ଯ୍ୟନ୍ତ କୌଣସି ଟ୍ରାଫିକ ବ୍ୟବସ୍ଥା ନ ଥିବାରୁ ଟ୍ରକ୍ ଡ୍ରାଇଭର ରାସ୍ତା କଡ଼ରେ ଗାଡ଼ି ପାର୍କିଂ କରିବା ସହିତ ଦ୍ରୁତ ଗତିରେ ଗାଡ଼ି ଚଳାଉଛନ୍ତି। ପ୍ରଶାସନ ପକ୍ଷରୁ ଦିନବେଳା ନୋ ଏଣ୍ଟ୍ରି ନିୟମ ଲାଗୁ କରାଯାଇଥିଲେ ମଧ୍ୟ ଟ୍ରକ୍ ଚଳାଚଳ କ୍ଷେତ୍ରରେ ଅଙ୍କୁଶ ଲଗା ଯାଇ ପାରୁନାହିଁ। ସେହିପରି ଶନିବାର ୫୨୦ ନଂ. ଜାତୀୟ ରାଜପଥର କଣ୍ଡରାପୋଲ ରାସ୍ତାରେ ଅଜଣା ଗାଡ଼ି ଧକ୍କାରେ ୨ ଗାଈଙ୍କ ମୃତ୍ୟୁ ଘଟିଛି।

# ଛାତ୍ରୀଛାତ୍ରଙ୍କ ମଧ୍ୟରେ ହେବ ପ୍ରତିଯୋଗିତା

### ଜିଲାସ୍ତରୀୟ ସ୍ୱାଧୀନତା ଦିବସ ପାଳନ ପ୍ରସ୍ତୁତି

କେନ୍ଦୁଝର, ୧୯।୭ (ନରେଶ ଚନ୍ଦ୍ର ପଟ୍ଟନାୟକ/ଦୀପକ ମିଶ୍ର)


ବୈଠକରେ ଉପସ୍ଥିତ ଅଧିକାରୀମାନେ।

କେନ୍ଦୁଝର ଜିଲା ସଦର ମହକୁମାରେ ୭୯ତମ ସ୍ୱାଧୀନତା ଦିବସ ପାଳନ ଉପଲକ୍ଷେ ଶନିବାର ଅପରାହ୍ନରେ ଜିଲାପାଳଙ୍କ କାର୍ଯ୍ୟାଳୟସ୍ଥ ଦରବାର ହଲଠାରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ ମନ୍ଦରଧର ମହାଲିକଙ୍କ ଅଧ୍ୟକ୍ଷତା କରି ସ୍ୱାଧୀନତା ଦିବସକୁ ଉତ୍ସାହ ଉଦ୍ଦୀପନା ସହିତ ପାଳନ କରିବା ପାଇଁ ସହଯୋଗ କାମନା କରିଥିଲେ। ନିଷ୍ପତ୍ତି ଅନୁଯାୟୀ, ପ୍ରତ୍ୟୁଷରେ ରାମଧୂନ ପ୍ରଚାର, ଛାତ୍ରୀଛାତ୍ରଙ୍କ ଦ୍ୱାରା ପ୍ରଭାତଫେରୀ, ସକାଳ ୭ ଟାରୁ ୭ଟା ୩୦ମି. ମଧ୍ୟରେ ସରକାରୀ ଓ ବେସରକାରୀ ଅନୁଷ୍ଠାନ ତଥା ଶିକ୍ଷାନୁଷ୍ଠାନରେ ଜାତୀୟ ପତାକା ଉତ୍ତୋଳନ, ସକାଳ ୯ଟା ୧୫ରେ କେନ୍ଦୁଝର ଷ୍ଟାଡିୟମଠାରେ ଜିଲାସ୍ତରୀୟ ସମାରୋହରେ ଜାତୀୟ ପତାକା ଉତ୍ତୋଳନ, ପରେ ପ୍ରଦର୍ଶନୀ ଫୁଟ୍‌ବଲ ମ୍ୟାଚ, ଅଡିଟୋରିୟରେ କବିତା ପାଠୋତ୍ସବ, ଦେଶାତ୍ମବୋଧକ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯିବ। ସ୍ୱାଧୀନତା ଦିବସ ଉପଲକ୍ଷେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ପ୍ରବନ୍ଧ, ବକ୍ତୃତା, ଦେଶାତ୍ମବୋଧକ ସଙ୍ଗୀତ, ଚିତ୍ରକଳା, କୁଇଜ, ଦୃଷ୍ଟିଶକ୍ତିବାଧିତ ଛାତ୍ରୀଛାତ୍ରଙ୍କ ମଧ୍ୟରେ ମ୍ୟୁଜିକ ଚେୟାର, ଛାତ୍ରୀ ଓ ମହିଳାଙ୍କ ମଧ୍ୟରେ ଝୋଟି ପ୍ରତିଯୋଗିତା କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଜ୍ୟୋର୍ତିମୟ ଭୁକ୍ତାଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ, ବୁଦ୍ଧିଜୀବୀ, ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା ଯୋଗ ଦେଇଥିଲେ। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସାର୍ଥକ ରାୟ ସଂଯୋଜନା କରିଥିଲେ।

## ଫରେଷ୍ଟରଙ୍କୁ ବଦଳି, ରେଞ୍ଜରଙ୍କୁ କାରଣ ଦର୍ଶାଅ ନୋଟିସ୍
### ହାତୀ ମୃତ୍ୟୁ, ଦାନ୍ତ ଚୋରି ଘଟଣା

କେନ୍ଦୁଝର,୧୯।୭(ନରେଶ ଚନ୍ଦ୍ର ପଟ୍ଟନାୟକ/ଦୀପକ ମିଶ୍ର): କେନ୍ଦୁଝର ବନଖଣ୍ଡ ତେଲକୋଇ ରେଞ୍ଜ ସଲେଇକେନା ସଂରକ୍ଷିତ ଜଙ୍ଗଲରେ ଦନ୍ତାହାତୀ ମୃତ୍ୟୁ ଓ ଦାନ୍ତ ଚୋରି ଘଟଣାରେ ବନ ବିଭାଗ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଘଟଣାରେ ସଲେଇକେନା ଫରେଷ୍ଟର ମଳୟ କୁମାର ଜେନା ଓ ଗାର୍ଡ ଅଜିତ କୁମାର ଦାସଙ୍କୁ ବଦଳି କରାଯାଇଛି। ରେଞ୍ଜ ଅଧିକାରୀ ଶିବାଜୀ ମୋହନ ରାଓଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଥିବା ଡିଏଫ୍‌ଓ ଧନ୍‌ରାଜ ଏଚ୍‌ଡି ସୂଚନା ଦେଇଛନ୍ତି। ବିଳମ୍ବରେ ମୃତଦେହ ଚିହ୍ନଟ ଫଳରେ ଦାନ୍ତ ଚୋରି ହୋଇଛି। ଏହାକୁ ନେଇ ବିଭାଗୀୟ ତଦନ୍ତ ଜାରି ରହିଥିବା ବେଳେ ସ୍ୱଚ୍ଛତା ରକ୍ଷା କରିବାକୁ ପଦକ୍ଷେପ ନିଆଯାଇଛି। ଘଟଣାରେ ବନ ବିଭାଗ ୫ ଜଣଙ୍କୁ ଗିରଫ କରିଥିଲେ ହେଁ ଦାନ୍ତ ମିଳି ନାହିଁ। ଏସିଏଫ ସୁଦୀପ୍ତ ପଣ୍ଡାଙ୍କ ନେତୃତ୍ୱରେ ଯୁଗ୍ମ ଟାସ୍କ ଫୋର୍ସ ଓ ସ୍ୱତନ୍ତ୍ର ଟାସ୍କ ଫୋର୍ସ ତଦନ୍ତ କରୁଥିବା ଡିଏଫ୍‌ଓ କହିଛନ୍ତି।

# ଡାକ୍ତରଖାନା କର୍ତ୍ତୃପକ୍ଷଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି

ଯୋଡ଼ା,୧୯।୭(ମାନସ ମହାନ୍ତି)

### ଚିକିତ୍ସାଧୀନ ରୋଗୀଙ୍କ ସନ୍ଦେହଜନକ ମୃତ୍ୟୁ ଘଟଣା

କେନ୍ଦୁଝର ଜିଲା ଯୋଡ଼ା ଟାଟାଷ୍ଟିଲ୍ ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ରୋଗୀଙ୍କ ସନ୍ଦେହଜନକ ମୃତ୍ୟୁ ଘଟଣାକୁ ନେଇ ଡାକ୍ତରଖାନା କର୍ତ୍ତୃପକ୍ଷଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି ହୋଇଛି। ଶନିବାର କଂଗ୍ରେସର ବରିଷ୍ଠ ନେତା ତଥା ରାଜ୍ୟ ଆଦିବାସୀ ସେଲ୍ ଅଧ୍ୟକ୍ଷ, ପୂର୍ବତନ କେନ୍ଦୁଝର ଏମ୍‌ପି ଯଶବନ୍ତ ନାରାୟଣ ସିଂ ଲାଗୁରୀ, ଯୋଡ଼ା ନଗର ସଭାପତି ସୁବ୍ରତ କୁମାର ନାୟକ, ସୁଶୀଲ ଗିରି, ସର୍ଫରାଜ ଆଲମ ଓ କଂଗ୍ରେସ କର୍ମୀମାନେ ଯୋଡ଼ା ଥାନା ଆଇଆଇସି ସୁଶାନ୍ତ କୁମାର ପ୍ରଧାନଙ୍କୁ ଭେଟି ଘଟଣା ସଂକ୍ରାନ୍ତରେ ଆଲୋଚନା କରିଥିଲେ।

ପୂର୍ବତନ ଏମ୍‌ପି ଯଶବନ୍ତ କହିଛନ୍ତି, ମୃତ ମହିଳା ବଲମା ମୁଣ୍ଡାଙ୍କୁ ୭ ଦିନ ପୂର୍ବେ ଚିକିତ୍ସା ପାଇଁ ଟାଟାଷ୍ଟିଲ୍ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଗତ ଶୁକ୍ରବାର ଭୋର ସମୟରେ ତାଙ୍କର ସନ୍ଦେହଜନକ ମୃତ୍ୟୁ ଘଟିଥିଲା। ମାତ୍ର ଡାକ୍ତର ଓ କର୍ମଚାରୀ ଉପସ୍ଥିତ ଥାଇ ମଧ୍ୟ ତାଙ୍କର କିପରି ମୃତ୍ୟୁ ଘଟିଲା କେହି ଜାଣିପାରିଲେ ନାହିଁ ବୋଲି ପ୍ରଶ୍ନ କରିଛନ୍ତି। ଏପରିକି ମୃତ୍ୟୁ ପରେ ରୋଗୀଙ୍କ ରକ୍ତାକ୍ତ ବିଛଣା ଓ ତକିଆକୁ ତରବରିଆ ଭାବେ ବଳାଇଦେବା ଏବଂ ଘଟଣା ସମ୍ପର୍କରେ ପୋଲିସକୁ ନ ଜଣାଇ ଘରକୁ ପଠାଇ ଦେବା ସନ୍ଦେହ ଘେରକୁ ନେଇଯାଇଛି। ମୃତ୍ୟୁ ପାଇଁ ଡାକ୍ତରଖାନା କର୍ତ୍ତୃପକ୍ଷଙ୍କୁ ଦାୟୀକରି ତାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବି କରିଛନ୍ତି।

ପ୍ରକାଶଯୋଗ୍ୟ, ସ୍ଥାନୀୟ ଉଲିହଟିଂର ବଲମା ମୁଣ୍ଡାଙ୍କ ଗୋଡ଼ରେ ଘା' ହୋଇ ଯନ୍ତ୍ରଣା ହେବାରୁ ଗତ ୧୦ ତାରିଖରେ ଟାଟା ଷ୍ଟିଲ୍ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ଶୁକ୍ରବାର ଭୋର ୩ଟାରେ ମୃତ୍ୟୁ ଘଟିଥିବା କୁହାଯାଇଥିଲା। ରୋଗୀ ନିଜେ ବେକ କାଟିଦେଇଥିବା କର୍ତ୍ତୃପକ୍ଷ କହୁଥିବା ବେଳେ ରକ୍ତାକ୍ତ ବେଡ୍‌ସିଟ୍, ଚାଦର ଓ ତକିଆକୁ ଡାକ୍ତରଖାନା କର୍ତ୍ତୃପକ୍ଷ ବଦଳାଇ ଦେଇଥିଲେ। ଘଟଣାରେ ସ୍ଥାନୀୟ କାଉନ୍‌ସିଲର ବିଶ୍ୱପ୍ରତାପ ବେହେରା ହସ୍ତକ୍ଷେପ କରିବା ପରେ ପୋଲିସ ମୃତଦେହ ଜବତକରି ଘଟଣାର ତଦନ୍ତ ଆରମ୍ଭ କରିଛି। ପୋଲିସ ତଦନ୍ତକରି ଖୁବ୍ ଶୀଘ୍ର କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କଲେ କଂଗ୍ରେସ ଆନ୍ଦୋଳନକୁ ଓହ୍ଲାଇବ ବୋଲି ଲାଗୁରୀ ଚେତାବନୀ ଦେଇଛନ୍ତି।


## "ମା' ଙ୍କ ନାମରେ ଗଛଟିଏ"
### ୨୦୨୫ ବର୍ଷ ପାଇଁ ବଣାଇଁ ବନଖଣ୍ଡ ତରଫରୁ ଚାରା ବଣ୍ଟନ ବିଜ୍ଞପ୍ତି / ସୂଚନା

ମା' ଙ୍କ ନାମରେ ଗଛଟିଏ ଲଗାଇବା ପାଇଁ ଭାରତ ସରକାର ସର୍ବସାଧାରଣଙ୍କୁ ଅନୁରୋଧ କରିଛନ୍ତି। ଏଣୁ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି, ବଣାଇଁ ଅଧୀନରେ ନିମ୍ନଲିଖିତ ୧୮(ଅଠର) ଗୋଟି ଚାରା ଉତ୍ପାଦନ କେନ୍ଦ୍ରରେ ଉନ୍ନତ ମାନର ଶାଗୁଆନ, ଗମ୍ଭାରୀ, ବିଜା, ଜାମୁ, ଆମ୍ବ, ନିମ୍ବ, କରଞ୍ଜ, ଅର୍ଜୁନ, ପଣସ, ଅଁଳା, ହରିଡ଼ା, ବାହାଡ଼ା ଇତ୍ୟାଦି ଚାରା ଉପଲବ୍ଧ ଅଛି। ଆଗ୍ରହୀ ବ୍ୟକ୍ତି / ଅନୁଷ୍ଠାନଗୁଡ଼ିକ ନିମ୍ନ ସରକାରୀ ନିର୍ଦ୍ଧାରିତ ମୂଲ୍ୟରେ ଚାରା ବିକ୍ରୟ କେନ୍ଦ୍ରମାନଙ୍କରୁ ଚାରା ନେଇପାରିବେ। ଜଣପିଛା ସହରାଞ୍ଚଳରେ ସର୍ବାଧିକ ୫ (ପାଞ୍ଚ) ଗୋଟି ଓ ଗ୍ରାମାଞ୍ଚଳରେ ସର୍ବାଧିକ ୧୦ (ଦଶ) ଗୋଟି ଚାରା ଦିଆଯିବ, ଅନୁଷ୍ଠାନ ମାନଙ୍କ ପାଇଁ ୧୫୦ ରୁ ୨୦୦ ଗୋଟି ଚାରା ଦିଆଯିବ। ଜଣେ ବ୍ୟକ୍ତି ବିଶେଷଙ୍କୁ ବିତରଣ ଖାତାରେ ନାମ ଲେଖାଇବାକୁ ଯେକୌଣସି ବୈଧ ପରିଚୟ ପତ୍ର (ଆଧାର/ଭୋଟର ପରିଚୟ ପତ୍ର, ଗାଡ଼ି ଚାଳନା ପରିଚୟ ପତ୍ର) କିମ୍ବା ମୋବାଇଲ ନଂ ଯାଞ୍ଚ ନିମନ୍ତେ ଦବାକୁ ପଡ଼ିବ। ଏତତ୍ ବ୍ୟତୀତ ଅନ୍ୟମାନଙ୍କୁ ଏକ ସାଦା କାଗଜରେ ନିଜର ସମସ୍ତ ବିବରଣୀ ଯଥା ଚାରା ରୋପଣର ସ୍ଥାନ ଏବଂ ଯୋଗାଯୋଗ ପାଇଁ ମୋବାଇଲ ନଂ ସହିତ ଦରଖାସ୍ତ କରିବାକୁ ପଡ଼ିବ। ନିମ୍ନରେ ଉଲ୍ଲେଖ କରାଯାଇଥିବା ଚାରା ବିକ୍ରୟ କେନ୍ଦ୍ର ପରିଚାଳକମାନଙ୍କୁ ଫୋନ ଦ୍ୱାରା ଯୋଗାଯୋଗ କରିପାରିବେ।

ବି.ଦ୍ର : (୧) ସର୍ବସାଧାରଣଙ୍କ ପାଇଁ ଚାରା ପ୍ରତି ଟ.୧/- ଧାର୍ଯ୍ୟ ହୋଇଛି।
(୨) ଶିକ୍ଷା ଅନୁଷ୍ଠାନ ଓ ସରକାରୀ ଅନୁଷ୍ଠାନଗୁଡ଼ିକୁ ବିନା ମୂଲ୍ୟରେ ଚାରା ପ୍ରଦାନ କରାଯିବ।

| ନଂ. | ବନାଞ୍ଚଳ (ରେଞ୍ଜ) | ଚାରା ବିକ୍ରୟ କେନ୍ଦ୍ରର ନାମ | ଉପଲବ୍ଧ (ପରିମାଣ) | କେନ୍ଦ୍ର ପରିଚାଳକଙ୍କ ନାମ | ଦୂରଭାଷ ନମ୍ବର |
|---|---|---|---|---|---|
| ୧ | ବଣାଇଁ | ଧରଣୀଧର ପାଲି | ୧୨୬୪୪୮ | ଶ୍ରୀ ତାପସ କୁମାର ଶତପଥୀ, ବନପାଳ | ୯୪୩୮୪୯୦୬୬୨ |
| ୨ | ବଣାଇଁ | ବ୍ରାହ୍ମଣୀ | ୮୮୮୫୧ | ଶ୍ରୀ ଜ୍ଞାନ ରଞ୍ଜନ ମହାନ୍ତି, ବନପାଳ | ୭୦୭୭୭୭୮୪୦୨ |
| ୩ | ବଣାଇଁ | ଟିକାୟତପାଲି | ୫୭୫୪୦ | ଶ୍ରୀ ଗଗନ କୁମାର ତ୍ରିପାଠୀ, ବନପାଳ | ୮୮୪୭୭୨୫୭୪୯ |
| ୪ | ବଣାଇଁ | ସ.ବଲାଙ୍ଗ | 4୭୯୧୦ | ଶ୍ରୀ ସଦାଶିବ ପାତ୍ର, ବନପାଳ | ୮୨୪୯୮୬୧୦୮୭ |
| ୫ | କୁଳିପୋଷ | ଗଡ଼ରୁଆଁ | ୧୧୨୬୩୪ | ଶ୍ରୀ ପ୍ରଦୀପ କୁମାର ଭୋଇ, ବନପୋଳ | ୬୩୭୦୨୬୩୬୧୯ |
| ୬ | କୁଳିପୋଷ | ଡ଼ଲେଇସରା | ୩୦୧୦୮ | ଶ୍ରୀମତୀ ସରିତା ମହାନ୍ତ, ବନପାଳ | ୬୩୭୧୯୪୬୩୨୯ |
| ୭ | ତାମଡା | ବନେଇକେଲା | ୪୧୩୦୮ | ଶ୍ରୀ ସେନାପତି ପାତ୍ର, ବନପାଳ | ୮୮୯୫୪୭୭୨୮୨ |
| ୮ | ତାମଡା | ଧାତ୍ କିପୋସ | ୩୯୭୫୦ | ଶ୍ରୀମତୀ କ୍ଷୀରେଶ୍ୱରୀ ବେହେରା, ବନପାଳ | ୯୪୩୭୪୫୯୫୫୮ |
| ୯ | ତାମଡା | ତାମଡା | ୨୦୦୦୦ | ଶ୍ରୀ ଚାରୁଆ ଓରାମ, ବନରକ୍ଷୀ | ୭୮୪୯୦୭୩୨୩୧ |
| ୧୦ | ଜର୍ଡା | ବାଦିବାହାଲ | ୨୦୦୦୦ | ଶ୍ରୀ ମୋନେସ କୁମାର ସାହୁ, ବନପାଳ | ୯୪୩୮୫୨୧୨୬୧ |
| ୧୧ | ଜର୍ଡା | କଂସର | ୪୪୭୪୦ | ଶ୍ରୀ ଚୈତନ୍ୟ ଭୂମିଜ, ବନପାଳ | ୯୩୪୮୬୧୨୮୪୨ |
| ୧୨ | ଜର୍ଡା | କୁଣ୍ଡେଇଡିହା | ୩୫୦୦୦ | ଶ୍ରୀ ଈଶ୍ୱର ଚନ୍ଦ୍ର କାଲୋ, ବନପାଳ | ୬୩୭୧୬୨୯୨୪୩ |
| ୧୩ | ଜର୍ଡା | କାଉଁସୀ ବାହାଲ | ୧୫୦୦୦ | ଶ୍ରୀ ପ୍ରତାପ କୁମାର ସାହୁ, ବନପାଳ | ୭୯୭୮୯୦୬୮୩୪ |
| ୧୪ | ସୋଲ | ଠାକୁରପାଲି | ୨୦୬୫୨ | ଶ୍ରୀ ଭୁବନେଶ୍ୱର ରାଏ, ବନପାଳ | ୯୫୫୬୧୬୫୦୦୧ |
| ୧୫ | ସୋଲ | ମହୁଲଡିହି | ୬୮୩୨ | ଶ୍ରୀ ଅମିତ କୁମାର ଜେନା, ବନପାଳ | ୮୪୫୭୮୯୨୧୫୬ |
| ୧୬ | ବରସୁଆଁ | ଡେଙ୍ଗୁଳା | ୫୧୭୫ | ଶ୍ରୀମତୀ ସରିତା ସାହୁ, ବନପାଳ | ୮୭୬୩୪୯୨୧୭୮ |
| ୧୭ | କୋଇଡା | ତେହେରାଇ | ୮୪୩୬ | ଶ୍ରୀ ବାବୁଲି ପ୍ରଧାନ, ବନରକ୍ଷୀ | ୯୪୩୮୦୪୩୪୦୯ |
| ୧୮ | କୋଇଡା | ଜାମଡିହି | ୮୭୬୮ | ଶ୍ରୀମତୀ ସସ୍ମିତା ମହାକୁଳ, ବନରକ୍ଷୀ | ୭୮୫୫୦୩୮୭୪୪ |
| | | ସମୁଦାୟ : | ୭୨୯୧୫୨ | ବନଖଣ୍ଡ କାର୍ଯ୍ୟାଳୟ (କଣ୍ଟ୍ରୋଲ ରୁମ୍) | ୮୨୬୦୯୪୯୬୧୩ |

ସ୍ୱା/- ବନଖଣ୍ଡ ଅଧିକାରୀ
ବଣାଇଁ ବନଖଣ୍ଡ, ବଣାଇଁଗଡ଼



## OFFICE OF THE PRINCIPAL
### GOKUL PARVATI RURAL DEGREE COLLEGE, KUNTARA
DIST.: SAMBALPUR, ODISHA - 768227
Email: gokulparvati@gmail.com
### TENDER/QUOTATION CALL NOTICE

Sealed tenders/quotations are invited from intending registered manufactures/firms/suppliers having PAN/GST registration with IT Clearance for supply of Desktop, UPS, MFM Printer, LED TV (65 inch), Wireless Mice & Camera with MIC for virtual meeting. Internet facilities, Odia literature & language books through Regd. Post/Speed Post on or before 3 P.M. on 31.07.2025.
For details of the requirement with specification terms and conditions please contact Mob. No. 7655028730 and visit website: gprcollegekuntara.in.
The undersigned reserves the right to cancel part or whole of the tenders/quotations without specifying any reason thereof.

Sd./- Principal-cum-Secretary
G.P.R. Degree College, Kuntara,
Dist.: Sambalpur



## OFFICE OF THE EXECUTIVE ENGINEER
PLANNING AND INVESTIGATION DIVISION
ROAD CONSTRUCTION DEPARTMENT (RCD),RANCHI
NirupanBhawan, 3rd Floor, Room No. 401,56-Set,
Doranda,Ranchi-834002

### e-Procurement ( Short Tender Notice )
Letter of Invitation (LOI) No.-13/2025-26
2nd Call
e-Tender Ref No:–RCD/PID/RANCHI/13/2025-26 Date:-18.07.2025

| | | |
|---|---|---|
| 1 | Name Of Work | Consultancy Services for Preparation of Detailed Project Report for Construction of Murma Khurd PWD Road to Pandu Main Road via Dhanchabar including replacement/New Proposal of Culverts, Bridges, ROB's, RUB's, Complete Land Acquisition Plan including Ownership details all complete as per latest guidelines, Resettlement and Rehabilitation Proposal, Forest Diversion Proposal and Utility Shifting Proposal in details etc. as required by the Department (If any) under Palamu District in the State of Jharkhand.*Only Empanelled consultant with RCD under categoryI vide letter No. 3063(S) WE Dated 22.08.2022are allowed to bid. |
| 2 | Tentative Length | 9 Km |
| 3 | Period of Completion of Work | 90 Days |
| 4 | Cost of Tender documents & Earnest Money Deposit | Cost of tender documents is Rs. 5000/(Non-Refundable) EMD:- The quotationers have to deposit a fixed amount of Rs 15000.00 (Fifteen thousand only) as Earnest Money. **As per the Departmental Letter no.-4652(S) dated 06.10.2023, cost of tender document and Earnest Money Deposit will be received in online mode only through e-procurement portal (http://jharkhandtenders.gov.in) by internet banking/NEFT/RTGS facility as per Standard Operating Procedure (SOP) issued by Information Technology & e-Governance Department, Government of Jharkhand vide letter no- 120 dated 03.10.2023.** |
| 5 | Mode of Bid Submission | e-tendering(https://jharkhandtenders.gov.in/) |
| 6 | Date/Time of Publication of Tender on Website | 23.07.2025,At 05:30 PM |
| 7 | Online Last Date/Time of Bid Submission | 06.08.2025, 12:00 noon |
| 8 | Date and Time of Bid opening | 07.08.2025, 12:30 PM |
| 9 | Bid validity | 120 days |
| 10 | Designation and Contact no. of Tender inviting Officer | Executive Engineer, Planning and Investigation Division, RCD, Ranchi, Mob No.-9471650883 |
| 11 | Advertisement no. | PR 355580 Road(25-26).D |

Note:- Only e-Tender shall be accepted. Further details can be seen on e-procurement portal (https://jharkhandtenders.gov.in/).

Executive Engineer,
Planning & Investigation Division,
Road Construction Department, Ranchi.
PR 357762 (Road) 25-26 (D)

# ୯ମ ଶ୍ରେଣୀ ଛାତ୍ରୀଙ୍କୁ ବଳାତ୍କାର

■ଭିଡିଓ ଭାଇରାଲ ଭୟ ଦେଖାଇ ୫ ଲକ୍ଷ, ସୁନାଗହଣା ନେଇଗଲେ
■ଅଭିଯୋଗ ପରେ ଅଭିଯୁକ୍ତଙ୍କୁ ବାନ୍ଧିଲା ପୋଲିସ

କୁଆଁରମୁଣ୍ଡା,୧୯।୭(ମହେନ୍ଦ୍ର କୁମାର ସାହୁ)

ଜଣେ ୯ମ ଶ୍ରେଣୀ ଛାତ୍ରୀଙ୍କୁ ବଳାତ୍କାର କରିବା ଏବଂ ବଳାତ୍କାର ସମୟର ଭିଡିଓ ଭାଇରାଲ କରିବା ଧମକ ଦେଇ ୫ ଲକ୍ଷ ଟଙ୍କା ଓ ସୁନାଗହଣା ଠକି ନେବା ଭଳି ସଙ୍ଗିନ ଅଭିଯୋଗ ସୁନ୍ଦରଗଡ଼ ଜିଲା ବୀରମିତ୍ରପୁର ଥାନା କୁଆଁରମୁଣ୍ଡା ଫାଣ୍ଡି ଅଞ୍ଚଳରୁ ଆସିଛି। ଏନେଇ ଅଭିଯୋଗ ପରେ ବୀରମିତ୍ରପୁର ଥାନା ପୋଲିସ ଅଭିଯୁକ୍ତ ରାଉରକେଲା ମଣି କଲୋନୀର ଇନ୍ଦ୍ରମଣି ସାମଲ(୫୬)ଙ୍କୁ ଶନିବାର ଗିରଫ କରିଛି। ଏ ନେଇ ଥାନାରେ ଆଇପିସି ଦଫା ୩୭୬(୨)(ଏନ୍)/୩୭୬(୩)/୫୦୬,ସେକ୍ସନ ୪ ପୋକ୍ସୋ ଆକ୍ଟ ସହ ଏସ୍‌ସି/ଏସ୍‌ଟିରେ ଏକ ମାମଲା (ନଂ. ୩୨୪/୨୫) ରୁଜୁ ହୋଇଛି। ଘଟଣାଟି ୨୦୨୪ ମେ ୩ରେ ଘଟିଥିବା ବେଳେ ଅଭିଯୁକ୍ତ ବଳାତ୍କାର ସମୟର ଭିଡିଓ ଭାଇରାଲ କରିବା ଭୟ ଦେଖାଇ ପୀଡ଼ିତାଙ୍କୁ ବ୍ଲାକମେଲିଂ କରିବା ପରେ ଏହି ଘଟଣା ସମ୍ନାନକୁ ଆସିଛି।

ପୋଲିସ ସୂଚନା ଅନୁଯାୟୀ, ପୀଡ଼ିତାଙ୍କ ପରିବାର ରାଉରକେଲାରେ ରହୁଥିଲେ। ପାରିବାରିକ ସମସ୍ୟା ସୃଷ୍ଟି ହେବା ବିଷୟରେ ପୀଡ଼ିତାଙ୍କ ମା'ଙ୍କ ଠାରୁ ଇନ୍ଦ୍ରମଣି ଜାଣି ତାଙ୍କୁ ସାହାଯ୍ୟ କରିବା ପାଇଁ କୁଆଁରମୁଣ୍ଡା ଯମୁନାନାକିରେ ସେମାନଙ୍କ ପାଇଁ ୨୦୨୩ ସେପ୍ଟେମ୍ବର ୬ ତାରିଖରେ ଘରଭଡ଼ା ବୁଝିଥିଲେ। ପରେ ପରିବାର ସହ ତାଙ୍କର ସମ୍ପର୍କ ସୃଷ୍ଟି ହୋଇଥିଲା। ଏପରିକି ପୀଡ଼ିତାଙ୍କ ଉପରେ ତାଙ୍କର ଆଖି ପଡ଼ିଥିଲା। ପୀଡ଼ିତା ଜଣଙ୍କ କୁଆଁରମୁଣ୍ଡାର ଏକ ଘରୋଇ ସ୍କୁଲରେ ୯ମ ଶ୍ରେଣୀରେ ପଢୁଥିଲେ। ୨୦୨୪ ମେ ୩ରେ ସ୍କୁଲ ଛୁଟି ହେବା ପରେ ଇନ୍ଦ୍ରମଣି ତାଙ୍କୁ ଘରେ ଛାଡ଼ିବା ପରିବର୍ତ୍ତେ ନିଜର ଏକ ହୋଟେଲକୁ ନେଇ ବଳାତ୍କାର କରିବା ସହ ଭିଡିଓ ମଧ୍ୟ କରିଥିଲେ। ପରେ ଭିଡିଓ ଭାଇରାଲ କରିବାର ଭୟ ଦେଖାଇ ପୀଡ଼ିତାଙ୍କୁ ବାରମ୍ବାର ବଳାତ୍କାର କରିବା ସହ ୧୦ ଲକ୍ଷ ଟଙ୍କା ଦାବି କରିଥିଲେ। ଏନେଇ ପୀଡିତା ପରିବାର ଲୋକଙ୍କୁ କହିଥିଲେ। ପ୍ରଥମେ ଇନ୍ଦ୍ରମଣି ପୀଡ଼ିତାଙ୍କଠାରୁ ୫ ଲକ୍ଷ ଟଙ୍କା ସହ ୩ ହଳ ସୁନା କାନଫୁଲ,୨ଟି ସୁନା ମୁଦି ଓ ଗହଣା ନେଇଥିଲେ। ହେଲେ ଇନ୍ଦ୍ରମଣି ଭିଡିଓ ଡିଲିଟ କରି ନ ଥିଲେ। ପୀଡିତାଙ୍କ ପରିବାର ଲୋକେ ତାଙ୍କୁ ବାରମ୍ବାର ଫୋନ କରି ଭିଡିଓ ଡିଲିଟ୍ କରିବାକୁ କହିବାରୁ ସେ ଆହୁରି ଟଙ୍କା ମାଗିଥିଲେ। ଶେଷରେ ପରିବାର ଲୋକେ ଶୁକ୍ରବାର ବୀରମିତ୍ରପୁର ଥାନାର ଦ୍ୱାରସ୍ଥ ହୋଇଥିଲେ। ପୋଲିସ ଇନ୍ଦ୍ରମଣିଙ୍କୁ ଗିରଫ କରି ତଦନ୍ତ ଜାରି ରଖିଛି। ଅଭିଯୁକ୍ତ ଇନ୍ଦ୍ରମଣି ପୂର୍ବରୁ ରାଉରକେଲା ମ୍ୟୁନସିପାଲଟିର ସାନିଟାରୀ ଅଧିକାରୀ ଥିବା ବେଳେ ବର୍ତ୍ତମାନ କୁଆଁରମୁଣ୍ଡାରେ ଡେପୁଟେସନରେ କାମ କରୁଛନ୍ତି। ଏଥିସହ ଯମୁନାନାକି ନିକଟରେ ଏକ ହୋଟେଲ ବ୍ୟବସାୟ କରୁଥିବା ଜଣାପଡିଛି। ପୀଡ଼ିତା ଓ ଅଭିଯୁକ୍ତଙ୍କ ଡାକ୍ତରୀମାଇନା ରବିବାର କରାଯିବ ବୋଲି ଥାନା ଆଇଆଇସି ରାମପ୍ରସାଦ ନାଗ ସୂଚନା ଦେଇଛନ୍ତି।

# ଘରକୁ ଡାକି ହତ୍ୟା, ପରେ ଆତ୍ମସମର୍ପଣ



ମୃତଦେହକୁ ଘରୁ ବାହାରକୁ ଅଣାଯିବାବେଳେ ଲୋକେ ରୁଣ୍ଡ ହୋଇଛନ୍ତି।

ଦେବଗଡ଼,୧୯।୭
(ଶଶାଙ୍କ ଶେଖର ଖୁଣ୍ଟିଆ)

■ଅଭିଯୁକ୍ତଙ୍କ ଘର ଭଙ୍ଗାରୁଜା କଲେ ଉତ୍ତ୍ୟକ୍ତ ଲୋକେ

ଦେବଗଡ଼ ଜିଲା ସଦର ଥାନା ଅଧୀନ ନୂଆଗାଁରେ ଶୁକ୍ରବାର ବିଳମ୍ବିତ ରାତିରେ ଏକ ହତ୍ୟାକାଣ୍ଡ ଘଟିଛି। ଗ୍ରାମର ପଞ୍ଚାନନ ପ୍ରଧାନ(୫୦)ଙ୍କୁ କୌଣସି କଥାରେ ଘରକୁ ଡାକି ଏକ କରୁରିରେ ହାଣି ଦେଇଥିଲେ। ପରେ ରକ୍ତଲଗା କରୁରି ଧରି ଦେବଗଡ଼ ଥାନାରେ ଆତ୍ମସମର୍ପଣ କରିଛନ୍ତି। ଶନିବାର ସକାଳେ ଏହି ଘଟଣା ଜଣାପଡ଼ିବା ପରେ ଅଭିଯୁକ୍ତଙ୍କୁ ହସ୍ତାନ୍ତର କରିବା ଦାବିରେ ମୃତକଙ୍କ ସମ୍ପର୍କୀୟ ଓ ଉତ୍ତ୍ୟକ୍ତ ଗ୍ରାମବାସୀ ଅଭିଯୁକ୍ତଙ୍କ ଘରକୁ ଭଙ୍ଗାରୁଜା କରିଥିଲେ। ଦେବଗଡ଼ ଥାନା ଅଧିକାରୀ ସବ୍‌ସାଚୀ ଶତପଥୀ ଓ ଏସ୍‌ଡିପିଓ ରମେଶ ଚନ୍ଦ୍ର ମହାନ୍ତ ଫୋର୍ସ ସହିତ ସେଠାରେ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିଥିଲେ। ଆଇନ ହାତକୁ ନ ନେବାକୁ ଚେତାବନୀ ଦେବାରୁ ପରିସ୍ଥିତି ନିୟନ୍ତ୍ରଣକୁ ଆସିଥିଲା।

ଶୁକ୍ରବାର ରାତିରେ ରତନ ତାଙ୍କର ୨ବନ୍ଧୁଙ୍କ ସହ ବଲଙ୍ଗା ଗ୍ରାମରୁ ନିଜ ଘରକୁ ଫେରୁଥିଲେ। ରାସ୍ତାରେ ଦେଖାହେବାରୁ ରତନଙ୍କୁ ପଞ୍ଚାନନ ଘରକୁ ଡାକିଥିଲେ। ରତନ ତାଙ୍କ ସହିତ ଥିବା ୨ବନ୍ଧୁଙ୍କୁ ଚାଲିଯିବାକୁ କହି ସେ ଏକୁଟିଆ ପଞ୍ଚାନନଙ୍କ ଘରକୁ ଯାଇଥିଲେ। ପଞ୍ଚାନନଙ୍କ ସ୍ତ୍ରୀ, ପିଲାମାନେ ଅନ୍ୟତ୍ର ରହୁଥିବାବେଳେ ସେ ଏକୁଟିଆ ରହୁଥିଲେ। ତେବେ ରାତି ପ୍ରାୟ ୨ଟା ୩୦ରେ ପଞ୍ଚାନନ ଘରେ ତାଲା ପକାଇ ଏକ ସାଇକେଲ ଯୋଗେ ଦେବଗଡ଼ ଥାନାକୁ ଯାଇ ଆତ୍ମସମର୍ପଣ କରି ହତ୍ୟାକାଣ୍ଡ ସମ୍ପର୍କରେ କହିଥିଲେ। ପୋଲିସ ତାଙ୍କଠାରୁ ରକ୍ତଲଗା କରୁରିକୁ ଜବତ କରିବା ସହ ତଦନ୍ତ ଆରମ୍ଭ କରିଥିଲା। ଶନିବାର ସକାଳେ ଦେବଗଡ଼ ପୋଲିସ ଟିମ୍ ଓ ଅନୁଗୋଳରୁ ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ରତନଙ୍କ ପୁଅ ତ୍ରିଲୋଚନ ପ୍ରଧାନ ବିଧିବଦ୍ଧ ଭାବେ ଏତଲା ଦେବାପରେ ପୋଲିସ ଏକ ହତ୍ୟା ମାମଲା ରୁଜୁ କରିଛି। ତାଲା ଭାଙ୍ଗିଯାଇ ଘର ଭିତରୁ ରତନଙ୍କ ମୃତଦେହ ପୋଲିସ ଜବତ କରିଥିଲା। ମୃତ ସମେତ ଶରୀରର ବିଭିନ୍ନ ଅଂଶରେ ଗଭୀର କ୍ଷତଚିହ୍ନ ରହିଥିବା ଏବଂ ମୃତଦେହର ପ୍ରାୟ ଅର୍ଦ୍ଧେକ ଅଂଶକୁ ଏକ ପ୍ଲାଷ୍ଟିକ ବସ୍ତାରେ ଭର୍ତ୍ତି କରାଯାଇଥିବା ଦେଖିବାକୁ ମିଳିଥିଲା। ହତ୍ୟାକାରର ପ୍ରକୃତ କାରଣ ବର୍ତ୍ତମାନ ପର୍ଯ୍ୟନ୍ତ ସ୍ପଷ୍ଟ ହୋଇ ନ ଥିବାବେଳେ ଅଧିକ ତଦନ୍ତ ପରେ ସ୍ପଷ୍ଟ ହେବ ବୋଲି ପୋଲିସ କହିଛି।


ଲୋକେ ଅଭିଯୁକ୍ତଙ୍କ ଘରକୁ ଭଙ୍ଗାରୁଜା କରୁଛନ୍ତି।

## ଯୁବତୀଙ୍କୁ ଅସଦାଚରଣ କରି ଯୁବକ ଫେରାର

ବର୍ଷିପଲ,୧୯।୭ (ସୁବାସ ସାହୁ)

ଅନୁଗୋଳ ଜିଲା ନାଲକୋ ଥାନା ଅଞ୍ଚଳରେ ଶୁକ୍ରବାର ରାତି ପ୍ରାୟ ୯ଟା ୩୦ରେ ଜଣେ ଯୁବତୀଙ୍କୁ ଅସଦାଚରଣ କରାଯାଇଛି। ଏ ନେଇ ଥାନାରେ ଯୁବତୀଙ୍କ ପରିବାର ପକ୍ଷରୁ ଅଭିଯୋଗ କରାଯାଇ ନ ଥିଲେ ମଧ୍ୟ ପୋଲିସ ଘଟଣାସ୍ଥଳକୁ ଯାଇ ତଦନ୍ତ କରିଛି। ପୋଲିସ କହିଛି, ଗିରାଙ୍ଗ ଛକରୁ ଜଣେ ଯୁବତୀ ଘରକୁ ସାଇକେଲରେ ଫେରୁଥିବା ବେଳେ ବାଲିସାହି ପେଟ୍ରୋଲ ପମ୍ପ ନିକଟ ବଳରାମପ୍ରସାଦ ଗ୍ରାମ ମୁଖ୍ୟ ରାସ୍ତାରେ ଥିବା ଢାବା ନିକଟରେ ଜଣେ ଯୁବକ ବାଇକ୍‌ରେ ଆସି ତାଙ୍କୁ ଅସଦାଚରଣ କରିଥିଲେ। ଏହି ସମୟରେ ଯୁବତୀ ଜଣଙ୍କ ସାଇକେଲରୁ ଖସି ପଡ଼ିବା ସହ ପାଟି କରିଥିଲେ। ଯୁବକଙ୍କ ବାଇକ୍‌ଟି ମଧ୍ୟ ଡ୍ରେନ୍ ଭିତରକୁ ଖସି ପଡ଼ିଥିଲା। ସ୍ଥାନୀୟ ଲୋକେ ଘଟଣାସ୍ଥଳକୁ ଆସୁଥିବା ଦେଖି ଯୁବକ ଜଣକ ବାଇକ ଛାଡ଼ି ଚମ୍ପଟ ମାରିଥିଲେ। ସୂଚନାପାଇ ନାଲକୋ ପୋଲିସ ଘଟଣାସ୍ଥଳରେ ପହଞ୍ଚି ବାଇକ୍‌କୁ ଜବତ କରିବା ସହ ଅଧିକ ତଦନ୍ତ ଆରମ୍ଭ କରିଛି।

## ପୂର୍ବ ଶତ୍ରୁତାରୁ ଯୁବକଙ୍କୁ ହତ୍ୟା ଅଭିଯୋଗ

କୋଟପାଡ଼,୧୯।୭(କେ.ରାଜଶେଖର ରାଓ)

କୋରାପୁଟ ଜିଲା କୋଟପାଡ଼ ସଡୋରଙ୍ଗା ପଞ୍ଚାୟତ ଖୋପରାଗୁଡ଼ା ନିକଟ କେନାଲ ହିଡ଼ ନିକଟରେ ଜଣେ ଯୁବକଙ୍କୁ କେତେଜଣ ଦୁର୍ବୃତ୍ତ ହତ୍ୟା କରି ଗଛରେ ଟାଙ୍ଗି ଦେଇଥିବା ଶନିବାର ଅଭିଯୋଗ ହୋଇଛି। ମୃତକ ହେଲେ ସଡୋରଙ୍ଗା ଗ୍ରାମର ସେନାପତି ଭତ୍ରା(୩୪)। ସୂଚନା ଅନୁଯାୟୀ, ଶୁକ୍ରବାର ସେନାପତି କୋଟପାଡ଼ ଯାଇ ଗାଁକୁ ଫେରୁଥିବା ବେଳେ କେତେଜଣ ଲୋକ ତାଙ୍କୁ ମାରପିଟ କରି ମୁମୂର୍ଷୁ ଅବସ୍ଥାରେ କେନାଲ ହିଡ଼ ନିକଟ ଏକ ଗଛରେ ଟାଙ୍ଗି ଫେରାର ହୋଇଯାଇଥିବା ତାଙ୍କ ଭଉଣୀ ଅଭିଯୋଗ କରିଛନ୍ତି। ଘଟଣା ପୂର୍ବରୁ ସେନାପତି ତାଙ୍କ ଭିଣୋଇଙ୍କୁ କେତେଜଣ ଲୋକ ତାଙ୍କ ଜୀବନ ପ୍ରତି ବିପଦ ଥିବା ଓ ସେ ଆଜି ଘରକୁ ଫେରି ନ ପାରନ୍ତି ବୋଲି ଫୋନ ମାଧ୍ୟମରେ ଜଣାଇଥିଲେ। ଏହା ପରେ ପରିବାର ଲୋକ ଆସି ସେନାପତିଙ୍କୁ ଖୋଜାଖୋଜି କରି ଏକ ଗଛ ନିକଟରୁ ତାଙ୍କୁ ଉଦ୍ଧାର କରି କୋଟପାଡ଼ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେହି ସମୟରେ ସେନାପତିଙ୍କ ମୃତ୍ୟୁ ହୋଇଯାଇଥିବା ଜଣାପଡ଼ିଛି। ସ୍ୱାସ୍ଥ୍ୟକେନ୍ଦ୍ର କର୍ମଚାରୀ ମୃତଦେହ ଯେଉଁଠାରୁ ଆଣିଛ ସେଠାକୁ ନିଅ ବୋଲି କହିବାରୁ ସେନାପତିଙ୍କ ପରିବାର ମୃତଦେହ ପୁଣି ଉକ୍ତ ଗଛ ନିକଟକୁ ନେଇ ରାତିସାରା ଅପେକ୍ଷା କରିଥିବା ତାଙ୍କ ଭଉଣୀ କହିଛନ୍ତି। ଏ ନେଇ ଶନିବାର ସକାଳୁ କୋଟପାଡ଼ ଥାନାରେ ସେନାପତିଙ୍କ ଭିଣୋଇ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ କୋଟପାଡ଼ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲା। ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା। ପୋଲିସ ତଦନ୍ତ ଜାରି ରଖିଥିବା ଜଣାପଡ଼ିଛି। ପ୍ରକାଶ ଯେ, ସଡୋରଙ୍ଗା ଗାଁରେ କିଛିଦିନ ପୂର୍ବେ ଜମି ବିବାଦକୁ ନେଇ ଦୁଇ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଏ ନେଇ କୋଟପାଡ଼ ଥାନାରେ ଅଭିଯୋଗ ହୋଇଥିଲା। ଏଥିରେ ସମ୍ପୃକ୍ତ ଥିବା କେତେଜଣ ବ୍ୟକ୍ତିଙ୍କୁ ପୋଲିସ ଗିରଫ କରିଥିବା ବେଳେ ଥାନାରୁ ଫେରିଲେ ଗୋଟିଏ ମୁଣ୍ଡ ଗଡ଼ାଇବୁ ବୋଲି ଧମକ ଦେଇଥିବା ପରିବାର ପକ୍ଷରୁ ଅଭିଯୋଗ ହୋଇଛି। ଘଟଣାରେ ସେମାନଙ୍କ ସମ୍ପୃକ୍ତି ଥିବା ସେନାପତିଙ୍କ ପରିବାର ଅଭିଯୋଗ ଆଣିଛି।

## ଦୋକାନ ଭିତରେ ଶିଶୁକନ୍ୟାଙ୍କୁ ବଳାତ୍କାର

ଜେଲ୍ ଗଲେ ଅଭିଯୁକ୍ତ

ବାଲେଶ୍ୱର,୧୯।୭(ବାଞ୍ଛାନିଧି ଦେ)

ବାଲେଶ୍ୱର ଟାଉନ ଥାନା ଅଧୀନ ମଧୁଆମ୍ବିଲ ଛକ ନିକଟରେ ଥିବା ଏକ ଦୋକାନ ଭିତରେ ଏକ ୮ବର୍ଷର ଶିଶୁକନ୍ୟାଙ୍କୁ ବଳାତ୍କାର ହୋଇଥିବା ଅଭିଯୋଗ ହୋଇଛି। ଏନେଇ ପୋଲିସ ଏକ ମାମଲା (ନଂ ୧୭୦/୨୫) ରୁଜୁ କରି ଅଭିଯୁକ୍ତ ବଡ଼ଖୁଆ ଅଞ୍ଚଳର ସେକ ବାବୁଙ୍କୁ ଶୁକ୍ରବାର ଗିରଫ କରି କୋର୍ଟ ଚାଲାଣ କରିଛି। ଜମିନ ନାମଞ୍ଜୁର ହେବାରୁ ତାଙ୍କୁ କୋର୍ଟଚାଲାଣ କରାଯାଇଛି। ଗତ ୧୭ ତାରିଖରେ ଶିଶୁକନ୍ୟାଙ୍କ ମା' ଦୋକାନରେ ନ ଥିବା ବେଳେ ଅଭିଯୁକ୍ତ ଜଣକ ସେଠାକୁ ଯାଇଥିଲେ। ସେହି ସମୟରେ ଶିଶୁକନ୍ୟାଙ୍କୁ ବଳାତ୍କାର କରିଥିବା ଥାନାରେ ଲିଖିତ ଅଭିଯୋଗ ହୋଇଥିଲା। ଆଇଆଇସି ବିଜୟ କୁମାର ଦାସ ତଦନ୍ତ କରି ଅଭିଯୁକ୍ତଙ୍କୁ ଗିରଫ କରିଥିଲା।



# ବିଦ୍ୟୁତ୍ ବଣ୍ଟନ କ୍ଷେତ୍ରରେ ଉଲ୍ଲେଖନୀୟ ରୂପାନ୍ତରଣ

ଭୁବନେଶ୍ୱର,୧୯।୭(ଅଭୟ ଦାଶ)

ଟାଟା ପାୱାର ନେତୃତ୍ୱାଧୀନ ଓଡ଼ିଶା ଡିସ୍କମ୍‌ଗୁଡ଼ିକ ପକ୍ଷରୁ ରାଜ୍ୟର ବିଦ୍ୟୁତ୍ ବଣ୍ଟନ କ୍ଷେତ୍ରରେ ଉଲ୍ଲେଖନୀୟ ରୂପାନ୍ତରଣ କରାଯାଇଛି। ଗତ ୫ ବର୍ଷ ଧରି ଶକ୍ତି ଭରସାଯୋଗ୍ୟତା ସମସ୍ୟାକୁ ପାଖରେ ବିଦ୍ୟୁତ୍ ପହଞ୍ଚାଇବା ଓ ଭବିଷ୍ୟତ ପାଇଁ ପ୍ରସ୍ତୁତ ଭିତ୍ତିଭୂମି ପାଇଁ ଦୃଢ଼ ମୂଳଦୁଆ ସ୍ଥାପନ କରାଯାଇଛି। ଏହି କ୍ରମରେ ଓଡ଼ିଶା ଡିସ୍କମ୍‌ଗୁଡ଼ିକ ପକ୍ଷରୁ ପ୍ରାୟ ୫୦,୦୦୦ରୁ ଅଧିକ ଟ୍ରାନ୍ସଫର୍ମର ସ୍ଥାପନ କରାଯାଇଛି। ସେହିଭଳି ଏହି ବ୍ୟାପକ ଧରଣର କ୍ଷମତା ବୃଦ୍ଧି ଯୋଗୁ ଭୋଲ୍ଟେଜ୍‌ରେ ସ୍ଥିରତା ଆଣିବା, ବୈଷୟିକ କ୍ଷତିରେ ହ୍ରାସ ଏବଂ ଉଭୟ ଗ୍ରାମୀଣ ଓ ସହରାଞ୍ଚଳ କ୍ଷେତ୍ରରେ ବିଦ୍ୟୁତ୍ ଯୋଗାଣର ଗୁଣାତ୍ମକ ମାନରେ ଉନ୍ନତି ଆଣିବାରେ ଡିସ୍କମ୍‌ଗୁଡ଼ିକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛନ୍ତି। ବିଶେଷକରି ପିକ୍ ସମୟରେ ଏହା ଉନ୍ନତ ଲୋଡ୍



ପରିଚାଳନା, ସ୍ଥାନୀୟ ଓଭରଲୋଡିଂକୁ ରୋକିବା ସହ ନୂତନ ଭାବେ ବିଦ୍ୟୁତ୍ ସଂଯୋଗ ପ୍ରଦାନ କରାଯାଉଥିବା ଓ ଉଚ୍ଚ ଅଭିବୃଦ୍ଧି ଅଞ୍ଚଳରେ ଭରସାଯୋଗ୍ୟ ଏବଂ ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣକୁ ସୁନିଶ୍ଚିତ କରିଛି। ଏପରିକି ଉନ୍ନତ ନେଟୱର୍କ କ୍ଷମତା ଯୋଗୁ ବର୍ତ୍ତମାନ କୃଷି, ଏମ୍‌ଏସ୍‌ଏମ୍‌ଇ ଓ ଘରୋଇ ଗ୍ରାହକମାନଙ୍କ କ୍ଷେତ୍ରରେ ବର୍ଦ୍ଧିତ ବିଦ୍ୟୁତ୍ ଚାହିଦାକୁ ପୂରଣ କରିବାରେ ଏହା ଉତ୍ତମ ସ୍ଥିତିରେ ରହିଛି ଏବଂ ଭବିଷ୍ୟତରେ ଅକ୍ଷୟ ଶକ୍ତି ଓ ଇଲେକ୍ଟ୍ରିକ ଯାନ ଭିତ୍ତିଭୂମିର ସମନ୍ୱୟ ପାଇଁ ତାହା ମୂଳଦୁଆ ସ୍ଥାପନ କରିଛି। ଭିତ୍ତିଭୂମି ସମ୍ପ୍ରସାରଣ ସହ ଏହି ଡିସ୍କମ୍‌ଗୁଡ଼ିକ ଉଲ୍ଲେଖନୀୟ ପ୍ରଦର୍ଶନରେ ମଧ୍ୟ ଉଲ୍ଲେଖନୀୟ ଲାଭ ପ୍ରଦାନ କରିଛି। ଏଟି ଆଣ୍ଡ ସି କ୍ଷତି ହାରାହାରି ୧୧% ହ୍ରାସ ଘଟିଛି ଏବଂ ୧୦ ଲକ୍ଷରୁ ଅଧିକ ନୂଆ ସଂଯୋଗ ପ୍ରଦାନ କରାଯାଇଛି। ଏହା ସହରାଞ୍ଚଳ ଏବଂ ଗ୍ରାମାଞ୍ଚଳ କ୍ଷେତ୍ରରେ ନିରବଚ୍ଛିନ୍ନ ବିଦ୍ୟୁତ୍ ଉପଲବ୍ଧ କରିବାରେ ବେଶ୍ ସହାୟକ ହୋଇଛି।

ଉଲ୍ଲେଖଯୋଗ୍ୟ, ଟାଟା ପାୱାର ପକ୍ଷରୁ ଓଡ଼ିଶା ସରକାରଙ୍କ ସହ ଯୌଥ ଉଦ୍ୟୋଗ କରାଯାଇଛି। ଏହା ଜରିଆରେ ଓଡ଼ିଶା ଡିସ୍କମ୍ ଯଥା ଟିପି ସେଣ୍ଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ୍ (ଟିପିସିଓଡିଏଲ୍), ଟିପି ସଦର୍ନ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ୍ (ଟିପିଏସ୍ଓଡିଏଲ୍), ଟିପି ୱେଷ୍ଟର୍ନ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ୍ (ଟିପିଡବ୍ଲ୍ୟୁଓଡିଏଲ୍) ଓ ଟିପି ନର୍ଦ୍ଦର୍ନ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ୍ (ଟିପିଏନ୍ଓଡିଏଲ୍) ଭଳି ଚାରିଟି ଡିସ୍କମ୍ ଓଡ଼ିଶାରେ କମ୍ପାନୀ ପକ୍ଷରୁ ପରିଚାଳନା କରାଯାଉଛି। ସାମଗ୍ରିକ ଭାବେ ଏହି ଡିସ୍କମ୍‌ଗୁଡ଼ିକ ଉଭୟ ସହରାଞ୍ଚଳ ଓ ଗ୍ରାମାଞ୍ଚଳରେ ପାଖାପାଖି ୪.୭କୋଟି ଲୋକଙ୍କୁ ସେବା ପ୍ରଦାନ କରୁଛି।

## ଆଇକ୍ୟୁଓଓର ନୂତନ ଉତ୍ପାଦ

ଭୁବନେଶ୍ୱର,୧୯।୭

ଆଇକ୍ୟୁଓଓର ନୂତନ ଉତ୍ପାଦ ତଥା ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ 'ଜେଡ୍୧୦ଆର୍'ର ଶୁଭାରମ୍ଭ ସର୍ବଭାରତୀୟସ୍ତରରେ ହୋଇଯାଇଛି। ଏପରିକି ଛାତ୍ର ଓ ଉଦୀୟମାନ କଣ୍ଟେଟ କ୍ରିଏଟରଙ୍କ ପାଇଁ ଏହା ବିଶେଷ ଭାବେ ଡିଜାଇନ ହୋଇଛି। ଏହା ଏକ କ୍ରିଏଟର ପ୍ରସ୍ତୁତ ୪କେ ଫ୍ରଣ୍ଟ ଓ ରିଅର୍ କ୍ୟାମେରା, ଅଲଟ୍ରା ସ୍ଲିମ୍ କ୍ୱାଡ କର୍ଭଡ ଡିସ୍ପ୍ଲେ ଏବଂ ସେଗମେଣ୍ଟ ଲିଡିଂ ମିଡିଆଟେକ୍ ଡାଇମେନସିଟି ୭୪୦୦ ପ୍ରୋସେସରକୁ ଏକତ୍ରିତ କରିଥାଏ। ଏହା ଅନ୍‌ଲାଇନରେ ରହୁଥିବା ଲୋକମାନଙ୍କ ଲାଗି ପ୍ରଥମ ପସନ୍ଦ ହେବ। କଣ୍ଟେଟ ତିଆରି କରିବା, କ୍ଲାସରେ ଯୋଗଦେବା , ରିଲଗୁଡ଼ିକରେ ସ୍କ୍ରଲ କରିବା ଓ ବିରତି ମଧ୍ୟରେ ଗେମିଂ କରିବା ବୈଶିଷ୍ଟ୍ୟ ଏଥିରେ ମିଳିପାରିବ। ଏହାର ସୁଦୃଢ଼ ନିର୍ମାଣ ସହ ଜେନ୍ ଜେଡ୍ ସୌନ୍ଦର୍ଯ୍ୟ ପାଇଁ ପ୍ରସ୍ତୁତ ଦୁଇଟି ଷ୍ଟାଇଲିଶ ରଙ୍ଗରେ ଏହା ଉପଲବ୍ଧ ହେବ। ଆଇକ୍ୟୁ ଜେଡ୍୧୦ଆର କଣ୍ଟେଟ କ୍ରିଏଟରଙ୍କ ପାଇଁ ଡିଜାଇନ ହୋଇଥିବା ଏକ ବ୍ୟାପକ ସେଟଅପ୍ ସହ ଆସିବ।

## ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍‌ର ତ୍ରୈମାସିକ ଫଳାଫଳ

ଭୁବନେଶ୍ୱର,୧୯।୭

ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍‌ର ନିର୍ଦ୍ଦେଶକ ମଣ୍ଡଳୀ ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଥିଲା। ଏଥିରେ କମ୍ପାନୀର କାରବାର ଓ ଆଗାମୀ କାର୍ଯ୍ୟକଳାପ ସମ୍ପର୍କରେ ବିସ୍ତୃତ ଭାବେ ଆଲୋଚନା ହୋଇଥିଲାବେଳେ ଚଳିତ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସିକ ଫଳାଫଳକୁ ମଧ୍ୟ ଘୋଷଣା କରାଯାଇଛି। ସେହିଭଳି ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍‌ର ମୋଟ ଆୟ ପୂର୍ବ ବର୍ଷ ସମାନ ତ୍ରୈମାସିକ ତୁଳନାରେ ୬% ବୃଦ୍ଧି ସହ ୨୭୩,୨୫୨ କୋଟି ଟଙ୍କା ହୋଇଛି। ଏପରିକି ଜିଓ, ରିଟେଲ ଏବଂ ତୈଳରୁ ରସାୟନ କ୍ଷେତ୍ରରେ ଲାଭରେ ଦୁଇ ଅଙ୍କ ବିଶିଷ୍ଟ ଅଭିବୃଦ୍ଧି ହାସଲ କରିଛି। ଅନ୍ୟାନ୍ୟ ଆୟ ମଧ୍ୟରେ ଏସିଆନ ପେଣ୍ଟସ୍‌ରେ ନିବେଶର ବିକ୍ରିରୁ ୮୯୨୪ କୋଟି ଟଙ୍କା ହାସଲ କରାଯାଇଛି। ଜିଓ ପ୍ଲାଟଫର୍ମସ ଲିମିଟେଡ୍‌ର ପ୍ରଥମ ତ୍ରୈମାସିକ ନେଟ୍‌ଲାଭ ପୂର୍ବବର୍ଷ ତୁଳନାରେ ୨୫% ବୃଦ୍ଧି ପାଇ ୭୧୧୦ କୋଟି ଟଙ୍କା ହୋଇଛି। ଜିଓ ପ୍ଲାଟଫର୍ମସ୍‌ର ତ୍ରୈମାସିକ ରାଜସ୍ୱ ପୂର୍ବ ବର୍ଷ ସମାନ ସମୟ ତୁଳନାରେ ୧୮.୮% ବୃଦ୍ଧି ପାଇ ୪୧୦୫୪ କୋଟି ଟଙ୍କା ହୋଇଛି। ଏହି ତ୍ରୈମାସିକରେ ୯୯ ଲକ୍ଷ ଗ୍ରାହକ ଯୋଡିବା ସହିତ ଜିଓ ଉପଭୋକ୍ତାଙ୍କ ମୋଟ ସଂଖ୍ୟା ୪୯.୮୧ କୋଟିରେ ପହଞ୍ଚିଛି। ଜିଓ ୨୦କୋଟି ୫ଜି ଉପଭୋକ୍ତା ମାଇଲଖୁଣ୍ଟ ହାସଲକରିବା ସହ ଜିଓ ଟ୍ରୁ ୫ଜି ଗ୍ରାହକ ସଂଖ୍ୟା ୨୧.୨ କୋଟିରେ ପହଞ୍ଚିଛି। ଜିଓ ୨ କୋଟିରୁ ଅଧିକ ହୋମ ବ୍ରଡ୍‌ବ୍ୟାଣ୍ଡ ସଂଯୋଗ ହାସଲକରିଛି। ରିଲାଏନ୍ସ ରିଟେଲ ଭେଞ୍ଚର୍ସ ଲିମିଟେଡ୍‌ର ରାଜସ୍ୱ ପୂର୍ବ ବର୍ଷ ସମାନ ସମୟ ତୁଳନାରେ ୧୧.୩% ବୃଦ୍ଧି ପାଇ ୮୪୧୭୧ କୋଟି ଟଙ୍କା ହୋଇଛି। ଏହି ତ୍ରୈମାସିକରେ ରିଲାଏନ୍ସ ରିଟେଲ ୩୮୮ ନୂଆ ଷ୍ଟୋର ଖୋଲିବା ସହ ଏହାର ମୋଟ ଷ୍ଟୋର ସଂଖ୍ୟା ୧୯୫୯୨ ରେ ପହଞ୍ଚିଛି। ୩୫.୮ କୋଟି ଗ୍ରାହକଙ୍କ ସହ ରିଲାଏନ୍ସ ରିଟେଲ ଭାରତର ସର୍ବାଧିକ ପସନ୍ଦିତ ରିଟେଲର ହୋଇଛି। ଓମନିଚ୍ୟାନେଲ ଡେଲିଭେରିରେ ଦୈନିକ ଅର୍ଡର ପୂର୍ବ ବର୍ଷ ତୁଳନାରେ ୧୭୫ % ଏବଂ ପୂର୍ବ ତ୍ରୈମାସିକ ତୁଳନାରେ ୬୮% ବୃଦ୍ଧି ପାଇଛି।

## ସିନ୍‌ରାଇ ପ୍ରାଇମ ସିଇଭି୫ର ଶୁଭାରମ୍ଭ

ଭୁବନେଶ୍ୱର,୧୯।୭

ଟାଟା ହିଟାଚିର ନୂତନ ଉତ୍ପାଦ ତଥା ନେକ୍ସଟ-ଜେନେରେଶନ ବ୍ୟାକ୍‌ହୋ ଲୋଡର 'ସିନ୍‌ରାଇ ପ୍ରାଇମ ସିଇଭି୫'ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ କମ୍ପାନୀର ଏକ୍ସକ୍ଲୁସିଭ ଡିଲର ଶ୍ରୀକୃଷ୍ଣ ଟ୍ରେଡ୍ ପ୍ରାଇଭେଟ୍ ଲିମିଟେଡ୍ ପ୍ରଶାନ୍ତି ବିହାର ଭୁବନେଶ୍ୱର ପକ୍ଷରୁ ଶୁକ୍ରବାର ଏକ ସ୍ୱତନ୍ତ୍ର ଅନାବରଣ ଉତ୍ସବର ଆୟୋଜନ କରାଯାଇଥିଲା। ଏହି ଅବସରରେ ଟାଟା ହିଟାଚିର ବରିଷ୍ଠ ଅଧିକାରୀଙ୍କ ସମେତ ଶ୍ରୀକୃଷ୍ଣ ଟ୍ରେଡ୍ ପ୍ରାଇଭେଟ ଲିମିଟେଡ୍‌ର ବରିଷ୍ଠ ପରିଚାଳନା ଅଧିକାରୀ ଏବଂ ଆଶାୟୀ ଗ୍ରାହକମାନେ ଉପସ୍ଥିତ ଥିଲେ।

ଟାଟା ହିଟାଚିର ଜେନେରାଲ ମ୍ୟାନେଜର (ମାର୍କେଟ) ବିଶ୍ୱାଥ ଚତୁର୍ବେଦୀ କହିଛନ୍ତି, ଏହି ନୂତନ ଉତ୍ପାଦର ଶୁଭାରମ୍ଭ ସହ ଆମେ ଗ୍ରାହକଙ୍କୁ ଏକେଇ ଏକ ଉତ୍ପାଦ ପ୍ରଦାନ କରି ଗର୍ବିତ ଅଛୁ। ଏହା କାର୍ଯ୍ୟଦକ୍ଷତା, ନିର୍ଭରଯୋଗ୍ୟତା ଓ ସ୍ଥାୟିତ୍ୱକୁ ମିଶ୍ରଣ କରୁଛି। ବିଶେଷ କରି ଭାରତୀୟ ଗ୍ରାହକଙ୍କର ବିକଶିତ ଆବଶ୍ୟକତା ପାଇଁ ଏହାକୁ ନିର୍ମାଣ କରାଯାଇଛି। ଏହି ପରବର୍ତ୍ତୀ ପିଢ଼ିର ବ୍ୟାକ୍‌ହୋ ଲୋଡର ଉଦ୍ଭାବନ ଓ ଗ୍ରାହକ-କେନ୍ଦ୍ରିତ ଡିଜାଇନ ପ୍ରତି ଟାଟା ହିଟାଚିର ପ୍ରତିବଦ୍ଧତାକୁ ପ୍ରତିଫଳନ କରୁଛି। ଉନ୍ନତ ଉତ୍ପାଦକତା, କମ୍ ପରିଚାଳନା ଖର୍ଚ୍ଚ ଓ ଆଡଭାନ୍ସଡ ଟେଲିମାଟିକ୍ସ ସହ ସ୍ମାର୍ଟ ମେଶିନ ପରିଚାଳନା ପ୍ରଦାନ କରୁଛି। ସିନ୍‌ରାଇ ପ୍ରାଇମ କେବଳ ଏକ ଉତ୍ପାଦ ନୁହେଁ ବରଂ ବିଶ୍ୱାସ ଓ ମୂଲ୍ୟବୋଧର ଏକ ପ୍ରତିଶ୍ରୁତି ବୋଲି କୁହାଯାଇଛି। ସେହିଭଳି ସିନ୍‌ରାଇ ପ୍ରାଇମ ସିଇଭି ୫ରେ ନିର୍ଭରଯୋଗ୍ୟ ଓ ଶକ୍ତିଶାଳୀ କାପାଜିକ ଇଞ୍ଜିନ, ଉନ୍ନତ ହାଇଡ୍ରୋଲିକ ସିଷ୍ଟମ ସହ ଶ୍ରେଣୀର ଦୀର୍ଘତମ ୨.୪୭ ଏମ ବ୍ୟାକ୍‌ହୋ ବୁମ୍, ଇନ୍‌ସାଇଟ ଟେଲିମାଟିକ୍ସ, ଆର୍‌ଓପିଏସ୍/ଏଫ୍‌ଓପିଏସ୍ କ୍ୟାବିନ ଭଳି ଅପରେଟରଙ୍କ ପାଇଁ ଅତିରିକ୍ତ ସୁରକ୍ଷା ଫିଚର ଆଦି ସାମିଲ ରହିଛି। ସିନ୍‌ରାଇ ପ୍ରାଇମ କମ୍ ଆର୍‌ପିଏମ୍‌ରେ ଚମତ୍କାର ଇନ୍ଧନ ଦକ୍ଷତା ଓ ଉଚ୍ଚ ଟର୍କ ପ୍ରଦାନ ଏବଂ ନିର୍ଗମନ ହ୍ରାସ କରିଥାଏ।

## ବଜାରରେ ନ୍ୟୁ ବିଏମ୍‌ଡବ୍ଲ୍ୟୁ ୨ ସିରିଜ 'ଗ୍ରାନ୍ କୁପ୍'

ଭୁବନେଶ୍ୱର,୧୯।୭

ବିଏମ୍‌ଡବ୍ଲ୍ୟୁ ଗ୍ରୁପର ବହୁ ପ୍ରତୀକ୍ଷିତ ତଥା ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ 'ନ୍ୟୁ ବିଏମ୍‌ଡବ୍ଲ୍ୟୁ ୨ସିରିଜ ଗ୍ରାନ୍ କୁପ୍'ର ଅନାବରଣ ନିକଟରେ ସର୍ବଭାରତୀୟ ସ୍ତରରେ ହୋଇଯାଇଛି। ଏପରିକି ଏହାର ଆକର୍ଷଣୀୟ ଡିଜାଇନ ଓ ସ୍ପୋର୍ଟି ଡ୍ରାଇଭିଂ କ୍ୟାରେକ୍ଟର ସବୁବର୍ଗର ଗ୍ରାହକଙ୍କ ସହ ନିଜର ସ୍ୱତନ୍ତ୍ର ସ୍ଥିତି ସୃଷ୍ଟି କରିଛି। ଅପରପକ୍ଷରେ ଏହି କାର୍‌କୁ ସମସ୍ତ ବିଏମ୍‌ଡବ୍ଲ୍ୟୁ ଇଣ୍ଡିଆ ଡିଲରସିପଗୁଡ଼ିକରେ ବୁକ୍ କରାଯାଇପାରିବ ଏବଂ ଏହାର ଡେଲିଭରି ଖୁବଶୀଘ୍ର ଆରମ୍ଭ ହେଉଛି। ଉଲ୍ଲେଖଯୋଗ୍ୟ, ବିଏମ୍‌ଡବ୍ଲ୍ୟୁ ଗ୍ରୁପ୍‌ର ଚେନ୍ନାଇ ପ୍ଲାଣ୍ଟରେ ଉତ୍ପାଦିତ ତଥା ୨ୟ ପିଢ଼ିର ବିଏମ୍‌ଡବ୍ଲ୍ୟୁ ୨ ସିରିଜ ଗ୍ରାନ୍ କୁପ୍ ଦେଶବ୍ୟାପୀ ସ୍ୱତନ୍ତ୍ର ଭାବେ ପେଟ୍ରୋଲ ପାୱାରଟ୍ରେନରେ ଉପଲବ୍ଧ ହେଉଛି।

ସେହିଭଳି ନୂଆ ବିଏମ୍‌ଡବ୍ଲ୍ୟୁ ୨ ସିରିଜ ଗ୍ରାନ୍ କୁପ୍ ୧.୫ ଲିଟର ଥ୍ରୀ ସିଲିଣ୍ଡର, ପେଟ୍ରୋଲ ଇଞ୍ଜିନ, ୧୧୫ କେଡବ୍ଲ୍ୟୁ-୧୫୬ଏଚପିର ଏକ ଆଉଟପୁଟ ଏବଂ




୧୫୦୦-୪୬୦୦ଆର୍‌ପିଏମ୍‌ରେ ୨୩୦ଏନ୍‌ଏମ୍‌ର ଏକ ମ୍ୟାକ୍ସିମମ ଟର୍କ ସୃଷ୍ଟି କରିଥାଏ। ଏହି କାର୍ ଘଣ୍ଟା ପ୍ରତି ୨୩୦ କି.ମି.ର ଟପ୍ ସ୍ପିଡ୍ ସହିତ ୮.୬ ସେକେଣ୍ଡରେ ୦-୧୦୦କି.ମି. ଘଣ୍ଟା ପ୍ରତି ବେଗରେ ଗତି କରିଥାଏ।

ଏ ସମ୍ପର୍କରେ ବିଏମ୍‌ଡବ୍ଲ୍ୟୁ ଗ୍ରୁପ୍ ଇଣ୍ଡିଆର ପ୍ରେସିଡେଣ୍ଟ ତଥା ସିଇଓ ହରଦୀପ ସିଂହ ବ୍ରାର କହିଛନ୍ତି, ନ୍ୟୁ ବିଏମ୍‌ଡବ୍ଲ୍ୟୁ ୨ ସିରିଜ ଗ୍ରାନ୍ କୁପ୍ ନିଜର ସ୍ପୋର୍ଟି ସିଲହୋଟ୍ ଓ ଆକର୍ଷଣୀୟ ଡିଜାଇନ ସହ ପ୍ରତ୍ୟେକ ସ୍ଥାନରେ ଲୋକଙ୍କ ଧ୍ୟାନ ଆକର୍ଷିତ କରୁଛି। ଏହାର ଭିତରେ ଓ ବାହାରେ ବିଳାସପୂର୍ଣ୍ଣ ସ୍ପର୍ଶ ଓ ମନୋଭାବ ସହ ସୁସଜ୍ଜିତ ରହିଛି। ଏହି କାର୍ ଆପଣଙ୍କ ଷ୍ଟାଇଲ ସହ ଉପଯୁକ୍ତ ଭାବେ ମେଳ ଖାଉଛି। ଉକ୍ତ କାର୍ ବ୍ରୁକଲିନ ଗ୍ରେ ମେଟାଲିକ, ପୋର୍ଟିମାଓ ବ୍ଲୁ ମେଟାଲିକ, ବ୍ଲାକ ସାଫାୟାର ମେଟାଲିକ ଓ ଆଲ୍ପାଇନ ହ୍ୱାଇଟ ଭଳି ଏକ୍ସଟେରିଅର ଏବଂ ଭେରା ଏସ୍‌ପ୍ରେସୋ ବ୍ରାଉନ ଓ ଭେରା କାଳ ବ୍ଲିକ୍ ଭଳି ଅପହୋଲଷ୍ଟେରୀ ବିକଳ୍ପଗୁଡ଼ିକରେ ଉପଲବ୍ଧ ହେବ।

## ନୂତନ ସଞ୍ଚୟ ଆକାଉଣ୍ଟ 'ଗତି'

ଭୁବନେଶ୍ୱର,୧୯।୭

ଫିନୋ ପେମେଣ୍ଟସ ବ୍ୟାଙ୍କର ବହୁ ପ୍ରତୀକ୍ଷିତ ତଥା ନୂତନ ସଞ୍ଚୟ ଆକାଉଣ୍ଟ 'ଗତି'ର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ବିଶେଷ କରି ବ୍ୟାଙ୍କିଙ୍ଗ ବ୍ୟବସ୍ଥାକୁ ସହଜ, ସରଳ ଏବଂ ସୁବିଧାଜନକ କରିଥିବାବେଳେ ଫିନୋ ପେମେଣ୍ଟସ ବ୍ୟାଙ୍କ ସମ୍ପ୍ରତି ଏକ ନୂଆ ବ୍ୟାଙ୍କ ଆକାଉଣ୍ଟ ଖୋଲିବା ପରେ ଗ୍ରାହକମାନଙ୍କର ବ୍ୟାଙ୍କିଙ୍ଗ କାରବାରକୁ ତତ୍‌କ୍ଷଣାତ କାରବାର ନିମନ୍ତେ ସମର୍ଥ କରାଇବା ଉପରେ ଦୃଷ୍ଟିନିବଦ୍ଧ କରୁଛି। ସେହିଭଳି ଏହି ଉତ୍ପାଦ ଏକ ସୁଲଭ ଢଙ୍ଗରେ ବ୍ୟାଙ୍କିଙ୍ଗ ସେବା ନିମନ୍ତେ ଡିଜିଟାଲ ପ୍ଲାଟଫର୍ମ ବ୍ୟବହାର କରିବାକୁ ଆକାଂକ୍ଷା ରଖୁଥିବା ଗ୍ରାହକମାନଙ୍କର ଆବଶ୍ୟକତା ପୂରଣ କରିବାକୁ ପ୍ରସ୍ତୁତ କରାଯାଇଛି। ଭାରତରେ ଡିଜିଟାଇଜେସନ ଦ୍ରୁତଗତିରେ ପ୍ରସାର ଲାଭ କରୁଥିବାବେଳେ ଏହି ବିଭାଗର ଗ୍ରାହକମାନେ ସୁବିଧାଜନକ ବର୍ଦ୍ଧିତ ଗ୍ରହଣୀୟତା ସହିତ ଫିଜିଟାଲରୁ ଡିଜିଟାଲକୁ ସ୍ଥାନାନ୍ତରିତ ହେବା ନିମନ୍ତେ ପ୍ରସ୍ତୁତ ରହିଛନ୍ତି। ଏ ସମ୍ପର୍କରେ ଫିନୋ ପେମେଣ୍ଟସ ବ୍ୟାଙ୍କର ଚାଇଫ ମୁଖ୍ୟ/ବ୍ୟାଶନାଲ ହେଡ୍ (ଚାନେଲସ୍) ଦର୍ପଣ ଆନନ୍ଦ କହିଥିଲେ, ଗ୍ରାମାଞ୍ଚଳ ଗ୍ରାହକମାନଙ୍କ ମଧ୍ୟରେ ଏହାର ଚାହିଦା ରହିଛି। ଏପରିକି ବୟସ ନିର୍ବିଶେଷରେ ବରିଷ୍ଠ ନାଗରିକଙ୍କ ମଧ୍ୟରେ ସ୍ମାର୍ଟଫୋନ ବ୍ୟବହାର ବୃଦ୍ଧିପାଉଛି। ତେଣୁ ଏହି ବର୍ଗର ଗ୍ରାହକମାନଙ୍କ ନିମନ୍ତେ ଡିଜିଟାଲ ବ୍ୟାଙ୍କିଙ୍ଗ ନିକଟତର କରାଇବାକୁ ଆମର ଲକ୍ଷ୍ୟ ରହିଛି। ରଣକୌଶଳାତ୍ମକ ଉଦ୍ଦେଶ୍ୟ ମୁତାବକ ଗତି ସଞ୍ଚୟ ଆକାଉଣ୍ଟ ପ୍ରଚଳନ କରାଯାଇଛି। ଆମର ମର୍ଚ୍ଚାଣ୍ଟମାନେ ସମଗ୍ର ରାଜ୍ୟରେ ପରିବ୍ୟାପ୍ତ ହୋଇ ରହିଛନ୍ତି ଏବଂ ସେମାନେ ଗତି ଆକାଉଣ୍ଟ ଖୋଲିବା ପ୍ରକ୍ରିୟା ସୁଗମ କରିବାରେ ସହାୟତା କରିବା ସହ ତାହା କାରବାର ନିମନ୍ତେ ତତ୍‌କ୍ଷଣାତ ପ୍ରସ୍ତୁତ ହେବା ସୁନିଶ୍ଚିତ କରିପାରିବେ।

# ଦୁଗ୍ଧଚାଷୀଙ୍କୁ ମିଳିବ ଗୀର୍ ଗାଈ, ଗୋବର ଗ୍ୟାସ୍ ପ୍ଲାଣ୍ଟ: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୧୯।୭
(ସୁନିତ ମିଶ୍ର/ଅନୁରାଧା ମହାରଣା)

ରାଜ୍ୟରେ ଦୁଗ୍ଧଚାଷୀଙ୍କ ରୋଜଗାର ବୃଦ୍ଧି ପାଇଁ ସରକାରଙ୍କ ପଦକ୍ଷେପ ଜାରି ରହିଛି। ଆଗାମୀ ଦିନରେ ରାଜ୍ୟ ସରକାର ଦୁଗ୍ଧ ଉତ୍ପାଦନ ବୃଦ୍ଧି ପାଇଁ କାମଧେନୁ ଯୋଜନା ମାଧ୍ୟମରେ ଚାଷୀଙ୍କୁ ଅଧିକ ଅମଳକ୍ଷମ ପ୍ରଜାତିର ୧୦ ହଜାର ଗାଈ ଯୋଗାଇଦେବା ପାଇଁ ଲକ୍ଷ୍ୟ ରଖିଛନ୍ତି। ଓଡ଼ିଶାରେ ଶ୍ୱେତ ବିପ୍ଳବର କର୍ଣ୍ଣଧାର ଓମଫେଡ୍ ମାଧ୍ୟମରେ ଦୁଗ୍ଧଚାଷକୁ ପ୍ରୋତ୍ସାହନ ଦିଆଯାଇ ରାଜ୍ୟର 'ଗୋ ଅର୍ଥନୀତି'କୁ ସମୃଦ୍ଧ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶନିବାର କଟକ ଅରିଲୋଠାରେ ନ୍ୟାଶନାଲ ଡେଏରୀ ଡେଭେଲପ୍‌ମେଣ୍ଟ ବୋର୍ଡ (ଏନ୍‌ଡିଡିବି) ଏବଂ ଓମ୍‌ଫେଡ୍ ମଧ୍ୟରେ ଚୁକ୍ତି ସ୍ୱାକ୍ଷର ଅବସରରେ କହିଛନ୍ତି। ଏହି ଚୁକ୍ତିନାମା ଜରିଆରେ ଏନ୍‌ଡିଡିବି ରାଜ୍ୟର ଦୁଗ୍ଧଚାଷୀଙ୍କୁ ଅଧିକ ଦୁଗ୍ଧ ଅମଳକ୍ଷମ ଗୀର୍, ସହିୱାଲ ଓ କ୍ରସ୍ ବ୍ରିଡ୍ ପ୍ରଜାତିର ପ୍ରାୟ ୩ରୁ ୪ ହଜାର ଗାଈ ଯୋଗାଇଦେବ। ଏଥିସହିତ ଆଗାମୀ ଦିନରେ ଏନ୍‌ଡିଡିବି ସହାୟତାରେ ରାଜ୍ୟରେ ଗୋବର ଗ୍ୟାସ ପ୍ଲାଣ୍ଟ ମଧ୍ୟ ସ୍ଥାପନ କରାଯିବ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ୭.୫୦ କୋଟି ଟଙ୍କା ବିନିଯୋଗରେ ୨ ହଜାରରୁ ୧୫ ହଜାର ଲିଟରବିଶିଷ୍ଟ ୨୨ଟି ମିଲ୍କ ଟ୍ୟାଙ୍କର ରାଜ୍ୟର ବିଭିନ୍ନ ଦୁଗ୍ଧଚାଷୀ ସଂଘକୁ ପ୍ରଦାନ କରିବା ସହିତ ୩ କୋଟି ୫୦ ଲକ୍ଷ ଟଙ୍କା ବ୍ୟୟରେ ସ୍ଥାପିତ ୩ଟି ଗୁଣ୍ଡ ଦୁଗ୍ଧ ପ୍ୟାକିଙ୍ଗ ମେସିନ ଏବଂ ଓମଫେଡ୍ ଡେଏରୀ ପ୍ଲାଣ୍ଟର କର୍ମଚାରୀଙ୍କ ପାଇଁ ୬୨ଟି କ୍ୱାର୍ଟର୍ସ ଉଦ୍‌ଘାଟନ କରିଥିଲେ। ମୁଖ୍ୟମନ୍ତ୍ରୀ କହିଲେ, ଏବେ ରାଜ୍ୟର ଦୈନିକ ଦୁଗ୍ଧ ଉତ୍ପାଦନ ୭୨ ଲକ୍ଷ ଲିଟର ରହିଛି। ୨୦୩୬ ସୁଦ୍ଧା ଏହି ପରିମାଣ ୧୬୫ ଲକ୍ଷ ଲିଟର ଏବଂ ୨୦୪୭ ସୁଦ୍ଧା ଏହାକୁ ୨୭୫ ଲକ୍ଷ ଲିଟରରେ ପହଞ୍ଚାଇବା ଲକ୍ଷ୍ୟ ରହିଛି। ଦୀର୍ଘ ୪୫ ବର୍ଷ ଧରି ଦୁଗ୍ଧ ଉତ୍ପାଦନ, ସଂଗ୍ରହ ଏବଂ ବିକ୍ରୟ ସହିତ ରାଜ୍ୟର ଦୁଗ୍ଧଚାଷୀଙ୍କ ଆର୍ଥିକ ବିକାଶରେ ଓମଫେଡ୍ ଗୁରୁତ୍ୱପୂର୍ଣ୍ଣ ଭୂମିକା ରଖିଆସୁଛି। ଏବେ ଓମ୍‌ଫେଡ୍ ଉତ୍ପାଦଗୁଡ଼ିକର ବିବିଧକରଣ କରିବା ସହିତ ଗୁଣ୍ଡ ଦୁଗ୍ଧ, ପନିର, ବଟର, ଛେନାପୋଡ, ଆଇସ୍କ୍ରିମ, ସୁବାସିତ ଦୁଗ୍ଧ, ମିଠା ଦହି, ପେଡା, ରାବିଡି ଆଦି ଅନେକ ଉତ୍ପାଦ ପ୍ରସ୍ତୁତ କରୁଛି। ଯୁବବର୍ଗ ମଧ୍ୟ ଏହା ମାଧ୍ୟମରେ ଭଲ ରୋଜଗାର କରିପାରୁଛନ୍ତି। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ମହାପ୍ରସାଦ ଓ ଅନ୍ୟାନ୍ୟ ନୀତିକାନ୍ତି ପାଇଁ ପ୍ରାୟ ୩୦ ମେଟ୍ରିକ ଟନ ଘିଅ ଯୋଗାଇଦେବାକୁ ଓମଫେଡ୍ ଏବଂ ଶ୍ରୀମନ୍ଦିର ପ୍ରଶାସନ ମଧ୍ୟରେ ଚୁକ୍ତି ହୋଇଛି। ସେହିପରି ବାୟୋଗ୍ୟାସ ପ୍ଲାଣ୍ଟ ପ୍ରତିଷ୍ଠା ମାଧ୍ୟମରେ ଗୋପାଳକମାନେ ଗୋବରରୁ ଗ୍ୟାସ ଉତ୍ପାଦନ କରି ନିଜେ ବ୍ୟବହାର କରିବା ସହ ବଳକା ଗ୍ୟାସ ମଧ୍ୟ ବିକ୍ରି କରି ରୋଜଗାର ବୃଦ୍ଧି କରିପାରିବେ। ବାୟୋଗ୍ୟାସ ବାହାରିବା ପରେ ଗୋବର ମଣ୍ଡକୁ ଚାଷଜମିରେ ବ୍ୟବହାର କରି ଫସଲ ଉତ୍ପାଦନ ମଧ୍ୟ ବୃଦ୍ଧି କରାଯାଇପାରିବ। ଦେଶରେ ମୁଣ୍ଡପିଛା ଦୁଗ୍ଧ ଉତ୍ପାଦନ ୪୭୧ ଗ୍ରାମ୍ ରହିଛି। ରାଜ୍ୟ ସରକାର ମଧ୍ୟ ଦୁଗ୍ଧ ଉତ୍ପାଦନ ବୃଦ୍ଧି ପାଇଁ ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନାରେ ଚାଷୀଙ୍କୁ ୭୦ ପ୍ରତିଶତ ପର୍ଯ୍ୟନ୍ତ ଆର୍ଥିକ ସହାୟତା ଯୋଗାଇ ଦେଉଛନ୍ତି। ଗାଈଗୋରୁଙ୍କ ସୁରକ୍ଷା ସହ ପରିଚାଳନା ଏବଂ ଚିକିତ୍ସା ପାଇଁ ମଧ୍ୟ ଆମ ସରକାର ଗୋମାତା ଯୋଜନା ଲାଗୁ କରିଛନ୍ତି। ନୂତନ ଗୋଶାଳା ପ୍ରତିଷ୍ଠା ଏବଂ ପଞ୍ଜୀକୃତ ଗୋଶାଳାକୁ ମଧ୍ୟ ମୁଖ୍ୟମନ୍ତ୍ରୀ ପ୍ରାଣୀକଲ୍ୟାଣ ଯୋଜନାରେ ସହାୟତା ଦେବାକୁ ଲକ୍ଷ୍ୟ ରହିଥିବା ମୁଖ୍ୟମନ୍ତ୍ରୀ କହିଛନ୍ତି।

କାର୍ଯ୍ୟକ୍ରମରେ ମତ୍ସ୍ୟ ଓ ପ୍ରାଣୀ ବିଭାଗ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ଏମ୍‌ପି ଭର୍ତ୍ତୃହରି ମହତାବ, ଓମଫେଡ୍ ସଭାପତି କିଶୋର ଚନ୍ଦ୍ର ପ୍ରଧାନୀ, ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ବିଭାଗର ପ୍ରମୁଖ ଶାସନ ସଚିବ ସୁରେଶ କୁମାର ବଶିଷ୍ଠ, ଏନ୍‌ଡିଡିବି ଡେଏରୀ ସର୍ଭିସେସ୍‌ର ପରିଚାଳନା ନିର୍ଦ୍ଦେଶକ ଦେବାନନ୍ଦ, ଓମଫେଡ୍‌ର ପରିଚାଳନା ନିର୍ଦ୍ଦେଶକ ବିଜୟ ଅମୃତା କୁଲାଙ୍ଗେ, ଓମଫେଡ୍ ପରିଚାଳନା ସମିତି ସଦସ୍ୟ ଓ ବିଭିନ୍ନ ଦୁଗ୍ଧ ସଂଘର ଅଧ୍ୟକ୍ଷମାନେ ଉପସ୍ଥିତ ଥିଲେ।



ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉପସ୍ଥିତିରେ ଏନ୍‌ଡିଡିବି ଏବଂ ଓମ୍‌ଫେଡ୍ ମଧ୍ୟରେ ହୋଇଥିବା ଚୁକ୍ତି ସ୍ୱାକ୍ଷର।

**ଏନ୍‌ଡିଡିବି-ଓମ୍‌ଫେଡ୍ ମଧ୍ୟରେ ଚୁକ୍ତି**

- କର୍ମଚାରୀଙ୍କ ପାଇଁ ୬୨ କ୍ୱାର୍ଟର୍ସ ଉଦ୍‌ଘାଟିତ
- ଦୁଗ୍ଧଚାଷୀ ସଂଘକୁ ୨୨ ଦୁଗ୍ଧ ପରିବହନ ଟ୍ୟାଙ୍କର ପ୍ରଦାନ

# ତୁରନ୍ତ ମହିଳା କମିଶନର ନିଯୁକ୍ତି ନ କଲେ ତାଲା ପକାଇବୁ: ବିଜେଡି


ବିଜୁ ମହିଳା ଜନତା ଦଳ ପକ୍ଷରୁ ମହିଳା କମିଶନରଙ୍କ ଅଫିସ୍ ସମ୍ମୁଖରେ ଧାରଣା।

ଭୁବନେଶ୍ୱର,୧୯।୭(ସୁନିତ୍ ମିଶ୍ର): ରାଜ୍ୟରେ ଦିନକୁ ଦିନ ମହିଳା ଓ ଶିଶୁମାନେ ଅସୁରକ୍ଷିତ ମନେକରିବା ସହ ନିର୍ଯାତନା ଓ ବଳାତ୍କାର ହାର ବୃଦ୍ଧି ପାଇବାରେ ଲାଗିଛି। କିନ୍ତୁ ଆଶ୍ଚର୍ଯ୍ୟଜନକ କଥା ରାଜ୍ୟରେ ଭାଜପା ସରକାର ଆସିବାର ୧୪ ମାସ ବିତିଗଲା ପରେ ମଧ୍ୟ ରାଜ୍ୟ ମହିଳା କମିଶନ ଓ ଶିଶୁ ସୁରକ୍ଷା କମିଶନ ପଦବୀ ଏପର୍ଯ୍ୟନ୍ତ ପୂରଣ ହୋଇପାରିନାହିଁ। ଏହାର ପ୍ରତିବାଦରେ ଶନିବାର ପୂର୍ବାହ୍ନ ୧୧ଟା ସମୟରେ ବିଜୁ ମହିଳା ଜନତା ଦଳ ପକ୍ଷରୁ ରାଜ୍ୟ ମହିଳା କମିଶନ କାର୍ଯ୍ୟାଳୟ ସମ୍ମୁଖରେ ଘଣ୍ଟେ ପର୍ଯ୍ୟନ୍ତ ଗଣଧାରଣା ଦିଆଯାଇଛି। ଜଣେ ନାରୀ ଉପରେ ଅତ୍ୟାଚାର ହେଲେ ପ୍ରଥମେ ସେ ମହିଳା କମିଶନର ଦ୍ୱାରସ୍ଥ ହୋଇଥାନ୍ତି। ହେଲେ ଦୁଃଖ ଓ ପରିତାପର କଥା ମହିଳା କମିଶନ ଓ ଶିଶୁ ସୁରକ୍ଷା କମିଶନର ଅଧ୍ୟକ୍ଷ ଏପର୍ଯ୍ୟନ୍ତ ନିଯୁକ୍ତ ଦେଲେ ନାହିଁ। ଯଦି ସରକାର ଆଗାମୀ ଦିନରେ ଏହି ଗୁରୁତ୍ୱପୂର୍ଣ୍ଣ ପଦବୀ ପୂରଣ ନ କରନ୍ତି ବିଜୁ ମହିଳା ଜନତା ଦଳ କମିଶନ ଅଫିସରେ ତାଲା ପକାଇବା ସହ ଘେରାଉ କରିବ ବୋଲି ଚେତାବନୀ ଦେଇଛି। ଏହି ଗୁରୁତ୍ୱପୂର୍ଣ୍ଣ ପଦବୀ ପୂରଣ ନ ହେବାରୁ ରାଜ୍ୟର ବିଭିନ୍ନ ଅତ୍ୟାଚାରର ଶିକାର ହୋଇଥିବା ମହିଳା ଓ ଶିଶୁ ନିଜ ନିଜର ନ୍ୟାୟ ପାଇବାରୁ ବଞ୍ଚିତ ହେଉଛନ୍ତି ବୋଲି ବିଜେଡି ପକ୍ଷରୁ ଅଭିଯୋଗ କରାଯାଇଛି। ଏହି ଆନ୍ଦୋଳନରେ ପୂର୍ବତନ ଏମ୍‌ପି ଶର୍ମିଷ୍ଠା ସେଠୀ, ମେୟର ସୁଲୋଚନା ଦାସ, ଡେପୁଟି ମେୟର ମଞ୍ଜୁଲତା କହଁର ପ୍ରମୁଖ ଯୋଗଦେଇଥିଲେ।

# ଭୁବନେଶ୍ୱର ରେଳଷ୍ଟେଶନ ପୁନଃବିକାଶ କାର୍ଯ୍ୟ ନିରୀକ୍ଷଣ କଲେ ଭି. ସୋମନ୍ନା

## ଓଡ଼ିଶାକୁ ୧୨.୫ ଗୁଣ ଅଧିକ ବଜେଟ ଆବଣ୍ଟନ କରାଯାଉଛି

ଭୁବନେଶ୍ୱର, ୧୯।୭(ଅନୁରାଧା ମହାରଣା)

ରେଳ ଏବଂ ଜଳ ଶକ୍ତି ରାଷ୍ଟ୍ରମନ୍ତ୍ରୀ ଭି. ସୋମନ୍ନା ଶନିବାର ଭୁବନେଶ୍ୱର ରେଳଷ୍ଟେଶନରେ ଚାଲିଥିବା ପୁନଃବିକାଶ କାର୍ଯ୍ୟ ନିରୀକ୍ଷଣ କରିଛନ୍ତି। ଏହି ଅବସରରେ ସୋମନ୍ନା କହିଛନ୍ତି, ନରେନ୍ଦ୍ର ମୋଦି ସରକାରଙ୍କ ଅଧୀନରେ ଓଡ଼ିଶା ରେଳ ବିକାଶ ପାଇଁ ବଜେଟ ବଣ୍ଟନରେ ଉଲ୍ଲେଖନୀୟ ବୃଦ୍ଧି ପାଇଛି। ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ଓଡ଼ିଶାକୁ ୧୦,୫୯୯ କୋଟି ଟଙ୍କା ବରାଦ ହୋଇଛି, ଯାହା ୨୦୦୯-୧୪ ସମୟରେ ବରାଦ ହୋଇଥିବା ୮୩୮ କୋଟି ଟଙ୍କାର ୧୨.୫ ଗୁଣ ଅଧିକ। ରାଜ୍ୟରେ ୫୯ଟି ରେଳଷ୍ଟେଶନର ପୁନର୍ବିକାଶ କାର୍ଯ୍ୟ ୨,୩୭୯ କୋଟି ଟଙ୍କା ବ୍ୟୟରେ ଚାଲିଛି। ବର୍ତ୍ତମାନ ରାଜ୍ୟରେ ବିଭିନ୍ନ ଅନୁମୋଦିତ କାର୍ଯ୍ୟ ଅଧୀନରେ ୮୦ହଜାର କୋଟି ଟଙ୍କାରୁ ଅଧିକ ମୂଲ୍ୟର ରେଳ ପ୍ରକଳ୍ପ କାର୍ଯ୍ୟକାରୀ ହେଉଛି। ଗତ ବର୍ଷକ ମଧ୍ୟରେ ରାଜ୍ୟରେ ୮ଟି ନୂଆ ରେଳ ପ୍ରକଳ୍ପ, ମଲ୍ଟିଟ୍ରାକିଂ ଏବଂ ଫ୍ଲାଇଓଭର କାର୍ଯ୍ୟ ପାଇଁ ୨୫ହଜାର କୋଟି ଟଙ୍କାରୁ ଅଧିକ ଅର୍ଥ ଅନୁମୋଦନ କରାଯାଇଛି। 'ଅମୃତ ଭାରତ ଷ୍ଟେଶନ ଯୋଜନା'ରେ ଭୁବନେଶ୍ୱର ରେଳଷ୍ଟେଶନର ପୁନଃବିକାଶ କାର୍ଯ୍ୟ କରାଯାଉଛି ଏବଂ ଏହି କାର୍ଯ୍ୟ ବହୁତ ଭଲ ଗତିରେ ଆଗେଇ ଚାଲିଛି। ରେଳଷ୍ଟେଶନ ବିକାଶ କାର୍ଯ୍ୟରେ ଉଚ୍ଚ ଆପ୍ରୋଚ ରୋଡ୍ ଏବଂ ଷ୍ଟେଶନକୁ ଯାଉଥିବା ଯାତ୍ରୀ ଏବଂ ଷ୍ଟେଶନ ବାହାରକୁ ଆସୁଥିବା ଯାତ୍ରୀଙ୍କ ଗମନାଗମନକୁ ପୃଥକୀକରଣ ଅନ୍ତର୍ଭୁକ୍ତ ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି। ଏହି ନିରୀକ୍ଷଣ ସମୟରେ ତାଙ୍କ ସହ ପୂର୍ବତଟ ରେଳପଥର ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲ ଓ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଭୁବନେଶ୍ୱର ରେଳ ଷ୍ଟେଶନର ଏହି ପୁନଃବିକାଶ ପ୍ରକଳ୍ପରେ ଯାତ୍ରୀଙ୍କ ପାଇଁ ଆଧୁନିକ ସୁବିଧା ସୁଯୋଗ ଥିବା ପ୍ରବେଶପଥ, ସର୍କୁଲେଟିଂ ଏରିଆ, ପ୍ରତୀକ୍ଷା ହଲ, ଶୌଚାଳୟ, ଲିଫ୍ଟ/ଏସ୍କାଲେଟର, ପରିଷ୍କାର ପରିଚ୍ଛନ୍ନତା, 'ୱାନ ଷ୍ଟେଶନ ୱାନ ପ୍ରଡକ୍ଟ' ଭଳି ଯୋଜନା ମାଧ୍ୟମରେ ସ୍ଥାନୀୟ ଉତ୍ପାଦ ପାଇଁ କିଓସ୍କ, ଉନ୍ନତ ଯାତ୍ରୀ ସୂଚନା ପ୍ରଣାଳୀ, ଦିବ୍ୟାଙ୍ଗଜନଙ୍କ ପାଇଁ ସୁବିଧା, ସ୍ଥାୟୀ ଏବଂ ପରିବେଶ ଅନୁକୂଳ ସମାଧାନ, କାର୍ଯ୍ୟନିର୍ବାହୀ ଲାଉଞ୍ଜ, ବାଣିଜ୍ୟିକ ବିକାଶ ବୈଠକସ୍ଥଳ ଆଦି ସୁବିଧା ରହିବ।


କେନ୍ଦ୍ରମନ୍ତ୍ରୀ ଭି. ସୋମନ୍ନା ଭୁବନେଶ୍ୱର ରେଳ ଷ୍ଟେଶନରେ ପୁନଃବିକାଶ କାର୍ଯ୍ୟର ନିରୀକ୍ଷଣ କରୁଛନ୍ତି।

# ୱେବ୍ ଚ୍ୟାନେଲ ଖବରଦାତାଙ୍କୁ ହତ୍ୟା ଘଟଣା, ୨ ଗିରଫ

**ମାଲକାନଗିରି,୧୯।୭(ଦୁର୍ଯ୍ୟୋଧନ ପାତ୍ର):** ମାଲକାନଗିରି ଜିଲା ମୋଟୁ ଥାନା ମୁରଲିଗୁଡା ଗ୍ରାମରେ ଜଣେ ୱେବ୍ ଚ୍ୟାନେଲ ଖବରଦାତାଙ୍କୁ ଗତ ୧୨ ତାରିଖରେ ହତ୍ୟା କରାଯାଇଥିଲା। ଶନିବାର ଏହି ଘଟଣାର ପର୍ଦ୍ଦାଫାଶ ହୋଇଛି। ଏଥିରେ ସମ୍ପୃକ୍ତ ୨ଜଣଙ୍କୁ ହାଇଦ୍ରାବାଦ୍‌ରୁ ପୋଲିସ ଗିରଫ କରିଛି। ସେମାନେ ହେଲେ ଏମ୍‌ଭି ୭୫ ଗ୍ରାମର ସୁକୁମାର ରାୟ ଓ ଏମ୍‌ପିଭି ୮୨ ଗ୍ରାମର କୋଙ୍କନ ଜୋଦ୍ଦାର ।ଖବରଦାତା ସମ୍ମିଳନୀରେ ମାଲକାନଗିରି ଏସ୍‌ପି ବିନୋଦ ପାଟିଲଙ୍କ ସୂଚନା ଅନୁଯାୟୀ, ଗତ ୧୨ ତାରିଖରେ ମୋଟୁ ଗ୍ରାମର ୱେବ୍ ଚ୍ୟାନେଲ ଖବରଦାତା ସି.ହେଚ୍. ନରେଶ ଓ ତାଙ୍କ ସହ ୪ ଜଣ ଖବର ସଂଗ୍ରହ କରିବା ପାଇଁ ନିକଟସ୍ଥ ମୁରଲିଗୁଡା ଗ୍ରାମକୁ ଯାଇଥିଲେ। ସେଠାରେ ଥିବା ସମୟରେ ଦୁଇଟି ବାଇକ୍‌ରେ ୫ ଜଣ ଆସି କୌଣସି କାରଣରୁ ସେମାନଙ୍କ ମଧ୍ୟରୁ ଦୁଇଜଣ ନରେଶଙ୍କୁ ଖଣ୍ଡାରେ ଆକ୍ରମଣ କରିଥିଲେ। ତାଙ୍କ ବାମହାତରେ ଖଣ୍ଡା ଚୋଟ ବାଜିଥିଲା, ଫଳରେ ସେ ଗୁରୁତର ହୋଇପଡିଥିଲେ। ତାଙ୍କୁ ପାଖରେ ଥିବା ଅନ୍ୟମାନେ ମାଲକାନଗିରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ନରେଶଙ୍କ ପାଖରେ ଥିବା ତରୁଣ କୁମାରଙ୍କ ଉପରେ ମଧ୍ୟ ଆକ୍ରମଣ କରିବାକୁ ଚେଷ୍ଟା କରୁଥିବା ବେଳେ ସେ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ଏ ଘଟଣାର ତଦନ୍ତକରି ପୋଲିସ ସୁକୁମାର ରାୟ ଓ କୋଙ୍କନ ଜୋଦ୍ଦାରଙ୍କୁ ହାଇଦ୍ରାବାଦରୁ ଗିରଫ କରି ଆଣିଛି। ତେବେ କେଉଁ କାରଣରୁ ନରେଶଙ୍କ ଉପରେ ଆକ୍ରମଣ ହୋଇଥିଲା ସେ ସମ୍ପର୍କରେ ସ୍ପଷ୍ଟ ହୋଇ ନ ଥିବା ବେଳେ ଏହାର ତଦନ୍ତ ଜାରି ରହିଥିବା ଏସ୍‌ପି ପାଟିଲ କହିଛନ୍ତି।

No.CAD-1154

idco | ODISHA NEW OPPORTUNITIES

**OFFICE OF THE CHIEF GENERAL MANAGER (P&C), IDCO, IDCO TOWERS, JANPATH, BHUBANESWAR-751022**

Tender Call Notice No. IDCO:H.O./P&C/EST/E-2833/01/2025/20496 Dated : 11.07.2025

**NOTICE INVITING TENDER UNDER NATIONAL COMPETITIVE BIDDING THROUGH e-Procurement**

1. Name of the work : Construction of proposed 4-lane Approach Road and 2-lane Internal Road along with CD Structure at Sahaspur Industrial Area in Khordha Dist., Odisha.
2. Estimated cost : Rs.1368.22 lakh
3. Period of completion : 10 (Ten) Calendar months
4. Other details :

| Procurement Officer | Bid ID/Tender reference No. | Availability of Tender on-Line for Bidding | |
|---|---|---|---|
| 1 | 2 | 3 | 4 |
| Chief General Manager (P&C), IDCO, IDCO Towers, Bhubaneswar | Tender Reference No. P&C/EST/E-28/ 2025-26 | 21.07.2025 at 17.00 Hrs | 05.08.2025 up to 17.00 Hrs |

Further details can be seen from the e-procurement portal, www.tendersodisha.gov.in and Corrigendum if any will not be published in newspapers and can only be seen in the e-Procurement portal www.tendersodisha.gov.in and www.idco.in.

Sd./- Chief General Manager (P&C)
OIPR-14003/11/0204/2526 IDCO, Bhubaneswar

# ୩ ଦିନରେ ପ୍ରଦର୍ଶନ ହେବ ୧୦୮ ସିନେମା

## ୨୪ରୁ ସପ୍ତମ ବାଇସ୍କୋପ୍ ଫିଲ୍ମ ଫେଷ୍ଟିଭାଲ


କଟକସ୍ଥିତ ଜାତୀୟ ଆଇନ ବିଶ୍ୱବିଦ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଉଛି।

କଟକ,୧୯।୭(କାର୍ତ୍ତିକ ସାହୁ)

ଗାଜିଆବାଦର ପ୍ରିଜ୍‌ମ ମୋଶନ ପିକ୍‌ଚର ପକ୍ଷରୁ କଟକସ୍ଥିତ ଜାତୀୟ ଆଇନ ବିଶ୍ୱବିଦ୍ୟାଳୟ ସହଯୋଗରେ ସପ୍ତମ ବାଇସ୍କୋପ୍ ଫିଲ୍ମ ଫେଷ୍ଟିଭାଲ ଆସନ୍ତା ୨୪ ତାରିଖରୁ ଅନୁଷ୍ଠିତ ହେବ। ବିଶ୍ୱବିଦ୍ୟାଳୟ ପରିସରରେ ୩ଦିନ ବ୍ୟାପୀ ହେବାକୁ ଥିବା ଫେଷ୍ଟିଭାଲରେ ୧୦୮ଟି ସିନେମା ପ୍ରଦର୍ଶିତ ହେବ। ଆୟୋଜକଙ୍କ ପକ୍ଷରୁ ବିଶ୍ୱବିଦ୍ୟାଳୟ ପରିସରରେ ଶନିବାର ଅପରାହ୍ନରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏହି ସୂଚନା ଦିଆଯାଇଛି। ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ବେଦ କୁମାରୀ କହିଲେ, ଓଡ଼ିଶାର ପ୍ରାଚୀନ କଳା, ସଂସ୍କୃତି ଭରପୂର ରହିଛି। ଚଳିତ ବର୍ଷ ମହିଳା ସଶକ୍ତୀକରଣ, ଆଇନ ଓ ନ୍ୟାୟ ପ୍ରସଙ୍ଗକୁ ନେଇ ଚଳଚ୍ଚିତ୍ର ପ୍ରଦର୍ଶନ ହେବ। ପ୍ରତ୍ୟେକଟି ଭିତରେ ଆଇନ ରହିଛି। ସେ ଦୃଷ୍ଟିରୁ ଆଇନ ବିଶ୍ୱବିଦ୍ୟାଳୟ ପରିସରରେ ହେବାକୁ ଥିବା ଏହି ଫେଷ୍ଟିଭାଲ ଆଇନ ଛାତ୍ରୀଛାତ୍ରମାନଙ୍କ ପାଇଁ ଅତ୍ୟନ୍ତ ଶିକ୍ଷଣୀୟ ହେବ। ଦେଶ ବିଦେଶରୁ ଆସିଥିବା ଅନୁଷ୍ଠାନ ବିଭିନ୍ନ ଭାଷାଭାଷୀର ଚଳଚ୍ଚିତ୍ର ପ୍ରଦର୍ଶନ କରିବେ। ସିନେମା ହେଉଛି ସମାଜର ପ୍ରତିଛବି। ବିଶ୍ୱବିଦ୍ୟାଳୟର ଛାତ୍ରୀଛାତ୍ରମାନେ ମନୋରଞ୍ଜନ ସାଙ୍ଗକୁ ସମାଜର ନାନା ରକମର ଚିତ୍ରକୁ ମଧ୍ୟ ହୃଦ୍‌ବୋଧ କରିବାର ସୁଯୋଗ ପାଇବେ।

ବିଶ୍ୱବିଦ୍ୟାଳୟ ସେଣ୍ଟର ଫର ଫିଲ୍ମ ଷ୍ଟଡିଜ୍‌ର ନିର୍ଦ୍ଦେଶିକା ସୋହିନି ମହାପାତ୍ର କହିଲେ, ସାଇଲେଣ୍ଟ ମୁଭି ଫେଷ୍ଟିଭାଲର ଅନ୍ୟତମ ଆକର୍ଷଣ ସାଜିବ। ଏଥିରେ ପ୍ରାମାଣିକ ଚଳଚ୍ଚିତ୍ର ସମେତ ବିଭିନ୍ନ ପ୍ରକାର କ୍ଷୁଦ୍ର ଓ ଦୀର୍ଘ ଚଳଚ୍ଚିତ୍ରମାନ ପ୍ରଦର୍ଶନ କରାଯିବାକୁ ସ୍ଥିର ହୋଇଛି। ଫେଷ୍ଟିଭାଲର ପ୍ରତିଷ୍ଠାତା ଆଲୋକ ଭରଦ୍ୱାଜ କହିଲେ, ପୂର୍ବରୁ ଅନ୍ୟ ରାଜ୍ୟରେ ୬ବର୍ଷ ଧରି ଏହିପରି ଫିଲ୍ମ ଫେଷ୍ଟିଭାଲ ଆୟୋଜନ କରାଯାଇ ସଫଳତା ମିଳିଛି। ପୂର୍ବରୁ ଅମ୍ରିତସରସ୍ଥିତ ଗୁରୁ ନାନକ ଦେବ ବିଶ୍ୱବିଦ୍ୟାଳୟ, ଦିଲ୍ଲୀର ଏନ୍‌ଡିଏମ୍‌ସି କନଭେନଶନ୍ ସେଣ୍ଟର, ଜଳନ୍ଧରରେ ଲଭଲି ପ୍ରଫେସନାଲ ବିଶ୍ୱବିଦ୍ୟାଳୟ, ନାଗାଲାଣ୍ଡରେ ହର୍ନବିଲ ଫେଷ୍ଟିଭାଲ ଆଦି ଅନୁଷ୍ଠିତ ହୋଇସାରିଛି। ସାମାଜିକ ଚେତନା ସହ ସିନେମାକୁ ଯୋଡ଼ିବା ନିମନ୍ତେ ଏହା ଏକ ପ୍ରୟାସ। ଫେଷ୍ଟିଭାଲ ନିର୍ଦ୍ଦେଶିକା ଜ୍ୟୋତି ଆରୋରା କହିଲେ, ତିନିଦିନ ବ୍ୟାପୀ ଫେଷ୍ଟିଭାଲରେ ଆଇନ, ସିନେମା, ଶିକ୍ଷା, ରାଜନୀତି, ସାମାଜିକ ସେବା ଆଦି କ୍ଷେତ୍ରରୁ ପ୍ରତିଷ୍ଠିତ ବ୍ୟକ୍ତିତ୍ୱମାନେ ଏଥିରେ ଯୋଗଦେଇ ସେମାନଙ୍କ ଅଭିଜ୍ଞତା ବଖାଣିବେ। ପ୍ରାମାଣିକ ଚଳଚ୍ଚିତ୍ର ନିର୍ମାତା ସମ୍ପଦ ମହାପାତ୍ର, କନ୍ନଡ଼ ସିନେମା ନିର୍ମାତା ଚମ୍ପା ପି. ସେଟ୍ଟୀ, ଚଳଚ୍ଚିତ୍ର ନିର୍ମାତା ଲଳିତ ରାଓ ଏବଂ ସିନେ ନିର୍ଦ୍ଦେଶକ ଗଦାଧର ପୁଟ୍ଟୀ ବିଚାରକ ଭାବେ ଚଳଚ୍ଚିତ୍ରଗୁଡ଼ିକର ମୂଲ୍ୟାୟନ କରିବେ। ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ପ୍ରସେନଜିତ ହରିଚନ୍ଦନ, ଓମ ପ୍ରକାଶ ମହାନ୍ତି ଓ ଗଦାଧର ପୁଟ୍ଟୀ ଉପସ୍ଥିତ ଥିଲେ।

**GOVERNMENT OF ODISHA** No.O-443
**OFFICE OF THE CHIEF CONSTRUCTION ENGINEER**
**RURAL WORKS CIRCLE, ANGUL**
E-mail : sencrwangul@yahoo.co.in, Ph. : 06764-236404
**Tender Call Notice for Building Works in Odisha**
**Bid Identification No. Building Online AGL-06/2025-26**

**No. 2045//** **Dt. 15.07.2025//**

1. Name of the work : Building work, 2. Total No. of work : 04 Nos., 3. Estimated cost : Rs.118.18 Lakh Approx, 4. Class of Contractor : 'B' & 'A' Class, 5. Period of completion : 15 (Fifteen) Calendar Months, 6. Other details :

| Procurement Officer | Bid Identification No. | Availability of Tender on-line for bidding | | Last Date & Time of seeking tender clarification | Date & Time of opening of Tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Angul | Building Online - AGL-06/2025-26 | 23.07.25 at 10.00 A.M. | 06.08.25 up to 5.00 P.M. | 05.08.25 up to 1.00 P.M. | 07.08.25 at 11.00 A.M. | Will be intimated later on |

For detailed Notice inviting Tenders, Please visit to the website www.tendersorissa.gov.in

Sd./- Chief Construction Engineer,
Rural Works Circle, Angul
OIPR-25180/11/0058/2526

**ବୈଷୟିକ ଶିକ୍ଷା ଓ ତାଲିମ ନିର୍ଦ୍ଦେଶାଳୟ, ଓଡ଼ିଶା, କଟକ**

SAMS Student Academic Management System
Skilled in ODISHA

**ରାଜ୍ୟର ସରକାରୀ ଓ ବେସରକାରୀ ଆଇ.ଟି.ଆଇ.ମାନଙ୍କରେ ୨୦୨୫-୨୬ ଶିକ୍ଷା ବର୍ଷର ଦ୍ୱିତୀୟ ପର୍ଯ୍ୟାୟ ନାମଲେଖା ବିଜ୍ଞାପନ**

ନଂ. ୧୦୨୭୪ ତା୧୮।୦୭।୨୦୨୫

No. KK-: ସ୍ୱଳ୍ପ ଅବଧି ମଧ୍ୟରେ ନିଯୁକ୍ତି/ଆତ୍ମନିଯୁକ୍ତିକ୍ଷମ ହେବା ନିମିତ୍ତ, ଆଇ.ଟି.ଆଇ.ର କୁଶଳୀ ତାଲିମ ଆଣିଦିଏ ଏକ ସୁଯୋଗ। ଆଇ.ଟି.ଆଇ. ତାଲିମ ନିମିତ୍ତ ଇଚ୍ଛୁକ ଛାତ୍ରଛାତ୍ରୀମାନଙ୍କୁ ସୂଚାଇ ଦିଆଯାଉଅଛି ଯେ, ଅଗଷ୍ଟ ମାସରୁ ଆରମ୍ଭ ହେବାକୁଥିବା ୨୦୨୫-୨୬ ଶିକ୍ଷାବର୍ଷରେ ରାଜ୍ୟର ସରକାରୀ ଓ ବେସରକାରୀ ଆଇ.ଟି.ଆଇ.ମାନଙ୍କରେ **ଦ୍ୱିତୀୟ ପର୍ଯ୍ୟାୟ** ନାମଲେଖା ତା୨୪।୦୬।୨୦୨୫ରିଖଠାରୁ ବିନା Choice Fillରେ ଚାଲୁ ଅଛି। ଆବେଦନ କରୁଥିବା ଛାତ୍ର ଓ ଛାତ୍ରୀମାନେ ତା୧୯।୦୭।୨୦୨୫ରୁ ତା୨୩।୦୭।୨୦୨୫ରିଖ ପର୍ଯ୍ୟନ୍ତ SAMS Portalରେ Online ମାଧ୍ୟମରେ Choice Fill କରିପାରିବେ। **ଦ୍ୱିତୀୟ ପର୍ଯ୍ୟାୟ** ଆବେଦନର ଶେଷ ତା୨୩।୦୭।୨୦୨୫ରିଖ ରଖାଯାଇଛି।

**ପ୍ରଶିକ୍ଷାର୍ଥୀମାନଙ୍କ ପାଇଁ ସରକାରୀ ଆଇ.ଟି.ଆଇ.ରେ ଉପଲବ୍ଧ ସୁଯୋଗ:**

୧. ଆବାସିକ ସୁବିଧା (ଅଧିକାଂଶଙ୍କ ପାଇଁ)।
୨. ସୁଦକ୍ଷା ଯୋଜନାରେ ସମସ୍ତ ବର୍ଗର ଝିଅ ପିଲାଙ୍କ ପାଇଁ, ନିର୍ମାଣ କୁସୁମ ଯୋଜନାରେ ନିର୍ମାଣ ଶ୍ରମିକଙ୍କ ପୁଅ ଝିଅଙ୍କ ପାଇଁ, ବାଣୀଶ୍ରୀ ଯୋଜନାରେ ସମସ୍ତ ଦିବ୍ୟାଙ୍ଗମାନଙ୍କ ପାଇଁ ଓ ଗ୍ରୀନ ପ୍ୟାସେଜ ଯୋଜନାରେ ସମସ୍ତ ଅନାଥପିଲାଙ୍କ ପାଇଁ ସମ୍ପୂର୍ଣ୍ଣ ମାଗଣା ତାଲିମ।
୩. ଅନୁସୂଚିତ ଜନଜାତି, ଅନୁସୂଚିତ ଜାତି, ଅନ୍ୟାନ୍ୟ ପଛୁଆ ବର୍ଗ, ସାମାଜିକ ଓ ଶିକ୍ଷା କ୍ଷେତ୍ରରେ ଅନଗ୍ରସର ବର୍ଗ ଶିକ୍ଷାର୍ଥୀମାନଙ୍କ ପାଇଁ ପ୍ରେରଣା ବୃତ୍ତି।
୪. ସମସ୍ତ ପ୍ରଶିକ୍ଷାର୍ଥୀମାନଙ୍କ ପାଇଁ ଟ.୩୦୦୦/-ଙ୍କାର ମାଗଣା ୟୁନିଫର୍ମ।

**ନାମଲେଖା ପ୍ରଣାଳୀ:**

କ) ଆବେଦନକାରୀ ତା୦୧।୦୮।୨୦୨୪ରିଖ ସୁଦ୍ଧା ୧୪ ବର୍ଷ ବୟସର ହୋଇଥିବେ, କିନ୍ତୁ ସର୍ବାଧିକ ବୟସ ସୀମା କିଛି ନାହିଁ।
ଖ) ବିଭିନ୍ନ ଇଞ୍ଜିନିୟରିଂ ଏବଂ ଅଣ ଇଞ୍ଜିନିୟରିଂ ଟ୍ରେଡ ପାଇଁ ସର୍ବନିମ୍ନ ଶିକ୍ଷାଗତ ଯୋଗ୍ୟତା (୧୦ମ ଶ୍ରେଣୀ ପାସ୍/୧୦ମ ଶ୍ରେଣୀ ଫେଲ୍) ସମ୍ବନ୍ଧୀୟ ତଥ୍ୟ SAMS ପୋର୍ଟାଲ **www.samsodisha.gov.in** ବା **www.dtetodisha.gov.in**ରେ ଉପଲବ୍ଧ ଅଛି।
ଗ) SAMS ପୋର୍ଟାଲ **www.samsodisha.gov.in** ବା **www.dtetodisha.gov.in**ରେ ଲଗ୍‌ଇନ୍ କରି, ତା୨୩।୦୭।୨୦୨୫ରିଖ ମଧ୍ୟରେ Onlineରେ ଆବେଦନ କରିପାରିବେ।

ଅଧିକ ବିବରଣୀ ନିମିତ୍ତ, ପ୍ରାର୍ଥୀ ସହାୟତା ଟୋଲ ଫ୍ରି ନମ୍ବର - ସଂଯୋଗ Helpline - ୧୫୫୩୩୫ କିମ୍ବା ୧୮୦୦-୩୪୫-୬୭୭୦କୁ ଯୋଗାଯୋଗ କରି କୁଶଳୀ କାରିଗର ହେବା ପାଇଁ ଏହି ସୁଯୋଗ ନିଅନ୍ତୁ।

ସ୍ୱା./- ନିର୍ଦ୍ଦେଶକ
OIPR-44008/11/0040/2526 ବୈଷୟିକ ଶିକ୍ଷା ଓ ତାଲିମ ନିର୍ଦ୍ଦେଶାଳୟ, ଓଡ଼ିଶା

**BOARD OF SECONDARY EDUCATION, ODISHA, CUTTACK**

**Notification**

**Correction of Enrolment Data for HSC Examination, 2026**

**No.1055/(Exam. Conf.)/Dt.16.07.2025**

**No.N-132** : The Board of Secondary Education, Odisha offers one more chance for every school to correct the enrolment data of their students who are going to appear High School Certificate Examination, 2026 at their respective zonal offices in the manner enumerated below.

[a] The enrolment data, 2024 shall be made live online in the website www.bseodisha.ac.in from 21/07/2025 till 31/07/2025 midnight.

[b] The Head of the Institutions by logging into thier User ID & Password can assess the data in the following manner.

1. Correction of data excepting Enrolment No., Name, Photograph & Caste can be effected online by the respective Head of the Institutions.
2. Third language subjects can be corrected if entered wrongly. Any change in third language subject shall not be entertained in future.
3. The print copy of Descriptive Roll sheet can be taken out again.
4. For effecting correction in name & photograph, head of the institution has to produce relevant original records of the student/ school at the respective zonal offices of the Board.
5. For re-enrolment of candidate on transfer and change in caste, the head of the institution has to produce relevant original records of the students/school at Head Office, Cuttack for effecting correction offline in between 21/07/2025 to 31/07/2025.

**Under no circumstances, further correction of data will be allowed.**

The above process of both online and offline correction is allowed till 31/07/2025.

OIPR-27004/11/0094/2526 Sd./- Secretary

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................

ବୟସ:..................................

ଜନ୍ମ ତାରିଖ: ..............................



ସଂହତି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ସୁନ୍ଦରଗଡ଼, ବାଲେଶ୍ୱର ବିଜୟୀ



ଅତିଥିଙ୍କ ସହ ବାଲେଶ୍ୱର ଓ ଢେଙ୍କାନାଳର ଖେଳାଳିମାନେ।

**ସାହାଣୀ କପ୍ ଫୁଟ୍‌ବଲ**

କେନ୍ଦୁଝର,୧୯।୭ (ନରେଶ ଚନ୍ଦ୍ର ପଟ୍ଟନାୟକ/ଦୀପକ ମିଶ୍ର)

କେନ୍ଦୁଝର ଷ୍ଟାଡ଼ିୟମରେ ଆୟୋଜିତ ୬୪ତମ ସାହାଣୀ କପ୍ ସିନିୟର ଆନ୍ତଃ ଜିଲା ପୁରୁଷ ଫୁଟ୍‌ବଲ ଟୁର୍ନାମେଣ୍ଟର ଚତୁର୍ଥ ଦିବସର ଖେଳ ଶନିବାର ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ମ୍ୟାଚରେ ସୁନ୍ଦରଗଡ଼ ୨-୦ ଗୋଲରେ ସୁବର୍ଣ୍ଣପୁରକୁ ଏବଂ ଦ୍ୱିତୀୟ ମ୍ୟାଚରେ ବାଲେଶ୍ୱର ୪-୦ ଗୋଲରେ ଢେଙ୍କାନାଳକୁ ପରାସ୍ତ କରିଛି। ପ୍ରଥମ ଖେଳ ପ୍ରଥମାର୍ଦ୍ଧର ଦ୍ୱିତୀୟ ମିନିଟ୍‌ରେ ଦଳ ପକ୍ଷରୁ ଗୋଲର ଶୁଭାରମ୍ଭ ହୋଇଥିଲା। ପୁନଶ୍ଚ ୧୮ତମ ମିନିଟ୍‌ରେ ଷ୍ଟ୍ରାଇକର ମହେଶ ପ୍ରଧାନ ଦଳ ପକ୍ଷରୁ ଦ୍ୱିତୀୟ ଗୋଲ ସ୍କୋର କରିଥିଲେ। ଦ୍ୱିତୀୟ ଖେଳ ପ୍ରଥମାର୍ଦ୍ଧ ଗୋଲଶୂନ୍ୟ ଭାବେ ସମାପ୍ତ ହୋଇଥିଲା। ଦ୍ୱିତୀୟାର୍ଦ୍ଧରେ ୫୯ତମ ମିନିଟରେ ବାଲେଶ୍ୱରର ଜଗନ୍ନାଥ ସୋରେନ ଦଳ ପକ୍ଷରୁ ଗୋଲ ଦେଇଥିଲେ। ପରେ ୬୨ତମ ଏବଂ ୬୯ତମ ମିନିଟରେ ରାଜୁ ସିଂ ଦୁଇଟି ଗୋଲ ସ୍କୋର କରିଥିଲେ। ୮୦+୧ ମିନିଟରେ ବାଲେଶ୍ୱର ପକ୍ଷରୁ ୧୦ ନମ୍ବର ଖେଳାଳି ମଧୁ ସୋରେନ ଦଳ ପକ୍ଷରୁ ଆଉ ଏକ ଗୋଲ ସ୍କୋର କରି ବିଜୟ ବ୍ୟବଧାନ ୪-୦କୁ ବୃଦ୍ଧି କରିଥିଲେ। ପ୍ରଥମ ଖେଳରେ ଆଶୀର୍ବାଦ କାନୁନ୍‌ଗୋ ରେଫରି ଦାୟିତ୍ୱ ତୁଲାଇ ଥିବାବେଳେ ଲାଇନ୍‌ରେ ଶୁଭମ ପାତ୍ର ଓ ଉତ୍କଳମଣି ବେହେରା ସହାୟତା କରିଥିଲେ। ଅରୁଣ ନାୟକ ଚତୁର୍ଥ ରେଫରି ଥିଲେ। ଦ୍ୱିତୀୟ ଖେଳରେ ଚକ୍ରଧର ଚାଟାର ରେଫରି ଦାୟିତ୍ୱ ତୁଲାଇଥିବା ବେଳେ ଲାଇନରେ ରତ୍ନାକର ସୋରେନ ଓ ଜଗନ୍ନାଥ କହ୍ନର ସହାୟତା କରିଥିଲେ। ରାଇ ମୋହନ ମୁର୍ମୁ ଚତୁର୍ଥ ରେଫରି ଥିଲେ। ଫୁଟବଲ ଆସୋସିଏଶନ ଅଫ ଓଡ଼ିଶା ପକ୍ଷରୁ ଫାଓର ଯୁଗ୍ମ ସମ୍ପାଦକ ବିଶ୍ୱ ରଞ୍ଜନ ଘଡେଇ କେନ୍ଦୁଝର ଜୋନ ପାଇଁ ପର୍ଯ୍ୟବେକ୍ଷକ ଭାବେ ଯୋଗଦେଇଥିଲେ। ଚୟନକର୍ତ୍ତା ଭାବେ ସଞ୍ଜୟ କୁମାର ନାଏକ, କରୁଣାକର ବେହେରା, ସନ୍ତୋଷ ମହାରଣା ଏବଂ ମ୍ୟାଚ କମିଶନର ଭାବେ ସୁରେଶ କୁମାର ଦାଶ ଦାୟିତ୍ୱ ନିର୍ବାହ କରିଥିଲେ। ଅତିଥିଭାବେ କେନ୍ଦୁଝର ପୌରପାଳିକାର ନଗରପାଳ ନିକୁ ସାହୁ, ତେଲକୋଇ ବିଧାୟକ ଡ. ଫକୀର ମୋହନ ନାଏକ, ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାଏକ ଯୋଗଦେଇଥିଲେ।

**ଅନ୍ୟ ଜୋନ୍ ମ୍ୟାଚ ଫଳାଫଳ**

**ବୌଦ୍ଧ**
କଳାହାଣ୍ଡି-୧, ନୟାଗଡ଼-୦
ବରଗଡ଼-୩, ଦେବଗଡ଼-୦

**କେନ୍ଦ୍ରାପଡ଼ା**
କଟକ-୩, ଖୋର୍ଦ୍ଧା-୦
ପାରାଦୀପ ପୋର୍ଟ ଟ୍ରଷ୍ଟ-୯, ପୁରୀ-୨

**ବ୍ରହ୍ମପୁର**
ମୟୂରଭଞ୍ଜ-୯, ରାୟଗଡ଼ା-୦
କୋରାପୁଟ-୨, ମାଲକାନଗିରି-୦

# ପ୍ରତ୍ୟେକ ପରବର୍ତ୍ତୀ ନିଷ୍ପତ୍ତି ଗୁରୁତ୍ୱପୂର୍ଣ୍ଣ

**ଆଜି ଅନ୍ତର୍ଜାତୀୟ ଚେସ୍ ଦିବସ**



ପ୍ରତ୍ୟେକ ବର୍ଷ ଜୁଲାଇ ୨୦ ତାରିଖରେ ଅନ୍ତର୍ଜାତୀୟ ଚେସ୍ ଦିବସ ପାଳନ କରାଯାଇଆସୁଛି। ଏହି ଦିନ ୧୯୨୪ରେ ପ୍ୟାରିସଠାରେ ବିଶ୍ୱ ଚେସ୍ ପରିଚାଳନାକାରୀ ସଂସ୍ଥା ଅନ୍ତର୍ଜାତୀୟ ଚେସ୍ ଫେଡେରେଶନ(ଫିଡେ) ପ୍ରତିଷ୍ଠା କରାଯାଇଥିଲା। ବର୍ତ୍ତମାନ ଫିଡେର ମୁଖ୍ୟ କାର୍ଯ୍ୟାଳୟ ସୁଇଜରଲାଣ୍ଡରେ ରହିଛି। ଅନ୍ତର୍ଜାତୀୟ ଚେସ୍ ଦିବସ ପାଳନ କରିବା ଲାଗି ୟୁନେସ୍କୋ ପକ୍ଷରୁ ପ୍ରଥମ ଥର ପାଇଁ ପ୍ରସ୍ତାବ ଦିଆଯାଇଥିଲା। ୧୯୬୬ଠାରୁ ଏହାକୁ ପାଳନ କରାଯାଉଛି। ଫିଡେର ପୂର୍ବତନ ସଭାପତି କିର୍ସାନ ଇଲ୍ୟୁମଝିନୋଭଙ୍କ କହିବା ଅନୁସାରେ ୨୦୧୩ରେ ଅନ୍ତର୍ଜାତୀୟ ଚେସ୍ ଦିବସ ୧୭୮ଦେଶରେ ପାଳନ ହୋଇଥିଲା। ୨୦୧୯ ଡିସେମ୍ବର ୧୨ ତାରିଖରେ ମିଳିତ ଜାତିସଂଘ ସାଧାରଣ ସଭାରେ ସର୍ବସମ୍ମତି କ୍ରମେ ଜୁଲାଇ ୨୦ତାରିଖକୁ ଅନ୍ତର୍ଜାତୀୟ ଚେସ୍ ଦିବସ ଭାବେ ପାଳନ କରିବାକୁ ମଞ୍ଜୁରୀ ଦିଆଯାଇଥିଲା। ଚଳିତବର୍ଷ ଅନ୍ତର୍ଜାତୀୟ ଚେସ୍ ଦିବସ ଲାଗି 'ପ୍ରତ୍ୟେକ ମୁଭ ଗୁରୁତ୍ୱପୂର୍ଣ୍ଣ' ଶୀର୍ଷକ ଥିମ ରଖାଯାଇଛି। ଏହା ଦର୍ଶାଉଛି ଯେ, ଚେସ୍ ବୋର୍ଡ ହେଉ କି ଜୀବନ, ପରବର୍ତ୍ତୀ ପ୍ରତ୍ୟେକ ନିଷ୍ପତ୍ତି ଗୁରୁତ୍ୱପୂର୍ଣ୍ଣ। ପ୍ରତ୍ୟେକ ନିଷ୍ପତ୍ତି ଆମ ଅଭିଯାନ ରୂପରେଖ ନିର୍ଣ୍ଣୟ କରେ। ଚେସ୍ ଖେଳର ଆବିଷ୍କାର ଭାରତରେ ଖ୍ରୀଷ୍ଟାବ୍ଦ ଷଷ୍ଠ ଶତାବ୍ଦୀରେ ହୋଇଥିଲା। ସେତେବେଳେ ଏହି ଖେଳ 'ଚତୁରଙ୍ଗା' ନାମରେ ପରିଚିତ ଥିଲା। କାଳକ୍ରମେ ଏହି ଖେଳ ୟୁରୋପ ଓ ପର୍ସିଆକୁ ବ୍ୟାପି ଯାଇଥିଲା। ସେଠାରେ ଖେଳର ନିୟମକୁ ପରିପ୍ରକାଶ କରାଯାଇଥିଲା। ଗତବର୍ଷ ଫିଡେର ୧୦୦ ବର୍ଷ ପୂର୍ତ୍ତି ଅବସରରେ ବିଶ୍ୱ ଚେସ୍ ଜଗତ ପକ୍ଷରୁ ୨୪ଘଣ୍ଟା ମଧ୍ୟରେ ସର୍ବାଧିକ ସଂଖ୍ୟକ ଚେସ୍ ଗେମ୍ ଖେଳାଯାଇ ଏକ ଗିନିଜ ୱାର୍ଲ୍ଡ ରେକର୍ଡ ପ୍ରତିଷ୍ଠା କରାଯାଇଥିଲା। ସେହି ଦିନ ସମଗ୍ର ବିଶ୍ୱରେ ୩୫୦ ଟୁର୍ନାମେଣ୍ଟରେ ୭.୨୮ ନିୟୁତ ଚେସ୍ ମୁକାବିଲା ହୋଇଥିଲା।

**ଜାତୀୟ ସିନିୟର ମହିଳା ହକି କ୍ୟାମ୍ପ**

# କୋର୍ ଗ୍ରୁପ୍‌ରେ ଓଡ଼ିଶାର ୬ ଖେଳାଳି

ଭୁବନେଶ୍ୱର, ୧୯।୭ (ତପନ ସ୍ୱାଇଁ)

ଆଗକୁ ଏସିଆ କପ୍ ଆସୁଥିବାରୁ ବେଙ୍ଗାଲୁରୁସ୍ଥିତ ସ୍ପୋର୍ଟ୍ସ ଅଥରିଟି ଅଫ୍ ଇଣ୍ଡିଆ (ସାଇ) ସେଣ୍ଟରରେ ଜାତୀୟ ସିନିୟର ମହିଳା ହକି ଦଳର କ୍ୟାମ୍ପ ଚଳିତ ମାସ ୨୧ରୁ ଅଗଷ୍ଟ ୨୯ ପର୍ଯ୍ୟନ୍ତ ଚାଲିବ। ଏହି କ୍ୟାମ୍ପ ପାଇଁ ହକି ଇଣ୍ଡିଆ ପକ୍ଷରୁ ଶନିବାର ଘୋଷିତ ୪୦ ଜଣିଆ କୋର୍ ଗ୍ରୁପ୍‌ରେ ଓଡ଼ିଶାର ୬ ଖେଳାଳି ସ୍ଥାନ ପାଇଛନ୍ତି। ସେମାନେ ହେଲେ ଗୋଲକିପର ମାଧୁରୀ କିଣ୍ଡୋ, ଡିଫେଣ୍ଡର ଜ୍ୟୋତି ଛତ୍ରୀ, ମିଡ୍‌ଫିଲ୍ଡର ସୁଜାତା କୁଜୁର, ଆଜମିନା କୁଜୁର, ସୁନେଲିତା ଟପ୍ପୋ ଏବଂ ଫରୱାର୍ଡ ଦୀପି ମୋନିକା ଟପ୍ପୋ। ୨୦୨୫ ମହିଳା ଏସିଆ କପ୍ ଚାଇନାର ହାଙ୍ଗଝୋଠାରେ ସେପ୍ଟେମ୍ବର ୫ରୁ ଆରମ୍ଭ ହେବ। ଏହି ଟୁର୍ନାମେଣ୍ଟର ଚାମ୍ପିୟନ ଦଳ ସିଧାସଳଖ ୨୦୨୬ ଏଫ୍‌ଆଇଏଚ୍ ମହିଳା ହକି ବିଶ୍ୱକପ୍ ପାଇଁ ଯୋଗ୍ୟତା ଅର୍ଜନ କରିବ। ତେଣୁ ଆଗାମୀ କ୍ୟାମ୍ପରେ ଖେଳାଳିଙ୍କ ଟ୍ରେନିଂ ବହୁ ଗୁରୁତ୍ୱ ବହନ କରିବ। ''ଏହି କ୍ୟାମ୍ପ୍ ଆମ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏସିଆ କପ୍ କେବଳ ସମ୍ମାନଜନକ ମହାଦେଶୀୟ ଟୁର୍ନାମେଣ୍ଟ ନୁହେଁ, ୨୦୨୬ ବିଶ୍ୱକପ ପାଇଁ ସିଧାସଳଖ ଯୋଗ୍ୟତାର ସୁଯୋଗ ଆଣିବ। ହାଙ୍ଗଝୋରେ ପହଞ୍ଚିବା ବେଳକୁ ଆମେ ଯେପରି ମାନସିକ ଓ ଶାରୀରିକ ସ୍ତରରେ ପ୍ରସ୍ତୁତ ଥିବୁ ସେହି ଅନୁସାରେ ଆଗାମୀ କ୍ୟାମ୍ପ୍‌ରେ ଟ୍ରେନିଂ କରିବୁ'' ବୋଲି ମହିଳା ହକି ଦଳର ମୁଖ୍ୟ କୋଚ୍ ହରେନ୍ଦ୍ର ସିଂ ପ୍ରକାଶ କରିଛନ୍ତି। ପ୍ରୋ ଲିଗ୍‌ର ୟୁରୋପ ଚରଣରେ ଆମେ ଆଶାନୁସାରେ ପ୍ରଦର୍ଶନ କରିପାରି ନ ଥିଲୁ। ତେଣୁ ଏହି କ୍ୟାମ୍ପ ଆମକୁ ପ୍ରୋ-ଲିଗ୍‌ରେ ଦେଖାଦେଇଥିବା ତ୍ରୁଟିକୁ ସୁଧାରି ପୁଣିଥରେ ସତେଜ ମନରେ ପ୍ରସ୍ତୁତ ହେବାକୁ ସୁଯୋଗ ଆଣିବ।

# ବିନ୍ନିଙ୍କୁ ନେଇ କଳ୍ପନାଜଳ୍ପନା

**ନୂଆଦିଲ୍ଲୀ, ୧୯।୭ (ପି.ଟି.):** ବର୍ତ୍ତମାନର ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ସଭାପତି ରୋଜର ବିନ୍ନି ଶନିବାର ୭୦ବର୍ଷ ବୟସରେ ପଦାର୍ପଣ କରିଛନ୍ତି। କିନ୍ତୁ ସେ ସେପ୍ଟେମ୍ବରରେ ବାର୍ଷିକ ସାଧାରଣ ଅଧିବେଶନ (ଏଜିଏମ୍) ପର୍ଯ୍ୟନ୍ତ କାର୍ଯ୍ୟ କରିବେ କି ଉପ-ସଭାପତି ରାଜୀବ ଶୁକ୍ଳା ତୁରନ୍ତ ଅନ୍ତରୀଣ ଦାୟିତ୍ୱ ସମ୍ଭାଳିବେ ଏବଂ ବିନ୍ନି ବିଦାୟ ନେବେ ସେ ସେନେଇ ଏପର୍ଯ୍ୟନ୍ତ କୌଣସି ସ୍ପଷ୍ଟ ସୂଚନା ମିଳିନାହିଁ। ପାର୍ଲାମେଣ୍ଟର ଆସନ୍ତା ମୌସୁମି ଅଧିବେଶନରେ କେନ୍ଦ୍ର କ୍ରୀଡ଼ା ମନ୍ତ୍ରୀ ମନସୁଖ ମାଣ୍ଡବ୍ୟ ଜାତୀୟ କ୍ରୀଡ଼ା ବିଲ୍ ଚିଠା ଉପସ୍ଥାପନ କରିବେ। ଏଥିରେ ଜଣେ ପ୍ରଶାସକଙ୍କ କାର୍ଯ୍ୟକାଳ ବୟସସୀମା ୭୦ବର୍ଷରୁ ୭୫ ବର୍ଷ ବୃଦ୍ଧି ପାଇଁ ପ୍ରସ୍ତାବ ରହିଛି। ଜଷ୍ଟିସ ଲୋଧା କମିଟି ଦ୍ୱାରା ସଂଶୋଧିତ ହୋଇଥିବା ବିସିସିଆଇ ସମ୍ବିଧାନରେ ଏହାର କର୍ମକର୍ତ୍ତାଙ୍କ ସର୍ବୋଚ୍ଚ ବୟସ ସୀମା ୭୦ ବର୍ଷ ରଖାଯାଇଛି। ପ୍ରସ୍ତାବିତ କ୍ରୀଡ଼ା ବିଲ୍ ଯଦି କାର୍ଯ୍ୟକାରୀ ହୁଏ ତେବେ ଏକ ଜାତୀୟ କ୍ରୀଡ଼ା ମହାସଂଘ ଭାବେ ବିସିସିଆଇ ଏହାର ପରିସରଭୁକ୍ତ ହେବ ବୋଲି ଆଶା କରାଯାଉଛି। ବିସିସିଆଇ ଯଦିଓ ସରକାରୀ ଅନୁଦାନ ଉପରେ ନିର୍ଭରଶୀଳ ନୁହେଁ, ଭାରତୀୟ କ୍ରିକେଟ ଦଳ ଲସ୍‌ଏଞ୍ଜେଲ୍ସ ଅଲିମ୍ପିକ୍ସ ୨୦୨୮ରେ ଅଂଶଗ୍ରହଣ ପାଇଁ ପ୍ରସ୍ତୁତ ହେବାକୁଥିବାରୁ ଦେଶର ସବୁଠାରୁ ବିତ୍ତଶାଳୀ କ୍ରୀଡ଼ା ସଂସ୍ଥା ନୂଆ କ୍ରୀଡ଼ା ବିଲ୍‌କୁ ପାଳନ କରିବ ବୋଲି ଆଶା କରାଯାଉଛି। ଖବର ଅନୁସାରେ ବିନ୍ନି ଯଦି ତାଙ୍କ ପଦବୀରେ ରହିବାକୁ ଚାହିଁବେ ସେ ବିସିସିଆଇ ସମ୍ପାଦକ ଦେବଜିତ୍ ସାଇକିଆଇ ଏବଂ ଆଇନ ବିଭାଗର ଯୋଗାଯୋଗରେ ରହିବେ। ନୂତ କ୍ରୀଡ଼ା ବିଲ୍ ଯଦି ଅଗଷ୍ଟ ସୁଦ୍ଧା କାର୍ଯ୍ୟକାରୀ ହୁଏ ତେବେ ୧୯୮୩ ବିଶ୍ୱକପ୍ ହିରୋ ହୁଏତ ପୁଣି ଥରେ ଆଉ ୩ବର୍ଷ ସଭାପତି ପଦବୀରେ ରହିପାରନ୍ତି। ସୂଚନାଯୋଗ୍ୟ, ଆଇସିସି ଚାର୍ଟରରେ ଫିଫା ଓ ଆଇଓସି ଭଳି ଅନ୍ୟ କ୍ରୀଡ଼ା ସଂସ୍ଥାଗୁଡ଼ିକରେ କୌଣସି ବୟସ ସୀମା ନାହିଁ। ତଥାପି ଶୁକ୍ଳାଙ୍କୁ ଦୁଇ ମାସ ପାଇଁ ପଦୋନ୍ନତି ଦିଆଯିବ କିମ୍ବା କ୍ରୀଡ଼ା ବିଲ୍ କାର୍ଯ୍ୟକାରୀ ହେବା ପର୍ଯ୍ୟନ୍ତ ଅପେକ୍ଷା କରାଯିବ ସେ ବିଷୟରେ ଅନୌପଚାରିକ ଆଲୋଚନା ଚାଲିଛି। ବିସିସିଆଇ ମହଲରେ ଏକ ଧାରଣା ରହିଛି ଏହାର ସଭାପତି ପଦ ସୌରଭ ଗାଙ୍ଗୁଲି ଓ ବିନ୍ନିଙ୍କ ଭଳି କୌଣସି ପୂର୍ବତନ ଭାରତୀୟ କ୍ରିକେଟର ଅଳଙ୍କୃତ କରିବା ଉଚିତ।

**ଫ୍ରିଷ୍ଟାଇଲ ଚେସ୍ ଗ୍ରାଣ୍ଡସ୍ଲାମ**

# ସେମିରୁ ବିଦାୟ ନେଲେ ଏରିଗେସି

ଲାସ୍ ଭେଗାସ (ୟୁଏସ୍ଏ), ୧୯।୭

ଭାରତୀୟ ଗ୍ରାଣ୍ଡମାଷ୍ଟର ଅର୍ଜୁନ ଏରିଗେସି ଏଠାରେ ଚାଲିଥିବା ଫ୍ରିଷ୍ଟାଇଲ ଚେସ୍ ଗ୍ରାଣ୍ଡସ୍ଲାମର ସେମିଫାଇନାଲରୁ ବିଦାୟ ନେଇଛନ୍ତି। ଆର୍ମେନୀୟରୁ ଆମେରିକୀୟ ହୋଇଥିବା ଲେଭନ ଆରୋନିଆନଙ୍କଠାରୁ ୦-୨ରେ ପରାଜିତ ହୋଇଛନ୍ତି। ଏରିଗେସି ଚମତ୍କାର ପ୍ରଦର୍ଶନ ସହ ପ୍ରଥମ ଭାରତୀୟ ଭାବେ ଫ୍ରିଷ୍ଟାଇଲ ଗ୍ରାଣ୍ଡସ୍ଲାମର ସେମିଫାଇନାଲରେ ପ୍ରବେଶ କରିଥିଲେ। ପ୍ରିଲିମ୍‌ରେ ଟପ୍-୪ ସ୍ଥାନ ପାଇ ମାଗ୍ନସ କାର୍ଲସେନଙ୍କୁ ପରାସ୍ତ କରିବା ପରେ କ୍ୱାର୍ଟରଫାଇନାଲରେ ସେ ହିକାରୁ ନାକାମୁରାଙ୍କୁ ହରାଇ ଦେଇଥିଲେ। ଅର୍ଜୁନ ତାଙ୍କୁ ପ୍ରଥମ ଗେମ୍‌ରେ ମିଳିଥିବା ସୁଯୋଗକୁ କନଭର୍ଟ କରିବାରେ ବିଫଳ ହୋଇଥିଲେ। ଅନ୍ୟପକ୍ଷରେ ଆରୋନିଆନ ଖରାପ ସ୍ଥିତିରେ ଥାଇ ମଧ୍ୟ ଦୃଢ଼ତାର ସହିତ ପ୍ରତ୍ୟାବର୍ତ୍ତନ କରିବାରେ ସକ୍ଷମ ହୋଇଥିଲେ। ଗେମ୍ ଏକଦା ଡ୍ର ଆଡ଼କୁ ଅଗ୍ରସର ହେଉଥିବା ବେଳେ ମ୍ୟାଚରେ ତିଷ୍ଠି ରହିବା ଲାଗି ଏକ ବିଜୟ ଆବଶ୍ୟକ କରୁଥିବା ଏରିଗେସି ଅଯଥା ରିସ୍କ ନେଇଥିଲେ, ଯାହା ତାଙ୍କ ପାଇଁ ମହଙ୍ଗା ସାବ୍ୟସ୍ତ ହୋଇଥିଲା। ଅନ୍ୟତମ ଖେଳାଳି ଭାବେ ଯୁକ୍ତରାଷ୍ଟ୍ର ଆମେରିକାର ହାନ୍ସ ମୋକ୍ ନିମାନ ଫାଇନାଲରେ ପ୍ରବେଶ କରିଥିଲେ। ସେ ତାଙ୍କ ଦେଶର ଫାବିଆନୋ କାରୁଆନୋଙ୍କୁ ହରାଇ ଦେଇଥିଲେ। ପ୍ରତିଯୋଗିତାରେ ଭାଗ ନେଇଥିବା ଭାରତର ଅନ୍ୟତମ ଖେଳାଳି ଆର୍. ପ୍ରଜ୍ଞାନନ୍ଦ ୩ୟରୁ ୮ମ ସ୍ଥାନ ପାଇଁ ଅନୁଷ୍ଠିତ ପ୍ଲେଅଫ୍ ମ୍ୟାଚରେ ଜର୍ମାନୀର ଭିନ୍‌ସେଣ୍ଟ କିମରଙ୍କୁ ୧.୫-୦.୫ରେ ହରାଇ ଦେଇଛନ୍ତି। ଟାଇଟଲ ଦୌଡ଼ରୁ ବାଦ୍ ପଡ଼ିଥିବା ବିଶ୍ୱର ନମ୍ବର-୧ ମାଗ୍ନସ କାର୍ଲସେନ ମଧ୍ୟ ସମାନ ବ୍ୟବଧାନରେ ବିଜୟ ଲାଭ କରିଛନ୍ତି। ସେ ଉଜ୍‌ବେକିସ୍ତାନର ଜାଭୋଖିର ସିନ୍ଦାରୋଭଙ୍କୁ ହରାଇ ଦେଇଛନ୍ତି।


**Classified Everyday**
**0674-2580101, 9692975378**



MATRIMONIAL

**BRIDE WANTED**

Handsome Karan Boy 1995, 5'10", B.Tech Serving Officer SBI, Bhubaneswar. "SUNASANSAR". 9937512659. D-76294

**GROOM WANTED**

Beautiful Bhandari girl 1997, 5'1", MBA, B. COM. need the same caste well established 8249059188. D- 1050

ବୟସ 28 କୌଣସି ଚାକିରୀ କରୁନଥିବା ସୁନ୍ଦରୀ ସୁଶୀଳ ଘରୋଇ ବ୍ରାହ୍ମଣ ଜାତିର ଝିଅଙ୍କ ପାଇଁ ବରପାତ୍ର ଆବଶ୍ୟକ। 7326056138. D-1351



**REAL ESTATE SALE**

4.52 Acres of gharabari land with boundary for sale near Satasankha Puri, Price- 6.15Cr. Only outright basis. 9438400633 (Brokers not allowed). D-76293

Buy Or Sale Property: 8984071303 - Wanted Yellow Zone Gharabari Land on Outright/ Sharing Basis minimum 30' Road around Bhubaneswar for Housing Purpose. D-1345

କଟକ ମହାନଦୀବିହାରରେ **2/3 BHK flat** ଗୋପାଳପୁର, ଫୁଲନଖରା ଛକ, ତ୍ରିନାଥବଜାରରେ **3BHK duplex readymade** ଅଛି। **8327785834.** D-76286


Stitiban plot sale near IIT Argul, Khurdha, Bhubaneswar immediate Registration possession sqft.- 350/-, SC plot 250/- . 8328868883. D-76284

6.4 Decimal plot for sale, sthitiban and gharabari, Municipal Road facing, wide frontage approx. 50', area approx. 2800sqft., ahead of Dakbunglow and Post Office, with boundary wall, in the middle of locality in Jatni Municipality Township close to Bhubaneswar, NISER and IIT. Contact Owner: 8335080230. No Brokers please. D-1338

ଗୃହୋପଯୋଗି **Single** ପ୍ଲଟ୍ ପାଚେରି ସହିତ ହଂସପାଳ ମୁଖ୍ୟ କେନାଲ୍ ପାଖରେ **2100sqft. area** ବିକ୍ରିହେବ। **6370469894.** D-76292

ଭୁବନେଶ୍ୱର ହଂସପାଳ ଭିଙ୍ଗାରପୁର ପାଖରେ **1300sqft. 5,80,000/-** ପ୍ଲଟ୍ ବିକ୍ରିହେବ। **9114705579.** D-76288

**3BHK ready to move flat for sale at Jayadev Vihar Square, 2/4 BHK flat for sale at Hansapal Square, NH facing. Contact No.- 9437307086, 7008789347.** D-1241



FOR RENT

5800sqft. Godown space available at Rasulgarh, beside Esplanade Mall, Bhubaneswar. 9040019183. D-1278



Healthcare

**Full body massage experience, good looking therapist @999 (Bhubaneswar). 9078484455.** D-1325

Newly open SPA positively health benefits (expert therapist). Contact- 7327030529. D-76929

All types hair cutting Body Massage by Smart lady one hour 700/-, room Services Available contact- 7788888200 D-76301

Newly open Jyoti SPA positively health benefits (expert therapist). 8458067955. D-76927

Newly open health benefits SPA by expert therapist. Contact- 8280961126. D-76928

Positively health benefits SPA expert female therapist homely atmosphere. 9114559860. D-1310

**AFFIDAVIT**

I, PRAGNYA SASWAT PANDA, S/o- Premanjan Panda, resident of At- Khajuria, P.O.- Sagar, P.S.- Kanpur, Dist.- Cuttack- 754037, Odisha declare by this affidavit No.- 7635, dated- 19.07.2025. That now onwards I shall be known as PRAGYAN SASWAT PANDA for all future purposes. D-1353

ଧରିତ୍ରୀ DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ **QR Code** ସ୍କାନ୍ କରି ଯେକୌଣସି **UPI App** ମାଧ୍ୟମରେ ସହଜରେ ପୈଠ କରନ୍ତୁ।
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

ମୁଁ ARJUN JENA, ପିତା- Late CHAITANYA JENA, ଗ୍ରାମ- Deuliamrutamanohi, ପୋଷ୍ଟ- Gambharidihi, ଥାନା- Itamati, ଜିଲ୍ଲା- Nayagarh ଆଗରୁ ମୋର ଜନ୍ମ ତାରିଖ ୨୧।୦୬।୧୯୭୫ ଥିଲା। ସତ୍ୟପାଠ କରି ୦୭।୦୭।୨୦୨୫ ତାରିଖରେ ମୋର ପୂର୍ବ ନାମ ARJUNA JENA, ଜନ୍ମ ତାରିଖ ୧୫।୦୫।୧୯୭୫ ଆଜିଠାରୁ ଏହି ଜନ୍ମ ତାରିଖ ସହିତ ଏହି ନାମରେ ପରିଚିତ ହେବି। ARJUNA JENA ଗୋଟିଏ ବ୍ୟକ୍ତି ଅଟନ୍ତି। ଏଣିକି ମୋର ପ୍ରତ୍ୟେକ କାମରେ ମୁଁ ARJUNA JENA, ଜନ୍ମ ତାରିଖ ୧୫।୦୫।୧୯୭୫ ନାମରେ ପରିଚିତ ହେବି। ଧ-୧୩୫୨

I, Santos Kumar Nayak, S/o- Rajkishore Nayak, resident of At- Tikarapanga, Gatanai, Dist.- Kendrapara, Odisha- 754141 declare by this affidavit No.- C.F. No.- 48, dated- 19.07.2025 that now onwards I shall be known as SANTOSH KUMAR NAYAK for all future purposes. D-1349

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ବିଶେଷଜ୍ଞ
**ଅର୍ଶ ଭଗନ୍ଦର ମଳକଣ୍ଟକ**
ଦୀର୍ଘ ୩୦ ବର୍ଷର ଅଭିଜ୍ଞତା ଥିବା ବିଶ୍ୱସନୀୟ ଚିକିତ୍ସାଳୟ
**PILES CLINIC**
ADDRESS
DR. R.PRASAD, BAMS
DR. PREM KUMAR, BAMS., LLB (UTKAL)
10 A.M. TO 8 PM.
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, Cuttack Road, BBSR
9861146916
8917362388
VSS Nagar, BBSR
9861917646

**ମନେ ପଡ଼ନ୍ତି**

ଦଶାହ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



✓ ପତିତପାବନ ମିଶ୍ର
ଏଏଲ୍ ୭୩, ଭିଏସ୍ଏସ୍ ନଗର, ଭୁବନେଶ୍ୱର
ଆବିର୍ଭାବ: ୦୨.୦୭.୧୯୪୨
ତିରୋଧାନ: ୧୧.୦୭.୨୦୨୫
ତୁମର ସ୍ନେହ, ଶ୍ରଦ୍ଧା, ଉପଦେଶ ଆମ୍ଭମାନଙ୍କ ଜୀବନରେ ପାଥେୟ ହେଉ। ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଠାରେ ବିନମ୍ର ପ୍ରାର୍ଥନା କରୁଛୁ।
ଶୋକ ସନ୍ତପ୍ତ
କ୍ଷେତ୍ରବାସୀ ମିଶ୍ର, ପ୍ରଭାକର ମିଶ୍ର, ସୁବାଷ ଚନ୍ଦ୍ର ମିଶ୍ର, ଶ୍ରୀନିବାସ ମିଶ୍ର ଏବଂ ମିଶ୍ର ପରିବାର
ଧ-୧୩୫୦

# ଟିମ୍ ୱାର୍କ



**କଥାରେ ଅଛି ଏକତା ହିଁ ବଳ। ତେଣୁ ଯେଉଁ କ୍ଷେତ୍ରରେ ଏକାଧିକ କୁଶଳୀ ଓ ଦକ୍ଷତାସମ୍ପନ୍ନ ବ୍ୟକ୍ତିବିଶେଷ ଏକ ଲକ୍ଷ୍ୟ ନେଇ ଟିମ୍ ୱାର୍କ କରନ୍ତି, ସେଠାରେ ଶୀଘ୍ର ଉନ୍ନତି ସହ ପ୍ରତ୍ୟେକ କାର୍ଯ୍ୟରେ ସଫଳତା ଦେଖିବାକୁ ମିଳିଥାଏ...**



ଆଞ୍ଚଳିକ ବିକାଶ ପରିଷଦର ସଦସ୍ୟମାନେ।

ଟିମ୍ ୱାର୍କ ଠିକ୍ ଭାବେ କରିପାରିଲେ ଶୀଘ୍ର ସଫଳତା ସହ ଅଧିକ ଲାଭ ମିଳିଥାଏ। ତେଣୁ ଯେକୌଣସି ଦଳଗତ କାର୍ଯ୍ୟ କରୁଥିଲେ ଏହାକୁ ସଫଳ କରିବା ଲାଗି କେତେକ ଦିଗ ପ୍ରତି ବିଶେଷ ଦୃଷ୍ଟି ଦେବା ନିହାତି ଆବଶ୍ୟକ...

**ଟିମ୍ ସ୍ପିରିଟ୍:** କେତେକ କ୍ଷେତ୍ରରେ ଦେଖାଯାଏ ଦଳଗତ କାର୍ଯ୍ୟ କରୁଥିଲେ ବି ଅନେକଙ୍କ ମନରେ ଟିମ୍ ସ୍ପିରିଟ୍ ନ ଥାଏ। ସାଧାରଣ ଭୁଲ୍ ହେଲେ ଜଣେ ଅନ୍ୟଜଣଙ୍କୁ ନିନ୍ଦା କରିବାରେ ଲାଗିପଡ଼ନ୍ତି। ଏହାଦ୍ୱାରା ଯେ, ସେମାନେ



ଅଜାଣତରେ ନିଜ କାର୍ଯ୍ୟରେ ଅବହେଳା କରିବସନ୍ତି ସେ ଦିଗରେ ଧ୍ୟାନ ଦିଅନ୍ତି ନାହିଁ। ତେଣୁ ପରସ୍ପରକୁ ସହଯୋଗ କରିବା ଟିମ୍ ୱାର୍କର ସବୁଠୁ ବଡ଼ ନିୟମ। ଏପରି କରିବା ଦ୍ୱାରା ପ୍ରତ୍ୟେକ କାର୍ଯ୍ୟ ସହଜ ଏବଂ ଶୀଘ୍ର ସମାପ୍ତ ହୋଇଥାଏ।

**ମନ ମିଶିବା:** ଟିମ୍ ୱାର୍କରେ ସମସ୍ତଙ୍କ ମନବୃତ୍ତି ଏକ ହେବା ଦରକାର। କାରଣ ଯେକୌଣସି କାର୍ଯ୍ୟ ଏକାଠି କରିବା ବେଳେ ସଭିଙ୍କ ମତ ଭିନ୍ନ ଭିନ୍ନ ହେବା ଦ୍ୱାରା ମତଭେଦ ହୋଇଥାଏ, ଯାହାକି କାର୍ଯ୍ୟ ସମ୍ପନ୍ନ ହେବାରେ ସବୁଠୁ ବଡ଼ ବାଧକ ସାଜିଥାଏ।

**ପରସ୍ପର ପ୍ରତି ବିଶ୍ୱାସ:** ଯେବେ କୌଣସି କାର୍ଯ୍ୟକୁ ସଫଳ କରାଇବା ଲାଗି ଏକ ଟିମ୍ ଗଠନ ହୁଏ, ସେତେବେଳେ ସବୁ ସଦସ୍ୟଙ୍କ ପରସ୍ପର ପ୍ରତି ବିଶ୍ୱାସ ରହିବା ନିହାତି ଜରୁରୀ।

**ସମାନ ଭାବେ କାମ ବାଣ୍ଟିବା:** ଟିମ୍ ୱାର୍କରେ ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ପରସ୍ପର ମଧ୍ୟରେ କାମ ଠିକ୍ ଭାବେ ବାଣ୍ଟିବା। କାରଣ କାହା ଉପରେ କାମର ଅଧିକ ଚାପ କିମ୍ବା କାହା ଉପରେ କାମର କମ୍ ଚାପ ପଡ଼ିବା ଦ୍ୱାରା ପରସ୍ପର ମଧ୍ୟରେ ପ୍ରତିଯୋଗିତା, ମନୋମାଳିନ୍ୟ ହୋଇ ଏହାକୁ ସୁଚାରୁରୂପେ ତୁଲାଇବା କଷ୍ଟକର ହୋଇଥାଏ।

**ଆପୋସ ବୁଝାମଣା:** କୌଣସି ସଦସ୍ୟଙ୍କ ଦ୍ୱାରା ଭୁଲ୍ ହୋଇଗଲେ ସମସ୍ତେ ମିଶି ଏହାର ସମାଧାନ କରିବା ଆବଶ୍ୟକ। ଏପରି ନ କରି ତାଙ୍କୁ ଗାଳି କରିବା, ରାଗିବା ଆଦି କଲେ ଏହାର ନକାରାତ୍ମକ ପ୍ରଭାବ ସମ୍ପୂର୍ଣ୍ଣ ଟିମ୍ ୱାର୍କ ଉପରେ ପଡ଼ିଥାଏ। ତେଣୁ ଟିମ୍‌କୁ ମଜଭୁତ କରିବା ଲାଗି ଆପୋସ ବୁଝାମଣା ରହିବା ନିହାତି ଜରୁରୀ।

**ଟିମ୍ ୱାର୍କକୁ କିପରି କରିବେ ମଜଭୁତ:**

– ସବୁବେଳେ ଏକ ନିର୍ଦ୍ଦିଷ୍ଟ ଲକ୍ଷ୍ୟ ନେଇ ଟିମ୍ ୱାର୍କ ଆରମ୍ଭ କରିବା ଦରକାର। ଯଦି ପ୍ରଥମେ ଏକାଠି ହୋଇ ଟିମ୍ ଗଢ଼ିବେ ଏବଂ କେଉଁ କାର୍ଯ୍ୟ କରିବେ ତାହା ନିର୍ଦ୍ଧାରିତ ନ କରିପାରିବେ ତେବେ କୌଣସି କାର୍ଯ୍ୟ ଠିକ୍ ଭାବେ ସମ୍ପନ୍ନ କରିବା ସହଜ ହେବ ନାହିଁ।

– ଟିମ୍‌ରେ ସବୁ ସଦସ୍ୟ ପରସ୍ପରକୁ ସପୋର୍ଟ କରିବା, ମନବଳ ବଢ଼ାଇବା ଏବଂ ପ୍ରୋତ୍ସାହିତ କରିବା ଦ୍ୱାରା ଟିମ୍ ସ୍ପିରିଟ୍ ବଢ଼ିଥାଏ ଏବଂ କାର୍ଯ୍ୟ ହାସଲ ହୋଇଥାଏ।

– କୌଣସି କାର୍ଯ୍ୟ ଏକାଠି ଆରମ୍ଭ କରିଥିଲେ ସାମାନ୍ୟ ବିଫଳତାରେ ଅଧୈର୍ଯ୍ୟ ନ ହୋଇ ଦୃଢ଼ ମନବଳ ଓ ସକାରାତ୍ମକ ଭାବନା ରଖି ଉଦ୍ୟମ ଚାଲୁରଖିଲେ ଟିମ୍ ୱାର୍କ ଦ୍ୱାରା ନିଶ୍ଚୟ ଲକ୍ଷ୍ୟ ହାସଲ ହୋଇପାରିବ।

**ଟିମ୍ ୱାର୍କର ରହିଛି ଅନେକ ଉପକାରିତା:**

– ଏକାଠି କାର୍ଯ୍ୟ କରିବା ଦ୍ୱାରା କମ୍ ସମୟରେ ଅଧିକ ଟାର୍ଗେଟ୍ ପୂରଣ କରିବା ସହଜ ହୋଇଥାଏ। ଏହାଦ୍ୱାରା ଜଣେ ଅନ୍ୟ ଜଣଙ୍କୁ ଗାଇଡ୍ କରିବାର ସୁଯୋଗ ମିଳୁଥିବାରୁ ଭୁଲ କମ୍ ହୋଇଥାଏ।

– କାମ ବାଣ୍ଟିହୋଇଯିବା ଦ୍ୱାରା ୱାର୍କଲୋଡ୍ କମିଯାଏ। କେବଳ ଏତିକି ନୁହେଁ ଏକାଠି କାମ କଲେ ଯେକୌଣସି ଅସୁବିଧାର ସମାଧାନ କରିବା ଏବଂ ଠିକ୍ ନିଷ୍ପତ୍ତି ନେବା ସହଜ ହୋଇଥାଏ।

– ଅଧିକ ଜଣ ଏକାଠି କାମକଲେ ଏକାଧିକ ନୂଆ ନୂଆ ଆଇଡିଆ ମିଳିଥାଏ। ଯାହାକି ଧୀରେ ଧୀରେ ଅଧିକରୁ ଅଧିକ ସଫଳତା ଆଣିଦେବାରେ ସାହାଯ୍ୟ କରିଥାଏ।

– ପ୍ରତ୍ୟେକ ମଣିଷଙ୍କର ଭିନ୍ନ ଭିନ୍ନ କାର୍ଯ୍ୟରେ ଦକ୍ଷତା ରହିଥାଏ। ତେଣୁ ଟିମ୍ ୱାର୍କ କରିବା ଦ୍ୱାରା ପରସ୍ପରଠୁ ନୂଆ କୌଶଳ ଶିଖିବାର ବି ସୁଯୋଗ ମିଳିଥାଏ, ଯାହାକି ଏକାଧିକ କ୍ଷେତ୍ରରେ ଦକ୍ଷତା ବୃଦ୍ଧି କରିଥାଏ। ଫଳରେ ପ୍ରତ୍ୟେକଙ୍କୁ ବ୍ୟକ୍ତିଗତ ବିକାଶର ସୁଯୋଗ ମିଳିଥାଏ।

– ଟିମ୍ ୱାର୍କର ସବୁଠାରୁ ବଡ଼ ଫାଇଦା ହେଉଛି ପରସ୍ପର ମଧ୍ୟରେ ଦୃଢ଼ ସମ୍ପର୍କ, ବନ୍ଧୁତ୍ୱପୂର୍ଣ୍ଣ ବାତାବରଣ ଗଢ଼ିଉଠେ ଯାହାକି କାମ କରିବା ଲାଗି ଏକ ସକାରାତ୍ମକ ପରିବେଶ ସୃଷ୍ଟି କରିଥାଏ। ଏହା ମଧ୍ୟ ମାନସିକ ଶାନ୍ତି ଦେଇଥାଏ।

–ପୌର୍ଣ୍ଣମାସୀ



## ଅଭିନବ ଚିନ୍ତାଧାରା ସୃଷ୍ଟି ସହ ସମସ୍ୟାର ସମାଧାନ ହୋଇପାରେ

ଦଳଗତ କାର୍ଯ୍ୟ ବା ଟିମ୍ ୱାର୍କ ମାଧ୍ୟମରେ ପରସ୍ପର ଉପରେ ବିଶ୍ୱାସ ମଜଭୁତ ହୁଏ, ଯାହା ଆମର ଆତ୍ମବିଶ୍ୱାସ ବୃଦ୍ଧି ସହ ନୂତନ କାର୍ଯ୍ୟ କରିବାର ଇଚ୍ଛା ବୃଦ୍ଧି କରାଏ। ଏହାକୁ ଆମେ ଅନୁଭବ କରିଛୁ। ୨୦୧୧ ମସିହାରେ ଗଞ୍ଜାମ ଜିଲା କୁକୁଡ଼ାଖଣ୍ଡି ବ୍ଲକ୍ ଗୁଣ୍ଡବନ୍ଧ ଗ୍ରାମରେ ମୁଁ ମୋର କେତେଜଣ ବନ୍ଧୁ ଓ କିଛି ଛାତ୍ରଙ୍କୁ ନେଇ ଗଠନ କରିଥିଲୁ ଆଞ୍ଚଳିକ ବିକାଶ ପରିଷଦ ନାମକ ସ୍ୱେଚ୍ଛାସେବୀ ସଂଗଠନ। ବର୍ତ୍ତମାନ ଆମ ଅନୁଷ୍ଠାନରେ ପଚିଶରୁ ଊର୍ଦ୍ଧ୍ୱ ସକ୍ରିୟ ସଦସ୍ୟଙ୍କ ସମେତ ବହୁସଂଖ୍ୟାରେ ସହଯୋଗୀ ଅଛନ୍ତି। ଛାତ୍ର, ଶ୍ରମଜୀବୀ ଓ ବରିଷ୍ଠ ଅବସରପ୍ରାପ୍ତ ନାଗରିକ ମିଳିତ ଭାବେ ଏକ ମନ ଏକ ପ୍ରାଣ ହୋଇ ସମାଜ ପାଇଁ କାମ କରୁଛନ୍ତି। ଯୁବକମାନଙ୍କ ଶ୍ରମ ଓ ବରିଷ୍ଠମାନଙ୍କ ଅଭିଜ୍ଞତା ଆମର ମୂଳ ପୁଞ୍ଜି, ଅନୁଷ୍ଠାନ ତରଫରୁ ଘରଚଟିଆ, କୃଷ୍ଣସାର ମୃଗ ସୁରକ୍ଷା, ବୃକ୍ଷ ରୋପଣ, ପ୍ରକୃତି ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ହାତକୁ ନିଆଯାଇଛି।



ଏକ ସଂଘରେ କାମ କରି ଆମେ ପରସ୍ପରଠାରୁ ଅଧିକ ଶିଖିପାରୁଛୁ ଏବଂ ଏକାଠି କାମ କରି ଅଧିକ କାର୍ଯ୍ୟ ମଧ କମ୍ ସମୟରେ ହାସଲ କରିପାରୁଛୁ। ଦଳଗତ କାର୍ଯ୍ୟରେ, ସଦସ୍ୟମାନେ ପରସ୍ପରର ଚିନ୍ତାଧାରା ଏବଂ ଦୃଷ୍ଟିକୋଣ ଆଦାନ ପ୍ରଦାନ ଦ୍ୱାରା ନୂତନ ଏବଂ ଅଭିନବ ଚିନ୍ତାଧାରା ସୃଷ୍ଟି ସହ ସମସ୍ୟାର ମଧ ସମାଧାନ ହୋଇପାରୁଛି। ଦଳଗତ କାର୍ଯ୍ୟ ମାଧ୍ୟମରେ, ସଦସ୍ୟଙ୍କ ପରସ୍ପର ସହିତ ଭଲ ଭାବରେ ସମ୍ପର୍କ ସ୍ଥାପନ ସହ ଅଧିକ ସକାରାତ୍ମକ କାର୍ଯ୍ୟ କରିବାକୁ ଶକ୍ତି ମିଳୁଛି।

*– ସାଗର କୁମାର ପାତ୍ର*
*(ସଭାପତି, ଆଞ୍ଚଳିକ ବିକାଶ ପରିଷଦ)*

## ଏ ସପ୍ତାହର ପ୍ରଶ୍ନ

୧– ସେପେକ୍ୟାଟ୍ ଜାଗୁଆର୍ ଏୟାର୍‌କ୍ରାଫ୍ଟ ..........ର ମିଳିତ ଉଦ୍ୟମରେ ନିର୍ମିତ ହୋଇଛି ?
୨–ଫ୍ରେଡ୍ ଡାରିଙ୍ଗଟନ୍ ସ୍ୟାଣ୍ଡ ମାଷ୍ଟର ଆୱାର୍ଡ ପାଇଥିବା ପ୍ରଥମ ଭାରତୀୟ ............ ?
୩– ୟୁରୋକୁ ଜାତୀୟ ମୁଦ୍ରା ଭାବେ ଗ୍ରହଣ କରିଥିବା ୨୧ତମ ଦେଶ ............ ?
୪– ଗଜ ମିତ୍ର ସ୍କିମ୍ ......... ରାଜ୍ୟ ପକ୍ଷରୁ ଆରମ୍ଭ କରାଯାଇଛି ?
୫– ଋଷିକୁଲ୍ୟା ନଦୀ .......... ରାଜ୍ୟରେ ପ୍ରବାହିତ ହେଉଛି ?

## ଗତ ଥରର ଉତ୍ତର

୧ ଡିପାର୍ଟମେଣ୍ଟ ଅଫ୍ ଟେଲିକମ୍ୟୁନିକେଶନ୍ସ ଡିଜିଟାଲ୍ ଇଣ୍ଟେଲିଜେନ୍ସ ୟୁନିଟ୍
୨ କର୍ଣ୍ଣାଟକ
୩ ତାଇୱାନ୍
୪ ତାମିଲନାଡୁ
୫ ୧୯୫୪ ମସିହା

## ଉତ୍ତରଦାତା



ମଦନ ହରିଜନ, କୋରାପୁଟ



ଶେଖ୍ ୟାକୁବ୍, ଗୋପ



ନରେଶ ଚନ୍ଦ୍ର ପ୍ରଧାନ, ଯାଜପୁର

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି ଇ–ମେଲ୍ ଠିକଣା:dharitriagamiasha@gmail.com

## ଟପ୍ ୧୦

### ପୃଥିବୀର ବୃହତ୍ତମ ପ୍ରାଣୀ



| | |
|---|---|
| ୧– ବ୍ଲୁ ହ୍ୱେଲ୍ | ୧୦୦–୧୧୦ ଫୁଟ୍ |
| ୨– ଫିନ୍ ହ୍ୱେଲ୍ | ୮୦–୯୦ ଫୁଟ୍ |
| ୩– ସ୍ପର୍ମ ହ୍ୱେଲ୍ | ୬୦–୭୦ ଫୁଟ୍ |
| ୪– ହ୍ୱେଲ୍ ଶାର୍କ | ୪୦–୬୦ ଫୁଟ୍ |
| ୫– କଲୋସାଲ୍ ସ୍କ୍ୱିଡ୍ | ୩୦– ୪୫ ଫୁଟ୍ |
| ୬– ଆଫ୍ରିକାନ୍ ହାତୀ | ୧୩– ୩୫ ଫୁଟ୍ |
| ୭– ସଲ୍ଟୱାଟର କ୍ରୋକୋଡାଇଲ୍ | ୨୩ ଫୁଟ୍ |
| ୮– ଜିରାଫ୍ | ୧୬–୧୯ ଫୁଟ୍ |
| ୯– କୋଡିଆକ୍ ବିୟର୍ | ୧୨ ଫୁଟ୍ |
| ୧୦– ଅଷ୍ଟ୍ରିଚ୍ | ୯ ଫୁଟ୍ |

**ୟୁଥ୍ ଆଲର୍ଟ**

## ସ୍କିନ୍‌ଫିଟ୍ ଆଉଟ୍‌ଫିଟ୍ ପିନ୍ଧୁଥିଲେ...

**ଆଟ୍ରାକ୍ଟିଭ୍ ଲୁକ୍ ପାଇଁ ଅନେକ ଯୁବପିଢ଼ି ସ୍କିନ୍‌ଫିଟ୍ ଆଉଟ୍‌ଫିଟ୍ ପିନ୍ଧିବାକୁ ପସନ୍ଦ କରନ୍ତି। ହେଲେ ଆପଣ ଜାଣନ୍ତିକି ଯୁବପିଢ଼ିଙ୍କର ଏହି ଆଇକ୍ୟାଚି ଦେଖାଯିବା ନିଶା ବିଭିନ୍ନ ଶାରୀରିକ ସମସ୍ୟାର ବି କାରଣ ସାଜିପାରେ...**

❖ଅଧିକ ଆଇକ୍ୟାଚି ଲାଗିବା ନିଶାରେ ବର୍ତ୍ତମାନ ଅଧିକାଂଶ ଯୁବପିଢ଼ି ଟାଇଟ୍ ଟି–ଶାର୍ଟ, ଜିନ୍ସ, ଜେଗିଙ୍ଗ୍ସ, ଅନ୍ୟାନ୍ୟ ପ୍ୟାଣ୍ଟ ବ୍ୟବହାର କରୁଛନ୍ତି। ହେଲେ ଏଭଳି ପୋଷାକ ଅଧିକ ସମୟ ପିନ୍ଧିବା ଦ୍ୱାରା ଚର୍ମ ସଙ୍କୁଚିତ ହେବା ସହ ରକ୍ତ ସଞ୍ଚାଳନ ବାଧାପ୍ରାପ୍ତ ହୋଇଥାଏ। ଯାହାଫଳରେ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟ ଦେଖାଦେଉଛି।

❖ବର୍ଷାଦିନେ ଏଭଳି ଟାଇଟ୍ ପୋଷାକ ପିନ୍ଧିବା ଦ୍ୱାରା ଓଦା ହୋଇଗଲେ ସହଜରେ ଶୁଖି ନ ଥାଏ। ଫଳରେ କୁଣ୍ଡେଇହେବା ସହ ବିଭିନ୍ନ ଫଙ୍ଗାଲ ଇନ୍‌ଫେକ୍‌ଶନ ହୋବର ଆଶଙ୍କା ବି ରହିଛି।

❖ଟାଇଟ୍ ପ୍ୟାଣ୍ଟ ବିଶେଷ କରି ସ୍କିନି ଜିନ୍ସ ପିନ୍ଧିଲେ ୟୁରିନାରି ଟ୍ରାକ୍ ଇନ୍‌ଫେକଶନ୍ ଭଳି ବିଭିନ୍ନ ସମସ୍ୟା ସୃଷ୍ଟି ହୁଏ। ଯାହାକି ଖୁବ୍ କଷ୍ଟଦାୟକ ଏବଂ ଭଲ ହେବାକୁ ଅଧିକ ସମୟ ମଧ ଲାଗିଥାଏ।

❖ଫିଗର୍‌କୁ ଅଧିକ ହାଇଲାଇଟ୍ କରିବା ଲାଗି ଅନେକ ଯୁବତୀ ଟାଇଟ୍ ଅଣ୍ଡର ଗାର୍ମେଣ୍ଟ୍ସ ବା ଅନ୍ତଃବସ୍ତ୍ର ମଧ୍ୟ ବ୍ୟବହାର କରିଥାନ୍ତି। ଆମେରିକାରେ ହୋଇଥିବା ଏକ ଗବେଷଣା ରିପୋର୍ଟ ମୁତାବକ ଟାଇଟ୍ ଅଣ୍ଡର ଗାର୍ମେଣ୍ଟ୍ସ ପିନ୍ଧିବା ଅଭ୍ୟାସ ଭବିଷ୍ୟତରେ ଅନେକଙ୍କ ଠାରେ ବ୍ରେଷ୍ଟ କ୍ୟାନ୍ସରର ଆଶଙ୍କା ବୃଦ୍ଧି କରିଥାଏ।

❖ କେବଳ ଏତିକି ନୁହେଁ, ଏକ ଗବେଷଣା ରିପୋର୍ଟ ମୁତାବକ ସର୍ବଦା ଏଭଳି ଟାଇଟ୍ ପୋଷାକ ବିଶେଷ କରି ପ୍ୟାଣ୍ଟ ପିନ୍ଧିବା ଦ୍ୱାରା ପ୍ରଜନନ କ୍ଷମତା ହ୍ରାସ ହେବାର ମଧ ଆଶଙ୍କା ରହିଛି।

❖ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଯୁବତୀ ହୁଅନ୍ତୁ ଅବା ଯୁବକ ଅଧିକ ଟାଇଟ୍ ଡ୍ରେସ୍ ସବୁବେଳେ ପିନ୍ଧିଲେ ଅଳ୍ପ ବୟସରୁ ନ୍ୟୁରୋ ପ୍ରୋବ୍ଲେମ୍ ବା ସ୍ନାୟୁ ଜନିତ ସମସ୍ୟା ଦେଖାଦେବାର ଆଶଙ୍କା ଅଧିକ।



**ଜାଣନ୍ତୁ ଦୁନିଆ**

## ଯେଉଁ ଦେଶରେ ମହିଳା ସଂଖ୍ୟା ଅଧିକ

**ପୃଥିବୀରେ ଏମିତି କେତୋଟି ଦେଶ ରହିଛି ଯେଉଁଠି ପୁରୁଷଙ୍କ ଅନୁପାତରେ ମହିଳାଙ୍କ ସଂଖ୍ୟା ଖୁବ୍ ଅଧିକ। ସେଠାରେ ଏପରି ଜନସଂଖ୍ୟା ଅସନ୍ତୁଳନ କାରଣରୁ ମହିଳାଙ୍କ ବିବାହ ନିମନ୍ତେ ବର ମିଳିବା କଷ୍ଟ ହୋଇଥାଏ, ଏମିତିକି ଏଥିପାଇଁ ମହିଳାଙ୍କୁ ବାହାର ଦେଶର ପୁରୁଷଙ୍କୁ ବିବାହ କରିବାକୁ ପଡ଼ିଥାଏ। ଜାଣନ୍ତୁ ଏଭଳି କେତେକ ମହିଳା ବହୁଳ ଦେଶ ସମ୍ପର୍କରେ...**

**ଡିଜିବୌତି:** ପୃଥିବୀର ପୁରୁଷଙ୍କ ଅନୁପାତରେ ସର୍ବାଧିକ ମହିଳାଥିବା ଦେଶ ମଧ୍ୟରେ ପ୍ରଥମ ସ୍ଥାନରେ ରହିଛି ଡିଜିବୌତି। ଏହି ଦେଶରେ ସମୁଦାୟ ଜନସଂଖ୍ୟା ପ୍ରାୟ ୧.୧୨ମିଲିୟନ ହୋଇଥିବା ବେଳେ ପ୍ରତି ୧୦୦ ଜଣ ମହିଳାଙ୍କ ଅନୁପାତରେ ପୁରୁଷଙ୍କ ସଂଖ୍ୟା ମାତ୍ର ୮୩। ସେଠାରେ ୨୦୨୩ରେ ହୋଇଥିବା ଜନଗଣନା ରିପୋର୍ଟ ଅନୁଯାୟୀ ମହିଳାଙ୍କ ସଂଖ୍ୟା ୫୪.୬୫% ହୋଇଥିବା ବେଳେ ପୁରୁଷ ୪୫.୩୫%। ଏଠାରେ ଅଧିକାଂଶ ପୁରୁଷ ପାଠପଢ଼ା ପରେ ଚାକିରି ପାଇଁ ବାହାର ଦେଶକୁ ଯାଇ ସେଠାକାର ନାଗରିକତ୍ୱ ଗ୍ରହଣ କରିନେଉଥିବା ଏପରି ଜନସଂଖ୍ୟା ଅସନ୍ତୁଳନର ଏକ ମୁଖ୍ୟ କାରଣ ବୋଲି କୁହାଯାଏ।



ରୁଷୀୟ ମହିଳା

**ହଂକଂ:** ଏଠାରେ ପ୍ରତି ୧୦୦ ମହିଳାଙ୍କ ଅନୁପାତରେ ପୁରୁଷଙ୍କ ସଂଖ୍ୟା ୮୬। ଅର୍ଥାତ୍ ସମୁଦାୟ ଜନସଂଖ୍ୟା(ପ୍ରାୟ ୭.୫ ମିଲିୟନ)ର ୫୩.୭୬% ମହିଳା ହୋଇଥିବା ବେଳେ ୪୬.୨୪% ପୁରୁଷ। ଏପରି ହେବା ପଛରେ ଏଠାକାର ମହିଳା ପୁରୁଷଙ୍କ ତୁଳନାରେ ଦୀର୍ଘାୟୁ ହୋଇଥିବା କେତେକ ଗବେଷଣାରୁ ଜଣାପଡ଼ିଛି।



ଡିଜିବୌତି ମହିଳା

**ଲିଥୁଆନିଆ ଏବଂ ବାହାମସ:** ୨୦୨୩ରେ ହୋଇଥିବା ସର୍ଭେ ରିପୋର୍ଟ ମୁତାବକ ହଂକଂ ଭଳି ଏହି ଦୁଇ ଦେଶରେ ମଧ ମହିଳା ପୁରୁଷଙ୍କ ଅନୁପାତ ୧୦୦ରେ ୮୬ ବା ମହିଳା ୫୩.୭୬% ହୋଇଥିବା ବେଳେ ପୁରୁଷ ୪୬.୨୪%। ତେବେ ଲିଥୁଆନିଆରେ ବୟସ୍କ ହେବା ପରେ ପୁରୁଷମାନେ ଶୀଘ୍ର ରୋଗଗ୍ରସ୍ତ ହୋଇ ମୃତ୍ୟୁବରଣ କରୁଥିବା ବେଳେ ମହିଳାମାନେ କମ୍ ରୋଗରେ ପୀଡ଼ିତ ହୋଇ ଦୀର୍ଘଦିନ ବଞ୍ଚୁଥିବାରୁ ସେମାନଙ୍କ ସଂଖ୍ୟା ଅଧିକ ରହୁଥିବା ଏହାର ମୁଖ୍ୟ କାରଣ ବୋଲି ବିଶ୍ୱାସ ରଖାଯାଏ।

**ରୁଷିଆ:** ପୃଥିବୀରେ ସର୍ବାଧିକ ଜନସଂଖ୍ୟା ତାରତମ୍ୟ ଦେଖାଦେଉଥିବା ଦେଶ ମଧ୍ୟରେ ରୁଷିଆ ମଧ ସାମିଲ ରହିଛି। ଏଠାରେ ସମୁଦାୟ ପ୍ରାୟ ୧୪୪ ମିଲିୟନ ଜନସଂଖ୍ୟାର ୫୩.୪୮% ମହିଳା ହୋଇଥିବା ବେଳେ ୪୬.୫୨% ପୁରୁଷ ଅଛନ୍ତି। ଏଠାରେ ପୁରୁଷମାନେ ଅଧିକ ନିଶାସେବନ ଏବଂ ଫାଇଟିଂ ଗେମ୍ ଯୋଗୁ ପ୍ରାଣ ହରାଉଥିବା ଏହାର ମୁଖ୍ୟ କାରଣ ବୋଲି ଅନୁମାନ କରାଯାଏ।

ଏହି ଦେଶଗୁଡ଼ିକ ବ୍ୟତୀତ ବେଲାରୁଷ୍, ୟୁକ୍ରେନ୍, ଲାଟ୍‌ଭିଆ, ଆଙ୍ଗୁଇଲା, ପୁର୍ଟୋରିକୋ, ମାଲ୍‌ଡୋଭା ଭଳି ଦେଶରେ ମଧ ପୁରୁଷଙ୍କ ତୁଳନାରେ ମହିଳାଙ୍କ ସଂଖ୍ୟା ଅଧିକ।

# ଲକ୍ଷ୍ମୀପ୍ରିୟା, ମନୀଷା, ସରୁନଙ୍କୁ ସ୍ୱର୍ଣ୍ଣ


ଲକ୍ଷ୍ମୀପ୍ରିୟା କିଷାନ



ମନୀଷା ମେରେଲ


ସରୁନ ପାୟାସିଂ

## ଇଣ୍ଡିଆନ ଓପନ ଆଥ୍‌ଲେଟିକ୍ସ

**ଭୁବନେଶ୍ୱର, ୧୯।୭ (ତପନ ସ୍ୱାଇଁ)**

ବିହାରର ପାଟଣାସ୍ଥିତ ପାଟଳିପୁତ୍ର ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ଶନିବାର ଇଣ୍ଡିଆନ ଓପନ ଆଥ୍‌ଲେଟିକ୍ସ ମିଟ୍ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓଡ଼ିଶା ପ୍ରତିଯୋଗୀମାନେ ପ୍ରଭାବୀ ପ୍ରଦର୍ଶନ କରିଛନ୍ତି। ଲକ୍ଷ୍ମୀପ୍ରିୟା କିଷାନ, ମନୀଷା ମେରେଲ ଓ ସରୁନ ପାୟାସିଂ ସ୍ୱର୍ଣ୍ଣ, ଶ୍ରାବଣୀ ନନ୍ଦ, ପୂର୍ଣ୍ଣିମା ହେମ୍ବ୍ରମ ଓ ଅବିନାଂଶୁ ସାହୁ ରୌପ୍ୟ ଏବଂ ଦୟାନିଧି ମୁଣ୍ଡା ଓ ଅମିୟ କୁମାର ମଲିକ ବ୍ରୋଞ୍ଜ ପଦକ ପାଇଛନ୍ତି। ମହିଳା ୧୫୦୦ ମିଟର ରେସ୍‌ରେ ଲକ୍ଷ୍ମୀପ୍ରିୟା ୪:୩୭.୯୦ ସେକେଣ୍ଡ ସମୟ ନେଇ ପ୍ରଥମସ୍ଥାନ ଅଧିକାର କରିଛନ୍ତି। ୩ ପ୍ରତିଯୋଗୀ ବିଶିଷ୍ଟ ରେସ୍‌ରେ ବିହାରର ନିତୁ କୁମାରୀ ୪:୩୯.୧୬ ଓ ରାଜସ୍ଥାନର ମହିମା ଚୌଧାରୀ ୪:୫୭.୩୯ ସେକେଣ୍ଡ ସହିତ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିଛନ୍ତି। ମହିଳା ଲଙ୍ଗଜମ୍ପରେ ଓଡ଼ିଶା ପ୍ରତିଯୋଗୀମାନେ ୱାନ୍-ଟୁ ଫିନିଶ୍ କରିଛନ୍ତି। ମନୀଷା ମେରେଲ ୫.୭୯ ଏବଂ ପୂର୍ଣ୍ଣିମା ହେମ୍ବ୍ରମ ୫.୬୭ ମିଟର ସହ ସ୍ୱର୍ଣ୍ଣ ଓ ରୌପ୍ୟ ପଦକ ଜିତିଛନ୍ତି। ଆନ୍ଧ୍ର ପ୍ରଦେଶର ଲକ୍ଷ୍ମୀ ଗେମେଲା ୫.୬୦ ମିଟର ସହିତ ବ୍ରୋଞ୍ଜ ପାଇଛନ୍ତି। ସେହିପରି ପୁରୁଷ ଲଙ୍ଗଜମ୍ପ ଇଭେଣ୍ଟରେ ସରୁନ ପାୟାସିଂ ୭.୬୨ ମିଟର କ୍ଲିୟର କରି ସ୍ୱର୍ଣ୍ଣ ଜିତିଛନ୍ତି। ହିମାଚଳ ପ୍ରଦେଶର ଅମନ ସିଂ (୭.୫୬) ଓ ଉତ୍ତର ପ୍ରଦେଶର ଆଦିତ୍ୟ କୁମାର ସିଂ (୭.୫୪) ପରବର୍ତ୍ତୀ ୨ ସ୍ଥାନରେ ରହିଛନ୍ତି।

ମହିଳା ୧୦୦ ମିଟର ରେସ୍‌ରେ ଶ୍ରାବଣୀ ରୌପ୍ୟ ପଦକ ଲାଭ କରିଛନ୍ତି। ରେସ୍-ସି'ରେ ଅଂଶଗ୍ରହଣ କରି ସେ ୧୨.୦୫ ସେକେଣ୍ଡ ସମୟ ନେଇ ଓଭରଅଲ୍ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ବିହାରର ଶତାକ୍ଷୀ ରାୟ ୧୨.୦୪ ସେକେଣ୍ଡ ସହ ପ୍ରଥମ ହୋଇଛନ୍ତି। ପୁରୁଷ ୧୫୦୦ ମିଟର ରେସ୍‌ରେ ଦୟାନିଧି ୩:୫୩.୩୦ ସେକେଣ୍ଡ ନେଇ ତୃତୀୟ ସ୍ଥାନରେ ରହିଛନ୍ତି। ଦିଲ୍ଲୀର ରାହୁଲ (୩:୪୮.୪୨) ଓ ବେଙ୍ଗାଲୁରୁ ଏନ୍‌ସିଓଇର ମନୋଜ କାମି (୩:୫୨.୨୭) ପ୍ରଥମ ଦୁଇସ୍ଥାନ ଅଧିକାର କରିଛନ୍ତି। ପୁରୁଷ ୧୦୦ ମିଟରରେ ଅବିନାଂଶୁ ସାହୁ ୧୦.୭୧ ଓ ଅମିୟ କୁମାର ମଲିକ ୧୦.୭୬ ସେକେଣ୍ଡ ସମୟ ନେଇ ଯଥାକ୍ରମେ ରୌପ୍ୟ ଓ ବ୍ରୋଞ୍ଜ ପଦକ ଜିତିଛନ୍ତି। ଛତିଶଗଡ଼ର ୟେର୍ନେନା ବାଲବର୍ଦ୍ଧନ ୧୦.୬୬ ସେକେଣ୍ଡ ସହ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି।

# ୟୁଏଇକୁ ହରାଇ ଭାରତ କ୍ୱାର୍ଟରରେ

**ସୋଲୋ, ୧୯।୭ (ପି.ଟି.):** ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ) ବିପକ୍ଷରେ ୧୧୦-୮୩ରେ ବିଜୟ ହାସଲ କରି ଭାରତ ଏଠାରେ ଚାଲିଥିବା ବ୍ୟାଡ୍‌ମିଣ୍ଟନ ଏସିଆ ଜୁନିୟର ମିକ୍ସଡ ଟିମ୍ ଚାମ୍ପିୟନଶିପ୍‌ର ଗ୍ରୁପ୍ 'ଡି'ରୁ କ୍ୱାର୍ଟରଫାଇନାଲରେ ପ୍ରବେଶ କରିଛି। ଶୁକ୍ରବାର ପ୍ରଥମ ଦିବସରେ ଶ୍ରୀଲଙ୍କା ବିପକ୍ଷରେ ମଧ୍ୟ ଭାରତ ଜବରଦସ୍ତ ବିଜୟ ହାସଲ କରିଥିଲା। ସେହିପରି ହଂକଂ ମଧ୍ୟ ଦୁଇଟି ବିଜୟ ସହ ଏହି ଗ୍ରୁପ୍‌ରୁ ଅନ୍ୟତମ ଦଳ ଭାବେ ନକ୍‌ଆଉଟ ପର୍ଯ୍ୟାୟକୁ ଉନ୍ନୀତ ହୋଇଛି। ଗ୍ରୁପ୍-'ଡି'ର ପ୍ରଥମ ସ୍ଥାନ ପାଇଁ ରବିବାର ଭାରତ ଓ ହଂକଂ ମଧ୍ୟରେ ମୁକାବିଲା ହେବ। ଏହି ଟୁର୍ନାମେଣ୍ଟ ଏକ ରିଲେ ସ୍କୋରିଂ ଫର୍ମାଟରେ ଖେଳାଯାଉଛି। ଏଥିରେ ୧୦ଟି ମ୍ୟାଚ୍‌ରେ ୧୧୦ ପଏଣ୍ଟ ହାସଲ ଲାଗି ଦୌଡ଼ ଲଗାଇବାକୁ ପଡ଼ିଥାଏ।







DSPL-179

# ଖରିଫ ଧାନ କ୍ରୟ ପାଇଁ ଚାଷୀ ପଞ୍ଜିକରଣ

**ଧାନ ସଂଗ୍ରହ ବର୍ଷ ୨୦୨୫-୨୦୨୬**


**ଶ୍ରୀ ନରେନ୍ଦ୍ର ମୋଦୀ**
ପ୍ରଧାନମନ୍ତ୍ରୀ


**ଶ୍ରୀ ମୋହନ ଚରଣ ମାଝୀ**
ମୁଖ୍ୟମନ୍ତ୍ରୀ, ଓଡ଼ିଶା

**ଆମ ରାଜ୍ୟରେ ଖରିଫ ଧାନ ସଂଗ୍ରହ ତା. ୦୧-୧୧-୨୦୨୫ ରିଖ ରୁ ତା. ୩୧-୦୩-୨୦୨୬ ରିଖ ମଧ୍ୟରେ ପରିଚାଳିତ ହେବ।**
ଏହି ଅବଧି ମଧ୍ୟରେ ପ୍ରତ୍ୟେକ ଜିଲ୍ଲାରେ ଫସଲ ଅମଳର ସମୟକୁ ଦୃଷ୍ଟିରେ ରଖି ଖରିଫ ଧାନ କ୍ରୟ କାର୍ଯ୍ୟ ସମ୍ପାଦନ କରାଯିବ। ଏଥିପାଇଁ ଚାଷୀମାନେ ସେମାନଙ୍କର ନିକଟସ୍ଥ ଅନୁମୋଦିତ ପ୍ରାଥମିକ କୃଷି ସମବାୟ ସମିତି (PACS/ LAMPCS), ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ କିମ୍ବା ପାଣି ପଞ୍ଚାୟତରେ ଆଗୁଆ ପଞ୍ଜିକରଣ କରିବା ଆବଶ୍ୟକ।

## ପଞ୍ଜିକରଣ ପ୍ରକ୍ରିୟା
ଚାଷୀ ପଞ୍ଜିକରଣ ତା. **୧୯-୦୭-୨୦୨୫** ରିଖ ରୁ ଆରମ୍ଭ ହେଉଛି। ଖରିଫ ଧାନ ଚାଷ କରିଥିବା ଚାଷୀମାନେ ଏହି କାର୍ଯ୍ୟକ୍ରମରେ ଭାଗ ନେଇପାରିବେ। ସମସ୍ତ ଆଗ୍ରହୀ ଚାଷୀ ନିକଟସ୍ଥ ସମିତିରୁ ଗୋଟିଏ ନୂତନ ପଞ୍ଜିକରଣ ଫର୍ମ ସଂଗ୍ରହ କରି ତା. **୧୯-୦୭-୨୦୨୫** ରିଖ ରୁ ତା. **୨୦-୦୮-୨୦୨୫** ରିଖ ମଧ୍ୟରେ ସମିତି କାର୍ଯ୍ୟାଳୟରେ ଆବେଦନ କରିବେ। ଏହା ବିଭାଗର ୱେବସାଇଟ **www.foododisha.in** ରେ ମଧ୍ୟ ଉପଲବ୍ଧ। ନୂଆ ଫର୍ମରେ ସମସ୍ତ ବ୍ୟକ୍ତିଗତ ତଥ୍ୟ ସହ ଧାନ ଚାଷ ହୋଇଥିବା ଜମିର ବିଶଦ ବିବରଣୀ ଦେବାକୁ ହେବ।

## ଆବଶ୍ୟକୀୟ କାଗଜପତ୍ର
ପଞ୍ଜିକରଣ ପାଇଁ ଇଚ୍ଛୁକ ଚାଷୀମାନେ ସେମାନଙ୍କ ପଞ୍ଜିକରଣ ଫର୍ମ ସହିତ ନିମ୍ନଲିଖିତ କାଗଜପତ୍ର / ତଥ୍ୟର ନକଲ ଦାଖଲ କରିବା ଆବଶ୍ୟକ।

୧. ଆଧାର କାର୍ଡ଼
୨. ମୋବାଇଲ ନମ୍ବର
୩. ଅଧିକାର ଅଭିଲେଖ/ ଖତିୟାନ/ ସ୍ୱତ୍ୱଲିପି (ଆର.ଓ.ଆର)
୪. ଜମି ମାଲିକଙ୍କ ସହମତି ପତ୍ର (ଭାଗଚାଷୀଙ୍କ ପାଇଁ)
୫. ରେକର୍ଡ଼ଧାରୀଙ୍କ ଠାରୁ ସହମତି ପତ୍ର (ନିଜ ବ୍ୟତୀତ)

## ଚାଷୀ ପଞ୍ଜିକରଣ ସମୟରେ ଆଧାର ଭିତ୍ତିକ E-KYC ଜରୁରୀ ଅଟେ

## ପଞ୍ଜିକରଣ ଅବଧି
- ପଞ୍ଜିକରଣ ଫର୍ମ ପୂରଣ କରି ଚାଷୀମାନେ ସମିତି କାର୍ଯ୍ୟାଳୟରେ ତା. **୧୯-୦୭-୨୦୨୫** ରିଖ ରୁ ଦାଖଲ କରିବେ।
- ନିର୍ଦ୍ଧାରିତ ସମୟର ଯଥେଷ୍ଟ ପୂର୍ବରୁ ଚାଷୀମାନେ ସମିତିରେ ପୂରଣ କରାଯାଇଥିବା ଫର୍ମ ଦାଖଲ କରିବାକୁ ଅନୁରୋଧ।
- ଖରିଫ ଧାନ ସଂଗ୍ରହ ସଂକ୍ରାନ୍ତରେ କେଉଁ ମାସ ଓ ପକ୍ଷରେ ଧାନ ବିକ୍ରୟ କରିବେ, ତାହା ପଞ୍ଜିକରଣ ଫର୍ମରେ ଉଲ୍ଲେଖ କରିବେ।
- ଏହିଉଦ୍ଦେଶ୍ୟରେ ଚାଷୀମାନେ ବିଗତ ବର୍ଷ ଯେଉଁ ସମିତିରେ ପଞ୍ଜିକୃତ ହୋଇଥିଲେ, ସେହିଠାରେ ସମ୍ପର୍କ କରିବା ଆବଶ୍ୟକ।
- ଚାଷୀମାନେ ଶେଷ ତାରିଖକୁ ଅପେକ୍ଷା ନକରି ଶୀଘ୍ର ପଞ୍ଜିକରଣ ପାଇଁ ସମିତିରେ ଅନୁମୋଦିତ ଫର୍ମରେ ଦରଖାସ୍ତ ଦାଖଲ କରିବାକୁ ଅନୁରୋଧ।

## ଭାଗ ଚାଷୀ
ଭାଗ ଚାଷୀମାନେ ପଞ୍ଜିକରଣ ପ୍ରକ୍ରିୟାରେ ଆବଶ୍ୟକ କାଗଜପତ୍ର ଦାଖଲ କରି ଅଂଶଗ୍ରହଣ କରିପାରିବେ।

## କ୍ଷୁଦ୍ର ଓ ନାମମାତ୍ର ଚାଷୀ
ଅଧିକରୁ ଅଧିକ କ୍ଷୁଦ୍ର ଓ ନାମମାତ୍ର ଚାଷୀମାନେ ଧାନ ସଂଗ୍ରହ ବ୍ୟବସ୍ଥାରେ ଅନ୍ତର୍ଭୁକ୍ତ ହେବା ସରକାରଙ୍କର ଏକାନ୍ତ ଲକ୍ଷ୍ୟ।

## ସମିତିର ଦାୟିତ୍ୱ
- ଧାନ ବିକ୍ରୟ ପାଇଁ ଇଚ୍ଛୁକ ଥିବା ସମସ୍ତ ଚାଷୀମାନଙ୍କୁ ନୂତନ ପଞ୍ଜିକରଣ ଫର୍ମ ପ୍ରଦାନ କରିବେ।
- ସମିତି କର୍ମକର୍ତ୍ତା ପଞ୍ଜିକରଣ ଫର୍ମରେ ଥିବା ତଥ୍ୟକୁ ତା. **୧୯-୦୭-୨୦୨୫** ରିଖ ରୁ ତା. **୨୫-୦୮-୨୦୨୫** ରିଖ ମଧ୍ୟରେ ତାଙ୍କର LOGIN ରେ ଡିଜିଟାଇଜ କରିବେ।
- ଧାନ ବିକ୍ରୟ ଉଦ୍ଦେଶ୍ୟରେ ଚାଷ ଅନୁପଯୋଗୀ ଜମି ବା ଅଣ-ଧାନ ଚାଷ ହୋଇଥିବା ଜମିକୁ ପଞ୍ଜିକୃତ କରିବେ ନାହିଁ।
- ଅଣ-ଚାଷୀ ଓ ଭୁଲ୍ ତଥ୍ୟ ପ୍ରଦାନ କରିଥିବା ଚାଷୀଙ୍କୁ ପଞ୍ଜିକୃତ କରିବେ ନାହିଁ।
- ଯଥାଶୀଘ୍ର ତ୍ରୁଟିଶୂନ୍ୟ ଚାଷୀ ତାଲିକା ପ୍ରସ୍ତୁତ ହେବା ଆବଶ୍ୟକ। ଏହା ବିଳମ୍ବିତ ହେଲେ ଅନ୍ୟାନ୍ୟ ଆନୁଷଙ୍ଗିକ କାର୍ଯ୍ୟ ବିଳମ୍ବିତ ହେବ।

## ହେଲ୍ପ ଡେସ୍କ
ସମିତି କର୍ମକର୍ତ୍ତାମାନେ ଫର୍ମ ପୂରଣ ପାଇଁ ଚାଷୀମାନଙ୍କୁ ଆବଶ୍ୟକୀୟ ସହାୟତା ଯୋଗାଇଦେବେ। ଏଥିନିମନ୍ତେ ଏକ ଉତ୍ସର୍ଗୀକୃତ ହେଲ୍ପ ଡେସ୍କ ସମିତି ସ୍ତରରେ କାର୍ଯ୍ୟ କରିବ।

## ହେଲ୍ପ ଲାଇନ
ଯଦି କୌଣସି ଅଭିଯୋଗ ଥାଏ ତେବେ **ଦେୟମୁକ୍ତ ନମ୍ବର ୧୯୬୭**ରେ ସରକାରୀ କାର୍ଯ୍ୟ ସମୟ ମଧ୍ୟରେ ଯୋଗାଯୋଗ କରିବାକୁ ଅନୁରୋଧ।

OIPR-07002/13/0041/2526

କୃଷି ଓ କୃଷକ ସଶକ୍ତିକରଣ ବିଭାଗ, ଓଡ଼ିଶା ସରକାର | ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ, ଓଡ଼ିଶା ସରକାର | ସମବାୟ ବିଭାଗ, ଓଡ଼ିଶା ସରକାର

FoodOdisha @Food_Odisha www.foododisha.in

4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ